ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, November 21/2025 | Page 14 | ₹ 7.00
୫୧ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 355 | ମୂଲ୍ୟ ₹୭/-



## ଦୀକ୍ଷା ଡାଗରଙ୍କୁ ସ୍ୱର୍ଣ୍ଣ ପଦକ

ବଧିର ଅଲିମ୍ପିକ୍ସ ଗଲ୍ଫରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତୀୟ ମହିଳା ଗଲ୍ଫର ଦୀକ୍ଷା ଡାଗର ।

୧୪

୦୨

## ୨୦୨୬ରେ ପରଦାକୁ ଆସିବ 'ଜୁମାନ୍ଜି ୩'

ହଲିଉଡ୍ ସୁପରଷ୍ଟାର ଡ୍ୱେନ ଜନ୍‌ସନ୍‌ଙ୍କ ଅଭିନୀତ ଚର୍ଚ୍ଚିତ ଫିଲ୍ମ 'ଜୁମାନ୍ଜି ୩' ୨୦୨୬ ୧୧ ଡିସେମ୍ବରରେ ପରଦାକୁ ଆସିବ ବୋଲି ସୂଚନା ଦିଆଯାଇଛି।



## ଦୀପାଲୋକରେ ଝଲସୁଛି ଶ୍ରୀମନ୍ଦିର



ଦେବଦୀପାବଳି ଅବସରରେ ଗୁରୁବାର ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଏବଂ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ରାଜ୍ୟପାଳ, ରାଷ୍ଟ୍ରପତିଙ୍କୁ ସମୟସୀମା ଦେଇହେବନି

### ବିଧାନସଭାର ବିଲ୍ ମଞ୍ଜୁରୀ ପ୍ରସଙ୍ଗ

**ବିଧାନସଭା ଦ୍ୱାରା ପାରିତ ବିଲ୍‌ଗୁଡିକୁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗୁରୁବାର ରାୟ ଦେଇଛନ୍ତି। ଏହାସହ ଚଳିତବର୍ଷ ଏପ୍ରିଲ ୮ରେ ସର୍ବୋଚ୍ଚ ଅଦାଲତଙ୍କ ୨ ଜଣିଆ ଖଣ୍ଡପୀଠ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କୁ ବିଲ୍ ମଞ୍ଜୁରୀ ନିମନ୍ତେ ଦେଇଥିବା ସମୟସୀମା ରାୟକୁ ମଧ ୫ଜଣିଆ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ବିଲ୍‌କୁ ଡିମ୍‌ଡ ଆସେଣ୍ଟ (ଦୀର୍ଘଦିନ ପଡ଼ିରହିଲେ ବିଲ୍ ସ୍ୱତଃ ମଞ୍ଜୁରୀପ୍ରାପ୍ତ ବୋଲି ବିବେଚନା କରାଯିବା)କୁ ମଧ ସୁପ୍ରିମକୋର୍ଟ ବର୍ଜନ କରିଛନ୍ତି। ସମୟ ସୀମା ନିର୍ଦ୍ଧାରଣ କରାଗଲେ ଏହା ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ କ୍ଷମତାରେ ହସ୍ତକ୍ଷେପ ହେବ। ତାହା ସମ୍ବିଧାନକୁ ବିରୁଦ୍ଧାଚରଣ କରିବ। କିନ୍ତୁ ରାଜ୍ୟ ବିଧାନସଭାଗୁଡ଼ିକ ଦ୍ୱାରା ଗୃହୀତ ବିଲ୍‌କୁ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକାଇ ରଖିପାରିବେ ନାହିଁ ବୋଲି ମତ ଦେଇଛନ୍ତି। ଶୀର୍ଷ ଅଦାଲତ କହିଛନ୍ତି, ବିଧାନସଭା ଦ୍ୱାରା ପାରିତ ବିଲ୍‌ଗୁଡିକୁ ଅସୀମ ସମୟ ପର୍ଯ୍ୟନ୍ତ ବିଚାରାଧୀନ ରଖିବାର ଅଧିକାର ରାଜ୍ୟପାଳଙ୍କ ପାଖରେ ରହିଥିବା ଆମେ ମନେ କରୁନାହୁଁ। ଯଦି ରାଜ୍ୟପାଳ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରୁନାହାନ୍ତି ଏବଂ ବିଲ୍‌ଗୁଡ଼ିକୁ ରୋକୁଛନ୍ତି, ତେବେ ତାହା ଦେଶର ସଂଘୀୟ ଢାଞ୍ଚାର ବିରୁଦ୍ଧାଚରଣ ହେବ। ଏଭଳି କ୍ଷେତ୍ରରେ ତାହା ନ୍ୟାୟିକ ସମୀକ୍ଷାର ଅଧୀନ ହୋଇପାରେ ବୋଲି ଖଣ୍ଡପୀଠ କହିଛନ୍ତି।**




### ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ଅଟକାଇପାରିବେ ନାହିଁ ରାଜ୍ୟପାଳ

ନୂଆଦିଲ୍ଲୀ,୨୦।୧୧

ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ତାମିଲନାଡୁ ରାଜ୍ୟପାଳ ଆର୍. ଏନ୍. ରବି ମଞ୍ଜୁରୀ ପ୍ରଦାନ ନ କରି ଦୀର୍ଘଦିନ ପକାଇ ରଖୁଥିବାରୁ ଏମ୍.କେ. ଷ୍ଟାଲିନ୍ ସରକାରଙ୍କ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପିଟିଶନ୍‌ର ବିଚାର କରି ୨ ଜଣିଆ ଖଣ୍ଡପୀଠ ଗତ ଏପ୍ରିଲ ୮ରେ ରାୟ ଦେଇଥିଲେ, ଯେଉଁଥିରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଲ୍‌କୁ ମଞ୍ଜୁରୀ ଦେବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଅନୁଚ୍ଛେଦ ୧୪୩(୧)ର କ୍ଷମତା ବଳରେ ଗତ ମେ' ୧୩ରେ ସୁପ୍ରିମକୋର୍ଟଙ୍କଠାରୁ ସମୟସୀମା ଧାର୍ଯ୍ୟ ଉପରେ ଜବାବ ମାଗିଥିଲେ। ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ତେବେ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେଇ ପକାଇ ରଖିବାର ନିରଙ୍କୁଶ କ୍ଷମତା ରାଜ୍ୟପାଳମାନଙ୍କ ପାଖରେ ଥିବା ଆମେ ଭାବୁନାହୁଁ ବୋଲି ଖଣ୍ଡପୀଠ କହିଛନ୍ତି। ସାମ୍ବିଧାନିକ ପୀଠରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦୁରକର ରହିଛନ୍ତି।

ଖଣ୍ଡପୀଠଙ୍କ ରାୟ ଅନୁଯାୟୀ, ଭାରତ ଏକ ସହଯୋଗକାରୀ ସଂଘବାଦ। ବିଲ୍‌କୁ ନେଇ ବିଧାନସଭା ସହ ମତଭେଦ ହେଲେ ଏହାର ସମାଧାନ ପାଇଁ ରାଜ୍ୟପାଳମାନଙ୍କୁ ଆଲୋଚନା ପ୍ରକ୍ରିୟା ଆପଣାଇବାକୁ ହେବ। ସେମାନେ ☞ପୃଷ୍ଠା–୪

# ହୃଦ୍‌ଘାତରେ ମୃତ୍ୟୁ ପୂର୍ବରୁ ବସ୍ ଡ୍ରାଇଭର ବଞ୍ଚାଇଲେ ୨୫ ଜୀବନ

ମାଲକାନଗିରି,୨୦।୧୧(ସୁଚିତ୍ରା ଦାସ)

ଚଳନ୍ତା ବସ୍‌ରେ ଡ୍ରାଇଭରଙ୍କୁ ହୃଦ୍‌ଘାତ। ବସ୍ ଚାଳକ ହୃଦ୍‌ଘାତରେ ଆରପାରିକୁ ଚାଲିଯାଇଥିଲେ ମଧ ୨୫ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇ ଦେଇଛନ୍ତି। ମୃତ ବସ୍ ଡ୍ରାଇଭର ହେଲେ ମାଲକାନଗିରି ବାଲିସାଗର ସାହିର ପି. ସାଇକ୍ରିଷ୍ଣା (୪୫) । ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ବସ୍‌ର ଡ୍ରାଇଭର ଥିଲେ।

ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ବସ୍‌ଷ୍ଟାଣ୍ଡରୁ ମାଲକାନଗିରି ଅଭିମୁଖେ ଓଏସ୍‌ଆର୍‌ଟିସି ବସ୍ ବୁଧବାର ରାତି ୧୦ଟାରେ ଛାଡ଼ିଥିଲା। ବୁଧବାର ରାତି ପ୍ରାୟ ୨ଟାରେ ବସ୍ କୋରାପୁଟ ଜିଲା କୁନ୍ଦୁଲି ସେମିଳିଗୁଡ଼ା ରାସ୍ତାରେ ଯାଉଥିବାବେଳେ ସାଇକ୍ରିଷ୍ଣା ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଅସହ୍ୟ ଯନ୍ତ୍ରଣା ହେବା ସତ୍ତ୍ୱେ ସେ ବସ୍‌କୁ ଜଙ୍ଗଲ ରାସ୍ତା ପାର କରି ରାସ୍ତା କଡ଼ରେ ଥିବା ଏକ ଦୋକାନ ନିକଟରେ ରଖି ଦେଇଥିଲେ। ପରେ ବସ୍ ମଧ୍ୟରେ ଶୋଇଥିବା ଅନ୍ୟ ଜଣେ ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ରାୟଙ୍କୁ ଉଠାଇଥିଲେ। ଛାତିରେ ଅସହ୍ୟ ଯନ୍ତ୍ରଣା ଯୋଗୁ ଗାଡ଼ି ଚଲାଇବା ସମ୍ଭବ ନୁହଁ, ତେଣୁ ଯାତ୍ରୀମାନେ ଯେପରି ହଇରାଣ ନ ହୁଅନ୍ତି ତୁମେ ଗାଡ଼ି ଚଲାଇ ସୁରକ୍ଷିତ ଭାବେ ମାଲକାନଗିରିରେ ଛାଡ଼ିବ କହି ଅଚେତ ହୋଇଯାଇଥିଲେ। ☞ପୃଷ୍ଠା–୪



ପି. ସାଇକ୍ରିଷ୍ଣା



# ରଥଯାତ୍ରା ଦଳାଚକଟା ପାଇଁ ଏସିଏଫ୍ ଦାୟୀ

### ତଦନ୍ତ କମିଶନଙ୍କ ରିପୋର୍ଟ

ଭୁବନେଶ୍ୱର,୨୦।୧୧(ରବିନାରାୟଣ ଜେନା)

ପୁରୀରେ ଚଳିତବର୍ଷ ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଘଟଣା ଏବଂ ଏଥିଜନିତ ୩ଜଣଙ୍କ ମୃତ୍ୟୁ ପ୍ରସଙ୍ଗ ଏବେ ଭିନ୍ନ ମୋଡ଼ ନେଇଛି। ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ରିପୋର୍ଟ ଆଧାରରେ ପୁରୀ ଏସିଏଫ୍ ଅଶୋକ କୁମାର ବେହେରାଙ୍କୁ ଦାୟୀ କରାଯାଇଛି। ଏ ସଂକ୍ରାନ୍ତରେ ନଭେମ୍ବର ୧୮ରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏସିଏଫ୍ ବେହେରାଙ୍କୁ ଏକ ମେମୋରାଣ୍ଡମ ପ୍ରଦାନ କରାଯାଇଛି। ସେଥିରେ ତାଙ୍କୁ ୩୦ଦିନିଆ ମହଲତ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପକୁ ନେଇ ଯଦି କିଛି କହିବାର ରହିଛି ତାହା ଲିଖିତ ଭାବେ ଜଣାଇବାକୁ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସତ୍ୟବ୍ରତ ସାହୁ ପତ୍ରରେ ଦର୍ଶାଇଛନ୍ତି। ଓଡ଼ିଶା ସିଭିଲ ସର୍ଭିସ ନିୟମ–୧୯୬୨ର ୧୬ ଅନୁଯାୟୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିନେଇ ଜଣାଇବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବେହେରାଙ୍କୁ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

ବ୍ରାଜିଲରୁ ଜଳବାୟୁ ବାର୍ତ୍ତା

# ଲ୍ୟାଣ୍ଡ ମ୍ୟାପିଂ ପାଇଁ ସ୍ୱୟଂଚାଳିତ ଡ୍ରୋନ୍

### ରାଉରକେଲା ଏନ୍‌ଆଇଟିର କୃତିତ୍ୱ

ରାଉରକେଲା, ୨୦।୧୧(ସଙ୍ଗୀତା ଜେନା)

ରାଉରକେଲାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଭାରତର ପ୍ରଥମ ସ୍ୱୟଂଚାଳିତ ଡ୍ରୋନ ସିଷ୍ଟମ ବିକଶିତ କରାଯାଇଛି, ଯାହା ନିର୍ଭୁଲ ଭାବେ ଲ୍ୟାଣ୍ଡ ମ୍ୟାପିଂ (ଭୂମାନଚିତ୍ର) କରିପାରିବ। ଏହାର ପେଟେଣ୍ଟ କରାଯାଇପାରିଛି। ଏହା ପାରମ୍ପରିକ ମଡେଲଠାରୁ ଭିନ୍ନ ଏବଂ ରିଅଲ୍ ଟାଇମ୍ ଭୂମି ବୈଶିଷ୍ଟ୍ୟଗୁଡ଼ିକ ଚିହ୍ନଟ କରିବା ପାଇଁ ସକ୍ଷମ କରାଇଥାଏ। ଯଥା ଚାଷଜମି, ଜଙ୍ଗଲ, ଉଦ୍ଭିଦ ଓ ସହରାଞ୍ଚଳ ଇତ୍ୟାଦି ଚିହ୍ନଟ କରିଥାଏ। ସହରୀ ଯୋଜନା, ବିପର୍ଯ୍ୟସ୍ତ ପରିଚାଳନା, ପ୍ରାକୃତିକ ସମ୍ବଳ ପରିଚାଳନା ଏବଂ କୃଷି ଭୂମି ସର୍ଭେ ଉଦ୍ଦେଶ୍ୟରେ ରିଅଲ୍ ଟାଇମ୍ ମ୍ୟାପିଂ ବ୍ୟବସ୍ଥାରେ ଏହା ବ୍ୟବହାର କରାଯାଇପାରିବ। ଏହି ବିକଶିତ ଡ୍ରୋନ୍ ସିଷ୍ଟମ ଇଣ୍ଟରନେଟ୍ ସଂଯୋଗ, ବାହ୍ୟ କମ୍ପ୍ୟୁଟର କିମ୍ବା ମାନୁଆଲ୍ ହସ୍ତକ୍ଷେପ ବିନା ସ୍ୱୟଂଚାଳିତ ଭାବରେ ଭୂମି ମାନଚିତ୍ର ସୃଷ୍ଟି କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମାନବବିହୀନ ବାୟୁଯାନ ବା ଅନ୍‌ମ୍ୟାନଡ୍ ଏରିଏଲ୍ ଭେଇକିଲ୍(ୟୁଭି) ବା ଡ୍ରୋନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥାଏ।

ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସମ୍ବିତ ବକ୍ସିଙ୍କ ନେତୃତ୍ୱରେ ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ତନ୍ମୟ କୁମାର ବେହେରା, ଡ. ଦେବବ୍ରତ ପାଲ୍ ଚୌଧୁରୀ ଏବଂ ରିସର୍ଚ୍ଚ ସ୍କଲାର୍ କାମେଲିଆ ରାୟ ପ୍ରମୁଖ ଏହାକୁ ବିକଶିତ କରିଛନ୍ତି। ଏହି ପେଟେଣ୍ଟ ସିଷ୍ଟମ(ପେଟେଣ୍ଟ ନଂ ୫୭୩୫୦୭) ଉଦ୍ଭାବିତ ହୋଇଛି। ଚାଷଜମି, ଜଙ୍ଗଲ, ଉଦ୍ଭିଦାଞ୍ଚଳ ଚିହ୍ନଟ କରିବା ପାଇଁ ବ୍ୟବହୃତ ଭୂମି ମାନଚିତ୍ର ଯେକୌଣସି ଦେଶର ଭୌଗୋଳିକ ଶାସନର ଏକ ଅତ୍ୟାବଶ୍ୟକ ଅଂଶ ଅଟେ। ଏହା ଯୋଜନା, ଭିତ୍ତିଭୂମି ବିକାଶ, ପ୍ରାକୃତିକ ସମ୍ବଳ ପରିଚାଳନା ଏବଂ ପରିବେଶଗତ ତଦାରଖ ପାଇଁ ଆଧାର ଭାବେ କାର୍ଯ୍ୟ କରିବ। ଭାରତରେ ଭୂମି ମାନଚିତ୍ର ମାନୁଆଲ୍ ସର୍ଭେ ଉପରେ ବହୁତ ନିର୍ଭର କରିଥାଏ। ପ୍ରାତଃ ଆନୁମାନିକ ମାନଚିତ୍ର ପ୍ରସ୍ତୁତ କରିବାରେ ସପ୍ତାହ ବା ମାସରୁ ଊର୍ଦ୍ଧ୍ୱ ସମୟ ☞ପୃଷ୍ଠା–୪




ଭୂମାନଚିତ୍ରର ଡିଜାଇନ୍

DSPL-367

## ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ବିଶ୍ୱ ମତ୍ସ୍ୟ ଦିବସ ୨୦୨୫ ଅବସରରେ ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ମତ୍ସ୍ୟ ବ୍ୟବସାୟୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । ମତ୍ସ୍ୟ ଉତ୍ପାଦନରେ ଆମ ରାଜ୍ୟ ଓଡ଼ିଶା, ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରି ଏକ ଅଗ୍ରଣୀ ରାଜ୍ୟ ଭାବେ ଆଗକୁ ବଢ଼ୁଛି । ଏହା ଆମ ରାଜ୍ୟର ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଉଦ୍ୟମ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ସହଯୋଗ ଯୋଗୁଁ ସମ୍ଭବ ହୋଇ ପାରିଛି । ମତ୍ସ୍ୟଚାଷ ସହିତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ଉଦ୍ୟମ ଜାରି ରଖିଛନ୍ତି । ଆପଣମାନଙ୍କ ସହଯୋଗରେ ମତ୍ସ୍ୟ ଚାଷରେ ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରି ଭିଜନ-୨୦୩୬ର ଲକ୍ଷ୍ୟ ପୂରଣ ପାଇଁ ଆମ ସରକାର ସଙ୍କଳ୍ପବଦ୍ଧ ।

( ମୋହନ ଚରଣ ମାଝୀ )
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment



କର୍ଣ୍ଣାଟକର ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏକ୍ଜିବିଶନ ସେଣ୍ଟରରେ ବେଙ୍ଗାଲୁରୁ ଟେକ୍ ସମିଟ୍ ୨୦୨୫ର ଅଂଶ ସ୍ୱରୂପ ଗୁରୁବାର ଅନୁଷ୍ଠିତ 'ଫ୍ୟୁଚର ମେକର୍ସ କନ୍କ୍ଲେଭ୍'ରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସହ ଭାରତୀୟ ମହାକାଶଚାରୀ ତଥା ଆଇଏଏଫ୍ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଯୋଗ ଦେଇଛନ୍ତି।

# ଭାରତକୁ ଏକ୍ସାଲିବର ପ୍ରୋଜେକ୍ଟାଇଲ୍, ଜାଭେଲିନ୍ ମିଶାଇଲ ବିକିବ ଆମେରିକା

## ୯୩ ନିୟୁତ ଡଲାରର ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ରର ଅନୁମୋଦନ

**ନ୍ୟୁୟର୍କ/ୱାଶିଂଟନ, ୨୦।୧୧**



ଆମେରିକା ଭାରତକୁ ଏକ୍ସାଲିବର ଗାଇଡେଡ୍ ଆର୍ଲିଲେରି ପ୍ରୋଜେକ୍ଟାଇଲ୍ ଏବଂ ଜାଭେଲିନ୍ ଆଣ୍ଟିଟ୍ୟାଙ୍କ୍ ମିଶାଇଲ୍ ସିଷ୍ଟମ ବିକ୍ରି କରିବ। ୯୨.୮ ନିୟୁତ ଡଲାର ମୂଲ୍ୟର ଏହି କ୍ରୟ ପ୍ରସ୍ତାବକୁ ଆମେରିକା ଅନୁମୋଦନ କରିଛି, ଯାହା ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଏବଂ ଆଞ୍ଚଳିକ ବିପଦ ପ୍ରତିହତ କରିବା କ୍ଷମତା ବଢ଼ାଇବାରେ ସହାୟକ ହେବ ବୋଲି ଯୁକ୍ତରାଷ୍ଟ୍ର କହିଛି। ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇଥିଲେ। ଭାରତ ରୁଷିଆରୁ ତୈଳ କିଣା ଜାରି ରଖିଥିବାରୁ ଗତ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ଆଉ ୨୫% ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିଥିଲେ। ଏହା ପରେ ଭାରତ ପ୍ରଥମ ଥର ପାଇଁ ଆମେରିକାର ଏଭଳି ବୃହତ ପ୍ରତିରକ୍ଷା ସରଞ୍ଜାମ କିଣିବାକୁ ଯାଉଛି। ଆମେରିକାର ପ୍ରତିରକ୍ଷା ସୁରକ୍ଷା ସହଯୋଗ ସଂସ୍ଥା (ଡିଏସ୍ସିଏ) କହିଛି, ଏହି ପ୍ରସ୍ତାବିତ ବିକ୍ରି ଆମେରିକାର ବୈଦେଶିକ ନୀତି ଏବଂ ଜାତୀୟ ସୁରକ୍ଷା ଲକ୍ଷ୍ୟକୁ ସମର୍ଥନ କରିବ ଏବଂ ଭାରତ-ଆମେରିକା ରଣନୈତିକ ସହଭାଗିତା ସମ୍ପର୍କକୁ ସୁଦୃଢ଼ କରିବାରେ ସହାୟକ ହେବ।

ଭାରତ ସହ ୪୫.୭ ନିୟୁତ ଡଲାର ମୂଲ୍ୟର ପ୍ରଥମ ସେଲ୍ ପ୍ୟାକେଜ୍‌ରେ ରହିଛି ଜାଭେଲିନ୍ ଏଫ୍‌ଜିଏମ୍-୧୪୮ ମିଶାଇଲ୍, ଫ୍ଲାଏ-ଟୁ-ବାଏ, ୨୫ ଜାଭେଲିନ୍ ଲାଇଟ୍‌ୱେଟ୍ କମାଣ୍ଡ ଲଞ୍ଚ୍ ୟୁନିଟ୍ (ଏଲ୍‌ଡବ୍ଲ୍ୟୁସିଏଲ୍‌ୟୁ) ବା ଜାଭେଲିନ୍ ବ୍ଲକ୍-୧ କମାଣ୍ଡ ଲଞ୍ଚ୍ ୟୁନିଟ୍। ଏଥିସହିତ ୪୭.୧ ନିୟୁତ ଡଲାର ମୂଲ୍ୟର ଏକ୍ସାଲିବର ପ୍ରୋଜେକ୍ଟାଇଲ୍ ଏବଂ ଆନୁଷଙ୍ଗିକ ସରଞ୍ଜାମ କିଣାଯିବ। ଏଥିପାଇଁ ଡିଏସ୍ସିଏ କଂଗ୍ରେସକୁ ଆବଶ୍ୟକ ସାର୍ଟିଫିକେଟ ପ୍ରଦାନ କରିଛି। ଭାରତ ସରକାର ୧୦୦ଟି ଏଫ୍‌ଜିଏମ୍-୧୪୮ ଜାଭେଲିନ୍ ରାଉଣ୍ଡ, ଗୋଟିଏ ଜାଭେଲିନ୍ ଏଫ୍‌ଜିଏମ୍-୧୪୮ ମିଶାଇଲ, ଫ୍ଲାଏ-ଟୁ-ବାଏ ଏବଂ ୨୫ଟି ଜାଭେଲିନ୍ ଲାଇଟ୍‌ୱେଟ୍ କମାଣ୍ଡ ଲଞ୍ଚ୍ ୟୁନିଟ୍ କିଣିବାକୁ ଆମେରିକାକୁ ନିବେଦନ କରିଥିଲେ। ଏଥିସହିତ ମିଶାଇଲ୍ ସିମୁଲେଟର ରାଉଣ୍ଡ, ବ୍ୟାଟେରି କୁଲାଣ୍ଟ ୟୁନିଟ୍, ଇଣ୍ଟରାକ୍ଟିଭ୍ ଇଲେକ୍ଟ୍ରୋନିକ୍ ଟେକ୍ନିକାଲ ମାନୁଆଲ ଏବଂ ଜାଭେଲିନ୍ ଅପରେଟର ମାନୁଆଲ ତାଲିକାରେ ରହିଥିଲା।

# କଶ୍ମୀର ଟାଇମ୍ସ ଅଫିସରେ ଏସ୍ଆଇଏ ଚଢ଼ାଉ

## ମିଳିଲା ଏକେ-୪୭ କାର୍ଟ୍ରିଜ୍

**ଶ୍ରୀନଗର, ୨୦।୧୧**

ରାଷ୍ଟ୍ର ବିରୋଧୀ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗରେ ଜମ୍ମୁସ୍ଥିତ କଶ୍ମୀର ଟାଇମ୍ସ କାର୍ଯ୍ୟାଳୟ ଉପରେ ଜମ୍ମୁ-କଶ୍ମୀର ପୋଲିସର ରାଜ୍ୟ ତଦନ୍ତକାରୀ ସଂସ୍ଥା (ଏସ୍ଆଇଏ) ଗୁରୁବାର ଚଢ଼ାଉ କରିଛି। ସେଠାରୁ କେତେକ ଏକେ-୪୭ କାର୍ଟ୍ରିଜ୍, ପିସ୍ତଲ ଗୁଳି ଏବଂ ୩ଟି ଗ୍ରେନେଡ୍ ଲିଭର ଜବତ ହୋଇଛି। ଅସନ୍ତୋଷର ପ୍ରସାର କରିବା ସହ ବିଚ୍ଛିନ୍ନତାବାଦଙ୍କୁ ପ୍ରଶଂସା କରୁଥିବା ଏବଂ ସାର୍ବଭୌମତ୍ୱ ଓ ଭାରତ ଓ ଜମ୍ମୁକଶ୍ମୀରର ଆଞ୍ଚଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ଅଭିଯୋଗରେ କଶ୍ମୀର ଟାଇମ୍ସ ବିରୋଧରେ ଏତଲା ଦାଏର ହୋଇଛି। ଏତଲାରେ କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନ୍‌ଙ୍କ ନାଁ ରହିଛି। ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତି ଓ କାର୍ଯ୍ୟକଳାପ ସହ ଏହି ଖବରକାଗଜର ସମ୍ପର୍କ ରହିଛି କି ନାହିଁ ତାହା ଯାଞ୍ଚ କରିବା ତଦନ୍ତର ଲକ୍ଷ୍ୟ ବୋଲି ଏକ ସୂତ୍ରରୁ କୁହାଯାଇଛି। ତେବେ କଶ୍ମୀର ଟାଇମ୍ସ ପକ୍ଷରୁ ତୁରନ୍ତ କୌଣସି ବିବୃତି ଦିଆଯାଇ ନାହିଁ।

# ସଂଘର୍ଷ, ଉତ୍ତେଜନା ବଢ଼ିବାରୁ ଲାଗିଲା କର୍ଫ୍ୟୁ

## ନେପାଳରେ ପୁଣି ଜେନ୍ ଜି ଆନ୍ଦୋଳନ

**କାଠମାଣ୍ଡୁ, ୨୦।୧୧**

ନେପାଳରେ ଜେନ୍ ଜି ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ଆନ୍ଦୋଳନକାରୀ ଏବଂ ବହିଷ୍କୃତ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଦଳର ସଦସ୍ୟମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣ ଆହତ ହୋଇଛନ୍ତି। ଫଳରେ ଭାରତ ସୀମାବର୍ତ୍ତୀ ନେପାଳର ବାରା ଜିଲାରେ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର କର୍ଫ୍ୟୁ ଜାରି କରିଛନ୍ତି।

ଯୁବ ଆନ୍ଦୋଳନକାରୀମାନେ ବୁଧବାର ରାସ୍ତାକୁ ଓହ୍ଲାଇବା ପରେ ଓଲିଙ୍କ ସିପିଏନ୍-ୟୁଏମ୍ଏଲ୍ ଦଳର କ୍ୟାଡରମାନଙ୍କ ସହ ସଂଘର୍ଷ ହୋଇଥିଲା। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ଜେନ୍ ଜି ପୁନର୍ବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ବାରା ଜିଲାର ସିମରା ଚୌକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସମ୍ଭାବ୍ୟ ଧନଜୀବନ ହାନି ରୋକିବା ପାଇଁ ବାରାର ସ୍ଥାନୀୟ ପ୍ରଶାସନ ଅପରାହ୍ନ ୧ଟାରୁ ରାତି ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଥିଲା। ଏହା ସତ୍ତ୍ୱେ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇ ପୋଲିସ ସହ ସଂଘର୍ଷରେ ସାମିଲ ହୋଇଥିଲେ। ବିକ୍ଷୋଭକାରୀ କର୍ଫ୍ୟୁକୁ ଅମାନ୍ୟ କରି ଅଗ୍ରସର ହେବାରୁ ପୋଲିସ



ନେପାଳର ସିମରା ବଜାରରେ ଜେନ୍ ଜି ବିକ୍ଷୋଭକାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୬ଟି ଲୁହବୁହା ବାଷ୍ପ କାନିଷ୍ଟର ଫାୟାର କରିବା ସହ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ବିକ୍ଷୋଭକାରୀ ମଧ୍ୟ ସୁରକ୍ଷା ବଳ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ୬ ପୋଲିସ କର୍ମଚାରୀ ଏବଂ ୪ ବିକ୍ଷୋଭକାରୀ ଆହତ ହୋଇଥିବା ଜଣାପଡ଼ିଛି। ସିମରା ବଜାରେ ବିକ୍ଷୋଭକାରୀ ଏକ ପୋଲିସ ବିଟ୍‌କୁ ଜାଳିଦେଇଛନ୍ତି। ୟୁଏମ୍ଏଲ୍ କାର୍ଯ୍ୟାଳୟରୁ ବିକ୍ଷୋଭକାରୀ ଜିନିଷପତ୍ର କାଢ଼ିନେଇ ଜାଳିଦେଇଛନ୍ତି।

ଜେନ୍-ଜି ସଦସ୍ୟମାନଙ୍କ ଦ୍ୱାରା ସରକାର ବିରୋଧୀ ରାଲିକୁ ନେଇ ସିପିଏନ୍-ୟୁଏମ୍ଏଲ୍ ସାଧାରଣ ସମ୍ପାଦକ ଶଙ୍କର ପୋଖରେଲ୍ ଏବଂ ଦଳର ଯୁବନେତା ମହେଶ ବସନେଟ୍ ଉଦ୍‌ବୋଧନ ଦେବା ପାଇଁ କାଠମାଣ୍ଡୁରୁ ସିମରା ଯାଉଥିବା ଖବର ମିଳିବା ପରେ ବୁଧବାର ବାରା ଜିଲାରେ ଉତ୍ତେଜନା ଦେଖାଦେଇଥିଲା। ନେତାମାନଙ୍କୁ ବିମାନବନ୍ଦରରେ ପ୍ରବେଶ କରାଇ ନ ଦେବା ପାଇଁ ଜେନ୍-ଜି ବିକ୍ଷୋଭକାରୀ ସେଠାରେ ରୁଣ୍ଡ ହେବାରୁ ସିପିଏନ୍-ୟୁଏମ୍ଏଲ୍ କ୍ୟାଡରମାନଙ୍କ ସହ ସେମାନଙ୍କର ସଂଘର୍ଷ ଘଟିଥିଲା। ଫଳରେ ପ୍ରଶାସନ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ବିମାନବନ୍ଦର ଅଞ୍ଚଳରେ କର୍ଫ୍ୟୁ ଲଗାଇଥିଲା। ପରେ ୟୁଏମ୍ଏଲ୍ ନେତାମାନେ ସେମାନଙ୍କ ର୍‍ୟାଲିକୁ ବାତିଲ କରିଥିଲେ। ଏହି ଘଟଣାରେ ପୋଲିସ ଇତିମଧ୍ୟରେ ୟୁଏମ୍ଏଲ୍‌ର ୨ ଜଣ କ୍ୟାଡରଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ଓଲି ସରକାରଙ୍କ ଦୁର୍ନୀତି ଏବଂ ସୋସିଆଲ ମିଡିଆ ଉପରେ ନିଷେଧାଦେଶକୁ ବିରୋଧ କରି ଗତ ସେପ୍ଟେମ୍ବରରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓଲି ସେହି ମାସ ୯ ତାରିଖରେ ଇସ୍ତଫା ଦେଇଥିଲେ ଏବଂ ୧୨ ତାରିଖରେ ପାର୍ଲାମେଣ୍ଟକୁ ଭଙ୍ଗ କରାଯାଇଥିଲା। ଗୃହକୁ ପୁନର୍ବାର କାଏମ ରଖିବା ଦାବିରେ ଓଲିଙ୍କ ଦଳର ସମର୍ଥକମାନେ ବିକ୍ଷୋଭ ଚଳାଇଥିଲେ। ତେବେ ସେପ୍ଟେମ୍ବର ୯ ଆନ୍ଦୋଳନବେଳେ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏଥିପାଇଁ ଦାୟୀ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜେନ୍ ଜି ଦାବି କରିଛି।

# ଶପଥ ନେଲେ ନୀତୀଶ କୁମାର

**ପାଟନା, ୨୦।୧୧ (ପି.ଟି.)**



ଦୀର୍ଘବର୍ଷ ଧରି ବିହାରର ମୁଖ୍ୟମନ୍ତ୍ରୀ ରହିଆସିଥିବା ଜେଡିୟୁ ନେତା ନୀତୀଶ କୁମାର ଗୁରୁବାର ରେକର୍ଡ ୧୦ମ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପାଟନାର ଗାନ୍ଧୀ ମୈଦାନରେ ଏଥିପାଇଁ ଆୟୋଜିତ ଭବ୍ୟ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମେଣ୍ଟ ନେତାମାନେ ଉପସ୍ଥିତ ଥିଲେ। ନୀତୀଶଙ୍କ ବ୍ୟତୀତ ଭାଜପାରୁ ୧୪, ଜେଡିୟୁରୁ ୮, ଏଲ୍‌ଜେପି(ଆର୍‌ଭି)ରୁ ୨, ଏଚ୍ଏଏମ୍ ଏବଂ ଆର୍ଏଲ୍ଏମ୍‌ରୁ ଜଣେ ଲେଖାଏ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବରିଷ୍ଠ ଭାଜପା ନେତା ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନା ଉପମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଛନ୍ତି। ଶପଥ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ମେଣ୍ଟକୁ ୨୦୨ ଆସନ ମିଳିଥିବାବେଳେ ବିରୋଧୀ ମହାମେଣ୍ଟ ୩୫ ଆସନରେ ସୀମିତ ରହିଥିଲା। ଭାଜପା ୮୯ ଆସନ ସହ ବିଧାନସଭାରେ ସର୍ବବୃହତ୍ ଦଳ ହୋଇଥିବାବେଳେ ଜେଡିୟୁ ୮୫ ଆସନରେ ଜିତିଥିଲା। ବୁଧବାର ଏନ୍‌ଡିଏ ବିଧାୟକ ଦଳ ବୈଠକ ବସି ନୀତୀଶଙ୍କୁ ଏହାର ନେତା ନିର୍ବାଚିତ କରାଯାଇଥିଲା।

# ଖବରଦାତାଙ୍କୁ ପ୍ରଭାବିତ କରିବ ଡିପିଡିପି ନିୟମାବଳୀ: ଇଜିଆଇ

**ନୂଆଦିଲ୍ଲୀ, ୨୦।୧୧**

କେନ୍ଦ୍ର ସରକାରଙ୍କ ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ଆଇନ, ୨୦୨୩ର ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ନଭେମ୍ବର ୧୪ରେ ଡିପିଡିପି ନିୟମାବଳୀ, ୨୦୨୫ ବିଜ୍ଞାପିତ ହୋଇଛି। ଏହି ନବପ୍ରଣୀତ ନିୟମଗୁଡ଼ିକ ଖବରଦାତାମାନଙ୍କ ପାଇଁ ବୋଝ ପାଲଟିପାରେ ବୋଲି ବୁଧବାର ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ) ସତର୍କ କରାଇଛି। ଇଜିଆଇ ଅଧ୍ୟକ୍ଷ ଅନନ୍ତ ନାଥ ଏକ ବିବୃତିରେ କହିଛନ୍ତି, ଡିପିଡିପି ଆଇନରେ ସାମ୍ବାଦିକ ଓ ଗଣମାଧ୍ୟମ ସଂସ୍ଥାର ଅନେକ ସମ୍ବେଦନଶୀଳ ପ୍ରଶ୍ନ ଅନୁତ୍ତରିତ ରହିଛି। ପୂର୍ବରୁ ଏହା ଉପରେ ଇଜିଆଇ ଚିନ୍ତା ବ୍ୟକ୍ତ କରିଥିଲେ ମଧ୍ୟ ସମସ୍ୟାଗୁଡ଼ିକର ସମାଧାନ ଉପରେ ଏଥିରେ ଧ୍ୟାନ ଦିଆଯାଇନାହିଁ। ଏଥିଯୋଗୁ ସେମାନଙ୍କ ରିପୋର୍ଟିଂ ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଜ୍ଞପ୍ତି ଅନୁଯାୟୀ କମ୍ପାନୀଗୁଡ଼ିକୁ ୧୨ରୁ ୧୮ ମାସ ମଧ୍ୟରେ ଆଇନର ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରିବାକୁ ପଡ଼ିବ। ଏଥିପାଇଁ ସେମାନେ କନ୍‌ସେଣ୍ଟ ମ୍ୟାନେଜର, ଡେଟା ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବା ସହ ୟୁଜର ଅନୁମତି ଦର୍ଶାଇବା ପାଇଁ ବ୍ୟବସ୍ଥା କରିବେ। ବିଜ୍ଞାପନ ପାଇଁ ନିର୍ଦ୍ଦିଷ୍ଟ ଡେଟାକୁ ପ୍ଲାଟ୍‌ଫର୍ମ ବ୍ୟବହାର କରିପାରିବ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ତେଣୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏଥିରୁ ସାମ୍ବାଦିକ କାର୍ଯ୍ୟକୁ ବାଦ୍ ଦେଇ ଏଦିଗରେ ସ୍ପଷ୍ଟୀକରଣ ଜାରି କରୁ ବୋଲି ଇଜିଆଇ ପକ୍ଷରୁ ଅନୁରୋଧ କରାଯାଇଛି।

# କୁନୋ ଜାତୀୟ ଉଦ୍ୟାନରେ ଭାରତ ଜନ୍ମିତ ଚିତାର ୫ ଶାବକ ଜନ୍ମ

**ଭୋପାଳ, ୨୦।୧୧**



ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଭାରତ ଜନ୍ମିତ ପ୍ରଥମ ମାଈ ଚିତା ମୁଖି ୫ ଶାବକଙ୍କୁ ଜନ୍ମ ଦେଇଛି। ଭାରତରେ ଜନ୍ମ ହୋଇଥିବା ଚିତା ସନ୍ତାନ ପ୍ରସବ କରିବା ଦେଶ ଇତିହାସରେ ପ୍ରଥମ ଘଟଣା। ଚିତା ପ୍ରୋଜେକ୍ଟ ଅଧୀନରେ ନାମିବ୍ୟାରୁ ଆସିଥିବା ଏକ ମାଈ ଚିତା ୩୩ ମାସ ପୂର୍ବେ ମୁଖିକୁ ଜନ୍ମ ଦେଇଥିଲା। ଏବେ ମୁଖି ୫ ଶାବକର ମା' ହୋଇଛି। ଉଭୟ ମା' ଓ ଛୁଆ ସୁସ୍ଥ ଥିବା ଜଙ୍ଗଲ ବିଭାଗ ଅଧିକାରୀମାନେ କହିଛନ୍ତି। ସେମାନଙ୍କୁ ପାର୍କର ପ୍ରାଣୀ ଚିକିତ୍ସକଙ୍କ ଅବ୍‌ଜରଭେଶନରେ ରଖାଯାଇଛି।

## ଫୁର୍‌ସତ

# ସୂଚନା, ଯୋଗାଯୋଗର ବାର୍ତ୍ତାବହ

## ଆଜି ବିଶ୍ୱ ଟେଲିଭିଜନ ଦିବସ




ପ୍ରତିବର୍ଷ ନଭେମ୍ବର ୨୧ରେ ପାଳନ ହୋଇଆସୁଛି ବିଶ୍ୱ ଟେଲିଭିଜନ ଦିବସ। ଏହି ଦିବସ ଯୋଗାଯୋଗ, ସୂଚନା ଏବଂ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଟେଲିଭିଜନର ଭୂମିକାକୁ ଏକ ଶକ୍ତିଶାଳୀ ଉପକରଣ ଭାବରେ ସ୍ୱୀକୃତି ଦିଏ। ଏହା ଜନମତ, ସାମାଜିକ ବିକାଶ, ଶାନ୍ତି ଏବଂ ଦ୍ୱନ୍ଦ୍ୱର ସମାଧାନ ପାଇଁ ଟେଲିଭିଜନର ବର୍ଦ୍ଧିତ ପ୍ରଭାବକୁ ଗୁରୁତ୍ୱାରୋପ କରିଥାଏ। ଏଥିସହ ଏହି ଦିବସ ଡିଜିଟାଲ ମିଡିଆ ଯୁଗରେ ଯାଞ୍ଚ କରାଯାଇଥିବା ସୂଚନା ପ୍ରଦାନ ଏବଂ ସଂସ୍କୃତି ମଧ୍ୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ଟେଲିଭିଜନର ଆଧୁନିକ ଭୂମିକାକୁ ମଧ୍ୟ ସମ୍ବୋଧିତ କରେ। ସୂଚନାଯୋଗ୍ୟ, ଜାତିସଂଘ ସାଧାରଣ ସଭା ଡିସେମ୍ବର ୧୯୯୬ରେ ପ୍ରଥମ ବିଶ୍ୱ ଟେଲିଭିଜନ ଫୋରମକୁ ସ୍ମରଣ କରିବା ପାଇଁ ନଭେମ୍ବର ୨୧ କୁ ବିଶ୍ୱ ଟେଲିଭିଜନ ଦିବସ ଭାବରେ ଘୋଷଣା କରିଥିଲା, ଯାହା ପରିବର୍ତ୍ତିତ ବିଶ୍ୱରେ ଟେଲିଭିଜନର ଭୂମିକା ବିଷୟରେ ଆଲୋଚନା କରିବା ପାଇଁ ଗଣମାଧ୍ୟମର ନେତୃତ୍ୱଙ୍କୁ ଏକତ୍ର କରିଥିଲା। ଚଳିତ ବର୍ଷ ଏହି ଦିବସ ଲାଗି ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବରେ ବିଷୟବସ୍ତୁ ଘୋଷଣା କରାଯାଇ ନ ଥିଲେ ମଧ୍ୟ ବିଗତ ବର୍ଷରେ 'ଏକ ବିଶ୍ୱସ୍ତ ବନ୍ଧୁ ଭାବରେ ଟେଲିଭିଜନ' ଏବଂ 'ସୂଚନା, ସଶକ୍ତୀକରଣ ଏବଂ ସଂଯୋଗୀକରଣ' ଭଳି ବିଷୟବସ୍ତୁକୁ ଗୁରୁତ୍ୱାରୋପ କରିଛି।

# ୨୦୨୬ରେ ପରଦାକୁ ଆସିବ ଜୁମାନ୍‌ଜି ୩



ଡ୍ୱେନ ଜନ୍‌ସନ୍

**ୱାଶିଂଟନ:** ହଲିଉଡ ସୁପରଷ୍ଟାର ଡ୍ୱେନ ଜନସନଙ୍କ ବଳିଷ୍ଠ ଅଭିନୟ କାହାକୁ ଅଛପାନାହିଁ। ତାଙ୍କ ପ୍ରତିଟି ଫିଲ୍ମ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଥାଏ। ଏବେ ଅଭିନେତାଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ଜୁମାନ୍‌ଜି ୩' ଚର୍ଚ୍ଚାକୁ ଆସିଛି। କାରଣ ଦର୍ଶକଙ୍କ ଉତ୍କଣ୍ଠାକୁ ଦୃଷ୍ଟିରେ ରଖି ସୋନି ପିକ୍ଚର୍ସ ପକ୍ଷରୁ ଏହାର ପୋଷ୍ଟର ରିଲିଜ କରାଯାଇଛି। ପୋଷ୍ଟରରେ ଏହାର ରିଲିଜ ଡେଟ୍ ଉପରୁ ପରଦା ଉଠିଛି। ନିର୍ମାତା ଶେୟାର କରିଥିବା ଫଟୋରେ ଡ୍ୱେନ ଜନସନ, ଜ୍ୟାକ ବ୍ଲାକ, କେଭିନ ହାର୍ଟ ଏବଂ କାରେନ ଗିଲାନ ପ୍ରମୁଖ ନିଜ ନିଜ ଜଙ୍ଗଲ ଅବତାରରେ ନଜର ଆସୁଛନ୍ତି। ଆସନ୍ତା ବର୍ଷ ଅର୍ଥାତ ୨୦୨୬ର କ୍ରିସମାସ(୧୧ ଡିସେମ୍ବର)ରେ ସିନେମାଘରେ ଫିଲ୍ମ ରିଲିଜ ହେବ। ଅପରପକ୍ଷେ ଡ୍ୱେନ ନିଶ୍ଚିତ କରିଛନ୍ତି ଯେ ଲସ ଆଞ୍ଜେଲସରେ ଜୁମାନ୍‌ଜି ୩ର ଶୁଟିଂ ଆରମ୍ଭ ହୋଇଛି। ଏହା ଫ୍ରାଞ୍ଚାଇଜ୍‌ର ଶେଷ ଫିଲ୍ମ ହେବ। ଡାଇରେକ୍ଟର୍ ଜେକ କାସ୍‌ଡାନ ପୁନର୍ବାର ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି।

ଫିଲ୍ମ ଜୁମାନ୍‌ଜି ୩ ବକ୍ସ ଅଫିସରେ ଭଲ ବ୍ୟବସାୟ କରିବ ବୋଲି ଆକଳନ କରାଯାଉଛି। ୧୯୯୫ରେ ପ୍ରଥମ ଥର ପାଇଁ ରିଲିଜ ହୋଇଥିବା ଏହି ଫିଲ୍ମ ବିଶ୍ୱବ୍ୟାପୀ ପ୍ରାୟ ୨୨୦୦ କୋଟି ଟଙ୍କା ରୋଜଗାର କରିଥିଲା। ତା'ପରେ ୨୦୧୭ରେ ରିବୁଟ 'ଜୁମାନ୍‌ଜି: ୱେଲକମ୍ ଟୁ ଦି ଜଙ୍ଗଲ' ପ୍ରାୟ ୮,୦୦୦ କୋଟି ଟଙ୍କା ବ୍ୟବସାୟ କରିଥିଲା। ୨୦୧୯ର 'ଜୁମାଞ୍ଜି: ଦି ନେକ୍ସଟ ଲେଭେଲ' ମଧ୍ୟ କମାଲ କରିଥିଲା, ବିଶ୍ୱବ୍ୟାପୀ ୮୦୦ ମିଲିୟନ ଡଲାର (ପ୍ରାୟ ୬,୭୦୦ କୋଟି ଟଙ୍କା)ରୁ ଅଧିକ କମାଇଥିଲା। ଏହି ଫ୍ରାଞ୍ଚାଇଜ୍‌ର ଶେଷ ଭାଗ ଭାବେ ଜୁମାନ୍‌ଜି ୩ ପ୍ରଶଂସକଙ୍କୁ ନୂତନ ଆଡଭେଞ୍ଚର୍ ଦେବ ବୋଲି ଆଶା କରାଯାଉଛି। ରିଲିଜ ଡେଟ୍ ଜଣାପଡ଼ିବା ପରେ ପ୍ରଶଂସକଙ୍କ ଉତ୍କଣ୍ଠା ବୃଦ୍ଧି ପାଇଛି।




# ବିଧାୟକ ଭାବେ ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରିଥିବା ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଧାୟକ ଭାବେ ଗୁରୁବାର ମଧ୍ୟାହ୍ନରେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଢୋଲକିଆଙ୍କ ମା', ସ୍ତ୍ରୀଙ୍କ ସମେତ ଭାଜପାର ବହୁ ବରିଷ୍ଠ ନେତା ଓ ବିଧାୟକ ଉପସ୍ଥିତ ଥିଲେ। ଜୟ ବିଧାୟକ ଭାବେ ଶପଥ ନେବା ପରେ ବିଧାନସଭାରେ ଭାଜପାର ସଂଖ୍ୟା ୭୯ରେ ପହଞ୍ଚିଛି। ପୂର୍ବରୁ ବିଜେଡି ହାତରେ ରହିଥିବା ଏହି ଆସନ ଭାଜପା ହାତକୁ ଚାଲିଯାଇଛି। ଏବେ ବିଜେଡିର ସଂଖ୍ୟା ବିଧାନସଭାରେ ୫୦ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ନୂଆପଡ଼ା ବିଧାନସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ବିଜୟ ଲାଭ କରିଥିଲେ। ତାଙ୍କ ଦେହାନ୍ତ ପରେ ଗତ ୧୧ ତାରିଖରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପନିର୍ବାଚନରେ ଜୟ ମୋଟ୍ ୧,୨୨,୮୬୯ ଖଣ୍ଡ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ୮୩ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ଘାସିରାମଙ୍କୁ ଉପନିର୍ବାଚନରେ ମୋଟ୍ ୪୦,୧୨୧ ଖଣ୍ଡ ଭୋଟ ମିଳିଥିଲା। ତୃତୀୟ ସ୍ଥାନରେ ରହିଥିବା ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମୋଟ ୩୮, ୪୦୮ ଖଣ୍ଡ ଭୋଟ ମିଳିଥିଲା।

# ପିଲାଙ୍କୁ ଶୀଘ୍ର ସ୍କୁଲ ୟୁନିଫର୍ମ ଦିଅ: ମନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଡ୍ରପ୍‌ଆଉଟ୍ ହାର କମାଇବା ସହିତ ସ୍କୁଲ ପ୍ରତି ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ସରକାରଙ୍କ ପକ୍ଷରୁ ୟୁନିଫର୍ମ ପୋଷାକ, ଜୋତାଠାରୁ ଆରମ୍ଭ କରି ପୁଷ୍ଟିକର ମଧ୍ୟାହ୍ନଭୋଜନ ଆଦି ବ୍ୟବସ୍ଥା କରାଯାଉଛି। ହେଲେ ଚଳିତ ଶିକ୍ଷାବର୍ଷର ୯ ମାସ ବିତି ଯାଇଥିଲେ ସୁଦ୍ଧା ଅନେକ ସ୍କୁଲରେ ପିଲାଙ୍କୁ ଏଯାଏ ୟୁନିଫର୍ମ ମିଳିନାହିଁ। ସେହିଭଳି ଶିଶୁବାଟିକାର କୌଣସି ପିଲାଙ୍କୁ ୟୁନିଫର୍ମ ଦିଆଯାଇ ନାହିଁ। ବିଭାଗ ପକ୍ଷରୁ ବାରମ୍ବାର ଚିଠି ଓ ନିର୍ଦ୍ଦେଶ ସତ୍ତ୍ୱେ ସବୁପିଲା ନୂଆ ୟୁନିଫର୍ମ ପାଇ ନ ଥିବାରୁ ଏ ନେଇ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ ପିଲାଙ୍କୁ ଶୀଘ୍ର ୟୁନିଫର୍ମ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁନିଫର୍ମ ଯୋଗାଣରେ ବିଳମ୍ବ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଠାରୁ ଅର୍ଡର ବାତିଲ କରି ଅନ୍ୟ କାହାକୁ ଦିଆଯାଇ ତୁରନ୍ତ ବ୍ୟବସ୍ଥା କରିବାକୁ ମନ୍ତ୍ରୀ କହିଛନ୍ତି।

ପ୍ରତି ଶିକ୍ଷାବର୍ଷରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ୟୁନିଫର୍ମ ଦିଆଯାଉଛି। ଚଳିତବର୍ଷରୁ ଶିଶୁବାଟିକାଠାରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ଦୁଇ ହଳ ଲେଖାଏ ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟ ପତ୍ର ମାଗଣାରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଏନେଇ ଓଡ଼ିଶା

## ବିଳମ୍ବ କରୁଥିବା ଏସ୍‌ଏଚ୍‌ଜିଙ୍କୁ ବାତିଲ ନିର୍ଦ୍ଦେଶ

ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୫ରେ ପିଲାଙ୍କୁ ପୋଷାକ ମିଳିବାର ଥିଲା। ହେଲେ ଦାୟିତ୍ୱ ନେଇଥିବା ଏସ୍‌ଏଚ୍‌ଜିଗୁଡ଼ିକ ଏସବୁ ଯୋଗାଣରେ ବିଳମ୍ବ କରିବାରୁ ଅଗଷ୍ଟ ୧୫ରେ ପିଲାଙ୍କୁ ନୂଆ ପୋଷାକ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାର ଠିକ୍ ତଦାରଖ ନ କରି ବହୁ ଅଯୋଗ୍ୟ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ୟୁନିଫର୍ମ ଯୋଗାଣ ଦାୟିତ୍ୱ ଦେଇ ଚୁପ୍ ବସିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଫଳରେ ପିଲାମାନେ ପୁରୁଣା, ଚିରାଫଟା ଓ ସିଲେଇ ହୋଇଥିବା ୟୁନିଫର୍ମ ପିନ୍ଧି ସ୍କୁଲ ଆସୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଚଳିତବର୍ଷ ରାଜ୍ୟରେ ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁବାଟିକା ଖୋଲାଯାଇଛି। ଅତିରିକ୍ତ ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ମାଗଣା ୟୁନିଫର୍ମ ପ୍ରଦାନ କରାଯିବ। ହେଲେ ଏଯାବତ ଡ୍ରେସ୍ ମିଳି ନ ଥିବାରୁ ସେମାନେ ମଧ୍ୟ ଘରୋଇ ଡ୍ରେସ ପିନ୍ଧି ସ୍କୁଲ ଯାଉଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ସମାରୋହ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୫ଟା ୩୦।

## କଟକ

- ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜିଲାସ୍ତରୀୟ ୧୨୬ତମ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରେସ୍‌ଛକସ୍ଥିତ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା, ସ୍ଥାନ: ଓସମେ ସମ୍ମିଳନୀ କକ୍ଷ, ଖପୁରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟକ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ୨ ଦିନିଆ ବାଳିକା ବାଳକ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ମିନି ଷ୍ଟାଡିୟମ ପାଞ୍ଚଗାଁ, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଭେକ୍ଟର ବର୍ଣ୍ଣ ଡିଜିଜ୍ ଉପରେ ଆନ୍ତର୍ଜାତିକ କର୍ମଶାଳା, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ସରଗି ଫୁଲ ଉତ୍ସବ-୨୦୨୫, ସ୍ଥାନ: ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ, ନୀଳଗିରି, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ାଶ ଗ୍ରାମପଞ୍ଚାୟତ ସମ୍ମୁଖ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ୟାଘ୍ର ଗଣନାର ଦ୍ୱିତୀୟ ଦିନ, ସ୍ଥାନ: କୁଲଡ଼ିହା ଅଭୟାରଣ୍ୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମତ୍ସ୍ୟ ଦିବସ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ବାଲେଶ୍ୱର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- 'ବିକଶିତ ଭାରତ ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ମାଟିପକା ନବରାତ୍ର ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ମହତାବ ସେବା ସଦନ, ଧାମନଗର, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର

- ରନ୍ ଫର ୟୁନିଟ୍, ସ୍ଥାନ: ଘସିପୁରା, ଆନନ୍ଦପୁର, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ : ମରେଇଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ପ୍ରବଚନ ଏବଂ ଭଜନ ସମାରୋହ, ସ୍ଥାନ: ସରଳା, ରାଧାନଗର ପାଟଣା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ସକାଳ ୮ଟା।
- ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ କ୍ରୀଡ଼ା ଉତ୍ସବ, ସ୍ଥାନ: ହାତୀମଡ଼ା ଫୁଟବଲ ପଡ଼ିଆ, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ ସରଗୀଫୁଲ ଓ ଭଲିବଲ ପ୍ରତିଯୋଗିତା, ସ୍ଥାନ:ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଅସନଯୋଡ଼ା, କୁଳିଅଣା,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ମେଳା,ସ୍ଥାନ:ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ପ୍ରଥମ ବାର୍ଷିକ ଉତ୍ସବର ହୋମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ:ବେତନଟୀ ଜଗନ୍ନାଥ ମନ୍ଦିର, ବେତନଟୀ ବ୍ଲକ,ସମୟ: ଅପରାହ୍ନ ୧ଟା।

## ବ୍ରହ୍ମପୁର

- ବିଇଏମ୍‌ସି ସାଧାରଣ ବୈଠକ,ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ପରଙ୍କୁଶ ବିଦ୍ୟାପୀଠ, ସାମନ୍ତିଆପଲ୍ଲୀ ପାତ୍ରପୁର, ସମୟ: ସକାଳ ୯ ଟା।
- ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦଘାଟନ ଉତ୍ସବ, ସ୍ଥାନ: ଦିଗପହଣ୍ଡି କରଣ ସାହି , ସମୟ : ମଧ୍ୟାହ୍ନ ୧୨ଟା ୩୦।

## କନ୍ଧମାଳ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନ ବିହାର କାର୍ଯ୍ୟକ୍ରମ, ସ୍ଥାନ: ଡୁଲୁରୀ, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ମତ୍ସ୍ୟ ସମ୍ପଦ ଦିବସ, ସ୍ଥାନ: ଫୁଲବାଣୀ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରୋଗୀ କଲ୍ୟାଣ ସମିତିର ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।

## ଗଜପତି

- ଜିଲ୍ଲାସ୍ତରୀୟ ମତ୍ସ୍ୟ ଦିବସ ପାଳିତ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଭାଗବତ କଥାମୃତ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ବାର୍ଷିକ କ୍ରୀଡ଼ା ସମାରୋହ, ସ୍ଥାନ : ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳ ପଡିଆ, ସମୟ: ସକାଳ ୭ଟା ୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ମିଶନ ସିନ୍ଦୁର ସଙ୍ଗଠନ ପକ୍ଷରୁ ନାରୀ ନିର୍ଯାତନା ଉପରେ ସଚେତନତା କାର୍ଯ୍ୟକ୍ରମ ସ୍ଥାନ: ଉଦୟବଟ ବସ୍ତି, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ତୁଳସୀ କ୍ଷେତ୍ର କଳାକାର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଚଣ୍ଡିଆ ପ୍ୟାଲେସ, ଶ୍ୟାମସୁନ୍ଦରପୁର ଛକ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରୀପୁରା କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାତ୍ସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା, ସ୍ଥାନ : ବ୍ୟାସନଗର ଚୋରଦା କାଳୀ ମେଳଣ ପଡିଆ, ସମୟ : ସକାଳ ୭ଟା।
- ୮୮ତମ କାର୍ତ୍ତିକେଶ୍ୱର ପୂଜା ଉତ୍ସବ, ସ୍ଥାନ : ବ୍ୟାସନଗର ମାଲଗୋଦାମ ବଜାର, ସମୟ : ସକାଳ ୮ଟା।
- ଓଡିଶା ଫୁଡ କମିଶନଙ୍କ ନଗଡା ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ସୁକିନ୍ଦା ବ୍ଲକ ନଗଡା, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଏକାଦଶ ସାଧାରଣ ବୈଠକ, ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସ୍ଥାନ: ପୂର୍ବାହ୍ନ ୧୦ଟା ୩୦ ।
- ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଭାପୁର ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ବି ଗ୍ରୁପ୍‌ର ୫ମ ଦିବସ ୨ୟ ସେମି ଫାଇନାଲ ମ୍ୟାଚ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲା ମହୋତ୍ସବ, ପଲ୍ଲୀଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପୁସ୍ତକମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ଅପରାହ୍ନ ୪ଟା।
- ଦେବ ଦୀପାବଳି ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସଂଧ୍ୟା ୬ଟା ।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସ 'ଚଇତି' ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରାୟଗଡା, ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନଁ ଗୁଡାରି ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ମଣ୍ଡେଇ ୨୦୨୫ ଉପଲକ୍ଷେ ଭୂମି ପୂଜନ, ସ୍ଥାନ: ନୂତନ ମଣ୍ଡେଇ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ସାଂସ୍କୃତିକ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନନ୍ଦପୁର ବସଷ୍ଟାଣ୍ଡ ଓ ଆଦିବାସୀ ମଞ୍ଚ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଗିଫୁଲ ଉଦଯାପନୀ ଉତ୍ସବ, ସ୍ଥାନ: ଏସଏସଡ଼ି ବିଦ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୌର ପରିଷଦର ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ପରିଷଦ ସଭାଗୃହ, ସୁନାବେଡା, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ଅବସରପ୍ରାପ୍ତ ଭାରତୀୟ ଜୀବନ ବୀମା ଅଧିକାରୀ ସଂଘର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା
- ସମ୍ବଲପୁର ଧନୁଯାତ୍ରା ସକାଶେ ପାଣ୍ଡୁଲିପି ପୂଜା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବର ମଞ୍ଚ ପୂଜା ସହ ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆସିଲା ଗଣିତ, ପଚାରିଲା ମୋତେ**
**ବାରରୁ ତିରିଶ ଗଲା, ରହିଲା କେତେ ?**

ଏହା ଏକ ଗାଣିତିକ ପ୍ରଶ୍ନ । ଏଠାରେ ବାର ବା ବାର ମାସରୁ ତିରିଶ ଅର୍ଥାତ୍ ଏକ ମାସ ଗଲେ ଆଉ ବଳକା ଏଗାର ମାସ ରହିଥିବା ନେଇ ଏଭଳି ପ୍ରହେଳିକା ପ୍ରକାଶ କରାଯାଇଛି।

**ଆପୁଆ ଚୋର,ଗଞ୍ଜେୟା ଭୋଳ,**
**ଧୂଆଁ ପତୁରିଆ ଘରେ ନିତି ଗୋଳ ।**

ଅଫିମ ଖାଉଥିବା ବ୍ୟକ୍ତି ସର୍ବଦା ନିଶାଗ୍ରସ୍ତ ହୋଇ ରହିଥାଏ । ଅଫିମ ଖାଇବା ପାଇଁ ପଇସା ନଥିଲେ ଚୋରି କରିବାକୁ ପଛାଇ ନ ଥାଏ । ଗଞ୍ଜେଇ ଖାଉଥିବା ବ୍ୟକ୍ତି ନିଶା ରେ ଭୋଳ ହୋଇ ରହିଥାଏ । ସେହିପରି ନାସ ଧୂଆଁରେ ଅଭ୍ୟସ୍ତ ବ୍ୟକ୍ତି ଘରେ କଳିଝଗଡ଼ା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଲ୍ୟାଣ୍ଡ୍ ମ୍ୟାପିଂ ପାଇଁ...

ଲାଗିଥାଏ। ସାମ୍ପ୍ରତିକ ସମୟରେ ଦୂରବର୍ତ୍ତୀ ଭୂଖଣ୍ଡର ଚିତ୍ର ପାଇଁ ଡ୍ରୋନଗୁଡ଼ିକୁ ଗ୍ରହଣ କରାଯାଇଛି। ଏକ ପଠନୀୟ ମାନଚିତ୍ର ପାଇଁ କ୍ୟାପଚର ହୋଇଥିବା ଭୂଚିତ୍ରଗୁଡ଼ିକର ଲ୍ୟାବ୍ ପ୍ରକ୍ରିୟାକରଣ ଭାବେ ବ୍ୟୟ ବହୁଳ ୱାର୍କଷ୍ଟେଶନରେ ଏବେ ବି ଏକ ସମୟସାପେକ୍ଷ ପ୍ରକ୍ରିୟା ଅଟେ। ସାରାବିଶ୍ୱରେ ଡିପ୍ ଲର୍ନିଂ ବା ଗଭୀର ଅଧ୍ୟୟନ ମଡେଲଗୁଡ଼ିକ ବିକଶିତ ହେଉଛି। କିନ୍ତୁ ଅନେକ ସମୟରେ ଗହଳି ଯଥା ଭିଡ଼ ଟ୍ରାଫିକ ଯୋଗୁ ମଡେଲମାନେ ରିଅଲ୍ ଟାଇମ୍ ମ୍ୟାପିଂ କରିବାରେ ଅସମର୍ଥ ବା ଅସ୍ଥିର ମାନଚିତ୍ର ସୃଷ୍ଟି କରିଥାନ୍ତି। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ରାଉରକେଲା ଏନ୍‌ଆଇଟି ଗବେଷକ ଦଳ ଏକ ଡିପ୍ ଲର୍ନିଂ ମଡେଲ ବିକଶିତ କରିଛନ୍ତି, ଯାହା ଡ୍ରୋନକୁ ରିଅଲ୍ ଟାଇମ୍‌ରେ ଭୂମି ବୈଶିଷ୍ଟ୍ୟକୁ ଚିହ୍ନଟ କରିଥାଏ। ପାରମ୍ପରିକ ଡ୍ରୋନଗୁଡ଼ିକ କେବଳ ପରବର୍ତ୍ତୀ ବିଶ୍ଳେଷଣ ପାଇଁ ଚିତ୍ର ସଂଗ୍ରହ କରେ। ଭୂମାନଚିତ୍ର ସମସ୍ତ ପ୍ରକ୍ରିୟାକରଣ ସ୍ୱୟଂ ଏକକାଳୀନ ଏହା କରିଥାଏ। ଏହି ପ୍ରକ୍ରିୟା ସ୍ୱାବଲମ୍ବୀ ଏବଂ ଯୋଗାଯୋଗ ଅଭାବ, ନେଟ୍‌ୱାର୍କ ନ ଥିବା ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥାଏ। ଉକ୍ତ ମଡେଲ ଦ୍ୱାରା ସରକାରୀ ଏଜେନ୍ସିଗୁଡ଼ିକ ଏହା କମ୍ ବ୍ୟୟରେ ଭୂମି ରେକର୍ଡ ଆଧୁନିକୀକରଣ, ସହରାଞ୍ଚଳ ଯୋଜନା ଓ ସ୍ମାର୍ଟସିଟି ବିକାଶରେ ପ୍ରୟୋଗ, କୃଷି ବିଭାଗରେ ଫସଲ ଅବସ୍ଥା, ମୃତ୍ତିକା ସ୍ୱାସ୍ଥ୍ୟ ଓ ଜଳସେଚନ ଆବଶ୍ୟକତାକୁ ତୁରନ୍ତ ମୂଲ୍ୟାଙ୍କନ କରିପାରିବ। ଯାହାଦ୍ୱାରା ଉତ୍ପାଦନ ଓ ସ୍ଥାୟିତ୍ୱ ଉଭୟକୁ ଉନ୍ନତ କରାଯାଇପାରିବ। ସେହିପରି ବନ୍ୟା, ଭୂସ୍ଖଳନ, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ବ୍ୟବସ୍ଥା ତୁରନ୍ତ ଭୂଖଣ୍ଡର ସୂଚନା ପ୍ରଦାନ କରିପାରିବ। ଅନୁରୂପ ଭାବେ ପରିବେଶ ଓ ଜଙ୍ଗଲ ବିଭାଗ ଏହାକୁ ଜଙ୍ଗଲ କ୍ଷୟ ଜବରଦଖଲ ଏବଂ ଜୈବ ବିବିଧତା ପରିବର୍ତ୍ତନ ନିରୀକ୍ଷଣ କରିବା ପାଇଁ ବ୍ୟବହାର କରିପାରିବ। ଏହି ମଡେଲକୁ ନେଇ ଏନ୍‌ଆଇଟି ରାଉରକେଲା ଏବଂ ଆଇଆଇଟି ପାଟନା ବିଶ୍ଳେଷଣ ଆଇ-ହବ୍ ଫାଉଣ୍ଡେଶନ(ଟିଆଇଏଚ୍ ଆଇଆଇଟି ପାଟନା)କୁ ମିଳିତ ଭାବରେ ଏକ ଭାରତୀୟ ପେଟେଣ୍ଟ ପ୍ରଦାନ କରାଯାଇଛି। କାରଣ ଟିଆଇଏଚ୍ ଆଇଆଇଟି ପାଟନା ଭାରତ ସରକାରଙ୍କ ଡିଏସଟିର ନ୍ୟାଶନାଲ୍ ମିଶନ୍ ଅନ୍ ଇଣ୍ଟରଡିସିପ୍ଲିନାରୀ ସାଇବର ଫିଜିକାଲ ସିଷ୍ଟମ(ଏନ୍‌ଏମ୍-ଆଇସିପିଏସ୍) ମାଧ୍ୟମରେ ଏହି ଗବେଷଣାକୁ ପ୍ରୋତ୍ସାହନ ଦେଇଛି। ଏ ସମ୍ପର୍କରେ ଅଧିକ ଆଲୋକପାତ କରି ଗବେଷକ ପ୍ରଫେସର ବକ୍ସି କହିଛନ୍ତି, ୨.୪୧ ନିୟୁତ ପାରାମିଟର ସହିତ ଏକ ହାଲୁକା ଏଆଇ ମଡେଲ ବ୍ୟବହାର କରାଯାଇଛି। ଯାହାଦ୍ୱାରା ଲମ୍ବା ଉଡାଣ ସମୟ ପାଇଁ ହାଲୁକା ଡିଜାଇନ ହୋଇଥିବା ଡ୍ରୋନ୍। ଏହା ଯଥେଷ୍ଟ କ୍ଷୁଦ୍ର ପ୍ରୋସେସର ବହନ କରି ଠିକ୍ ମାନଚିତ୍ର ପ୍ରସ୍ତୁତ କରିଥାଏ ବୋଲି ପ୍ରଫେସର ବକ୍ସି କହିଥିଲେ। ସୂଚନାଯୋଗ୍ୟ, ଏହି ବିକଶିତ ପ୍ରଯୁକ୍ତିବିଦ୍ୟା ଭାରତ ସରକାରଙ୍କ ଡିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ସମେତ ପଦକ୍ଷେପ ଏବଂ ସ୍ମାର୍ଟ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ପ୍ରଫେସର ସମ୍ବିତ ବକ୍ସି



ଡ. ଦେବବ୍ରତ ପାଲ ଚୌଧୁରୀ



ଡ. ତନ୍ମୟ କୁମାର ବେହେରା



କାମେଲିଆ ରାୟ

### ରାଜ୍ୟପାଳ, ରାଷ୍ଟ୍ରପତିଙ୍କୁ ...

ଅବରୋଧାତ୍ମକ ଆଭିମୁଖ୍ୟ ଗ୍ରହଣ କରିପାରିବେ ନାହିଁ। ଅନୁଚ୍ଛେଦ ୨୦୦ ଅନୁଯାୟୀ, ବିଲ୍‌କୁ ମଞ୍ଜୁରୀ ପ୍ରଦାନ ସମ୍ପର୍କରେ ନିଷ୍ପତ୍ତି ନେବାର ବିବେକାନୁମୋଦିତ କ୍ଷମତା ରାଜ୍ୟପାଳଙ୍କର ରହିଛି। କ୍ୟାବିନେଟ୍‌ର ସହାୟତା ଓ ପରାମର୍ଶରେ ସେ କାର୍ଯ୍ୟ କରିବାର ଆବଶ୍ୟକ ନାହିଁ। ତେବେ ରାଜ୍ୟପାଳ ଯଦି ମଞ୍ଜୁରୀ ପ୍ରଦାନକୁ ସ୍ଥଗିତ ରଖନ୍ତି, ତେବେ ତାହାକୁ ବିଧାନସଭାକୁ ଫେରାଇ ଦିଆଯିବା ଜରୁରୀ। ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ ହୋଇପାରିବ ନାହିଁ। ସେହିପରି ବିଳମ୍ବ କାରଣରୁ ବିଲ୍ ଗୃହୀତ ହୋଇଥିବା ଧରାଯିବା ମଧ୍ୟ ସାମ୍ବିଧାନିକ ଭାବନା ଏବଂ କ୍ଷମତା ପୃଥକୀକରଣ ସିଦ୍ଧାନ୍ତର ବିରୁଦ୍ଧାଚରଣ କରୁଥିବା ପ୍ରଧାନ ବିଚାରପତି କହିଛନ୍ତି। ନିଷ୍ପତ୍ତି ନେବା ପାଇଁ ରାଜ୍ୟପାଳଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯାଉ ନ ଥିବାବେଳେ ସାମ୍ବିଧାନିକ ଅଦାଲତ ସେଗୁଡ଼ିକର ଯାଞ୍ଚ କରିପାରିବେ। ସେହିପରି ଅଦାଲତ ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ କେବଳ ରାଜ୍ୟପାଳଙ୍କୁ ଏକ ଉଚିତ ସମୟ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। କେନ୍ଦ୍ର, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ପକ୍ଷ ସମ୍ପୃକ୍ତ ଥିବା ଏହି ମାମଲାର ୧୦ ଦିନିଆ ଶୁଣାଣି ଗତ ସେପ୍ଟେମ୍ବର ୧୧ରେ ଶେଷ ହେବା ପରେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ।

ରାଜ୍ୟ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ପ୍ରଦାନ ଲାଗି ଗତ ଏପ୍ରିଲ ୮ରେ ୨ ଜଣିଆ ଖଣ୍ଡପୀଠ ରାଜ୍ୟପାଳଙ୍କ ପାଇଁ ୩ ମାସ ଏବଂ ରାଷ୍ଟ୍ରପତିଙ୍କ ପାଇଁ ୧ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଷ୍ଟ୍ରପତି ମୁର୍ମୁ ସର୍ବୋଚ୍ଚ ଅଦାଲତଙ୍କୁ ଆଇନ ଉପରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ଏପ୍ରିଲ ୮ ରାୟର ସଂଶୋଧନ ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ବିଲ୍‌କୁ ପକାଇ ରଖିବା କ୍ଷମତା ରାଜ୍ୟପାଳମାନଙ୍କର ନାହିଁ ବୋଲି ସେ କହିବା ସହ ୨ ସର୍ବୋଚ୍ଚ ସାମ୍ବିଧାନିକ ପଦାଧିକାରୀଙ୍କ ଉପରେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ ବୋଲି କହିଥିଲେ। ନିର୍ଣ୍ଣୟ ଉପଲବ୍ଧ ଥିଲେ ଗୋଟିଏ ସାମ୍ବିଧାନିକ ସଂଗଠନ ଅନ୍ୟ ସାମ୍ବିଧାନିକ ସଂଗଠନ ଉପରେ ପରମାଦେଶ ଜାରି କରିପାରିବେ କି ବୋଲି ମେହେଟ୍ଟା ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ତାମିଲନାଡୁ ସମେତ କେରଳ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ କର୍ନାଟକ ଆଦି ଅନେକ ରାଜ୍ୟ ପ୍ରେସିଡେନ୍ସିଆଲ ରେଫରେନ୍ସକୁ ବିରୋଧ କରିବା ସହ ଏପ୍ରିଲ୍ ୮ ରାୟ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ ବଳବତ୍ତର ରହିବାକୁ ସେମାନେ ନିବେଦନ କରିଥିଲେ।

### ରଥଯାତ୍ରା ଦଳାଚକଟା ...

ଶ୍ରୀ ଗୁଣ୍ଡିଚା ମନ୍ଦିର-ପୁରୀ ନିକଟରେ ଜିଲା ନିୟନ୍ତ୍ରଣ କକ୍ଷରେ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ରହିଥିଲା। ଭକ୍ତମାନଙ୍କ ଦୁର୍ଲଭ ଦର୍ଶନ ପାଇଁ ଭିଡ଼ ନିୟନ୍ତ୍ରଣ କରିବାରେ ସେ ଉଭୟ ପୋଲିସ୍ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଜିଲା କଣ୍ଟ୍ରୋଲ୍ ରୁମ୍‌ରେ କର୍ତ୍ତବ୍ୟ ପାଳନ ସମୟରେ ଏସିଏଫ୍ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଗୁରୁତର ଅବହେଳା ହୋଇଥିଲା। ଉନ୍ନୟନ ଆୟୁକ୍ତଙ୍କ ଦ୍ୱାରା ତଦନ୍ତରୁ ଜଣାଯାଇଛି, ବରିଷ୍ଠ ଅଧିକାରୀମାନଙ୍କ ସହିତ ଏସିଏଫ୍ ବେହେରା କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଥିଲା। ଜୁନ୍ ୨୯ ତାରିଖ ରାତି ୩ଟା ସମୟରେ ରଥ ନିକଟରେ ଅତିରିକ୍ତ ଭିଡ଼ ସୃଷ୍ଟି ହେବାରୁ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଓ ୧୨ ଜଣ ଆହତ ହୋଇଥିଲେ। କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ ଥିବା ଏସିଏଫ୍ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ପରିସ୍ଥିତିର ବିକାଶ ଉପରେ ସତର୍କ ରହିବା ଓ ଆବଶ୍ୟକତାନୁସାରେ ଉଚ୍ଚ ଅଧିକାରୀଙ୍କୁ ସୂଚିତ କରିବା କଥା, ହେଲେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ପରିଲକ୍ଷିତ ହୋଇଥିଲା। ବିଶେଷକରି ରଥରେ ଥିବା ସେବାୟତମାନଙ୍କ ସହିତ ଏ ନେଇ ଆଲୋଚନା ନ କରିବା ଅବହେଳା ଏଥିପାଇଁ ମୁଖ୍ୟତଃ ଦାୟୀ। ଏହାକୁ ଆଧାର କରି ଏସିଏଫ୍ ବେହେରାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ଏସିଏସ୍ ସାହୁ ପତ୍ରରେ ଦର୍ଶାଇଛନ୍ତି।

### ହୃଦ୍‌ଘାତରେ ମୃତ୍ୟୁ ...

ବସ୍ କଣ୍ଡକ୍ଟର ବାଲାଜୀ ନାୟକ ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ସାଇକ୍ରିଷ୍ଣାଙ୍କୁ କୋରାପୁଟ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମଧ୍ୟରାତ୍ରରେ ତାଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ଅନ୍ୟ ଜଣେ ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ସୁରକ୍ଷିତ ଅବସ୍ଥାରେ ବସ୍‌କୁ ମାଲକାନଗିରିରେ ପହଞ୍ଚାଇଛନ୍ତି। କୋରାପୁଟରୁ ସାଇକ୍ରିଷ୍ଣାଙ୍କ ମୃତଶରୀର ଗୁରୁବାର ସକାଳେ ମାଲକାନଗିରିରେ ପହଞ୍ଚିବା ପରେ ସହରବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମାଲକାନଗିରି ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ କର୍ମଚାରୀମାନେ ସଭାକରି ଶୋକ ପାଳନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କାରଣରୁ ଆପଣଙ୍କ ଉନ୍ନତ ଚିନ୍ତାଧାରା କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ବ୍ୟୟାଧିପ ହେତୁ ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ରଚନାତ୍ମକ କାମ, ଆନୁଷ୍ଠାନିକ କାମ, ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ। ବକେୟା ଅର୍ଥପ୍ରାପ୍ତି ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବ ।

**ବୃଷ**
ଆଜି ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ବିବାଦରେ ପଶିଲେ ଅପଦସ୍ଥ ହେବେ। ବନ୍ଧୁ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଦୂରଯାତ୍ରା, ପ୍ରଶାସନ, ବାଣିଜ୍ୟ ଓ ବ୍ୟବସାୟ ତଥା ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**
ରାଶି ପ୍ରତି ରାହୁଙ୍କ ଦୃଷ୍ଟି କାରଣରୁ ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଅର୍ଥ ସମ୍ବନ୍ଧୀୟ ଆଲୋଚନା, କ୍ରୟବିକ୍ରୟ ଚୁକ୍ତିପତ୍ର ସକାଶେ ଦିନଟି ଭଲ। ଆନୁଷ୍ଠାନିକ କାମରେ ମାନସିକ ଆଘାତ ପାଇପାରନ୍ତି। ପ୍ରିୟଜନଙ୍କ ସହାୟତାରେ ସମସ୍ୟାର ସରଳ ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି।

**କର୍କଟ**
ଭାଗ୍ୟାଧିପତି ବୃହସ୍ପତି ରାଶିରେ ଅବସ୍ଥାନ କରିଥିବାରୁ ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ସହାନୁଭୂତି ପାଇପାରିବେ। ରବିଙ୍କ ଦୁର୍ବଳତା କାରଣରୁ ଧନହାନି ଓ କାମର ଚାପ ମାନସିକ ଶାନ୍ତିକୁ ନଷ୍ଟ କରିବ। ପଡ଼ୋଶୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସମାଲୋଚନାର ଶରବ୍ୟ ହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସମ୍ମାନ ପାଇ ଖୁସି ହେବେ।

**ସିଂହ**
ରାଶିରେ କେତୁ ଅବସ୍ଥାନ କରିଥିବାରୁ ମାନସିକ ସ୍ଥିତି ବିକ୍ଷିପ୍ତ ରହିବ। ବିବାଦୀୟ ଘଟଣାରେ ବିଜୟୀ ହେଲେ ମଧ୍ୟ ସଂଘର୍ଷପୂର୍ଣ୍ଣ ସ୍ଥିତି ବଳବତ୍ତର ରହିପାରେ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ସଫଳ ହେବେ। ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ସାମୟିକ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି।

**କନ୍ୟା**
ଧନ ସ୍ଥାନରେ ଧନାଧିପତି ଶୁକ୍ର ରହିଥିବାରୁ ଯାହାଠାରୁ ଯାହା ପାଇବାକୁ ଆଶାବାନ୍ଧି ବସିଛନ୍ତି ତାହା ନିଶ୍ଚିତ ପାଇବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ।

**ତୁଳା**
ରାଶ୍ୟାଧିପତିଙ୍କ ସ୍ୱଗୃହ ସଂସ୍ଥାନ କାରଣରୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କର୍ମକ୍ଷେତ୍ରରେ ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିନେବେ। ବନ୍ଧୁମିଳନ, ପାରିବାରିକ ସଦ୍‌ଭାବ ସାଙ୍ଗକୁ ଭ୍ରମଣ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ତଥାପି ଜିନିଷପତ୍ର ହଜିଯିବା ଆଶଙ୍କା ରହିଛି।

**ବିଛା**
ଚତୁଃ ଗ୍ରହ ପ୍ରଭାବରେ ରାଜଯୋଗର ଫଳ ସ୍ୱରୂପ ସାମାଜିକ ପ୍ରତିଷ୍ଠା ହାସଲ କରିପାରନ୍ତି। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ**
ଆପଣଙ୍କ ରାଶିକୁ ଶନିଙ୍କର ଦଶମ ଦୃଷ୍ଟି ରହିଥିବାରୁ ସରଳ ଭାବେ ଅନ୍ୟକୁ ବିଶ୍ୱାସକରି ହଇରାଣ ହେବେ। ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ। ବନ୍ଧୁ ସମ୍ପର୍କ ବୃଦ୍ଧି ସାଙ୍ଗକୁ ଜମିଜମା କଥାବାର୍ତ୍ତା ପ୍ରଭୃତିରେ ଉନ୍ନତ ଫଳ ପାଇବେ। ପରିବାରରେ ଅର୍ଥସଙ୍କଟ ଥିବାରୁ ସାମାନ୍ୟ ବିଚଳିତ ଅନୁଭବ କରିପାରନ୍ତି।

**ମକର**
ବୃହସ୍ପତିଙ୍କ ଦୃଷ୍ଟିଜନିତ ମାନସିକ ଚାପ ସାଙ୍ଗକୁ ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ କଳହ ସୃଷ୍ଟିହେବ। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟିକରିବ। ଦୀର୍ଘ ସମୟ ପ୍ରତୀକ୍ଷା କରି ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**
ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ସୃଷ୍ଟିହୋଇପାରେ। ଅଭିମାନ କରିଥିବା ବନ୍ଧୁଙ୍କୁ ମନଭୁଲା କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇବେ। ବହୁ ଦିନରୁ ବାକି ପଡ଼ିଥିବା ଟଙ୍କା ଆଜି ଚେଷ୍ଟାକଲେ ଫେରିପାରିବେ।

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ସହ କର୍ମାରମ୍ଭ ପାଇଁ ମନ ବଳାଇବେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ନଭେମ୍ବର ୨୧ତାରିଖ, ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ବୈଜ୍ଞାନିକ ସି.ଭି.ରମଣଙ୍କ ତିରୋଧାନ ଦିବସ, ମାର୍ଗଶିର ଶୁକ୍ଳ ଦ୍ୱିତୀୟା ଶୁକ୍ରବାର,ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରାଦ୍ଧବେଶ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ. ୦୧।୫୫ ମି. ଗତେ ଜ୍ୟେଷ୍ଠା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ. ୦୬।୦୨ ଗତେ, ଘ.୦୬।୪୬ ମଧ୍ୟେ, ଘ.୦୭।୩୦ ଗତେ, ଘ.୦୮।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ମି. ଗତେ, ଘ. ୦୩।୨୨ ମି. ମଧ୍ୟେ ରାହୁକାଳ ।

# ରାଷ୍ଟ୍ରପତିଙ୍କୁ ଝାରସୁଗୁଡ଼ା ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୨୦।୧୧
(ଆଶିଷ ରଞ୍ଜନ ଦାଶ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛତିଶଗଡ଼ ଅମ୍ବିକାପୁରର ସୁରଗୁଜାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗୁରୁବାର ପୂର୍ବାହ୍ନ ୧୦ଟା ୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନଯୋଗେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲେ। ଏଠାରେ ତାଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଆର୍‌ଡିସି ସଚିନ ରାମଚନ୍ଦ୍ରନ ଯାଦବ, ଆଇଜିପି ହିମାଂଶୁ ଲାଲ, ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କୁ ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ର ବିଧାୟକ ଉପହାର


ଝାରସୁଗୁଡ଼ା ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପହଞ୍ଚିବା ପରେ ସ୍ୱାଗତ କରାଯାଇଛି।

ଦେଇଥିଲେ। ଏହାପରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଛତିଶଗଡ଼ ଅମ୍ବିକାପୁରର ସୁରଗୁଜାକୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ହେଲିକପ୍ଟର ଯୋଗେ ବାହାରି ଅପରାହ୍ନ ୧ଟା ୩୫ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିଥିଲେ। ଏଠାରୁ ପୁଣି ଅପରାହ୍ନ ୧ଟା ୪୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆନ୍ଧ୍ରପ୍ରଦେଶର ତିରୁପତି ବିମାନବନ୍ଦର ଅଭିମୁଖେ ଯାତ୍ରା କରିଥିଲେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଝାରସୁଗୁଡ଼ା ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ଅନୁସାରେ ହୋଇଥିବା ଝାରସୁଗୁଡ଼ା ବିମାନବନ୍ଦର ଅଧିକାରୀ ଉପେନ୍ଦ୍ର ନାଥ ଧୂଣ୍ଡିଆ ସୂଚନା ଦେଇଛନ୍ତି।

# ଲୋପାମୁଦ୍ରା ମିଶ୍ରଙ୍କୁ ‘୫ମ ଅକ୍ଷୟ ଉପନ୍ୟାସ ପୁରସ୍କାର’



ଔପନ୍ୟାସିକା ଲୋପାମୁଦ୍ରା ମିଶ୍ରଙ୍କୁ ‘ଅକ୍ଷୟ ଉପନ୍ୟାସ ପୁରସ୍କାର’ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୦।୧୧ (ସୌମ୍ୟରଞ୍ଜନ ରାଉତ)

ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ୫ମ ଅକ୍ଷୟ ଉପନ୍ୟାସ ପୁରସ୍କାର ଉତ୍ସବ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଚିତ୍ରଲିପି’ ଉପନ୍ୟାସ ପାଇଁ ଔପନ୍ୟାସିକା ଲୋପାମୁଦ୍ରା ମିଶ୍ରଙ୍କୁ ଆଦ୍ୟା ପ୍ରକାଶନୀର ପ୍ରତିଷ୍ଠାତା ଇଂ. ଅକ୍ଷୟ ଚନ୍ଦ୍ର ରାୟଙ୍କ ପୁଣ୍ୟ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ଅଙ୍ଗବସ୍ତ୍ର, ଚକ୍ରସଂସ୍କୃତିର ପ୍ରତୀକ ଥିବା ବ୍ରୋଞ୍ଜ୍ ନିର୍ମିତ ସରସ୍ୱତୀ ସ୍ମାରକ, ମାନପତ୍ର ସହ ୫୧ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରସ୍କୃତ ଉପନ୍ୟାସକୁ ପଶ୍ଚିମା ପ୍ରକାଶନୀ ପ୍ରକାଶନ କରିଥିବାରୁ ଶିଳ୍ପୀ ଓ ଲେଖକ ଅଶୋକ ମହାନ୍ତିଙ୍କୁ ‘ସୁଧୀ ପ୍ରକାଶକ ସମ୍ମାନ’ ପ୍ରଦାନ କରାଯାଇଥିଲା। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କୁ ‘ପ୍ରିୟ ପାଠକ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଔପନ୍ୟାସିକା ଅର୍ଚ୍ଚନା ନାୟକ, ‘ଚିତ୍ରଲିପି’ର ଲେଖକ ଲୋପାମୁଦ୍ରା ମିଶ୍ର, ଟ୍ରଷ୍ଟ ସଭାପତି ଡ. ପ୍ରତିଭା ରାୟ, ଅନୁଷ୍ଠାନର ଉପସଭାପତି ଡ. ଆଦ୍ୟାଶା ଦାସ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସଦସ୍ୟ ଲଳିତ ଦାସ ଧନ୍ୟବାଦ ଦେଇଥିଲେ।

# ବାପାଙ୍କ ଦଶାହରେ ପୁଅ ମୃତ

ଆସିକା,୨୦।୧୧(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକର ସିଦ୍ଧନୟୀ ପଞ୍ଚାୟତ ଅନ୍ତର୍ଗତ ଅତରଙ୍ଗ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଦଶାହ ପାଇଁ ସମସ୍ତ ଆୟୋଜନ କରିଥିବା ଏକମାତ୍ର ପୁଅଙ୍କ ମୃତ୍ୟୁ ହୋଇଛି। ଅତରଙ୍ଗ ଗ୍ରାମର ଉଦୟ ଗୌଡ(୭୫)ଙ୍କ ଗତ ୧୧ତାରିଖରେ ପରଲୋକ ହୋଇଯାଇଥିଲା। ତାଙ୍କର ଏକମାତ୍ର ପୁଅ ରାଜେନ୍ଦ୍ର(୫୦) ମୁଖାଗ୍ନି ଦେଇ କ୍ରିୟା ଧରିଥିଲେ। ଶୁଦ୍ଧିକାର୍ଯ୍ୟ ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ। ଗୁରୁବାର ଦଶାହ କାର୍ଯ୍ୟ ଲାଗି ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର ବନ୍ଧୁ ପରିଜନଙ୍କ ନିମନ୍ତେ ଆସିକାରୁ ଲୁଗାପଟା ଆଣିଥିଲେ। ବିଳମ୍ବିତ ରାତିରେ ରାଜେନ୍ଦ୍ର ଘରେ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଭୋରରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜେନ୍ଦ୍ରଙ୍କ ବିୟୋଗ ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗୁରୁବାର ଉଭୟ ବାପା ଓ ପୁଅଙ୍କ ଦଶାହ କାର୍ଯ୍ୟ କରାଯାଇଛି।

# ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ବାଉଁଶ, ଔଷଧୀୟ ଉଦ୍ଭିଦ ନେଇ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୧୧(ରବିନାରାୟଣ ଜେନା)

ବାଉଁଶ ହେଉଛି ଓଡ଼ିଶାର ସବୁଜ ଶିଳ୍ପର ଏକ ପ୍ରମୁଖ ଅଂଶ। ବିଶ୍ୱ ଏବେ ସ୍ଥାୟୀ ସାମଗ୍ରୀ, ପରିବେଶ ଅନୁକୂଳ ସ୍ଥାପତ୍ୟ ଏବଂ ପ୍ରାକୃତିକ ତନ୍ତୁ ଆଡ଼କୁ ମୁହାଁଇଛି। ଆଗାମୀ ଦିନରେ ଏହା ଓଡ଼ିଶାର କାରିଗରମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସହିତ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିପାରିବ। ତେଣୁ ବାଉଁଶକୁ ନେଇ ବିସ୍ତୃତ ଖସଡ଼ା ପ୍ରସ୍ତୁତ କରିବା ଲାଗି ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନରେ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ଉପରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଥିଲେ, ପିଢ଼ି ପରେ ପିଢ଼ି ଧରି ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ଆମର ଆଦିବାସୀ ଏବଂ ବନବାସୀ


ଲୋକସେବା ଭବନରେ ବାଉଁଶ ଓ ଔଷଧୀୟ ଉଦ୍ଭିଦ ସଂକ୍ରାନ୍ତ ଜାତୀୟ କର୍ମଶାଳାରେ ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଅଛନ୍ତି।

ସମ୍ପ୍ରଦାୟର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇ ଆସିଛି। ଆଜି ଆମେ ଯାହା କରିବାକୁ ଚେଷ୍ଟା କରୁଛୁ ତାହା ହେଉଛି ଏହି ପାରମ୍ପରିକ ଶକ୍ତିକୁ ଏକ ଆଧୁନିକ ତଥା ଆର୍ଥିକ ଲାଭରେ ପରିଣତ କରିବା, ପରିବେଶଗତ ସନ୍ତୁଳନ ନ ହରାଇ ଏହି ସମ୍ପଦଗୁଡ଼ିକୁ ବଜାୟ ରଖିବା।

ମନ୍ତ୍ରୀ କହିଥିଲେ, ଔଷଧୀୟ ଉଦ୍ଭିଦ ଆମ ଜଙ୍ଗଲର ଆଉ ଏକ ଉପହାର। ଓଡ଼ିଶାର ବୈଦ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟର ଏଗୁଡ଼ିକର ବ୍ୟବହାର ବିଷୟରେ ଗଭୀର ଜ୍ଞାନ ଅଛି। ଔଷଧୀୟ ଉତ୍ପାଦର ଏକ ବିଶାଳ ଚାହିଦା ରହିଛି। ଏହାକୁ ନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହେବା ଦରକାର ବୋଲି ମନ୍ତ୍ରୀ ସିଂହ କହିଥିଲେ।

ସମ୍ମିଳନୀରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦର ମାନବଜଗତ ପ୍ରତି ଥିବା ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ. କେ. ମୁରୁଗେଶନ ପ୍ରମୁଖ ଉପସ୍ଥିତ ଥିଲେ।

# ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ବାତ୍ୟା, ବର୍ଷା ଆଶଙ୍କାରେ ଚାଷୀଙ୍କ ଚିନ୍ତା ବଢ଼ିଲା

ଭୁବନେଶ୍ୱର, ୨୦।୧୧(ବନ୍ଦନା ସେଠୀ)

ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଗୁରୁବାର ସନ୍ଧ୍ୟା ସୁଦ୍ଧା ଘୂର୍ଣ୍ଣିବଳୟଟି ଷ୍ଟ୍ରେଟ୍ ଅଫ୍ ମଲାକ୍କା (ଇଣ୍ଡୋନେସିଆ ଦେଇ ଆଣ୍ଡାମାନ ସାଗରକୁ ସଂଯୋଗ କରୁଥିବା ଜଳପଥ)ର ସମୁଦ୍ରପତ୍ତନଠାରୁ ୫.୮ କିମି ବିସ୍ତୀର୍ଣ୍ଣ ଅଞ୍ଚଳରେ ରହିଛି। ଏହା ପ୍ରଭାବରେ ନଭେମ୍ବର ୨୨ରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ଏହା ଅବପାତ ରୂପ ନେବା ପରେ ଘନୀଭୂତ ହୋଇ ଆହୁରି ଶକ୍ତିଶାଳୀ ହେବ ଓ ଏଥିଯୋଗୁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହାକୁ ନେଇ ବାତ୍ୟା ଆଶଙ୍କା ପ୍ରକାଶ ପାଇଥିଲେ ମଧ୍ୟ ଆଞ୍ଚଳିକ ପାଣିପାଗ କେନ୍ଦ୍ର କିମ୍ବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଏହି ଘୂର୍ଣ୍ଣିବଳୟ ପାଇଁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଅଧିକ ଘନୀଭୂତ ହେବ ଓ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତର ରୂପ ନେଇପାରେ। ପରବର୍ତ୍ତୀ ୪୮ଘଣ୍ଟାରେ ଅର୍ଥାତ୍ ୨୬ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ଏଭଳି ସୂଚନାକୁ ନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବାତ୍ୟା ଓ ବର୍ଷା ଆଶଙ୍କାରେ ଦିନ କାଟୁଛନ୍ତି। ଏବେ ଅମଳ ସମୟ ଆରମ୍ଭ ହୋଇଥିଲେ ମଧ୍ୟ ବିଲରେ ପାଣି ରହିଛି। ପୁଣି ଧାନ ଅମଳ ପାଇଁ ଶ୍ରମିକ ଅଭାବ ଚିନ୍ତା ବଢ଼ାଇଛି। ସାମାନ୍ୟ ବର୍ଷା ହେଲେ ବି ବିଲରେ ଥିବା ପାଚିଲା ଧାନ ନଷ୍ଟ ହେବ ବୋଲି ଚାଷୀମାନେ କହୁଛନ୍ତି।

ଅପରପକ୍ଷେ ଏବେ ସାରା ରାଜ୍ୟରେ ତାପମାତ୍ରା ସାଧାରଣ ରହିଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ପାରଦ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ୪ଟି ସ୍ଥାନରେ ତାପମାତ୍ରା ୧୨ଡିଗ୍ରୀ କିମ୍ବା ଏହାଠାରୁ କମ୍ ରହିଥିବାବେଳେ ୧୨ଟି ସ୍ଥାନରେ ୧୫ ଡିଗ୍ରୀ ତଳେ ପାରଦ ରହିଥିବା ସୂଚନା ଦିଆଯାଇଛି।

# ୨୮ ଯାଏ ବଢ଼ିଲା ଅବଧି

## ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫର୍ମ ପୂରଣ

କଟକ,୨୦।୧୧(କାର୍ତ୍ତିକ ସାହୁ)

୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ଆସନ୍ତା ୨୮ ତାରିଖ ଯାଏ ବଢ଼ାଇ ଦିଆଯାଇଛି। ଅନୁରୂପ ଭାବେ ଅନ୍‌ଲାଇନରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ଅଫଲାଇନ୍‌ରେ ମଧ୍ୟମା ପରୀକ୍ଷା ନିମନ୍ତେ ଫର୍ମ ପୂରଣର ଅବଧିକୁ ମଧ୍ୟ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ରାଜ୍ୟର ବିଭିନ୍ନ ହାଇସ୍କୁଲ ପକ୍ଷରୁ କରାଯାଇଥିବା ଅନୁରୋଧକୁ ରକ୍ଷା କରି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଅବଧି ବଢ଼ାଯାଇଥିବା ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାବାଦ୍ ଆଉ ଫର୍ମ ପୂରଣ ଅବଧି ବଢ଼ାଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ସୂଚନାନୁସାରେ, ନଭେମ୍ବର ୮ରୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ୨୪ ଘଣ୍ଟିଆ ଅନ୍‌ଲାଇନ ଫର୍ମ ପୂରଣ କରାଯାଉଛି। ୨୨ ତାରିଖ ରାତି ୧୧.୪୫ ମିନିଟ ପର୍ଯ୍ୟନ୍ତ ଏହି ଫର୍ମ ପୂରଣର ଅନ୍ତିମ ଅବଧି ରହିଥିଲା। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମଧ୍ୟ ଫର୍ମ ପୂରଣ ଚାଲିଛି। ମାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ଅଫ୍‌ଲାଇନ ମାଧ୍ୟମରେ ନଭେମ୍ବର ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନେ ଫର୍ମ ପୂରଣ କରି ବୋର୍ଡ ଶାଖା କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କେନ୍ଦୁପତ୍ର କର୍ମଚାରୀଙ୍କୁ ୪୧.୧୭ କୋଟି ପ୍ରଦାନ

## ମୁଖ୍ୟମନ୍ତ୍ରୀଙ୍କୁ ଶ୍ରମମନ୍ତ୍ରୀଙ୍କ କୃତଜ୍ଞତା

ଭୁବନେଶ୍ୱର,୨୦।୧୧
(ରବିନାରାୟଣ ଜେନା)

କେନ୍ଦୁପତ୍ର ତୋଳାଳି, ବାଇଣ୍ଡର୍ ଏବଂ ଋତୁକାଳୀନ କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ଗୁରୁବାର ୨୦୨୪-୨୫ ଏବଂ ୨୦୨୫-୨୬ଆର୍ଥିକ ବର୍ଷ ପାଇଁ ୪୧.୧୭ କୋଟି ଟଙ୍କା ବିତରଣ କରାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ଏବଂ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକକାଳୀନ ଏତେବଡ଼ ସହାୟତା ପୂର୍ବରୁ କେବେ ପ୍ରଦାନ କରାଯାଇ ନ ଥିଲା। ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ୮,୫୯,୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ଏକକ ପିଛା ୧୬୦ ଟଙ୍କା, କେରି ବହନକାରି କପଡ଼ା - ଏକକ ପିଛା ୨୦୦ ଟଙ୍କା ଏବଂ ହେଡ୍ କ୍ୟାପ - ଏକକ ପିଛା ୧୦୦ ଟଙ୍କା ହିସାବରେ ୩୯,୫୪,୭୪,୪୨୦.୦୦ ଟଙ୍କା ପ୍ରଦାନ କରାଯାଇଛି। ଏହା କେନ୍ଦୁପତ୍ର ତୋଳାଳିଙ୍କ ଶ୍ରମ ଏବଂ ମୂଲ୍ୟବାନ ଅବଦାନ ପ୍ରତି ରାଜ୍ୟ ସରକାରଙ୍କ ଗଭୀର ସମ୍ମାନର ପ୍ରତୀକ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ୧୮,୭୬୮ ଜଣ ବାଇଣ୍ଡରଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ୍ ପିଛା ୭୦୦ ଟଙ୍କା ହିସାବରେ ୧,୩୧,୩୭,୬୦୦.୦୦ ଟଙ୍କା ପ୍ରଦାନ କରାଯିବା ସହିତ ୧୬,୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ୍ ପିଛା ୧୦୦ ଟଙ୍କା ହାରରେ ୧୬,୨୩,୭୦୦ ଟଙ୍କା ପ୍ରଦାନ କରାଯାଇଛି। ସେ କହିଛନ୍ତି ଯେ, ଏହି ପ୍ୟାକେଜ୍ ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କୁ ବିଭିନ୍ନ ସୁବିଧା, ସୁରକ୍ଷା ଏବଂ ସାମାଜିକ ସମ୍ମାନକୁ ନୂତନ ଉଚ୍ଚତାକୁ ନେବାରେ ନିଶ୍ଚିତ ଭାବେ ସହାୟକ ହେବ।

# ପାଣିରେ ବୁଡ଼ି ୩ ଶିଶୁ ମୃତ

ବାଲିଆପାଳ/ ଖଇରା, ୨୦।୧୧
(ଗୋପାଳ ଚନ୍ଦ୍ର ସାହୁ/ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ଗୁରୁବାର ପାଣିରେ ବୁଡ଼ି ୨ ଶିଶୁକନ୍ୟାଙ୍କ ସମେତ ୩ଜଣ ମୃତ୍ୟୁ ହୋଇଛି। ୨ଶିଶୁ କନ୍ୟାଙ୍କ ମଧ୍ୟରୁ ଜଣଙ୍କ ଘର ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାଶ ଗ୍ରାମରେ ହୋଇଥିବା ବେଳେ ଅନ୍ୟଜଣଙ୍କ ଡଗରା ଗ୍ରାମରେ। ସେହିପରି ମୃତ ଶିଶୁପୁତ୍ର ଖଇରା ଥାନା ବାହାଦଲପୁର ଗ୍ରାମର ବୋଲି ଜଣାପଡିଛି।

ବାଲିଆପାଳ ବ୍ଲକ ବଡ଼ାଶ ଗ୍ରାମରେ ଦୀପକ ରାଉତଙ୍କ ଘରେ ମାଛ ଚାଷ ପାଇଁ କୃତ୍ରିମ ମାଛ ପୋଖରୀ ନିର୍ମାଣ କରାଯାଇଛି। ଦୀପକଙ୍କ ୫ ବର୍ଷର ଝିଅ ବୈଷ୍ଣବୀ ଏବଂ ବଡାଶ ଗ୍ରାମସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିବା ଡଗରା ଗ୍ରାମର ଲୋକନାଥ ବିଶ୍ୱାଳଙ୍କ ଅଢ଼େଇ ବର୍ଷର ଝିଅ ରଶ୍ମିତା ଗୁରୁବାର ଅପରାହ୍ନରେ ଖେଳୁଥିବା ବେଳେ କୃତ୍ରିମ ପୋଖରୀରେ ପଡ଼ି ଯାଇଥିଲେ। ପରିବାର ଲୋକେ ଉଭୟ ବୈଷ୍ଣବୀ ଓ ରଶ୍ମିତାକୁ ଉଦ୍ଧାର କରି ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିତା ବଡ଼ାଶରେ ହେବାକୁ ଥିବା ବିଶ୍ୱଶାନ୍ତି ଯଜ୍ଞ ଦେଖିବାକୁ ଆସିଥିବା ବେଳେ ଏଭଳି ଦୁର୍ଘଟଣାର ଶିକାର ହୋଇଛନ୍ତି। ସେହିପରି ଡଗରପଡା ପଞ୍ଚାୟତ ବାହାଦଲପୁର ଗ୍ରାମର ବସନ୍ତ ବେହେରାଙ୍କର ୬ ବର୍ଷର ପୁଅ ଆଦର୍ଶ କେନାଲରେ ପଡି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ସକାଳ ୯ଟାରେ ଆଦର୍ଶ ନିଜ ପିଉସୀ ମା’ଙ୍କ ସହିତ କେନାଲ ନିକଟରେ ଥିବା ଶିବ ମନ୍ଦିରକୁ ଯାଇଥିଲେ। ପିଉସୀଙ୍କ ଅଲକ୍ଷ୍ୟରେ ଆଦର୍ଶ କେନାଲକୁ ଚାଲିଯିବା ପରେ ପାଣିରେ ବୁଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ମନ୍ଦିର ଭଙ୍ଗାଯିବା ପାଇଁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ପ୍ରଶାସନ ଏହାକୁ ଉଚ୍ଛେଦ କରୁ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ଭିସୁଟ୍ ଛାତ୍ରୀଛାତ୍ର ନିର୍ମାଣକଲେ ଫର୍ମୁଲା ରେସିଂ କାର୍

ସମ୍ବଲପୁର,୨୦।୧୧(ଭବାନୀ ଶଙ୍କର ଭୋଇ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ନୂଆ ଉଦ୍ଭାବନକୁ ସବୁବେଳେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଭିସୁଟ୍‌ର ଭିର ରେସର୍ସ ଇଲେକ୍ଟ୍ରିକ ଟିମ୍‌ରେ ୬୦ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହାଲୁକା ରେସିଂ କାର୍‌ର ସଫଳତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି ଟିମ୍‌ରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ରହିଛନ୍ତି। ଏହି ରେସିଂ କାର୍‌ର ନାମ ‘ଏରେସ’ ଦିଆଯାଇଛି। ଏସେଲେରେଶନ, ଅଟୋକ୍ରସ୍, ଏଣ୍ଡୁରାନ୍ସ ଓ ସ୍କିଡ୍‌ପ୍ୟାଡ୍ ଭଳି ଚାଳନା ଆଧାରିତ ପରୀକ୍ଷାରେ ଏହି ରେସିଂ କାର୍‌ର ସ୍ଥିରତା, ନିୟନ୍ତ୍ରଣ ଭାର ସମନ୍ୱୟ ସ୍ପଷ୍ଟ ହୋଇଛି। ଏହି ଟିମ୍‌ର ମାର୍ଗଦର୍ଶକ ଡ. ଦେବାଶିଷ ତ୍ରିପାଠୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ଛାତ୍ରମାନେ କିଛି ନୂଆ କରିବାର ଚେଷ୍ଟା ସବୁବେଳେ କହି ଆସିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାର୍‌ର ଡିଜାଇନଠାରୁ ଆରମ୍ଭକରି ୱେଲ୍‌ଡିଂ ପର୍ଯ୍ୟନ୍ତ ସବୁକିଛି ଛାତ୍ରୀଛାତ୍ରମାନେ ନିଜେ ତିଆରି କରିଛନ୍ତି। ପ୍ରାୟ ୭ମାସ ଧରି ଗବେଷଣା ଏବଂ କାମ


ଭିସୁଟ୍ ପକ୍ଷରୁ ନିର୍ମିତ ରେସିଂ କାର୍ ଏରେସ୍ ସହ ପୁରସ୍କାର ପାଇଥିବା ଛାତ୍ରୀଛାତ୍ରଙ୍କ ଟିମ୍।

କରିବା ପରେ ଏହି ରେସିଂ କାର୍ ତିଆରି ହୋଇପାରିଛି। ଏହି କାର୍‌ରେ ସୁରକ୍ଷାଠାରୁ ଆରମ୍ଭକରି ସ୍ପିଡ୍ ପର୍ଯ୍ୟନ୍ତ ସବୁଥିରେ ନିଜର ପାରଦର୍ଶିତା ହାସଲ କରିପାରିଛି।

- ସବୁଠୁ ହାଲୁକା ଗାଡ଼ି ବର୍ଗରେ ଜାତୀୟ ବିଜେତା
- ଇମ୍ପିରିଆଲ-୨୦୨୫ରେ ଅଲ୍ ଇଣ୍ଡିଆ ଦ୍ୱିତୀୟ ସ୍ଥାନ

କାର୍ ତିଆରି କରିଥିବା ଛାତ୍ରମାନଙ୍କ ଟିମ୍ କ୍ୟାପ୍ଟେନ ସାଇଶଙ୍କର ପଟ୍ଟନାୟକ କହିଛନ୍ତି, କୋଏମ୍ବାଟୁରର କୋଷ୍ଟ ହାଇପର୍‌ଫରମାନ୍ସ ସେଣ୍ଟରଠାରେ ଅକ୍ଟୋବର ୩୦ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜାତୀୟସ୍ତରର ଏହି ଫର୍ମୁଲା ଇମ୍ପିରିଆଲ-୨୦୨୫ ପ୍ରତିଯୋଗିତାରେ ଇଲେକ୍ଟ୍ରିକ ବିଭାଗରେ ଭିସୁଟ୍ ଦଳ ଅଲ୍ ଇଣ୍ଡିଆ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ପ୍ରତିନିଧିଭାବେ ଭିସୁଟ୍ ଅଂଶଗ୍ରହଣ କରିଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ଶୀର୍ଷ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଦଳଗୁଡିକ ସାମିଲ ହୋଇଥିଲେ। ତେଣୁ ଏହି ପ୍ରତିଯୋଗିତା ମାଧ୍ୟମରେ ଜାତୀୟ ମାନଦଣ୍ଡରେ ନିଜର ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ସବୁଠୁ ହାଲୁକା ଗାଡ଼ି ବର୍ଗରେ ବିଜେତା, ସର୍ବୋତ୍ତମ ମହିଳା ଅଂଶଗ୍ରହଣ ପାଇଁ ଦର୍ଶନା ପୁହାଣଙ୍କୁ ସମ୍ମାନ ମିଳିପାରିଛି। ଏହାସହ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷ ଓ ଚତୁର୍ଥ ବର୍ଷର ଆଦ୍ୟାଶା ଦେବ ଓ ଆମ୍ରିତାଂଶୁ ତ୍ରିପାଠୀ ବିଜ୍‌ନେସ୍ ପ୍ରସ୍ତୁତି ଉପସ୍ଥାପନକରି ଟିମ୍‌କୁ ରନର ଅପ କରିପାରିଥିଲେ। ଭାରତରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ରେସିଂ କାର୍ ନିର୍ମାଣରେ ୧୩ରୁ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଭିସୁଟ୍‌ର ଛାତ୍ରୀଛାତ୍ରମାନେ ମାତ୍ର ସାଢେ ୬ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମାଣ କରିପାରିଛନ୍ତି। ଏହି ପ୍ରସ୍ତୁତିରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଦେବାଶିଷ ତ୍ରିପାଠୀ, ଡ. ତୃପ୍ତିରଞ୍ଜନ ମହାପାତ୍ର, ଡ. ପୁଣ୍ୟପ୍ରିୟା, ପ୍ରଫେସର ଆର୍.ଆର୍.ଦାଶଙ୍କ ମାର୍ଗଦର୍ଶନରେ ଏହି ସଫଳତା ମିଳିପାରିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଆଗକୁ ଏହି ରେସିଂ କାର୍‌ରେ କେଉଁଠି ତ୍ରୁଟି ରହିଛି ଏବଂ କ’ଣ ସବୁ ସୁଧାର କରାଯାଇପାରିବ ସେ ଦିଗରେ ଅଧିକ ଗବେଷଣା କରାଯିବ ବୋଲି ଟିମ୍‌ର କ୍ୟାପ୍ଟେନ ସାଇଶଙ୍କର ପଟ୍ଟନାୟକ କହିଛନ୍ତି।

# ବ୍ରାଜିଲରୁ ଜଳବାୟୁ ବାର୍ତ୍ତା



ସୋନିଆ ଗୁଆଜାଜରା

ଚଳିତ ବର୍ଷ ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୩୦)ର ନିଷ୍କର୍ଷକୁ ବିଶ୍ୱରେ ସମସ୍ତେ ଉତ୍ସୁକତାର ସହ ଚାହିଁରହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମ ଜୀବନ ଓ ପରିବେଶ ଉପରେ ପଡୁଛି ଏବଂ ଏହାର ଜରୁରୀ ମୁକାବିଲା କରାଯିବା ଦରକାର। ଏଭଳି ଦୃଷ୍ଟିକୋଣକୁ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କ ପାଇଁ ଆମାଜନରେ ଆୟୋଜିତ କପ୍ ଏକ ଆଶା ସଞ୍ଚାର କରିଛି। ସେଥିପାଇଁ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସିଲ୍ଭା ଏହାକୁ 'କପ୍ ଅଫ୍ ଟ୍ରୁଥ୍' ବା 'ସତ୍ୟର କପ୍' ବୋଲି କହୁଛନ୍ତି। ଏହି ସମ୍ମିଳନୀର ସହ ପ୍ରାୟୋଜକ ଭାବେ ବ୍ରାଜିଲର ଆମାଜନ ଅଞ୍ଚଳର ମୂଳ ଅଧିବାସୀ( ବିଶେଷକରି ଆଦିବାସୀ)ମାନେ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ବାସ୍ତବରେ ଜଳବାୟୁ ବିପଦକୁ ବୁଝିଛନ୍ତି। ଆମେମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନରେ ସବୁଠୁ ଅଧିକ ପ୍ରଭାବିତ ହେଉଛୁ। ଏଣୁ ସେମାନଙ୍କ ସହ ଆମେମାନେ ମଧ୍ୟ ଜଳବାୟୁ ସମସ୍ୟାର ଦୃଢ଼ ମୁକାବିଲା କରିପାରିବା। ଉଦାହରଣ ସ୍ୱରୂପ, ମୂଳ ଅଧିବାସୀଙ୍କ ଓ ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳଗୁଡ଼ିକରେ ଅନ୍ୟ ଅଞ୍ଚଳ ତୁଳନାରେ ଜଙ୍ଗଲ କ୍ଷୟ ୫୦% କମ୍ ରହୁଛି।

ଆମ ଅଞ୍ଚଳର ସୁରକ୍ଷା ପାଇଁ ଆମେ ପ୍ରକୃତି ସହ ଜଡ଼ିତ ରହିଛୁ। ଅଙ୍ଗାରକ ଅବଶୋଷଣ ବ୍ୟବସ୍ଥା ଏବଂ ପରିସଂସ୍ଥା ସେବାଗୁଡ଼ିକର ସୁରକ୍ଷା ମଧ୍ୟ କରିଛୁ। ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ଧାର୍ଯ୍ୟ ଲକ୍ଷ୍ୟଗୁଡ଼ିକୁ ପୂରଣକରିବା ପାଇଁ ଜଳବାୟୁ ନୀତି ନିର୍ଦ୍ଧାରଣରେ ଆଦିବାସୀଙ୍କ ଯୋଗଦାନକୁ ଆମେ ସମସ୍ତେ ସ୍ୱୀକାର କରିବା ଉଚିତ। ଅର୍ଥାତ୍ ଆଞ୍ଚଳିକ ସୁରକ୍ଷା ଏବଂ ଭୂମି-ଅଧିକାର ବା ମାଲିକାନା ନୀତିଗୁଡ଼ିକୁ ସ୍ୱାଭାବିକ ଭାବେ ପ୍ରଭାବୀ ଜଳବାୟୁ ପଦକ୍ଷେପ ବୋଲି ସ୍ୱୀକାର କରିବାକୁ ହେବ। ଏସବୁକୁ ସ୍ୱୀକାର କରିବାରେ ମଧ୍ୟ ଆଉ ଏକ ସମସ୍ୟା ରହିଛି। ଐତିହାସିକ ଭାବେ ମୂଳ ଅଧିବାସୀମାନେ ଜଳବାୟୁ ଓ ପରିବେଶଗତ ପାଣ୍ଠିରୁ ସବୁଠୁ କମ୍ ସମ୍ବଳ ପାଇଛନ୍ତି। ବାସ୍ତବରେ ସଂଗୃହୀତ ପାଣ୍ଠିର ୧%ରୁ କମ୍ ଏହିସବୁ ଅଞ୍ଚଳଗୁଡ଼ିକରେ ପହଞ୍ଚିଛି, ଯାହା ପର୍ଯ୍ୟାପ୍ତ ନୁହେଁ ଏବଂ ଅନ୍ୟାୟ ମଧ୍ୟ। ସେଥିପାଇଁ ବ୍ରାଜିଲ ସରକାର ଅନ୍ୟ ଦେଶ ଓ ସ୍ଥାନୀୟ ସଂଗଠନଗୁଡ଼ିକ ସହ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ରହି କାମ କରୁଛନ୍ତି। ଏହାସହ ଯେଉଁମାନେ ଜଙ୍ଗଲ ସୁରକ୍ଷା କରୁଛନ୍ତି ସେମାନଙ୍କ ପାଇଁ କପ୍୩୦ କିଭଳି ଲାଭଦାୟକ ହେବ ତାହା ନିଶ୍ଚିତ କରିବା ଲାଗି ବ୍ରାଜିଲ ସରକାର ମଧ୍ୟ ପ୍ରଭାବଶାଳୀ




ପଦକ୍ଷେପ ନେଇଛନ୍ତି। ଏହାକୁ ବାସ୍ତବରୂପ ଦେବା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଇଣ୍ଟର ଗଭର୍ନମେଣ୍ଟାଲ ଲାଣ୍ଡ ଟେନ୍ୟୁର କମିଟ୍‌ମେଣ୍ଟ( ଆଇଏଲ୍‌ଟିସି) ବା ଆନ୍ତଃ ସରକାରୀ ଭୂମି ଅଧିକାର ପ୍ରତିବଦ୍ଧତା। ଏହାକୁ ନଭେମ୍ବର ୬ରେ କପ୍୩୦ ବିଶ୍ୱ ନେତୃବର୍ଗ ସମ୍ମିଳନୀରେ ଘୋଷଣା କରାଯାଇଛି। ଏହାର ଲକ୍ଷ୍ୟ ହେଉଛି, ୨୦୩୦ ସୁଦ୍ଧା ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ଜମି ଓ କ୍ଷେତ୍ରଗୁଡ଼ିକର ଏକ ପୂର୍ବ ନିର୍ଦ୍ଧାରିତ ପରିମାଣକୁ ସ୍ୱୀକାର କରିବା ସହ ତାହାର ସୁରକ୍ଷା କରିବା। ଏଭଳି ଏକ ଐତିହାସିକ ଚୁକ୍ତି କେବଳ ମହତ୍ତ୍ୱାକାଂକ୍ଷୀ ନୁହେଁ, ବରଂ ଜମି ଅଧିକାର ଉପରେ ଏହା ହେଉଛି ପ୍ରଥମ ବୈଶ୍ୱିକ ପ୍ରତିବଦ୍ଧତା। ବ୍ରାଜିଲ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ୩୬ଟି ସରକାରଙ୍କ ମେଣ୍ଟ ଭାବେ ଜଣାଶୁଣା ଫରେଷ୍ଟ ଆଣ୍ଡ କ୍ଲାଇମେଟ୍ ଲିଡର୍ସ ପାର୍ଟନରଶିପ (ଜଙ୍ଗଲ ଓ ଜଳବାୟୁ ନେତାଙ୍କ ଭାଗୀଦାରି) ଏବଂ ୟୁରୋପୀୟ ସଂଘ ସହ କାମ କରିଛନ୍ତି। ଏହାସହ କପ୍୩୦ ପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି ଯାହା ବୈଶ୍ୱିକ ଜଳବାୟୁ କାର୍ଯ୍ୟକ୍ରମରେ ଏକ ନିର୍ଣ୍ଣାୟକ କ୍ଷଣ ହେବାକୁ ଯାଉଛି।

ତେବେ ପାଣ୍ଠି ଯୋଗାଉଥିବା ସରକାର ଏବଂ ସହାୟତା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଜମି ଅଧିକାର ତଥା ଜଙ୍ଗଲ ସୁରକ୍ଷା ଓ ବିକାଶ ସହ ଜଡ଼ିତ କାର୍ଯ୍ୟକ୍ରମ ପାଇଁ ଆସନ୍ତା ୫ ବର୍ଷରେ ଅଧିକ ୧.୭ ବିଲିୟନ ଆମେରିକୀୟ ଡଲାର ଆବଣ୍ଟନ କରିବା ସକାଶେ ଗ୍ଲାସ୍‌ଗୋ କପ୍୨୬ ସମ୍ମିଳନୀର ୨୦୨୧ ପ୍ରତିବଦ୍ଧତାର ନବୀକରଣ କରିବେ। ପାଣ୍ଠି ଯୋଗାଡ଼ର ମୂଳ ପ୍ରତିବଦ୍ଧତା ପ୍ରାରମ୍ଭିକ ଲକ୍ଷ୍ୟକୁ ଟପିଯାଇଛି ଏବଂ ୧.୮୬ ବିଲିୟନ ଡଲାର ଯୋଗାଡ଼ ହୋଇସାରିଲାଣି। ଏହାକୁ ନବୀକରଣକରି ସରକାରଗୁଡ଼ିକ ଏବଂ ସିଭିଲ ସୋସାଇଟି ସଙ୍କେତ ହେଉଛନ୍ତି ଯେ, ଜଳବାୟୁ ପଦକ୍ଷେପର ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସେମାନେ ଆରମ୍ଭରୁ ଯେମିତି ପ୍ରତିବଦ୍ଧ ଥିଲେ ଏବେ ସେମିତି ରହିଛନ୍ତି। ଦେଶ ଓ ସରକାରର ମୁଖ୍ୟମାନଙ୍କ ଦ୍ୱାରା ଘୋଷଣା କରାଯିବା ପରେ ଏହିସବୁ ପ୍ରତିବଦ୍ଧତା ଔପଚାରିକ ଭାବେ କପ୍୩୦ ଆକ୍ସନ ଏଜେଣ୍ଡା( ପଦକ୍ଷେପ କାର୍ଯ୍ୟସୂଚୀ) ପ୍ରଦର୍ଶନ କରୁଥିବା କାର୍ଯ୍ୟକ୍ରମରେ ସ୍ୱାକ୍ଷରିତ ହୋଇଛି। ବୈଶ୍ୱିକ ସମନ୍ୱୟ ହାସଲ କରିବା ପାଇଁ ଏହା ଏକ ମୁଖ୍ୟ ବିଷୟ। ୧.୮୬ ବିଲିୟନ ଡଲାରରୁ ମାତ୍ର ୧୦% ସିଧାସଳଖ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକୁ ଦିଆଯିବା ଲାଗି ବରାଦ କରାଯାଇଛି। କପ୍୩୦ ଆକ୍ସନ ଏଜେଣ୍ଡାର ସଂକଳ୍ପ ୨.୦ରେ ଏହି ପ୍ରତିଶତକୁ ଅତ୍ୟଧିକ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁମାନେ ସେମାନଙ୍କ ଅଞ୍ଚଳଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରୁଛନ୍ତି, ସେମାନେ ଆଞ୍ଚଳିକ ସୁରକ୍ଷା ପାଇଁ ଆବଣ୍ଟିତ ସମ୍ବଳଗୁଡ଼ିକରୁ ଅଧିକ ଭାଗ ପାଇବା ପାଇଁ ଯୋଗ୍ୟ। ଏଥିପାଇଁ ଭୂମି ମାଲିକାନା ଓ ପାଣ୍ଠି ଯୋଗାଣ ପ୍ରତିବଦ୍ଧତା ଔପଚାରିକ ଭାବେ ଆରମ୍ଭ ହୋଇଛି। ଏହିସବୁ ପ୍ରତିବଦ୍ଧତା କପ୍୩୦ରେ ଆରମ୍ଭ ହୋଇଥିବା ଟ୍ରପିକାଲ ଫରେଷ୍ଟ ଫର୍‌ଏଭର ଫାସିଲିଟ(ଟିଏଫ୍ଏଫଏଫ୍, ଯାହା ଜଙ୍ଗଲ ସଂରକ୍ଷଣ ପାଇଁ ଦୀର୍ଘମିଆଦୀ ସୂତ୍ରରେ ଅର୍ଥ ଯୋଗାଇବାର ଏକ ବୈଶ୍ୱିକ ପାଣ୍ଠି)ର ଆଧାର ଭାବେ କାମ କରିବ। ମୂଳ ଅଧିବାସୀ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ଏହି ସୁବିଧାର କାର୍ଯ୍ୟାନ୍ୱୟନ ପାଇଁ ଗ୍ୟାରେଣ୍ଟି ଦେବା ଆବଶ୍ୟକ ଯେ, ଟିଏଫ୍ଏଫ୍ଏଫ୍ ଯୋଗାଡ଼ କରିଥିବା ପାଣ୍ଠିର ଅତିକମ୍‌ରେ ୨୦% ସେମାନେ ଉପଯୋଗ କରିବେ।

ମନେରଖିବା ଦରକାର, କେବଳ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରାଯିବା ଯୋଗୁ ସଫଳତା ମିଳିଛି। ମାନ୍ୟତା ପାଇଁ ଭାଗୀଦାରି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ବ୍ରାଜିଲରେ ଆମର ଏକ ମୂଳ ଅଧିବାସୀଙ୍କ ମନ୍ତ୍ରଣାଳୟ ରହିଛି। ଏଥିପାଇଁ କପ୍୩୦ ଆମ ନିଆର ସ୍ୱର ଓ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେବ। ମୋ ମନ୍ତ୍ରଣାଳୟ ,ସ୍ୱଦେଶୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ମାଧମରେ ଆମେ କପ୍ ଭିଲେଜ କରି ଏଥିରେ ୩ ହଜାର ଆଦିବାସୀଙ୍କୁ ରଖାଯିବାର ବ୍ୟବସ୍ଥା କରିଛୁ। ବିଶ୍ୱର ବ୍ଲୁ ଜୋନ୍( ଯେଉଁ ଭୌଗୋଳିକ ଅଞ୍ଚଳରେ ଲୋକେ ସୁସ୍ଥତାର ସହ ଲମ୍ବା ସମୟ ବଞ୍ଚିପାରନ୍ତି)ରେ ସବୁଠୁ ଅଧିକ ଆଦିବାସୀ ରହିଛନ୍ତି। ସ୍ୱର ଉପସ୍ଥାପନ କରିବା ଏବଂ ଭାଗୀଦାରି ପାଇଁ ଉତ୍ତମ ମଞ୍ଚ ଯୋଗାଇଦେଇ ବ୍ରାଜିଲ ସରକାର ମୂଳ ଅଧିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି ଯାହା କେବେ ଦେଖାଯାଇ ନ ଥିଲା କିମ୍ବା ଶୁଣାଯାଇ ନ ଥିଲା। ସବୁ ସରାକର, ପାଣ୍ଠି ଯୋଗାଉଥିବା ଏବଂ ବିକାଶ କ୍ଷେତ୍ରରେ ଜଡ଼ିତ ସଂସ୍ଥାଗୁଡ଼ିକୁ ଆଇଏଲ୍‌ଟିସିରେ ଯୋଗ ଦେବା ସହ ନବୀକୃତ ଭୂମି ଓ ଜଙ୍ଗଲ ସଂକଳ୍ପରେ ଯୋଗଦାନ କରିବା ଲାଗି ଆମନ୍ତ୍ରଣ କରିଛି। ଆମେ ସମ୍ମିଳିତ ଭାବେ କାମ କଲେ ବିଶ୍ୱ ପରିସଂସ୍ଥାର ସୁରକ୍ଷା କରିପାରିବା। ଏହା ସହ ଭୂମି ମାଲିକାନା ଏବଂ ମୂଳ ଅଧିବାସୀ ଓ ସ୍ଥାନୀୟ ଲୋକଙ୍କ ଅଧିକାର ଦୃଢ଼ ହୋଇପାରିବ। ସହନୀୟ ବିକାଶ ପାଇଁ ଆଧାର ଭାବେ ଲୋକଙ୍କ ପାଇଁ ନିବେଶ କଲେ ଏକ ନ୍ୟାୟସଙ୍ଗତ ପରିବର୍ତ୍ତନ ଆସିବା ସହ ଦୀର୍ଘମିଆଦୀ ସ୍ଥାୟୀ ଜଳବାୟୁ ଲାଭ କରିପାରିବା।

**ଇଣ୍ଡିଜିନିୟସ୍ ପିପୁଲ୍ସ ମିନିଷ୍ଟର, ବ୍ରାଜିଲ**

# ଅର୍ଥ-ପରମାର୍ଥ



ଡ. ସାରଦା ପ୍ରସାଦ କର

ଆଜିର ଭୋଗବାଦୀ ଦୁନିଆକୁ ଲକ୍ଷ୍ୟକଲେ ଜଣାଯାଏ, ଅର୍ଥର କୁହୁକ ଓ ମାୟାଜାଲରେ ପ୍ରାୟ ସମସ୍ତେ ବନ୍ଧା। ପେଟ ଭରିବି, ଘର ତୋଳିବି, ପରିବାର ପାଳିବି-ଏମିତି ଅନେକ କିଛି ଯୋଜନାକୁ ଧରିଚାଲିଛି ଅର୍ଥ ପାଇଁ ଅହୋରାତ୍ର ଅଙ୍କକଷା। କିନ୍ତୁ ସର୍ବପ୍ରଥମେ ଅର୍ଥକୁ ନେଇ ଆମର ବିଚାରଧାରା ଶୁଦ୍ଧ ଓ ସୁନ୍ଦରହେବା ଆବଶ୍ୟକ। ନ ହେଲେ ଅର୍ଥ ସକଳ ଅନର୍ଥକୁ ଡାକିବା ସାରହେବ। ତେଣୁ ମହାପୁରୁଷମାନଙ୍କ ମତରେ ଅର୍ଥକୁ ନେଇ ଆମ ଜୀବନରେ ତିନୋଟି ବିଚାର ଓହ୍ଲେଇଆସିବ। ପ୍ରଥମଟି ହେଉଛି ଧର୍ମ ପୂର୍ବକ ଅର୍ଥ ଉପାର୍ଜନ କରିବା। ଅର୍ଥ ରୋଜଗାର ଦୋଷାବହ ନୁହେଁ, କିନ୍ତୁ ଏହା ନୀତିପୂର୍ଣ୍ଣଭାବରେ ଉପାର୍ଜନ ହେବା ଆବଶ୍ୟକ। ଅନୀତି ପୂର୍ବକ ଆସୁଥିବା ଅର୍ଥ ଦିନେ ନା ଦିନେ ଅବଶ୍ୟ ଉପଦ୍ରବ ସୃଷ୍ଟିକରିବ। ସାମର୍ଥ୍ୟ ଅଛି ତ ସୁନାର ନଗରୀ ନିର୍ମାଣକରନ୍ତୁ ଆପତ୍ତି ନାହିଁ , କିନ୍ତୁ ଏହା ଲଙ୍କା ନଗରୀ ନ ହୋଇ ଦ୍ୱାରକାନଗରୀ ହେବା ଉଚିତ। କାରଣ ଅନୀତିର ପାହାଡ଼ ଉପରେ ଠିଆହୋଇଥିବା ଲଙ୍କା ହେଉଛି ଭୋଗବାଦୀ ନଗରୀ ଯେଉଁଠି ମୋହରୂପୀ ରାବଣର ରାଜୁତିଚାଲେ। ଅପରପକ୍ଷରେ ନୀତିର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଦ୍ୱାରକାପୁରୀ ହେଉଛି ଭଗବାନଙ୍କ ନିବାସସ୍ଥଳୀ ଯେଉଁଠାରେ ଧର୍ମର ଦରଜା ଖୋଲେ। ଯାହାର ନୀତିଶୁଦ୍ଧ ସେ କେବେହେଲେ ଅନ୍ୟର ତଣ୍ଟିଚିପି ଅର୍ଥ ସଂଗ୍ରହ କରିବାର ପକ୍ଷପାତୀ ହୋଇ ନ ଥାଏ। କିନ୍ତୁ ଆଜି ଏହି ନୀତିର ଅଭାବ ଯୋଗୁ ଅର୍ଥ ପାଇଁ ସବୁଠାରେ ଚାଲିଛି କୁତ୍ସିତ କୂଟଚକ୍ର ନ ହେଲେ ମତଲବୀ ମଧୁଚନ୍ଦ୍ରିକା। କହିବା କାହାକୁ?

ଅର୍ଥର ଦ୍ୱିତୀୟ ବିଚାରଟି ହେଉଛି ଏହାର ସଦୁପଯୋଗକରିବା। କେବଳ ଅର୍ଥ ସଂଗ୍ରହ ଓ ଉପଭୋଗ ମଣିଷକୁ ଗୋଲାମ କରିଦିଏ। କିନ୍ତୁ ଉପଯୋଗ ମଣିଷକୁ ମହାନ୍ କରି ଗଢ଼ିତୋଳେ। ପୁରାଣର ରାବଣ ଆଉ କ'ଣ କଲାକି? ସୁନାର ଲଙ୍କା ହେଉ ଅବା ସୁରମୁନି ଗନ୍ଧର୍ବଙ୍କ କନ୍ୟା ହେଉ, ଅନୀତିରେ ଅନ୍ୟଠାରୁ ବଳପୂର୍ବକ ଛଡ଼ାଇନେଇ ତାକୁ ଉପଭୋଗ କରିଥିଲା ରାବଣ। ତା ' ପାଖରେ ଅର୍ଥର ଅଭାବ ନ ଥିଲା, କିନ୍ତୁ ଏହାର ସଦୁପଯୋଗ କରିବାରେ ସେ ଥିଲା ଅପାରଗ। ସେଥିପାଇଁ ସେ ସୀତାଙ୍କୁ ଅଶୋକବାଟିକାରେ ରଖିଥିଲେ ଅଶାନ୍ତି ନଈରେ ବୁଡ଼ିମରିବା ସାରହେଲା। ପ୍ରଭୁ ଶ୍ରୀକୃଷ୍ଣ ସୁନାର ଦ୍ୱାରକାରେ ରହି ମଧ୍ୟ ୪ଦିନ ଭୋକିଲା ସୁଦାମଙ୍କୁ କେବେ ଭୁଲିଯାଇ ନ ଥିଲେ। ବିପୁଳଐଶ୍ୱର୍ଯ୍ୟରେ ପୋତି ପକାଇଲେ ସୁଦାମାର ଭଙ୍ଗାକୁଡ଼ିଆକୁ, ତାହା ପୁଣି ସମସ୍ତଙ୍କ ଅଜ୍ଞାତରେ। ଏହା ହିଁ ଧନର ସଦୁପଯୋଗ ଯାହାତ୍ୟାଗ ଓ ସମର୍ପଣ ଉପରେ ପ୍ରତିଷ୍ଠିତ।

ଅର୍ଥର ତୃତୀୟ ଦିଗଟି ହେଉଛି ଏଥିପ୍ରତି ଆସକ୍ତ ନ ହୋଇ ପରମାର୍ଥ ପାଦରେ ନିଜକୁ ସମର୍ପଣକରିବା। ଏହା ଧ୍ରୁବସତ୍ୟ ଯେ ଅର୍ଥ କେବେହେଲେ ଶାଶ୍ୱତ ନୁହେଁ ପରନ୍ତୁ ନାଶବନ୍ତ। ତାହା ଲଙ୍କା ନଗରୀ ହେଉ ଅବା ଦ୍ୱାରକାପୁରୀ, ଉଭୟଙ୍କର ନାଶ ହିଁ ନିୟତି। ଅନୀତିର ଲଙ୍କାକୁ କେବେ ନା କେବେ କେହି ହନୁମାନ ଆସି ଜାଳିଦେବେ। ଅନୁରୂପ ଭାବରେ ନୀତି ଉପରେ ପ୍ରତିଷ୍ଠିତ ଦ୍ୱାରକା ମଧ୍ୟ ସମୟ ସୁଅରେ ଦିନେ ଅବଶ୍ୟ ବୁଡ଼ିଯିବ। ଏ ଭୌତିକ ଧନକୁ ସଙ୍ଗରେ ନେଇ କେହି କ'ଣ କେବେ ଏଠୁଗଲାଣି? 'ଆସିଅଛୁ ଲଙ୍ଗଳା ତୁ ଯିବୁ ଶୂନ୍ୟହୋଇରେ' ଜାଣି ମଧ୍ୟ ମଣିଷ ଆଜି ଅର୍ଥ ସଂଗ୍ରହ ମୋହରେ ପଡ଼ି ଅଣନିଃଶ୍ୱାସୀହୋଇ ଧାଇଁଛି। ନା ଅଛି ଅନୁତାପ ନା ତନୁତାପ? ଥରେ ବିଚାରକଲେ! ଅନୀତି ପୂର୍ବକ ଅର୍ଥ ସଂଗ୍ରହକରି ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦହଗଞ୍ଜ ହେବା ଅପେକ୍ଷା ଯଦି ସେହି ଅର୍ଥ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ସଦୁପଯୋଗ ହୋଇପାରନ୍ତା, ତେବେ ଆମ ରାଜ୍ୟ ରାମରାଜ୍ୟ ହୋଇପାରନ୍ତାନି କି? ତେଣୁ ଆମ ବିବର୍ଣ୍ଣ ବିଚାରଧାରାରେ ବିବର୍ତ୍ତନ ଘଟୁ। ଯାହାର ଲୁଣ ନାହିଁ ତିଅଣରେ, ଲୁହ ପଡ଼େ ନିତି ପଖାଳ କଂସାରେ, ସେହି ମାମୁଲି ମଣିଷର ଓଠ କୋଣରେ ସୁନାର ହସ କେରାଏ ଫୁଟୁ। ଅର୍ଥ ପଛରେ ନ ଧାଇଁ ଏ ସ୍ୱାର୍ଥୀମଣିଷ ପରମାର୍ଥ ପାଦରେ ଲୋଟୁ।

**ଅଧ୍ୟାପକ**
**ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ**
**ମୋ: ୯୪୩୭୧୧୩୧୬୨**

## ଏଇ ଭାରତରେ

ଦିଲ୍ଲୀର ସଞ୍ଜୟ ଡୋଗ୍ରାଜକା ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ । ସେ ବୃତ୍ତି ସହ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି । ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ସଞ୍ଜୟ ଏକ ଷ୍ଟଲ୍ ଖୋଲି ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏଠାରେ ଶ୍ରମିକ, ରିକ୍ସାବାଲା ଓ ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ୧୦ ଟଙ୍କା ଦେଇ ପେଟଭରି ଖାଉଛନ୍ତି। ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ପ୍ରତିଦିନ ୧୨ଟାରେ ଷ୍ଟଲ୍ ଖୋଲେ ଓ ସାଢ଼େ ଦୁଇଟାରେ ବନ୍ଦ ହୁଏ। ଏହି ସମୟ ମଧ୍ୟରେ ପ୍ରତିଦିନ ୨୦୦-୨୫୦ ଲୋକ ଖାଉଛନ୍ତି । ରୋଷେଇ କରିବା ପାଇଁ ୫ଜଣ ମହିଳା ଅଛନ୍ତି। ଏହା ବ୍ୟତୀତ ଷ୍ଟଲ୍‌ରେ ଖାଦ୍ୟ ପରଷିବା ପାଇଁ ଆଉ ପାଞ୍ଚ ଜଣ ମହିଳା ରହିଛନ୍ତି । ବହୁ ସମୟରେ ସେମାନଙ୍କୁ ସଞ୍ଜୟ ମଧ୍ୟ ଖଦ୍ୟ ପରଷିବାରେ ସହଯୋଗ କରୁଛନ୍ତି। ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି ଏବଂ ତାହାକୁ ସଞ୍ଜୟ ନିଜ ପକେଟରୁ ଖର୍ଚ୍ଚ କରୁଛନ୍ତି। ଏହି କାମ ସହ ସେ ଅସହାୟ ଲୋକଙ୍କ ପାଇଁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୧ ନଭେମ୍ବର ୧୯୭୬

- ସିକିମର ଗ୍ରାମବାସୀଙ୍କୁ ଉଚିତ ମୂଲ୍ୟରେ ଖାଉଟି ଦ୍ରବ୍ୟ, ଲୁଗାପଟା ଏବଂ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯୋଗାଇଦେବା ପାଇଁ ୨୮ଟି ବହୁମୁଖୀ ସମବାୟ ସମିତି ଗଠନ କରାଯାଇଛି।
- ଆଣବିକ କେନ୍ଦ୍ରର ପୂର୍ଣ୍ଣାଙ୍ଗ ଉପଲକ୍ଷେ ଚୀନ୍ ୪ ମେଗାଟନ ଓଜନର ଉଦ୍‌ଯାନ ପରୀକ୍ଷା କରି ସଫଳତା ହାସଲ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 1 | | | | | 4 |
| | | 1 | | | | | | 9 |
| | | | | 2 | | 6 | | |
| | 3 | | | | 2 | | 8 | 6 |
| | | 4 | | 6 | | 7 | | |
| | 2 | | 3 | | | | | |
| 3 | | | | | 9 | | | 5 |
| | 4 | | | | 6 | | | 3 |
| | 9 | | 4 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 5 | 6 | 3 | 4 | 2 | 7 |
| 7 | 3 | 2 | 4 | 8 | 9 | 5 | 1 | 6 |
| 5 | 4 | 6 | 7 | 1 | 2 | 3 | 8 | 9 |
| 6 | 8 | 5 | 2 | 3 | 7 | 1 | 9 | 4 |
| 3 | 9 | 4 | 1 | 5 | 6 | 8 | 7 | 2 |
| 1 | 2 | 7 | 9 | 4 | 8 | 6 | 5 | 3 |
| 8 | 7 | 1 | 3 | 9 | 4 | 2 | 6 | 5 |
| 4 | 5 | 9 | 6 | 2 | 1 | 7 | 3 | 8 |
| 2 | 6 | 3 | 8 | 7 | 5 | 9 | 4 | 1 |

ଗତକାଲିର ଉତ୍ତର

# ଜୀବନ ଜୀବିକାରେ ମତ୍ସ୍ୟକ୍ଷେତ୍ର



ପ୍ରକାଶ ତ୍ରିପାଠୀ

ମତ୍ସ୍ୟ ସମ୍ପଦର ଅବଦାନ ଓ ଏହାର ଗୁରୁତ୍ୱ ନିଦର୍ଶନ ପାଇଁ ପ୍ରତିବର୍ଷ ନଭେମ୍ବର ୨୧ ତାରିଖରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଏ। ଅନେକ କୋଟି ବିଶ୍ୱବାସୀଙ୍କୁ ଖାଦ୍ୟ ଯୋଗାଉ ଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ମାଛଧରା କାର୍ଯ୍ୟକ୍ରମର ପୋଷଣୀୟ ପରିଚାଳନା କେତେଦୂର କାର୍ଯ୍ୟକାରୀ ହୋଇଛି ଓ ଭବିଷ୍ୟତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଏକ ଯଥାର୍ଥ ପଦକ୍ଷେପ । ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନା ସହ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକାକୁ ବିଚାର କରିବାର ଆବଶ୍ୟକତା ରହିଛି। ଚଳିତବର୍ଷ ପାଳନ କରାଯାଉଥିବା ବିଶ୍ୱ ମତ୍ସ୍ୟ ଦିବସର ବିଶେଷତ୍ୱ ହେଉଛି "ପୋଷଣୀୟ ମତ୍ସ୍ୟଚାଷକୁ ତ୍ୱରାନ୍ୱିତ କରିବା ଏବଂ ଜଣସାଧାରଣ, ମହାସାଗର ଓ ଜଳବାୟୁ ପାଇଁ ଦାୟିତ୍ୱପୂର୍ଣ୍ଣ ଜଳକୃଷି କାର୍ଯ୍ୟ କରିବା।" ଭାରତର ସାମୁଦ୍ରିକ ସମ୍ପଦରେ ୨.୦୨ ନିୟୁତ ବର୍ଗ କିଲୋମିଟରର ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ, ୦.୫୩ ନିୟୁତ ବର୍ଗ କିଲୋମିଟରର ମହାଦେଶୀୟ ଅଗଭୀର ସାମୁଦ୍ରିକ କ୍ଷେତ୍ର ଏବଂ ୧୧୦୯୯ କିଲୋମିଟରର ସାମୁଦ୍ରିକ ଉପକୂଳ ରହିଛି। ଏହା ବ୍ୟତୀତ ୧.୨୪ ନିୟୁତ ହେକ୍ଟର କ୍ଷାରିଜଳ କ୍ଷେତ୍ର ଓ ପ୍ରାୟ ୭ ନିୟୁତ ହେକ୍ଟର ମଧୁର ଜଳକ୍ଷେତ୍ର ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ପରିପୁଷ୍ଟ କରିଛି । ଏବେ ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩୫୦ କୋଟି ଓ ବାର୍ଷିକ ପ୍ରାୟ ୧୫୦ ନିୟୁତ ଟନ୍ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ବିଗତ ପଚାଶ ବର୍ଷ ମଧ୍ୟରେ ବିଶ୍ୱରେ ସାମୁଦ୍ରିକ ଖାଦ୍ୟର ବ୍ୟବହାର ଦ୍ୱିଗୁଣିତ ହୋଇଛି। ବିଶ୍ୱରେ ଆବଶ୍ୟକ ପଡୁଥିବା ପ୍ରାଣୀଜ ପ୍ରୋଟିନର ୨୫% କେବଳ ମାଛ ହିଁ ଭରଣା କରିଥାଏ। ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନରେ ବର୍ତ୍ତମାନ ବିଶ୍ୱରେ ଭାରତର ସ୍ଥାନ ତୃତୀୟ ଓ ସମଗ୍ର ମାଛ ଉତ୍ପାଦନରେ ପ୍ରାୟ ନଅ ଭାଗ ଭାରତର ଅବଦାନ ଥିବା ବେଳେ ବିଶ୍ୱରେ ଜଳକୃଷି ଉତ୍ପାଦନରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ମତ୍ସ୍ୟ ସମ୍ପଦ ପ୍ରାୟ ୧୫୦ ନିୟୁତ ଲୋକଙ୍କ ଜୀବିକାକୁ ପରିପୁଷ୍ଟ କରିବା ସହ ନିଯୁକ୍ତି ପ୍ରଦାନ, ଖାଦ୍ୟ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି। ଭାରତରେ କୃଷି ଜିଡିପିରେ ମତ୍ସ୍ୟଚାଷର ଅବଦାନ ପ୍ରାୟ ୭.୩%। ବାର୍ଷିକ ପ୍ରାୟ ୧୯ ନିୟୁତ ମେଟ୍ରିକ ଟନ୍ ମାଛ ଉତ୍ପାଦନ କରୁଥିବା ଭାରତ ଆଗାମୀ ଦିନରେ ବିଶ୍ୱର ପ୍ରଥମ ମତ୍ସ୍ୟ ଉତ୍ପାଦନକାରୀ ଦେଶ ହେବାର ଉଦ୍ୟମ ଜାରି ରଖିଛି। ସେହିପରି ଭାରତର ଅନ୍ୟତମ ଉପକୂଳ ରାଜ୍ୟ ଭାବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ବାର୍ଷିକ ୧୧.୯୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ କରି ଚତୁର୍ଥ ସ୍ଥାନରେ ରହିଛି ଓ କୃଷି ଜିଡିପିରେ ମତ୍ସ୍ୟଚାଷର ଅବଦାନ ପ୍ରାୟ ୧୧%। ଭାରତରେ ମାଛ ଖାଉଥିବା ଲୋକଙ୍କ ମଧ୍ୟରେ ଓ ସବୁଠାରୁ ଆଗରେ ୯୪% ଲୋକ ମାଛ ଖାଇଥାନ୍ତି ଓ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ବର୍ତ୍ତମାନ ପ୍ରାୟ ୧୯ କିଗ୍ରା, ଯାହାକି ଜାତୀୟ ହାରଠାରୁ ବହୁ ଅଧିକ।

ବିଶ୍ୱର ପ୍ରତି ଦଶଜଣରେ ଜଣେ ନିଜ ପରିବାର ଭରଣପୋଷଣ ପାଇଁ ଜଳକୃଷି ତଥା ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରିଥାଏ। ବିଶ୍ୱ ମତ୍ସ୍ୟ ଦିବସ ପାଳନ କେବଳ ମତ୍ସ୍ୟ ଉତ୍ସ, ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ



ଆଲୋକପାତ କରିବାରେ ସୀମିତ ନୁହେଁ, ମତ୍ସ୍ୟ ବିବିଧତାର ପରିମାଣ ଦ୍ୱାରା ଜଳଉତ୍ସର ମାନ ବି ନିର୍ଦ୍ଧାରଣ କରାଯାଇଥାଏ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛି ବର୍ଷ ହେବ ସୂଚିତ କରେ ଯେ, ମାଛବସତି ଅଞ୍ଚଳଗୁଡ଼ିକର ମାନ ଠିକ ନାହିଁ। ଯଦି ଏହା ପ୍ରତି ଗୁରୁତ୍ୱ ଦିଆନଯାଏ, ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ। ବିଶେଷକରି ଶିଳ୍ପକ୍ଷେତ୍ର, କୃଷିକ୍ଷେତ୍ର, ଘରୋଇ ତଥା ସହରର ବର୍ଜ୍ୟଜଳ ନିଷ୍କାସନ, ତୈଳ ଓ ପ୍ଲାଷ୍ଟିକ ଯୋଗୁ ଉପକୂଳ ସମୁଦ୍ରର ଜଳ ବହୁମାତ୍ରାରେ ପ୍ରଦୂଷିତ ହେଉଛି ଓ ମାଛବଂଶ ପ୍ରତି ଏହା ସଙ୍କଟ ସୃଷ୍ଟି କରୁଛି। ମାଛ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ଏହା ଦ୍ୱାରା ପ୍ରଭାବିତ ହେଉଛି। ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢୁଛି। ମିଳିତ ଜାତିସଂଘ ତଥ୍ୟ ଅନୁଯାୟୀ ସମୁଦ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଜଳଉତ୍ସଗୁଡ଼ିକର ଦୁଇ ତୃତୀୟାଂଶରେ ମାତ୍ରାଧିକ ମାଛ ଧରାଯାଉଛି। ଏକ ତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱ ତାପାୟନ ଓ ଅସ୍ୱାସ୍ଥ୍ୟକର ମାଛ ବସତି ଅଞ୍ଚଳ ଯୋଗୁ ମାଛ ବଂଶବୃଦ୍ଧି ଆଶାନୁରୂପ ହୋଇ ପାରୁନାହିଁ।

ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏସବୁ ଉପରେ ଗୁରୁତ୍ୱ ପ୍ରଦାନ ସହ ମତ୍ସ୍ୟ ବିବିଧତା, ମାଛ ବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ସହ ପ୍ରାକୃତିକ ଜଳଉତ୍ସଗୁଡ଼ିକୁ ଉତ୍ପାଦନକ୍ଷମ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ ଆବଶ୍ୟକ । ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ଓ ମାଛବଂଶ ବୃଦ୍ଧି ପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମାଛଧରା ନିଷିଦ୍ଧାଞ୍ଚଳ, ପାଣିପାଗ ତଥା ମତ୍ସ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଓ ସରକାରଙ୍କ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ମୋବାଇଲ ଆପ୍ ଏଫ୍ଏଫ୍ଏମ୍ଏ ଓ ସିକ୍ୟୁଅର ଫିଶିଂ ପ୍ରସ୍ତୁତ ହୋଇଛି, ଯାହାକି ମତ୍ସ୍ୟଜୀବୀଙ୍କ ଲାଗି ଉପାଦେୟ ସାବ୍ୟସ୍ତ ହୋଇଛି। ସାମୁଦ୍ରିକ ବିପତ୍ତିରେ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଭେସେଲ୍‌ରେ ଟ୍ରାନ୍ସପଣ୍ଡର ବ୍ୟବସ୍ଥା କରାଯାଉଛି। ଜଳଭଣ୍ଡାରଗୁଡ଼ିକରେ ଉନ୍ନତ ମାଛ ଯାଆଁଳ ଛଡ଼ାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରମାନଙ୍କର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ଫଳରେ ୧୩୮ ଗୋଟି ଜଳଭଣ୍ଡାରର ୨ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳ କେବଳ ଜଳସେଚନ ପାଇଁ ବ୍ୟବହୃତ ହୋଇ ଆସୁଥିବା ଓ ମାଛବଂଶ ଲୋପ ପାଇ ଆସୁଥିଲା ବେଳେ ଏବେ ଏଠାରେ ମାଛ ଯାଆଁଳ ଛଡ଼ା ମାଛବଂଶ ବୃଦ୍ଧି ସହ ଉତ୍ପାଦନ ସମ୍ଭବ ହୋଇପାରିଛି। ସେହିପରି ବିଭିନ୍ନ ନଦୀରେ ମାଛ ଯାଆଁଳ ଛଡ଼ା ମାଛବୃଦ୍ଧି ସହ ଏହା ଉପରେ ନିର୍ଭର କରୁଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁନିଶ୍ଚିତ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ପୁନଃ କ୍ଷମ କରିବା ତଥା ମତ୍ସ୍ୟଜୀବୀ ପରିବାରକୁ ବୀମାଭୁକ୍ତ କରିବା ଆଦି କାର୍ଯ୍ୟକ୍ରମ ମତ୍ସ୍ୟକ୍ଷେତ୍ର ପ୍ରତି ସେମାନଙ୍କ ଆଗ୍ରହକୁ ବୃଦ୍ଧି କରୁଛି। ଜଳସମ୍ପଦ, ମତ୍ସ୍ୟସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଙ୍ଗଠନ, ଉଦ୍ୟୋଗୀଙ୍କ ବିକାଶକୁ ମଧ୍ୟ ଅଧିକ ଦୃଷ୍ଟି ଦିଆଗଲେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଯଥାର୍ଥ ହୋଇପାରିବ।

**ମୋ: ୯୪୩୭୨୩୨୪୬୩**

## ଚିରନ୍ତନୀ

ଅନ୍ଧକାର ଆସଇ ଧୀରେ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
ବିଶ୍ୱରାଶି ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ !
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍‌ଆଇ ଅଫିସରେ ଅଘୋଷିତ ତାଲା

ମହାଶୟ,

ନୂତନ ଗାଦିନସୀନ ଭାଜପା ସରକାର ରାଜ୍ୟର ସମସ୍ତ ଅଞ୍ଚଳର ଲ୍ୟାଣ୍ଡ ରେକର୍ଡସ (କାଗଜପତ୍ର) ଡିଜିଟାଲାଇଜେସନ କରିବା ନିଷ୍ପତ୍ତି ନେଇଥିବାରୁ ଭୂଲିପି, ବିକ୍ରୟପତ୍ର, ସେଲଡିଡ୍ କପି, ଉତ୍ତରାଧିକାରୀ (ଲିଗାଲହେୟାର) ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣ ପତ୍ର ଇତ୍ୟାଦିର ନକଲ ତହସିଲରେ ଦାଖଲ କରି ନିଜ ନାମରେ ରେକର୍ଡ (ଆର୍.ଓ.ଆର୍) କରାଇ ନେବାକୁ ପ୍ରିଣ୍ଟ ମିଡିଆ ଏବଂ ବିଭିନ୍ନ ଟେଲିଭିଜନ ଚାନେଲରେ ତୁହାକୁତୁହା ବିଜ୍ଞପ୍ତି ଦିଆଚାଲିଥିବାବେଳେ ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ। ପ୍ରଥମତଃ ହସ୍ତଗତ ତଥ୍ୟାନୁସାରେ ଏହି କାର୍ଯ୍ୟ କରିବାକୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ କ୍ଷମତା ପ୍ରଦାନ କରାଯାଇଥିବାରୁ ସେମାନେ ପ୍ରଚାର ସର୍ବସ୍ୱ ରାଜନୀତିରେ ସାମିଲ ହୋଇ ଘେରାଏ ବୁଲି ପରେ ଚୁପ୍ ହୋଇ ବସିଯାଉଛନ୍ତି। ଉଦାହରଣ ସ୍ୱରୂପ ବ୍ରହ୍ମଗିରି ତହସିଲ ଅଧୀନ ବୁଧଙ୍ଗ ଆର୍‌ଆଇ ଅଫିସରେ ଦିବାରାତ୍ର ଅଘୋଷିତ ତାଲା ପଡ଼ିଥିବାରୁ ଜନସାଧାରଣ ଓ ଛାତ୍ରୀଛାତ୍ର ବାରହୀନସ୍ତା ଭୋଗିଲେ ବି ଦୁଃଖ ଜଣାଇବେ କାହାକୁ?

**-ଡି.ପି. ତ୍ରିପାଠୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୧ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପଚରାଉଚରା



ଯାଜପୁର ରୋଡ୍ ଅଞ୍ଚଳରେ ଥିବା ସନ୍ଦିଗ୍ଧ ବାଂଲାଦେଶୀ।

**ଯାଜପୁରରୋଡ୍,୨୦।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ପୋଲିସ ପକ୍ଷରୁ ଗୁରୁବାର ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାଜପୁରରୋଡ୍ ଚୋରଦା ବାଇପାସରେ ଦୀର୍ଘ ବର୍ଷ ହେବ କବାଡ଼ିଆ ଭାବେ ରହି ଆସୁଥିବା ୨୧ ସନ୍ଦିଗ୍ଧ ବାଂଲାଦେଶୀ ମହିଳାପୁରୁଷଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରିଛି। ଏଥିସହିତ ସେମାନଙ୍କ ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ଯାଞ୍ଚ କରିଛି। ସେମାନଙ୍କ ଚାଲିଚଳଣ ବାଂଲାଦେଶୀଙ୍କ ଭଳି ଲାଗୁଥିବାବେଳେ ସେମାନେ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ବୋଲି ପୋଲିସ ଜାଣିବାକୁ ପାଇଛି। ଆଗକୁ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯେଉଁମାନଙ୍କ ପରିଚୟ ପତ୍ର ଓ ଆଧାରକାର୍ଡ ଯାଞ୍ଚ ସମୟରେ ସନ୍ଦେହ ଉପୁଜିବ ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବହୁ ବାଂଲାଦେଶୀ ଅନୁପ୍ରବେଶକାରୀ ଯାଜପୁରରୋଡ୍ ସହରର ସାପଗାଡ଼ିଆ, କାଚହୁଡି, ବଙ୍ଗାଳିସାହି ଓ ଦାନଗଦି ଅଞ୍ଚଳରେ ସରକାରୀ ଜାଗା ଜବରଦଖଲ କରି ରହିଛନ୍ତି। ସେମାନେ ବ୍ୟାସନଗର ତଥା କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାଜମିସ୍ତ୍ରୀ, ଶ୍ରମିକ, କବାଡିଆ ଓ ବୁଲାବିକାଳୀ ଭାବେ କାମ କରୁଛନ୍ତି ବୋଲି ଜଣାପଡ଼ିଛି।

# ଟିକସ ଆଦାୟରେ ନିଷ୍କ୍ରିୟତା: ୪.୩୩ କୋଟି କ୍ଷତି

## ଲୋକାଲ ଫଣ୍ଡ ଅଡିଟ ରିପୋର୍ଟରେ ସୂଚନା

**ଯାଜପୁର,୨୦।୧୧(ହର୍ଷବର୍ଦ୍ଧନ ବେହେରା):**

ବକେୟା ଟିକସ ଆଦାୟ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଯୋଗୁ ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୪.୩୩ କୋଟି ଟଙ୍କାରର କ୍ଷତି ହୋଇଛି। ଏଥିରେ କଳାହାଣ୍ଡି ଜିଲାର କେସିଙ୍ଗା ଏନ୍ଏସିରେ ସର୍ବାଧିକ ୭୬ ଲକ୍ଷ ୧୯ ହଜାର ୭୧୮ ଟଙ୍କାର କ୍ଷତି ହୋଇଥିବାବେଳେ ଯାଜପୁର ଜିଲାର ବ୍ୟାସନଗର ମ୍ୟୁନିସିପାଲିଟିରେ ୧୨ ଲକ୍ଷ ୨୩ ହଜାର ୧୦୨ ଟଙ୍କା ରହିଛି। ଏହାବାଦ କେତେକ ପୌରପାଳିକା ସଂସ୍ଥା କର୍ତ୍ତୃପକ୍ଷ ଆଦାୟ ହୋଇଥିବା ଅର୍ଥକୁ ଆଦୌ ପୈଠ ନ କରି ଆତ୍ମସାତ କରିଥିବା ସ୍ଥାନୀୟ ପାଣ୍ଠି ସମୀକ୍ଷା ବା ଲୋକାଲ ଫଣ୍ଡ ଅଡିଟ(ଏଲ୍ଏଫଏ) ୨୦୨୩-୨୪ରୁ ସ୍ପଷ୍ଟ ହୋଇଛି।

ଏଲଏଫଏ ରିପୋର୍ଟ ଅନୁସାରେ, ଓଡ଼ିଶା ପୌରପାଳିକା ଅଧିନିୟମ ୧୯୫୦ ଧାରା ୧୫୯(୨)ରେ ଧାର୍ଯ୍ୟ ହୋଇଥିବା କର ତ୍ରୈମାସର ପ୍ରଥମ ଦିନରୁ ଆଦାୟ ଯୋଗ୍ୟ ହୋଇଥାଏ। ଏହି ଅଧିନିୟମର ଧାରା ୧୬୧ ଅନୁଯାୟୀ ଟିକସ ଆଦାୟ ନିମନ୍ତେ ଧାର୍ଯ୍ୟ ହୋଇଥିବା ଦିନଠାରୁ ୬୧ ଦିନ ପରେ ନିର୍ବାହୀ ଅଧିକାରୀ ଡିମାଣ୍ଡ ନୋଟିସ ଜାରି କରିବେ। ଧାରା ୧୬୨ ଧାର୍ଯ୍ୟ କରିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କ ଉପରେ ନୋଟିସ ଜାରି ହେବାର ୧୫ ଦିନ ମଧ୍ୟରେ ସେ ଦେୟ ନ ଦିଅନ୍ତି ତେବେ ଏହାର ୬ ମାସ ମଧ୍ୟରେ ବ୍ୟାଜାପ୍ତି ଦ୍ୱାରା ଦେୟ ଆଦାୟ କରାଯାଇ ପାରିବ। ଏହାବାଦ୍ ଧାରା ୧୭୦ ଅନୁଯାୟୀ ପୌରପାଳିକା ଦ୍ୱାରା ବ୍ୟାଜାପ୍ତି ପରିବର୍ତ୍ତେ ସମାନ ଢଙ୍ଗରେ ମକଦ୍ଦମା କରାଯାଇ ପାରେ। କିନ୍ତୁ ସମୀକ୍ଷାରୁ ଜଣାପଡିଛି, କେତେକାଂଶରେ ହୋଲ୍ଡିଙ୍ଗ କର୍ତ୍ତୃପକ୍ଷ ଟିକସ ଆଦାୟ ଓ ବଳକା ରେଜିଷ୍ଟର ପ୍ରସ୍ତୁତ କରିନାହାନ୍ତି। ଏହାସହ ଆଇନଗତ କାର୍ଯ୍ୟାନୁଷ୍ଠାନ ମାମଲା ସଂକ୍ରାନ୍ତରେ ଆବଶ୍ୟକ ଦଲିଲ ଦାଖଲ କରିନାହାନ୍ତି। ପୁଣି ଅନାଦେୟ ଟିକସର ବର୍ଷ ଭିତ୍ତିକ ବିବରଣୀ ଉପଲବ୍ଧ କରାଇ ପାରି ନାହାନ୍ତି। ତଥାପି ଉପଲବ୍ଧ ରେକର୍ଡ ଏବଂ ପୂର୍ବ ବର୍ଷ ସମୀକ୍ଷା ରିପୋର୍ଟକୁ ଯାଞ୍ଚ କରାଯାଇ ଅନାଦେୟ ରାଜସ୍ୱ ପରିମାଣ ନିର୍ଣ୍ଣୟ ହୋଇଥିଲା। ଏହା ପୌରପାଳିକା କର୍ତ୍ତୃପକ୍ଷଙ୍କ ତଦାରଖର ଅଭାବ ରହିଥିବା ସ୍ପଷ୍ଟ ହୋଇଛି। ଫଳରେ ସଂପୃକ୍ତ କର୍ତ୍ତୃପକ୍ଷ ଲଗାତାର ଭାବେ ବିପୁଳ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିଥିଲେ। ଅନ୍ୟପକ୍ଷେ ନଗରାଞ୍ଚଳ ସଂସ୍ଥାଗୁଡିକ ଦ୍ୱାରା ଆଦାୟ କରାଯାଇଥିବା ଅର୍ଥକୁ ଆଦୌ ପୈଠ ନ କରି କିମ୍ବା ସ୍ୱଳ୍ପ ପରିମାଣରେ ପୈଠ କରିବା ଯୋଗୁ ୫୩.୧୦ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଛି। ଭବିଷ୍ୟତରେ ଯେପରି ପୌରପାଳିକା କର୍ତ୍ତୃପକ୍ଷ ଏହିପ୍ରକାର କ୍ଷତି ନ କରନ୍ତି ସେଥିପାଇଁ ଏଲଏଫଏ ପକ୍ଷରୁ ଆବଶ୍ୟକ ପରାମର୍ଶ ଦିଆଯାଇଛି।

# ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ବିଞ୍ଝାରପୁର,୨୦।୧୧ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅଧୀନ ଓଳେଇ ଚନ୍ଦନପୁର ପଞ୍ଚାୟତରେ ଉନ୍ନତୀମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ବ୍ୟକ୍ତିଗତ ସ୍ଥାନରେ ମମତା ଗୃହ ନିର୍ମାଣ କରାଯାଉଥିବା ୧୩ନଂ. ୱାର୍ଡବାସୀ ଗୁରୁବାର ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୱାର୍ଡର ଦେବେନ୍ଦ୍ର କୁମାର ସାମଲ, ସୁଲୋଚନା ସାମଲ, ନମିତା ସାମଲ, ଦିବାକର ସାମଲ, ଅଭିଜିତ ସାମଲ ଓ ସୁମିତ୍ରା ସାମଲ ପ୍ରମୁଖ ଦାବି କରିଛନ୍ତି। ବିଡିଓ ହିତାଂଶୁ ଶେଖର ସାମଲ ୱାର୍ଡବାସୀଙ୍କ ଅଭିଯୋଗ ଗ୍ରହଣ କରିବା ପରେ ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ସୁକିନ୍ଦାରେ ଏକତା ପଦଯାତ୍ରା



ଏକତା ପଦଯାତ୍ରାରେ ସାମିଲ ହୋଇଥିବା ମନ୍ତ୍ରୀ, ଏମ୍ପି ଓ ଅନ୍ୟମାନେ।

**ଯାଜପୁର,୨୦।୧୧ (ହର୍ଷବର୍ଦ୍ଧନ ବେହେରା):**

ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଗୁରୁବାର ସୁକିନ୍ଦାଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ସୁକିନ୍ଦା ପୋଲିସ ଷ୍ଟେସନଠାରୁ ଆରମ୍ଭ ହୋଇ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ଓ ଏକତ୍ରିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ପାଇଁ ଆଜି ଅଖଣ୍ଡ ଭାରତ ଗଠନ ସମ୍ଭବ ହୋଇଛି ବୋଲି କହିଥିଲେ। ଏହାସହ ସେହି ସମୟରେ ୫୬୨ଟି ଗଡ଼ଜାତ ରାଜ୍ୟକୁ ଭାରତରେ ସାମିଲ କରି ଏକ ରାଷ୍ଟ୍ରରେ ପରିଣତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସର୍ଦ୍ଦାର ପଟେଲ ଜଣେ ବିଜ୍ଞ ଓକିଲ ଥିଲେ। ପରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଓକିଲାତି ଛାଡ଼ି ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ସେ ଏକ ସାଧାରଣ ଜୀବନରୁ ଉଠି ଭାରତର ଲୌହ ମାନବ ଭାବେ ପରିଚିତ ହୋଇପାରିଥିଲେ। ତାଙ୍କର ଅସାଧାରଣ ନେତୃତ୍ୱ ଦକ୍ଷତା ଓ ଜନସାଧାରଣଙ୍କୁ ସଂଗଠିତ କରିବାର କ୍ଷମତା ତାଙ୍କୁ ସର୍ଦ୍ଦାର ଉପାଧି ପ୍ରଦାନ କରିଥିଲା। ୧୯୪୭ ଦେଶ ସାଧୀନ ହେବା ପରେ ଏହା ସଶକ୍ତ ଓ ସମୃଦ୍ଧ ଭାରତ ଗଢିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଥିଲା ଅତୁଳନୀୟ। ତାଙ୍କର ପ୍ରୟାସ ଭାରତର ବିଖଣ୍ଡନକୁ ରୋକିଥିଲା। ସର୍ଦ୍ଦାର ପଟେଲଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅକ୍ଟୋବର ୩୧ରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଯାଜପୁର ଏମପି ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁକିନ୍ଦାର ଏହି ଐତିହାସିକ ଧରିତ୍ରୀରେ ହୋଇଥିବା ଏକତା ପଦଯାତ୍ରା ମାତ୍ର ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଆମ ଜାତୀୟ ଏକତାର ସନ୍ଦେଶ, ଆମ ପିଢିପିଢିର ପ୍ରେରଣା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ଭାଜପା ସଭାପତି ସଭାପତି ଦେବଜାନୀ ପ୍ରଧାନ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଚଣ୍ଡିଖୋଲ ପ୍ରେସ୍‌କ୍ଲବର ସାଧାରଣ ପରିଷଦ ବୈଠକ



ବୈଠକରେ ଯୋଗଦେଇଥିବା ପ୍ରେସ୍ କ୍ଲବର କର୍ମକର୍ତ୍ତା।

**ବଡ଼ଚଣା,୨୦।୧୧ (ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସକ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସାଧାରଣ ଲୋକଙ୍କ ଅଧିକାର ଓ ସ୍ୱାର୍ଥ ରକ୍ଷା ସହ ବ୍ୟବସ୍ଥାକୁ ଠିକ ଢଙ୍ଗରେ ପରିଚାଳନା ପାଇଁ ଉଚିତଖବର ପ୍ରକାଶ କରିବାକୁ ସମସ୍ତ ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ସଭାପତି ବେଣୁଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହେମେଶ ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରେସକ୍ଲବ କୋଠାର ପୂର୍ଣ୍ଣାଙ୍ଗ ପାଇଁ ବିଧାୟକ ନିଜ ଉନ୍ନୟନ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଂସ୍କୃତିକ ସମ୍ପାଦକ ସୁରେନ୍ଦ୍ର ସାମଲାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରେସକ୍ଲବରେ ସଭ୍ୟହେବା ପାଇଁ ଆବେଦନ କରିଥିବା ୬ ଆବେଦନକୁ ମଞ୍ଜୁର କରାଯାଇଥିଲା। ଆଗାମୀ ଦିନରେ ନୂତନ ସଭ୍ୟ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆବାହକ ସଂଜୟ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, କୋଷାଧ୍ୟକ୍ଷ ପ୍ରସନ୍ନ ବିଶ୍ୱାଳ, ଉପଦେଷ୍ଟା ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ଶିବରାମ ସାହୁ, ମୋହନ ଖିଲାର, ସେକ୍ ସାବିର ଉଦ୍ଦିନ, ମସିର ଆଲମ, ପ୍ରଶାନ୍ତ ଜେନା, ବସନ୍ତ ପଲେଇ, ଦିଲୀପ ସାହୁ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭ୍ୟ ପ୍ରତାପ କେଶରୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଆମ୍ବୁଲାନ୍ସ ଚାଳକଙ୍କୁ ମାଡ଼

**ଯାଜପୁର ଟାଉନ, ୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ୧୦୮ ଆମ୍ବୁଲାନ୍ସ ଚାଳକଙ୍କୁ ବୁଧବାର ରାତିରେ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଚିକିତ୍ସାଳୟର କେତେଜଣ ସୁରକ୍ଷା କର୍ମୀଙ୍କ ସମେତ ସାଦା ପୋଷାକରେ ଥିବା ଚିକିତ୍ସାଳୟର ଫାଣ୍ଡିଅଧିକାରୀ ସମ୍ପୃକ୍ତ ଚାଳକଙ୍କୁ ମାଡ଼ ମାରିଛନ୍ତି। ଏନେଇ ସେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗାଡ଼ି ପାର୍କିଙ୍କୁ ନେଇ ଏହି ଘଟଣା ଘଟିଥିବା ଚାଳକ ଅଭିଯୋଗରେ ଦର୍ଶାଇଛନ୍ତି। ସାମାନ୍ୟ କଥାରେ ଏଠାରେ ଗଣ୍ଡଗୋଳ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷାକର୍ମୀମାନେ ଗଣ୍ଡଗୋଳ କରୁଥିବା ପୂର୍ବରୁ ବହୁ ଅଭିଯୋଗ ରହିଛି। ଏହି ଘଟଣା ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।


## NOTICE

Notice hereby given by an affidavit before the Court bearing No. 1240 dated 17.10.2025 that Branch Manager of SBI, Kalinganagar declare that during verification, some mortgage documents sale deed vide document No. 10821904319, application id No. 821904353, instrument No. N296190961110239 dated 16.11.2019 of registering officer, Dolipur deposited by Tanmoy Banerjee found missing in the Kalinganagar Branch premises. Further notice is hereby given that if any party/ person has claim towards the above said property, the same should be lodged within the intending parties and also with above stated branch of SBI, Kalinganagar within 15 days of the publication of notice.

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

"କେନ୍ଦ୍ରାପଡ଼ା ଜିଲ୍ଲାର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ତରଫରୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କର୍ମଶାଳାରେ ବହୁଳ ଭାବରେ ଅଂଶଗ୍ରହଣ କରନ୍ତୁ। ସେଥିନିମନ୍ତେ ନିକଟସ୍ଥ ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।"

Sd./- Assistant Director of Horticulture
Kendrapara

## ଅନୁଗୁଳ ସୁନ୍ଦରଗଡ଼ ଟ୍ରାନ୍ସମିଶନ୍ ଲିମିଟେଡ୍

ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫

### ସାର୍ବଜନୀନ ବିଜ୍ଞପ୍ତି

୧.ଅନୁଗୁଳ ସୁନ୍ଦରଗଡ଼ ଟ୍ରାନ୍ସମିଶନ୍ ଲିମିଟେଡ୍, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ, ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ ଅବସ୍ଥିତ, ଯାହା କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ଅନ୍ତର୍ଭୁକ୍ତ ଏବଂ ବିଦ୍ୟୁତ ଆଇନ, ୨୦୦୩ ର ଧାରା ୧୫ର ଉପ-ଧାରା (୧) ଅନୁଯାୟୀ ଟ୍ରାନ୍ସମିଶନ୍ ଲାଇନ, ସବ୍-ଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କରେ ଟ୍ରାନ୍ସମିଶନ୍ ଲାଇସେନ୍ସ ପ୍ରଦାନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission), ନୂଆଦିଲ୍ଲୀ ସମ୍ମୁଖରେ ଏକ ଆବେଦନ ପତ୍ର ଦାଖଲ କରିଛି, ଯାହାର ବିବରଣୀ ପ୍ରଦାନ କରାଯାଇଛି :

| କ୍ର.ସଂ. | ଲାଇନ/ସବ୍-ଷ୍ଟେସନର ନାମ (ସ୍ଥାନ) | ଲାଇନ/ଲମ୍ବ କ୍ଷମତା | ଆନୁମାନିକ ସମ୍ପୂର୍ଣ୍ଣ ମୂଲ୍ୟ କିମ୍ବା ସ୍ତରୀକୃତ ଟ୍ରାନ୍ସମିଶନ ଦେୟ | ନିର୍ଦ୍ଧାରିତ COD | ଟିପ୍ପଣୀ |
|---|---|---|---|---|---|
| ୧ | NLC-Talabaria Generation Switchyard ଠାରେ ଅନୁଗୁଳ-ସୁନ୍ଦରଗଡ (ଝାରସୁଗୁଡା) ୭୬୫ ଲାଇନ୍‌ର ଉଭୟ ସାର୍କିଟ୍ ର LILO | ୨x୨୪୦ MVAr ଲାଇନ ରିଆକ୍ଟର ବିପକ୍ଷରେ ୭x୮୦ MVAr ସିଙ୍ଗଲ ଫେଜ୍ ୟୁନିଟ୍ | ୪୩୧.୧୧ ମିଲିୟନ୍ | ୨୮.୦୩.୨୦୨୮ | |

୨. କମିଶନଙ୍କ ସମ୍ମୁଖରେ ଦାଖଲ ହୋଇଥିବା ସମ୍ପୂର୍ଣ୍ଣ ଆବେଦନ ଏବଂ ଅନ୍ୟାନ୍ୟ ଦସ୍ତାବେଜ ଗୁଡିକ https://hginfra.com/pdf/acquisition_angul_sundargarh_transmission_limited_july_28_2025.pdf ୱେବସାଇଟରେ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରବେଶ ପାଇଁ ଉପଲବ୍ଧ । ଆବେଦନପତ୍ରକୁ କମ୍ପାନୀର କାର୍ଯ୍ୟାଳୟ ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ) କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ, ଶ୍ରୀଯୁକ୍ତ ସନ୍ଦୀପ ରାଠୋର ଅଥବା କମିଶନଙ୍କ କାର୍ଯ୍ୟାଳୟ ଠାରେ କମିଶନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଇପାରିବ ।

୩. ଯଦି କୌଣସି ଆପତ୍ତି କିମ୍ବା ପରାମର୍ଶ ଥାଏ, ତେବେ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission) ର ସଚିବଙ୍କ (Secretary) ଟାୱାର ବି, ୬, ୭,୮ ମହଲା, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜନି ନଗର, ମାର୍କେଟ, ବ୍ଲକ ଜି, ନୌରୋଜି ନଗର, ସଫଦରଜଙ୍ଗ ଏନକ୍ଲେଭ, ନୂଆଦିଲ୍ଲୀ, ଦିଲ୍ଲୀ ୧୧୦୦୨୯ ନିକଟରେ ଦାଖଲ କରିବାକୁ ହେବ, ଏବଂ ଆପତ୍ତି/ପରାମର୍ଶର ଏକ କପି ଆବେଦନକାରୀ କିମ୍ବା ତାଙ୍କର ଅଧିକୃତ ଏଜେଣ୍ଟଙ୍କ ନିକଟକୁ ପଠାଇବାକୁ ହେବ ।

ସ୍ଥାନ: ଅନୁଗୁଳ
ତାରିଖ: ୨୦.୧୧.୨୦୨୫

ସ୍ୱା./- କୈଳାଶ ଚନ୍ଦ୍ର ଗୁପ୍ତା
ସ୍ୱୀକୃତିପ୍ରାପ୍ତ ଦସ୍ତଖତକାରୀ

## जिला परिषद कार्यालय, पूर्वी सिंहभूम, जमशेदपुर
पुनः अति अल्पकालीन ई–निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)

Notice Inviting e-Tender No : ESZP/JSR/Epro- 10/2025-26 (2nd Call)

| क्र0 सं0 | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की तिथि |
|---|---|---|---|---|---|
| 1 | पटमदा प्रखण्ड अन्तर्गत बांगुड़दा पंचायत के बांगुड़दा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |

| | | | |
|---|---|---|---|
| 1 | निविदा आमंत्रित करनेवाले पदाधिकारी का नाम | :- | सचिव, जिला परिषद, पूर्वी सिंहभूम, जमशेदपुर। |
| 2 | वेवसाईड पर निविदा प्रकाशन की तिथि | :- | 26.11.2025 को पूर्वाह्न 11:00 बजे। |
| 3 | निविदा प्राप्त करने की अंतिम तिथि | :- | 11.12.2025 को अपराह्न 5:00 बजे तक। |
| 4 | निविदा खोलने की तिथि एवं समय | :- | 16.12.2025 को अपराह्न 5:00 बजे तक। |
| 5 | ई–मेल पता | :- | ddcjsr01@gmail.com |
| 6 | निविदा से संबंधित जानकारी हेतु दुरभाष सं0 | :- | 7667632642 |
| 7 | जिला परिषद, पूर्वी सिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें। | | |
| 8 | विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वी सिंहभूम के सूचना पट्ट पर देखा जा सकता है। | | |

सचिव,
जिला परिषद, पूर्वी सिंहभूम,जमशेदपुर

PR 366573 (Panchayati Raj)25-26*D

## कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़।
रामगढ़ थाना के सामने, थानाचौक/गांधीचौक, रामगढ़ कैन्ट, जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

### " सूचना "

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006 Road (25-26)*D द्वारा आमंत्रित अल्पकालीन ई–निविदा में निम्न प्रकार से पुनः संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 20.11.2025 10:30बजे पूर्वाह्न | 25.11.2025 10:30बजे पूर्वाह्न |
| 2. | थ्नविदा प्राप्ति की अंतिम तिथि एवं समय | 26.11.2025 12:00 बजे दिन तक | 04.12.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।

PR 366612 (Road) 25-26 (D)

## B.I.T. SINDRI
P.O.-SINDRI INSTITUTE
DIST; DHANBAD (JHARKHAND)
PIN: 828123

e-tender Notice -
BIT/15/2025-26/Mix1
Reference Number: BIT/15/2025-26/Mix1
Dated :- 18-11-2025
Tender ID: 2025_DHTE_106724_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and Installation of laboratory apparatus, Chemicals and miscellaneous consumable item for various Department at BIT Sindri, Dhanbad, Jharkhand. |
| 3 | Document download start date | 21-11-2025 |
| 4 | Document download end date | 11-12-2025 |
| 5 | Bid submission end date | 11-12-2025 |
| 6 | Bid opening date | 12-12-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 366561 (Higher Education,Technical Education and Skill Development Department)25-26*D

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

No.CAD-2389 **TENDER ALERT**

**1)Tender Call Notice No. BRL-41/2025-26:** Overhauling and maintenance including gasket replacement, oil filtration & supply of HV B-Phase CT terminal of 100MVA (Make: ABB) Auto TRF-II at 220/132/33kV GSS, Katapali under EHT (O&M) Circle, Burla.

**2)Tender Call Notice No. BRL-42/2025-26:** Painting of equipment's structure, different panels (Mechanism box, Consol box, Kiosk panels), safety slogan boards, gates, mesh fencing, street light poles, DP structure poles etc. of different Grid S/S under EHT (O&M) Division, Burla under EHT (O&M) Circle, Burla.

**3)E-Tender Call Notice No. BRL-43/2025-26:** Construction of PCC and Metal spreading works at 132kV S/Y of 132/33kV Grid S/S, Rajgangpur under EHT (O&M) Division, Rajgangpur under EHT (O&M) Circle, Burla.

**4)Tender Call Notice No. 13/BAM/2025-26:** Checking & tightening of exixting jumpers of various 220kV and 132kV SC and DC line under EHT (O&M) Circle, Berhampur.

**5)Tender Call Notice No. 09/2025-26:** Procurement of LED based 90W street light & 150W flood light fittings for various GSSs under EHT (O&M) Division, Dhenkanal.

**6)Tender Call Notice No. OTCN/PDP-04/2025-26:** Replacement of rusted & damaged tower hangers by new hangers in 71 Nos. of normal location (starting from Paradeep end i.e. Paradeep Jurisdiction) of 220kV New-Duburi Paradeep DC line under EHT (O&M) Division, Paradeep.

**7)Tender Call Notice No. OTCN/PDP-05/2025-26:** Supply of 48 Nos. of surge monitors with counters, along with the required accessories for 220kV & 132kV Surge arresters pertaining to Grid S/S Paradeep under EHT (O&M) Division, Paradeep.

**8)Tender Call Notice No. OTCN/PDP-06/2025-26:** Repair & renovation of store-cum-fabrication shed along with the floor of the control room of Grid S/S Paradeep under EHT (O&M) Division, Paradeep.

**9)Tender Call Notice No. 01/2025-26:** Hiring of 01 no. of commercial registered light vehicle 7-seater AC Bolero or equivalent for engagement at E&MR Division, Meramundali under E&MR Division, Meramundali.

**10)Tender Call Notice No. RKL 14/25-26:** Unwanted Vegetation clearance in peripheral areas of various GSS under EHT (O&M) Division, Rourkela.

**11)Tender Call Notice No. RKL 15/25-26:** Procurement and supply of different type hardware fittings with all accessories required for 3rd transformer bay work at 220/33kV Grid S/S Bonai under EHT (O&M) Division, Rourkela.

**12)Tender Call Notice No. OTCN.14/2025-26:** Engagement of one No.. of diesel run Bolero camper (Dala Bolero) or equivalent required for field & maintenance works of (O&M) S/D, Balugaon under EHT (O&M) Division, Chatrapur under EHT (O&M)Circle, Berhampur.

**13)Tender Call Notice No. GM-EHT(P)Circle-BBSR-04/2025-26:** Loading, unloading and transportation of tower materials from different OPTCL stores to Grid S/S,Boudh (M/s. SEL Store) under EHT (Projects) Division, Angul under EHT (Projects)Circle, Bhubaneswar.

**14)E-Tender Call Notice No. SGM-SZ-BAM-13/2025-26:** Construction of fencing arround the periphery of 220kV, 132kV & 33kV S/Ys at 220/132/33kV Grid S/S, Therubali under EHT (O&M) Division, Rayagada under Southern Zone(O&M), Berhampur.

**15)E-Tender Call Notice No. SGM/BAM/14/2025-26:** Construction of additional earthing at various location of 132 & 220kV lines under EHT (O&M) Division, Rayagada under Southern Zone(O&M), Berhampur.

**16)Tender Call Notice No. 15/BAM/2025-26:** Supply and fixing of LED light fittings with conduit wiring in control room corridor, Portico, staircase corridor, Battery room, ACDB & DCDB room, Garage and store room at 220/132/33kV Grid S/S, Narendrapur under EHT (O&M) Division, Berhampur under EHT (O&M) Circle, Berhampur.

**17)E-Tender Call Notice No. JPR-02/2025-26:** Repairing of existing earthpit chambers for different equipments of 220kV, 132kV & 33kV S/Y and construction of footpath around 220kV S/Y at 220/132/33kV Grid S/S, Therubali under EHT (O&M) Division, Rayagada under EHT (O&M) Circle, Jeypore.

**18)E-Tender Call Notice No. CHP-08/2025-26:** Replacement of damaged insulator strings at different locations of 400kV Meramundali - Mendhasal D/C line of 400kV line S/D, Meramundali under EHT (O&M) Division, Meramundali under EHT (O&M) Circle, Chainpal.

**19)Tender Call Notice No. CHP-06/2025-26:** (i) Replacement of OLTC Diverter switch spares of BHEL make 315 MVA ICT-II at 400/220/132kV Grid S/S, Meramundali under EHT (O&M) Division, Meramundali (ii) Oil filtration of BHEL make 315 MVA ICT-I at 400/220/132kV Grid S/S, Meramundali under EHT (O&M) Division, Meramundali under EHT (O&M) Circle, Chainpal.

For more details please visit OPTCL's website: **www.optcl.co.in.**

OIPR- FIPR-60/2025-26

/optcl.odisha /optcl_odisha

# ରାସ୍ତାକଡ଼ ବିଲରୁ ଯୁବକଙ୍କ ମୃତଦେହ ଜବତ

କୁଜଙ୍ଗ, ୨୦।୧୧(ମନୋଜ ପ୍ରଧାନ)

କୁଜଙ୍ଗ ତ୍ରିଲୋଚନପୁର ସାଗର ରୋଡର ଫତେପୁର ନିକଟ ରାସ୍ତାକଡ ବିଲରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଏଥିସହ ନିକଟରେ ପଡ଼ିଥିବା ଏକ ବାଇକ୍ ମଧ ପୋଲିସ ଉଠାଇ ନେଇଛି। ମୃତ ଯୁବକ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବଳଭଦ୍ରପୁର (ଜମଧର) ଗାଁର ଭଗବାନ ସାହୁଙ୍କ ପୁଅ ହରେକୃଷ୍ଣ ସାହୁ। ସେ ପାରଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଠିକା ସଂସ୍ଥାରେ କାମ କରନ୍ତି। ହରେକୃଷ୍ଣ ପ୍ରତିଦିନ ମୋଟର ସାଇକେଲ ଯୋଗେ ଘରୁ ତୈଳ ବିଶୋଧନାଗାର ପ୍ରକଳ୍ପକୁ ଯାତାୟାତ କରନ୍ତି। ବୁଧବାର ରାତିରେ ପ୍ରାୟ ୧୦ଟାରେ ଡିଉଟି ସରିବା ପରେ ହରେକୃଷ୍ଣ ବାହାରକୁ ଆସିଥିଲେ। ଫାଟକ ବାହାରେ ରଖିଥିବା ମୋଟର ସାଇକେଲ ଯୋଗେ ସେ ଘରକୁ ଫେରୁଥିଲେ କି ଅନ୍ୟ କୁଆଡେ ଯାଉଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଫତେପୁର ନିକଟ ବିଲରେ ତାଙ୍କ ମୃତଦେହ ପଡ଼ିଥିବା ନେଇ କୁଜଙ୍ଗ ପୋଲିସକୁ ଗୁରୁବାର ସକାଳୁ ଖବର ମିଳିଥିଲା। ଏହାପରେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ମୃତ ହରେକୃଷ୍ଣଙ୍କ ମୁଣ୍ଡ ଫାଟି ଥିବାବେଳେ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମୃତଦେହ ପଡ଼ିଥିବା ବିଲରେ ପାଣି ଥିଲା। ଏହା ଦୁର୍ଘଟଣା ଜନିତ ସନ୍ଦେହ କରାଯାଉଥିବା ବେଳେ ପୋଲିସ ମାମଲା (ନଂ.୪୧୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସହକାରୀ ସବ୍‌ଇନ୍ସପେକ୍ଟର ପ୍ରମୋଦ ରାୟ କହିଛନ୍ତି।



ଅଦିନିଆ ସମ୍ଭାବ୍ୟ ଲଘୁଚାପ ବର୍ଷା ଭୟରେ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ଚାଷୀମାନେ ଧାନ ବିଲରୁ ଆଣି ଅମଳ କରିବାରେ ବ୍ୟସ୍ତ। (ଫଟୋ: ଶରତ କୁମାର ରାଉତ)

# ବୈଜ୍ଞାନିକ ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନକୁ ପ୍ରୋତ୍ସାହନ

ଜଗତ୍‌ସିଂହପୁର, ୨୦।୧୧ (ପ୍ରମୋଦ କୁମାର ନାୟକ)

ଅଣ୍ଡାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଅଣ୍ଡାଦିଆ କୁକୁଡ଼ା ପାଳନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏନେଇ ରିହାତି ସହ ଆବଶ୍ୟକ ପ୍ରୋତ୍ସାହନ ମଧ ଦେଉଛନ୍ତି। ଅଧିକରୁ ଅଧିକ ସଂଖ୍ୟକ ଯୁବ ଉଦ୍ୟୋଗୀ ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହି ନିର୍ଦ୍ଦେଶକୁ ଅନୁପାଳନ ପୂର୍ବକ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏ ସଂକ୍ରାନ୍ତୀୟ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ, ଖାଦ୍ୟ, ରୋଗ ପରିଚାଳନା ସହ ଟିକାକରଣ ଓ ପ୍ରକଳ୍ପ ପ୍ରସ୍ତୁତି ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ପ୍ରାଣୀ ବିଜ୍ଞାନୀ ଡ. ତପନ ପଲାଇ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୟପ୍ରକାଶ ଭଞ୍ଜ ଓ ଡ. ସୁଜିତ କୁମାର ବିଶ୍ୱାଳ ଭାଗ ନେଇଥିବା ଚାଷୀଙ୍କୁ କୁକୁଡ଼ା ପାଳନ ବିଷୟରେ ଅନେକ କିଛି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀଙ୍କୁ ତିର୍ତ୍ତୋଲ ନିକଟ କୋଲଟାସ୍ଥିତ ଅଣ୍ଡା ଦିଆ କୁକୁଡ଼ା ଫାର୍ମ ପରିଦର୍ଶନରେ ନିଆଯାଇ ଫାର୍ମ ପରିଚାଳନାର ସମସ୍ତ କାର୍ଯ୍ୟ ବିଷୟରେ ବୁଝାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ଅଜୟ କୁମାର ସାହୁ ଓ ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଡ. ଯଦୁନାଥ ପରିଡା ଭାଗ ନେଇଥିବା ଯୁବ ଉଦ୍ୟୋଗୀମାନଙ୍କୁ କୁକୁଡ଼ା ପାଳନର ବିଶେଷ ମହତ୍ତ୍ୱ ଓ ବାୟୋ ସିକ୍ୟୁରିଟି, ପ୍ରଦୂଷଣ ନିୟନ୍ତ୍ରଣ ଓ ଆବର୍ଜନା ପରିଚାଳନା ବିଷୟରେ ବୁଝାଇଥିଲେ। ଶେଷରେ ଭାଗ ନେଇଥିବା ସମସ୍ତ ଯୁବ ଉଦ୍ୟୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ଯୁବ ଉଦ୍ୟୋଗୀ ଭାଗ ନେଇଥିଲେ। ଏହି ତାଲିମ ଗତ ୧୮ ତାରିଖରୁ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଥିଲା। ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼. ପ୍ରଦୀପ୍ତ ମାଝୀ, ଡ.ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ମାନପତ୍ର ପାଇଥିବା ଉଦ୍ୟୋଗୀମାନେ।

# ୬୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୧ ଗିରଫ

ଜଗତ୍‌ସିଂହପୁର, ୨୦।୧୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ତର୍ତ୍ତଙ୍ଗ ଗ୍ରାମର ସରୋଜ କୁମାର ବେହେରାଙ୍କଠାରୁ ୬୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୬,୩୦,୦୦୦ ଟଙ୍କା ହେବ ବୋଲି ଜଣାଯାଇଛି। ଏଥିସହ ଏକ ମୋବାଇଲ, ନିଶା ଚୋରା ଚାଲାଣରେ ବ୍ୟବହୃତ ଏକ ବାଇକ୍ ଜବତ କରାଯାଇଛି। ସରୋଜ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାର ଚୋରା ଚାଲାଣ କରୁଥିଲେ ସୁଦ୍ଧା ଧରାପଡୁନ ଥିଲେ। ଗୁରୁବାର ଅବକାରୀ ବିଭାଗ ତାଙ୍କୁ କାବୁ କରିବାରେ ସମର୍ଥ ହୋଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ସରୋଜଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କୁ ୧୪ ଦିନିଆ ରିମାଣ୍ଡରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ଗିରଫ ହୋଇଥିବା ଅଭିଯୁକ୍ତ ପ୍ରଶାନ୍ତ ସ୍ୱାଇଁଙ୍କଠାରୁ ସରୋଜଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ଚଢ଼ାଉରେ ଅବକାରୀ ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ ସନ୍ତୋଷ ନାୟକ, ଏଏସ୍‌ଆଇ ପିନାକୀ ରାଉତରାୟ, କନଷ୍ଟେବଲ ସବିତା ନାୟକ, ସୁକାନ୍ତ ମାଝୀ, ଅନୋରାଗ ସୂର୍ଯ୍ୟବଂଶୀ, ମହେନ୍ଦ୍ର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ଡକାୟତି ଯୋଜନା କରୁଥିବା ଗ୍ୟାଙ୍ଗର ୩ ଗିରଫ, ଖସିଗଲେ ୨

## ବୋଲେରୋ, ବିଭିନ୍ନ ମାରଣାସ୍ତ୍ର ଜବତ

କଟକ,୨୦।୧୧(କାର୍ତ୍ତିକ ସାହୁ)

ଅନ୍ଦରପୁର ନିକଟ ତାଳଦଣ୍ଡା କେନାଲ ରାସ୍ତାରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗ ମଧୁପାଟଣା ଥାନା ପୋଲିସ ହାତରେ ଧରାପଡ଼ିଛି। ପୋଲିସ ଆସୁଥିବା ଦେଖି ଡକାୟତି ଗ୍ୟାଙ୍ଗର ୨ ସଦସ୍ୟ ଖସି ପଳାଇଥିବା ବେଳେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୁର ମହମ୍ମଦ (୨୫), ସେକ୍ ଫଜଲ ହକ୍(୨୨) ଓ ସେକ୍ ସାଜିତ ଅଲ୍ଲି (୩୦)। ସେମାନଙ୍କୁ ଗିରଫ ପରେ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଘର ଜଗତ୍‌ସିଂହପୁର ଜିଲା କ୍ରିଷ୍ଣାନନ୍ଦପୁର ଥାନା ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି। ସେମାନେ ବ୍ୟବହାର କରିଥିବା ବୋଲେରୋ, ମାରଣାସ୍ତ୍ର, ୩ଟି ମୋବାଇଲ ଫୋନ୍ ଆଦି ପୋଲିସ ଜବତ କରିଛି। ସୂଚନାନୁସାରେ, ମଧୁପାଟଣା ଥାନା ପୋଲିସ ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ପାଟ୍ରୋଲିଂ କରୁଥିବା ବେଳେ ୫ଜଣ ଯୁବକ ଏକାଠି ହୋଇଥିବା ଦେଖିବାକୁ ପାଇଥିଲା। ଅନ୍ଦରପୁର ନିକଟ ତାଳଦଣ୍ଡା କେନାଲ ରାସ୍ତାରେ ଯୁବକମାନେ ଏକ ବୋଲେରୋ ନିକଟରେ ବାଇକ୍ ରଖି ଠିଆ ହୋଇଥିଲେ। ପୋଲିସ ଗାଡ଼ି ଆସୁଥିବା ଦେଖି ସେମାନଙ୍କ ମଧ୍ୟରୁ ୨ଜଣ ସେଠାରୁ ଖସି ପଳାଇ ଯାଇଥିଲେ। ଅନ୍ୟ ୩ଜଣ ପୋଲିସ ହାତରେ ଧରାପଡ଼ି ଯାଇଥିଲେ। ପୋଲିସ ସେମାନଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ପରିଚୟ ଜଣାପଡ଼ିଥିଲା। ପୋଲିସ ବୋଲେରୋ ଗାଡ଼ି (ନ. ଓଆର-୧୧-ଜେ ୬୬୬୫)କୁ ଯାଞ୍ଚ କରିବା ପରେ ଖଣ୍ଡା, ଭୁଜାଲି, କଟୁରି, ଲୁହାଛଡ଼ ଓ କାଟିବା ଯନ୍ତ୍ର ଆଦି ମାରଣାସ୍ତ୍ର ଗାଡ଼ିରୁ ମିଳିଥିଲା। ଗିରଫ ୩ଜଣଙ୍କୁ ପଚରାଉଚରା କରିବା ପରେ ଖସି ପଳାଇଥିବା ୨ଜଣ ସେମାନଙ୍କ ସହଯୋଗୀ ଥିଲେ ଓ ଏକ ଡକାୟତି କରିବା ନିମନ୍ତେ ସେମାନେ ଯୋଜନା କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ସାଧାରଣଜ୍ଞାନ ପରୀକ୍ଷା

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ରଘୁନାଥପୁର,୨୦।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ରଘୁନାଥପୁର ବ୍ଲକ ଗାନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୩ ଛାତ୍ରୀଛାତ୍ରଙ୍କୁ ନେଇ ମଣ୍ଡଳସ୍ତରୀୟ ସାଧାରଣଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ୨୫ ହାଇସ୍କୁଲ,୨୪ ଅପରପ୍ରାଇମେରୀ ଓ ୭୪ ପ୍ରାଇମେରୀ ସ୍କୁଲ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ପତିଙ୍କ ତତ୍ତ୍ୱାବଧାନରେ ଏବିଇଓ ଆଶୁତୋଷ ବାନାର୍ଜୀ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସିଆର୍‌ସିସି ବିରୂପାକ୍ଷ ସେଠୀ, ଶିକ୍ଷକ ଦେବାଶିଷ ବେହେରା ଓ ଯଜ୍ଞବଳ୍କ ମିଶ୍ର ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁ ସମସ୍ତ ସହାୟତା ଯୋଗାଇ ଦେଇଥିଲେ। ଏହି ପରୀକ୍ଷାରେ ୩ ବର୍ଗରୁ ମୋଟ ୯ ଜଣ ଛାତ୍ରୀଛାତ୍ର ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ପ୍ରଥମସ୍ଥାନରେ ରହିଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ନଭେମ୍ବର ୨୨ରେ ହେବାକୁ ଥିବା ବିଜ୍ଞାନମେଳାରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ୯ କ୍ଲଷ୍ଟରର ସିଆରସିସି ଓ ନିୟୋଜିତ ଶିକ୍ଷକ ଏବଂ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



ସମସ୍ତଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯାଉଛି।

# ଶର୍ଟ ସର୍କିଟରେ ଗୁହାଳ ଜଳିଗଲା

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗାଈ ଉଦ୍ଧାର

କୁଜଙ୍ଗ, ୨୦।୧୧(ମନୋଜ ପ୍ରଧାନ)

ଏରସମା ବ୍ଲକ ବାମଦେଇପୁର ପଞ୍ଚାୟତ ଅନ୍ତର୍ଗତ ବାରାଖଣା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଧୁନଚନ୍ଦ୍ର ସ୍ୱାଇଁଙ୍କ ଗୁହାଳ ଜଳିଯାଇଛି। ଅଗ୍ନିକାଣ୍ଡରେ ସେଠାରେ ଥିବା ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏକ ଗାଈକୁ ଉଦ୍ଧାର କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଚାଷୀ ଧୁନଚନ୍ଦ୍ର ସ୍ୱାଇଁଙ୍କ ଗୁହାଳରେ ନିଆଁ ଲାଗିଯାଇଥିଲା। ଏ ସମ୍ପର୍କରେ ତୁରନ୍ତ ଅଗ୍ନିଶମ ସେବା ବାହିନୀକୁ ଖବର କରାଯାଇଥିଲା। କୁଜଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଖବରପାଇ ଗୁରୁବାର ସକାଳେ ବାମଦେଇପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରିହର ଲିଙ୍ଗରାଜ ମହାନ୍ତି ଓ ନୂଆଗାଁ ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ସ୍ୱାଇଁ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି।


## NOTICE

Notice hereby given by an affidavit before the Court bearing No. 1240 dated 17.10.2025 that Branch Manager of SBI, Kalinganagar declare that during verification, some mortgage documents sale deed vide document No. 10821904319, application id No. 821904353, instrument No. N296190961110239 dated 16.11.2019 of registering officer, Dolipur deposited by Tanmoy Banerjee found missing in the Kalinganagar Branch premises. Further notice is hereby given that if any party/ person has claim towards the above said property, the same should be lodged within the intending parties and also with above stated branch of SBI, Kalinganagar within 15 days of the publication of notice.

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

''କେନ୍ଦ୍ରାପଡ଼ା ଜିଲ୍ଲାର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ତରଫରୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କର୍ମଶାଳାରେ ବହୁଳ ଭାବରେ ଅଂଶଗ୍ରହଣ କରନ୍ତୁ। ସେଥିନିମନ୍ତେ ନିକଟସ୍ଥ ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।''

Sd./- Assistant Director of Horticulture
Kendrapara

## ଅନୁଗୁଳ ସୁନ୍ଦରଗଡ଼ ଟ୍ରାନ୍ସମିଶନ୍ ଲିମିଟେଡ୍

ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫

### ସାର୍ବଜନୀନ ବିଜ୍ଞପ୍ତି

୧.ଅନୁଗୁଳ ସୁନ୍ଦରଗଡ଼ ଟ୍ରାନ୍ସମିଶନ୍ ଲିମିଟେଡ୍, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ, ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ ଅବସ୍ଥିତ, ଯାହା କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ଅନ୍ତର୍ଭୁକ୍ତ ଏବଂ ବିଦ୍ୟୁତ ଆଇନ, ୨୦୦୩ ର ଧାରା ୧୫ର ଉପ-ଧାରା (୧) ଅନୁଯାୟୀ ଟ୍ରାନ୍ସମିଶନ ଲାଇନ, ସବ୍-ଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କରେ ଟ୍ରାନ୍ସମିଶନ ଲାଇସେନ୍ସ ପ୍ରଦାନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission), ନୂଆଦିଲ୍ଲୀ ସମ୍ମୁଖରେ ଏକ ଆବେଦନ ପତ୍ର ଦାଖଲ କରିଛି, ଯାହାର ବିବରଣୀ ପ୍ରଦାନ କରାଯାଇଛି :

| କ୍ର.ସଂ. | ଲାଇନ/ସବ୍-ଷ୍ଟେସନର ନାମ (ସ୍ଥାନ) | ଲାଇନ/ଲୟ କ୍ଷମତା | ଆନୁମାନିକ ସମ୍ପୂର୍ଣ୍ଣ ମୂଲ୍ୟ କିମ୍ବା ସ୍ତରୀକୃତ ଟ୍ରାନ୍ସମିଶନ ଦେୟ | ନିର୍ଦ୍ଧାରିତ COD | ଟିପ୍ପଣୀ |
|---|---|---|---|---|---|
| ୧ | NLC-Talabaria Generation Switchyard ଠାରେ ଅନୁଗୁଳ-ସୁନ୍ଦରଗଡ (ଝାରସୁଗୁଡା) ୭୬୫ ଲାଇନ୍‌ର ଉଭୟ ସାର୍କିଟ୍ ର LILO | ୨x୨୪୦ MVAr ଲାଇନ ରିଆକ୍ଟର ବିପକ୍ଷରେ ୭x୮୦ MVAr ସିଙ୍ଗଲ ଫେଜ୍ ୟୁନିଟ୍ | ୪୩୧.୧୧ ମିଲିୟନ୍ | ୨୮.୦୩.୨୦୨୮ | |

୨. କମିଶନଙ୍କ ସମ୍ମୁଖରେ ଦାଖଲ ହୋଇଥିବା ସମ୍ପୂର୍ଣ୍ଣ ଆବେଦନ ଏବଂ ଅନ୍ୟାନ୍ୟ ଦସ୍ତାବେଜ ଗୁଡ଼ିକ https://hginfra.com/pdf/acquisition_angul_sundargarh_transmission_limited_july_28_2025.pdf ୱେବସାଇଟରେ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରବେଶ ପାଇଁ ଉପଲବ୍ଧ । ଆବେଦନପତ୍ରକୁ କମ୍ପାନୀର କାର୍ଯ୍ୟାଳୟ ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ) କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ, ଶ୍ରୀଯୁକ୍ତ ସନ୍ଦୀପ ରାଠୋର ଅଥବା କମିଶନଙ୍କ କାର୍ଯ୍ୟାଳୟ ଠାରେ କମିଶନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଇପାରିବ ।

୩. ଯଦି କୌଣସି ଆପତ୍ତି କିମ୍ବା ପରାମର୍ଶ ଥାଏ, ତେବେ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧରେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission) ର ସଚିବଙ୍କ (Secretary) ଟାୱାର ବି, ୬, ୭,୮ ମହଲା, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜନି ନଗର, ମାର୍କେଟ, ବ୍ଲକ ଜି, ନୌରୋଜି ନଗର, ସଫଦରଜଙ୍ଗ ଏନକ୍ଲେଭ, ନୂଆଦିଲ୍ଲୀ, ଦିଲ୍ଲୀ ୧୧୦୦୨୯ ନିକଟରେ ଦାଖଲ କରିବାକୁ ହେବ, ଏବଂ ଆପତ୍ତି/ପରାମର୍ଶର ଏକ କପି ଆବେଦନକାରୀ କିମ୍ବା ତାଙ୍କର ଅଧିକୃତ ଏଜେଣ୍ଟଙ୍କ ନିକଟକୁ ପଠାଇବାକୁ ହେବ ।

ସ୍ଥାନ: ଅନୁଗୁଳ
ତାରିଖ: ୨୦.୧୧.୨୦୨୫

ସ୍ୱା./- କୈଳାଶ ଚନ୍ଦ୍ର ଗୁପ୍ତା
ସ୍ୱୀକୃତିପ୍ରାପ୍ତ ଦସ୍ତଖତକାରୀ

## कार्यपालक अभियंता का कार्यालय
## पथ निर्माण विभाग, पथ प्रमण्डल, रामगढ़।

रामगढ़ थाना के सामने, थानाचौक/गांधीचौक, रामगढ़ कैन्ट, जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

### " सूचना "

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006 Road (25-26)*D द्वारा आमंत्रित अल्पकालीन ई–निविदा में निम्न प्रकार से पुनः संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 20.11.2025 10:30बजे पूर्वाह्न | 25.11.2025 10:30बजे पूर्वाह्न |
| 2. | थनविदा प्राप्ति की अंतिम तिथि एवं समय | 26.11.2025 12:00 बजे दिन तक | 04.12.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।

PR 366612 (Road) 25-26 (D)

## जिला परिषद कार्यालय, पूर्वी सिंहभूम, जमशेदपुर
पुनः अति अल्पकालीन ई–निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)

Notice Inviting e-Tender No : ESZP/JSR/Epro- 10/2025-26 (2nd Call)

| क्र० सं० | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की तिथि |
|---|---|---|---|---|---|
| 1 | पटमदा प्रखण्ड अन्तर्गत बांगुड़दा पंचायत के बांगुड़दा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |

| | | | |
|---|---|---|---|
| 1 | निविदा आमंत्रित करनेवाले पदाधिकारी का नाम | :- | सचिव, जिला परिषद, पूर्वी सिंहभूम, जमशेदपुर। |
| 2 | वेवसाईड पर निविदा प्रकाशन की तिथि | :- | 26.11.2025 को पूर्वाह्न 11:00 बजे। |
| 3 | निविदा प्राप्त करने की अंतिम तिथि | :- | 11.12.2025 को अपराह्न 5:00 बजे तक। |
| 4 | निविदा खोलने की तिथि एवं समय | :- | 16.12.2025 को अपराह्न 5:00 बजे तक। |
| 5 | ई–मेल पता | :- | ddcjsr01@gmail.com |
| 6 | निविदा से संबंधित जानकारी हेतु दुरभाष सं0 | :- | 7667632642 |
| 7 | जिला परिषद, पूर्वी सिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें। | | |
| 8 | विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वी सिंहभूम के सूचना पट्ट पर देखा जा सकता है। | | |

सचिव,
जिला परिषद, पूर्वी सिंहभूम,जमशेदपुर

PR 366573 (Panchayati Raj)25-26*D

## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND)
## PIN: 828123

e-tender Notice -
BIT/15/2025-26/Mix1
Reference Number: BIT/15/2025-26/Mix1
Dated :- 18-11-2025
Tender ID: 2025_DHTE_106724_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and Installation of laboratory apparatus, Chemicals and miscellaneous consumable item for various Department at BIT Sindri, Dhanbad, Jharkhand. |
| 3 | Document download start date | 21-11-2025 |
| 4 | Document download end date | 11-12-2025 |
| 5 | Bid submission end date | 11-12-2025 |
| 6 | Bid opening date | 12-12-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 366561 (Higher Education,Technical Education and Skill Development Department)25-26*D

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

No.CAD-2389 **TENDER ALERT**

**1)Tender Call Notice No. BRL-41/2025-26:** Overhauling and maintenance including gasket replacement, oil filtration & supply of HV B-Phase CT terminal of 100MVA (Make: ABB) Auto TRF-II at 220/132/33kV GSS, Katapali under EHT (O&M) Circle, Burla.

**2)Tender Call Notice No. BRL-42/2025-26:** Painting of equipment's structure, different panels (Mechanism box, Consol box, Kiosk panels), safety slogan boards, gates, mesh fencing, street light poles, DP structure poles etc. of different Grid S/S under EHT (O&M) Division, Burla under EHT (O&M) Circle, Burla.

**3)E-Tender Call Notice No. BRL-43/2025-26:** Construction of PCC and Metal spreading works at 132kV S/Y of 132/33kV Grid S/S, Rajgangpur under EHT (O&M) Division, Rajgangpur under EHT (O&M) Circle, Burla.

**4)Tender Call Notice No. 13/BAM/2025-26:** Checking & tightening of exixting jumpers of various 220kV and 132kV SC and DC line under EHT (O&M) Circle, Berhampur.

**5)Tender Call Notice No. 09/2025-26:** Procurement of LED based 90W street light & 150W flood light fittings for various GSSs under EHT (O&M) Division, Dhenkanal.

**6)Tender Call Notice No. OTCN/PDP-04/2025-26:** Replacement of rusted & damaged tower hangers by new hangers in 71 Nos. of normal location (starting from Paradeep end i.e. Paradeep Jurisdiction) of 220kV New-Duburi Paradeep DC line under EHT (O&M) Division, Paradeep.

**7)Tender Call Notice No. OTCN/PDP-05/2025-26:** Supply of 48 Nos. of surge monitors with counters, along with the required accessories for 220kV & 132kV Surge arresters pertaining to Grid S/S Paradeep under EHT (O&M) Division, Paradeep.

**8)Tender Call Notice No. OTCN/PDP-06/2025-26:** Repair & renovation of store-cum-fabrication shed along with the floor of the control room of Grid S/S Paradeep under EHT (O&M) Division, Paradeep.

**9)Tender Call Notice No. 01/2025-26:** Hiring of 01 no. of commercial registered light vehicle 7-seater AC Bolero or equivalent for engagement at E&MR Division, Meramundali under E&MR Division, Meramundali.

**10)Tender Call Notice No. RKL 14/25-26:** Unwanted Vegetation clearance in peripheral areas of various GSS under EHT (O&M) Division, Rourkela.

**11)Tender Call Notice No. RKL 15/25-26:** Procurement and supply of different type hardware fittings with all accessories required for 3rd transformer bay work at 220/33kV Grid S/S Bonai under EHT (O&M) Division, Rourkela.

**12)Tender Call Notice No. OTCN.14/2025-26:** Engagement of one No.. of diesel run Bolero camper (Dala Bolero) or equivalent required for field & maintenance works of (O&M) S/D, Balugaon under EHT (O&M) Division, Chatrapur under EHT (O&M)Circle, Berhampur.

**13)Tender Call Notice No. GM-EHT(P)Circle-BBSR-04/2025-26:** Loading, unloading and transportation of tower materials from different OPTCL stores to Grid S/S,Boudh (M/s. SEL Store) under EHT (Projects) Division, Angul under EHT (Projects)Circle, Bhubaneswar.

**14)E-Tender Call Notice No. SGM-SZ-BAM-13/2025-26:** Construction of fencing around the periphery of 220kV, 132kV & 33kV S/Ys at 220/132/33kV Grid S/S, Therubali under EHT (O&M) Division, Rayagada under Southern Zone(O&M), Berhampur.

**15)E-Tender Call Notice No. SGM/BAM/14/2025-26:** Construction of additional earthing at various location of 132 & 220kV lines under EHT (O&M) Division, Rayagada under Southern Zone(O&M), Berhampur.

**16)Tender Call Notice No. 15/BAM/2025-26:** Supply and fixing of LED light fittings with conduit wiring in control room corridor, Portico, staircase corridor, Battery room, ACDB & DCDB room, Garage and store room at 220/132/33kV Grid S/S, Narendrapur under EHT (O&M) Division, Berhampur under EHT (O&M) Circle, Berhampur.

**17)E-Tender Call Notice No. JPR-02/2025-26:** Repairing of existing earthpit chambers for different equipments of 220kV, 132kV & 33kV S/Y and construction of footpath around 220kV S/Y at 220/132/33kV Grid S/S, Therubali under EHT (O&M) Division, Rayagada under EHT (O&M) Circle, Jeypore.

**18)E-Tender Call Notice No. CHP-08/2025-26:** Replacement of damaged insulator strings at different locations of 400kV Meramundali - Mendhasal D/C line of 400kV line S/D, Meramundali under EHT (O&M) Division, Meramundali under EHT (O&M) Circle, Chainpal.

**19)Tender Call Notice No. CHP-06/2025-26:** (i) Replacement of OLTC Diverter switch spares of BHEL make 315 MVA ICT-II at 400/220/132kV Grid S/S, Meramundali under EHT (O&M) Division, Meramundali (ii) Oil filtration of BHEL make 315 MVA ICT-I at 400/220/132kV Grid S/S, Meramundali under EHT (O&M) Division, Meramundali under EHT (O&M) Circle, Chainpal.

For more details please visit OPTCL's website: **www.optcl.co.in.**

OIPR- FIPR-60/2025-26

/optcl.odisha /optcl_odisha

# ତଦନ୍ତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ନୂଆଗାଁ,୨୦।୧୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡାଖୋଲା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ୧୯ ଦିନ ହେଲା ଚାଲିଥିବା ତାଲା ବନ୍ଦ ଆନ୍ଦୋଳନ ବୁଧବାର ପ୍ରତ୍ୟାହୃତ ହୋଇଛି । କନ୍ଧମାଳ ଏମ୍‌ପିଙ୍କ ସହ ନୟାଗଡ଼ ଜିଲା ସମବାୟ ଉପନିବନ୍ଧକ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗ ଶୁଣିବା ପରେ ସୁପରଭାଇଜରଙ୍କ ଉପସ୍ଥିତିରେ ସେବା ସମବାୟ ସମିତି କାର୍ଯ୍ୟାଳୟ ତାଲା ଖୋଲି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ବାହାଡ଼ାଖୋଲା ପ୍ରାଥମିକ କୃଷି ସମବାୟ ସମିତି ଉପରେ ସ୍ଥାନୀୟ ଚାଷୀମାନେ ନିର୍ଭର କରନ୍ତି। ବିଷ୍ଣୁପ୍ରସାଦ ନିଶଙ୍କ ସମ୍ପାଦକ ଭାବେ ନିୟୋଜିତ ହେବା ପରଠାରୁ ଚାଷୀମାନେ ନାନା ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଫଳରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ସମିତିର ବ୍ୟବସାୟ ମାନ୍ଦା ହୋଇଯାଇଛି। ୨୦୨୨ରେ ବିଭାଗୀୟ ଅଧିକାରୀ ସମ୍ପାଦକ ନିଶଙ୍କୁ ନିଲମ୍ବନ କରିଥିଲେ। ସେହିପରି ସମ୍ପାଦକ ନିଶଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସମବାୟ ସମିତି ବୋର୍ଡ ମଧ୍ୟ ନିଶଙ୍କୁ ନିଲମ୍ବନ କରିଥିଲା। ସବୁବେଳେ ବୋର୍ଡ ନିଷ୍ପତ୍ତିକୁ ସମ୍ପାଦକ ଅବମାନନା କରିଆସୁଥିଲେ। ସମ୍ପାଦକ ବୋର୍ଡର ବିନା ଅନୁମୋଦନରେ ମିଛ ଭାଉଚର ଦେଇ ଟଙ୍କା ଉଠାଣ, ଚାଷୀଙ୍କ ଲାଗି ଆସୁଥିବା ସାରକୁ ନ ଦେଇ ବାହାରେ କଳା ବଜାର, ଜମା ସଂଗ୍ରହ, ଫେରସ୍ତ, କର୍ମଚାରୀଙ୍କ ଦରମା ଓ ଧାନ ପଞ୍ଜୀକରଣ ଆଦିରେ ଅନିୟମିତତା ହୋଇଛି। ସମ୍ପାଦକଙ୍କ ନାମରେ ଅଭିଯୋଗ ଆସିବାରେ ଶାଖା ପରିଚାଳକ ଓ ସୁପରଭାଇଜର ବାହାଡାଖୋଲା ସମିତି ପରିଦର୍ଶନରେ ଆସି ତଦନ୍ତକରି ସମ୍ପାଦକଙ୍କ ନାମରେ ରିପୋର୍ଟଦାଖଲ କରିଥିଲେ ମଧ୍ୟ ତାକୁ ଚାପି ଦିଆଯାଇଛି। ତେଣୁ ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୋର୍ଡ ଦାବିକରି ସୋସାଇଟି ସଭାପତି ସୂର୍ଯ୍ୟ ନାରାୟଣ ସାହୁଙ୍କ ସମେତ ବୋର୍ଡ ପରିଷଦ ସଦସ୍ୟ ଓ ସ୍ଥାନୀୟ ଚାଷୀମାନେ ତାଲା ବନ୍ଦକରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୧୮ ଦିନ ବିତିଥିଲେ ମଧ୍ୟ କୌଣସି ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନ ଥିଲେ। ଅଧିକାରୀଙ୍କ ନୀରବତା ଅନିୟମିତତାରେ ସମ୍ପୃକ୍ତି ଥିବା ଦର୍ଶାଉ ଥିବା ଅଭିଯୋଗ ହେଉଛି।

ବୁଧବାର ସନ୍ଧ୍ୟାରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଘଟଣାସ୍ଥଳକୁ ଯାଉଥିବା ଜାଣି ନୟାଗଡ ସମବାୟ ସମିତି ଉପନିବନ୍ଧକ ଅନନ୍ତ ନାୟକ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ସମ୍ପାଦକ ଆସୁ ନ ଥିବାରୁ ସୁପରଭାଇଜରଙ୍କ ଜରିଆରେ କାର୍ଯ୍ୟାଳୟ ତାଲା ଖୋଲି ତଦନ୍ତ କରାଯିବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାହାଡାଖୋଲା ସୋସାଇଟିକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ କନ୍ଧମାଳ ଏମ୍‌ପି ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଥିଲେ ।



ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ।

**ବାହାଡ଼ାଖୋଲା ପ୍ୟାକ୍ସ ତାଲା ବନ୍ଦ ଆନ୍ଦୋଳନ ଘଟଣା**

- ତାଲା ପକାଇ ଧାରଣାରେ ବସିଥିଲେ ସଭାପତି, ବୋର୍ଡ ପରିଷଦ
- ସମବାୟ ସମିତି ସମ୍ପାଦକଙ୍କ ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ

## ଚାଉପଲ୍ଲୀ: ୩ ଦିନ ହେଲା ଗ୍ରାମବାସୀଙ୍କୁ ମିଳୁନି ପାନୀୟଜଳ

ଖଣ୍ଡପଡ଼ା, ୨୦।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମବାସୀ ୩ ଦିନ ହେଲା ପାଇପ୍ ଲାଇନ୍ ଯୋଗେ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଓ ପାନୀୟଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଚାଉପଲ୍ଲୀ ଗ୍ରାମ ବାସିନ୍ଦା ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳି ନ ଥିବା ଜଣାପଡିଛି। ପାଇପ୍ ଲାଇନ୍ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ପରେ ଗ୍ରାମବାସୀ ବାଧହୋଇ କୂପ, ନଳକୂପ ସମେତ ଅନ୍ୟାନ୍ୟ ଜଳଉତ୍ସରୁ ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଚାଉପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି।

## ଛାତ ଘର, ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

- ହରିଡ଼ାବନ୍ଧ ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘୋଟାଲା
- ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

ନୟାଗଡ,୨୦।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ଓଡଗାଁ ବ୍ଲକ ହରିଡାବନ୍ଧ ପଞ୍ଚାୟତରେ ଆବାସ ଯୋଜନା ହିତାଧିକାରୀ ଓ ଛାତ ଘର ଥିବା ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର କେତେକ ଲୋକ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ହେଁ, କାର୍ଯ୍ୟାନୁଷ୍ଠାନ ନ ଥିବାରୁ ବିଲ୍ ଉଠାଣ ଚାଲିଛି ବୋଲି କୁହାଯାଉଛି ।

ଅଭିଯୋଗ ଅନୁସାରେ ପଞ୍ଚାୟତର ହରିଡାବନ୍ଧ, କୋମଣ୍ଡା ଓ ଜାକେଡା ଗାଁର ୨୧ ହିତାଧିକାରୀଙ୍କୁ ଚଞ୍ଚକତା କରାଯାଇ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ହିତାଧିକାରୀଙ୍କ ନାଁ, କେତେ ବଖରା ଛାତ ଘର ଅଛି, ଆବସ ଯୋଜନାରେ ଘର ପାଇଥିବା ତଥ୍ୟ, ଟ୍ରାକ୍ଟର ପରି ଯାନବାହନ ଥିବା ନେଇ ଦର୍ଶାଇଛନ୍ତି। ଯାହାକି ତଦନ୍ତକାରୀ ଅଫିସର ଓ କର୍ମଚାରୀଙ୍କୁ ତଦନ୍ତରେ ସହାୟକ ହେବ। ୨୦୨୪-୨୫ ଓ ୨୦୨୫-୨୬ରେ ହୋଇଥିବା ଏହି ଘୋଟାଲାର ତଦନ୍ତ ପାଇଁ ଦାବିକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଚେଷ୍ଟା ହେଉଛି। ଏନେଇ ଜଣେ ଅଭିଯୋଗକାରୀ ନିଜ ନାଁ ଗୋପନ ରଖି କହିଛନ୍ତି, ସରକାରଙ୍କ ଯୋଜନାକୁ ହାଇଜାକ୍ କରି ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହା ଦ୍ୱାରା ପଞ୍ଚାୟତର ବହୁ ଗରୀବ ଲୋକ ବାଦ ପଡିଗଲେ। ଏଣୁ ସ୍ୱଚ୍ଛଳ ବର୍ଗ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କର ବିଲ୍ ବନ୍ଦ କରାଯାଉ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ କାର୍ଯ୍ୟାଦେଶ ବାତିଲକରି ସରକାରୀ ଅର୍ଥ ଫେରାଇ ନେବାର ବ୍ୟବସ୍ଥା କରାଯାଉ। ନଚେତ କେତେକ ଲୋକ ଧାରଣା ଦେବା ପାଇଁ ଜିଲାପାଳଙ୍କ ଅଫିସକୁ ଯିବାକୁ ନିଷ୍ପତି ନେଇଛନ୍ତି ବୋଲି କହିଛନ୍ତି। ଜିଲା ପରିଷଦ ଜିଲା ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍ କୁହନ୍ତି, ହରିଡାବନ୍ଧ ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘୋଟାଲା ହୋଇଥିବା ଅଭିଯୋଗ ମିଳିଛି। ଏହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବ। ଯେଉଁମାନେ ଫନ୍ଦି ଫିକର କରି କାର୍ଯ୍ୟାଦେଶ ହାତେଇଛନ୍ତି ସେମାନଙ୍କର ବିଲ୍‌କୁ ପ୍ରଥମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ଗଣ୍ଡରପୁର ଫୁଟ୍‌ବଲ କ୍ଲବ୍, ଭୁବନେଶ୍ୱର ଦଳ ୧-୦ରେ ବିଜୟୀ

**୬୪ତମ ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଶରଣକୁଳ,୨୦।୧୧(ଦୀପକ କର)

ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ, ଶରଣକୁଳ ଦ୍ୱାରା ଆୟୋଜିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ଗୁରୁବାର ପ୍ରଥମ ସେମିଫାଇନାଲ ଖେଳରେ ଗଣ୍ଡରପୁର ଫୁଟ୍‌ବଲ କ୍ଲବ, ଭୁବନେଶ୍ୱର ୧-୦ ଗୋଲରେ ସେଞ୍ଚୁରିଆନ ୟୁନିଭର୍ସିଟି, ଆଫ୍ରିକା ଏକାଦଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ଭାବେ ଖେଳି ବହୁତ ଗୋଲ ସୁଯୋଗ ହାତଛଡା କରିବା ଯୋଗୁ ଗୋଲ ଶୂନ୍ୟ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳର ଖେଳାଳି ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। ପରେ ୨୨ତମ ମିନିଟରେ ସେଞ୍ଚୁରିଆନ ଦଳର ଡି ଏରିଆରେ ଏକ ହାଣ୍ଡଲ ହେବା ଯୋଗୁ ଗଣ୍ଡରପୁର ଦଳର ୮ ନଂ. ଜର୍ସି ଖେଳାଳି ଚନ୍ଦନ ନାୟକ ଏକ ସିଧା ଫ୍ରି କିକ୍‌ର ସୁଯୋଗକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରିଥିଲେ। ଫଳରେ ଗଣ୍ଡରପୁର ଦଳ ୧-୦ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆସୋସିଏଶନ ସଭାପତି ସତ୍ୟନାରାୟଣ ପ୍ରଧାନ ଓ କର୍ମକର୍ତ୍ତାଙ୍କ ସହ ମଧ୍ୟାନ୍ତରରେ ପଡିଆରେ ରେଫରି ଓ ଖେଳାଳିମାନଙ୍କ ମଧ୍ୟରେ ପରିଚୟ ହୋଇ ଉତ୍ସାହିତ କରିଥିଲେ। ଶେଷରେ ମୁଖ୍ୟ ଅତିଥି ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗଣ୍ଡରପୁର ଦଳର ଚନ୍ଦନ ନାୟକଙ୍କୁ ୧ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ରେଫରି ଭାବେ ରାଜ କିଶୋର ମହାନ୍ତି, ଲାଇନରେ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ପ୍ରସନ୍ନ ନାୟକ ସହାୟତା କରିଥିବା ବେଳ ୪ର୍ଥ ରେଫେରୀ ଭାବେ ଜଗନ୍ନାଥ ପରିଡା ଖେଳ ପରିଚାଳନା କରିଥିଲେ।

ଶୁକ୍ରବାର ୨ୟ ସେମିଫାଇନାଲ ଖେଳ ଏମ୍‌କେଏସ୍‌ସି, ବକ୍ସର,ବିହାର ବନାମ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।


ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି ।

## ଆମ୍ବୁଲାନ୍ସ ଧକ୍କାରେ ଆମ୍ବୁଲାନ୍ସ ଭାଙ୍ଗିଲା

ନୟାଗଡ଼,୨୦।୧୧ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନାର ନୟାଗଡ଼ ଶରଣକୁଳ ରାସ୍ତାର ପିଟିଏସ୍ ଛକରେ ରାତି ପ୍ରାୟ ୧୦.୩୦ରେ ଗୋରୁ ଧକ୍କାରେ ରୋଗୀ ଆଣୁଥିବା ଆମ୍ବୁଲାନ୍ସ ଭାଙ୍ଗିଯାଇଛି। ଆମ୍ବୁଲାନ୍ସଟି ପଞ୍ଚରିଡା ମାନପୁରରୁ ରୋଗୀ ଧରି ଫେରୁଥିବାବେଳେ ଗୋରୁ ଅତିକ୍ରମ କରି ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସ ଭାଙ୍ଗିରୁଜି ନଷ୍ଟ ହେବା ସହ ଷ୍ଟାଟ ବନ୍ଦ ହୋଇ ଯାଇଥିଲା। ରୋଗୀଙ୍କୁ ଅନ୍ୟ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା।

## ବସ୍‌ଷ୍ଟାଣ୍ଡରୁ ନାବାଳକ ଉଦ୍ଧାର

ନୟାଗଡ଼,୨୦।୧୧ (ଲୋକନାଥ ମିଶ୍ର)

ନୟାଗଡ ବସ୍‌ଷ୍ଟାଣ୍ଡକଠାରୁ ଗୁରୁବାର ଭୋର ସମୟରେ ଜଣେ ନାବାଳକଙ୍କୁ ଉଧାର କରାଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ହେଲପ୍‌ଲାଇନ୍ ଓ ନୟାଗଡ ଟାଉନ୍ ଥାନା ପୋଲିସ ମିଳିତ ଭାବେ ଉଧାର କରିଛନ୍ତି। ନାବାଳକଙ୍କ ଘର ସୋନପୁର ବୋଲି ଜଣାପଡିଛି। ନାବାଳକଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ ଅନୁସାରେ ନାବାଳକଙ୍କୁ ନୟାଗଡ ବାଳାଶ୍ରମରେ ରଖା ଯାଇଛି।


**NOTICE**

Notice hereby given by an affidavit before the Court bearing No. 1240 dated 17.10.2025 that Branch Manager of SBI, Kalinganagar declare that during verification, some mortgage documents sale deed vide document No. 10821904319, application id No. 821904353, instrument No. N296190961110239 dated 16.11.2019 of registering officer, Dolipur deposited by Tanmoy Banerjee found missing in the Kalinganagar Branch premises. Further notice is hereby given that if any party/ person has claim towards the above said property, the same should be lodged within the intending parties and also with above stated branch of SBI, Kalinganagar within 15 days of the publication of notice.

**ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

''କେନ୍ଦ୍ରାପଡ଼ା ଜିଲ୍ଲାର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ତରଫରୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କର୍ମଶାଳାରେ ବହୁଳ ଭାବରେ ଅଂଶଗ୍ରହଣ କରନ୍ତୁ। ସେଥିନିମନ୍ତେ ନିକଟସ୍ଥ ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।''

Sd./- Assistant Director of Horticulture
Kendrapara

**ଅନୁଗୁଳ ସୁନ୍ଦରଗଡ଼ ଟ୍ରାନ୍ସମିଶନ୍ ଲିମିଟେଡ୍**

ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫

**ସାର୍ବଜନୀନ ବିଜ୍ଞପ୍ତି**

୧.ଅନୁଗୁଳ ସୁନ୍ଦରଗଡ ଟ୍ରାନ୍ସମିଶନ୍ ଲିମିଟେଡ୍, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ, ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ), କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ ଅବସ୍ଥିତ, ଯାହା କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ଅନ୍ତର୍ଭୁକ୍ତ ଏବଂ ବିଦ୍ୟୁତ ଆଇନ, ୨୦୦୩ ର ଧାରା ୧୫ର ଉପ-ଧାରା (୧) ଅନୁଯାୟୀ ଟ୍ରାନ୍ସମିଶନ୍ ଲାଇନ, ସବ୍-ଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କରେ ଟ୍ରାନ୍ସମିଶନ୍ ଲାଇସେନ୍ସ ପ୍ରଦାନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission), ନୂଆଦିଲ୍ଲୀ ସମ୍ମୁଖରେ ଏକ ଆବେଦନ ପତ୍ର ଦାଖଲ କରିଛି, ଯାହାର ବିବରଣୀ ପ୍ରଦାନ କରାଯାଇଛି :

| କ୍ର.ସଂ. | ଲାଇନ/ସବ୍-ଷ୍ଟେସନର ନାମ (ସ୍ଥାନ) | ଲାଇନ/ଲୟ କ୍ଷମତା | ଆନୁମାନିକ ସମ୍ପୂର୍ଣ୍ଣ ମୂଲ୍ୟ କିମ୍ବା ସ୍ତରୀକୃତ ଟ୍ରାନ୍ସମିଶନ ଦେୟ | ନିର୍ଦ୍ଧାରିତ COD | ଟିପ୍ପଣୀ |
|---|---|---|---|---|---|
| ୧ | NLC-Talabaria Generation Switchyard ଠାରେ ଅନୁଗୁଳ-ସୁନ୍ଦରଗଡ (ଝାରସୁଗୁଡା) ୭୬୫ ଲାଇନ୍‌ର ଉଭୟ ସାର୍କିଟ୍ ର LILO | ୨x୨୪୦ MVAr ଲାଇନ ରିଆକ୍ଟର ବିପକ୍ଷରେ ୭x୮୦ MVAr ସିଙ୍ଗଲ ଫେଜ୍ ୟୁନିଟ୍ | ୪୩୧.୧୧ ମିଲିୟନ୍ | ୨୮.୦୩.୨୦୨୮ | |

୨. କମିଶନଙ୍କ ସମ୍ମୁଖରେ ଦାଖଲ ହୋଇଥିବା ସମ୍ପୂର୍ଣ୍ଣ ଆବେଦନ ଏବଂ ଅନ୍ୟାନ୍ୟ ଦସ୍ତାବେଜ ଗୁଡିକ https://hginfra.com/pdf/acquisition_angul_sundargarh_transmission_limited_july_28_2025.pdf ୱେବସାଇଟରେ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରବେଶ ପାଇଁ ଉପଲବ୍ଧ । ଆବେଦନପତ୍ରକୁ କମ୍ପାନୀର କାର୍ଯ୍ୟାଳୟ ପ୍ଲଟ ନମ୍ବର-୧୮, ବ୍ଲକ ନମ୍ବର-୪, ଖସରା ନମ୍ବର-୫୧୨୪/୨୬୧୦, ପଶ୍ଚିମ ବିସ୍ତାରିତ ଅଞ୍ଚଳ (ୱେଷ୍ଟର୍ଣ୍ଣ ଏକ୍ସଟେନ୍ସନ ଏରିଆ) କରୋଲବାଗ, ନୂଆଦିଲ୍ଲୀ-୧୧୦୦୦୫ ଠାରେ, ଶ୍ରୀଯୁକ୍ତ ସନ୍ଦୀପ ରାଠୋର ଅଥବା କମିଶନଙ୍କ କାର୍ଯ୍ୟାଳୟ ଠାରେ କମିଶନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଇପାରିବ ।

୩. ଯଦି କୌଣସି ଆପତ୍ତି କିମ୍ବା ପରାମର୍ଶ ଥାଏ, ତେବେ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (Central Electricity Regulatory Commission) ର ସଚିବଙ୍କ (Secretary) ଟାୱାର ବି, ୬, ୭,୮ ମହଲା, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜନି ନଗର, ମାର୍କେଟ, ବ୍ଲକ ଜି, ନୌରୋଜି ନଗର, ସଫଦରଜଙ୍ଗ ଏନକ୍ଲେଭ, ନୂଆଦିଲ୍ଲୀ, ଦିଲ୍ଲୀ ୧୧୦୦୨୯ ନିକଟରେ ଦାଖଲ କରିବାକୁ ହେବ, ଏବଂ ଆପତ୍ତି/ପରାମର୍ଶର ଏକ କପି ଆବେଦନକାରୀ କିମ୍ବା ତାଙ୍କର ଅଧିକୃତ ଏଜେଣ୍ଟଙ୍କ ନିକଟକୁ ପଠାଇବାକୁ ହେବ ।

ସ୍ଥାନ: ଅନୁଗୁଳ
ତାରିଖ: ୨୦.୧୧.୨୦୨୫

ସ୍ୱା./- କୈଳାଶ ଚନ୍ଦ୍ର ଗୁପ୍ତା
ସ୍ୱୀକୃତିପ୍ରାପ୍ତ ଦସ୍ତଖତକାରୀ

**जिला परिषद कार्यालय, पूर्वी सिंहभूम, जमशेदपुर**
पुनः अति अल्पकालीन ई-निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)

Notice Inviting e-Tender No : ESZP/JSR/Epro- 10/2025-26 (2nd Call)

| क्र0 सं0 | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की तिथि |
|---|---|---|---|---|---|
| 1 | पटमदा प्रखण्ड अन्तर्गत बांगुड़दा पंचायत के बांगुड़दा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |

| | | | |
|---|---|---|---|
| 1 | निविदा आमंत्रित करनेवाले पदाधिकारी का नाम | :- | सचिव, जिला परिषद, पूर्वी सिंहभूम, जमशेदपुर। |
| 2 | वेवसाईड पर निविदा प्रकाशन की तिथि | :- | 26.11.2025 को पूर्वाह्न 11:00 बजे। |
| 3 | निविदा प्राप्त करने की अंतिम तिथि | :- | 11.12.2025 को अपराह्न 5:00 बजे तक। |
| 4 | निविदा खोलने की तिथि एवं समय | :- | 16.12.2025 को अपराह्न 5:00 बजे तक। |
| 5 | ई-मेल पता | :- | ddcjsr01@gmail.com |
| 6 | निविदा से संबंधित जानकारी हेतु दुरभाष सं0 | :- | 7667632642 |
| 7 | जिला परिषद, पूर्वी सिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें। | | |
| 8 | विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वी सिंहभूम के सूचना पट्ट पर देखा जा सकता है। | | |

सचिव,
जिला परिषद, पूर्वी सिंहभूम,जमशेदपुर

PR 366573 (Panchayati Raj)25-26*D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, थानाचौक/गांधीचौक, रामगढ़ कैन्ट, जिला-रामगढ़, झारखण्ड- 829122, ई-मेल-eercdramgarh-jhr@nic.in

**" सूचना "**

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई-निविदा आमंत्रण सूचना का प्रसंग संख्या-RCD/RAMGARH/1064/2025-26 दिनांक-29.10.2025 का P.R. No.- 365006 Road (25-26)*D द्वारा आमंत्रित अल्पकालीन ई-निविदा में निम्न प्रकार से पुनः संशोधित किया जाता है:-

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 20.11.2025 10:30बजे पूर्वाह्न | 25.11.2025 10:30बजे पूर्वाह्न |
| 2. | थ्नविदा प्राप्ति की अंतिम तिथि एवं समय | 26.11.2025 12:00 बजे दिन तक | 04.12.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।

PR 366612 (Road) 25-26 (D)

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND)**
**PIN: 828123**

e-tender Notice -
BIT/15/2025-26/Mix1
Reference Number: BIT/15/2025-26/Mix1
Dated :- 18-11-2025
Tender ID: 2025_DHTE_106724_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and Installation of laboratory apparatus, Chemicals and miscellaneous consumable item for various Department at BIT Sindri, Dhanbad, Jharkhand. |
| 3 | Document download start date | 21-11-2025 |
| 4 | Document download end date | 11-12-2025 |
| 5 | Bid submission end date | 11-12-2025 |
| 6 | Bid opening date | 12-12-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 366561 (Higher Education,Technical Education and Skill Development Department)25-26*D

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

No.CAD-2389 **TENDER ALERT**

**1)Tender Call Notice No. BRL-41/2025-26:** Overhauling and maintenance including gasket replacement, oil filtration & supply of HV B-Phase CT terminal of 100MVA (Make: ABB) Auto TRF-II at 220/132/33kV GSS, Katapali under EHT (O&M) Circle, Burla.
**2)Tender Call Notice No. BRL-42/2025-26:** Painting of equipment's structure, different panels (Mechanism box, Consol box, Kiosk panels), safety slogan boards, gates, mesh fencing, street light poles, DP structure poles etc. of different Grid S/S under EHT (O&M) Division, Burla under EHT (O&M) Circle, Burla.
**3)E-Tender Call Notice No. BRL-43/2025-26:** Construction of PCC and Metal spreading works at 132kV S/Y of 132/33kV Grid S/S, Rajgangpur under EHT (O&M) Division, Rajgangpur under EHT (O&M) Circle, Burla.
**4)Tender Call Notice No. 13/BAM/2025-26:** Checking & tightening of exixting jumpers of various 220kV and 132kV SC and DC line under EHT (O&M) Circle, Berhampur.
**5)Tender Call Notice No. 09/2025-26:** Procurement of LED based 90W street light & 150W flood light fittings for various GSSs under EHT (O&M) Division, Dhenkanal.
**6)Tender Call Notice No. OTCN/PDP-04/2025-26:** Replacement of rusted & damaged tower hangers by new hangers in 71 Nos. of normal location (starting from Paradeep end i.e. Paradeep Jurisdiction) of 220kV New-Duburi Paradeep DC line under EHT (O&M) Division, Paradeep.
**7)Tender Call Notice No. OTCN/PDP-05/2025-26:** Supply of 48 Nos. of surge monitors with counters, along with the required accessories for 220kV & 132kV Surge arresters pertaining to Grid S/S Paradeep under EHT (O&M) Division, Paradeep.
**8)Tender Call Notice No. OTCN/PDP-06/2025-26:** Repair & renovation of store-cum-fabrication shed along with the floor of the control room of Grid S/S Paradeep under EHT (O&M) Division, Paradeep.
**9)Tender Call Notice No. 01/2025-26:** Hiring of 01 no. of commercial registered light vehicle 7-seater AC Bolero or equivalent for engagement at E&MR Division, Meramundali under E&MR Division, Meramundali.
**10)Tender Call Notice No. RKL 14/25-26:** Unwanted Vegetation clearance in peripheral areas of various GSS under EHT (O&M) Division, Rourkela.
**11)Tender Call Notice No. RKL 15/25-26:** Procurement and supply of different type hardware fittings with all accessories required for 3rd transformer bay work at 220/33kV Grid S/S Bonai under EHT (O&M) Division, Rourkela.
**12)Tender Call Notice No. OTCN.14/2025-26:** Engagement of one No.. of diesel run Bolero camper (Dala Bolero) or equivalent required for field & maintenance works of (O&M) S/D, Balugaon under EHT (O&M) Division, Chatrapur under EHT (O&M)Circle, Berhampur.
**13)Tender Call Notice No. GM-EHT(P)Circle-BBSR-04/2025-26:** Loading, unloading and transportation of tower materials from different OPTCL stores to Grid S/S,Boudh (M/s. SEL Store) under EHT (Projects) Division, Angul under EHT (Projects)Circle, Bhubaneswar.
**14)E-Tender Call Notice No. SGM-SZ-BAM-13/2025-26:** Construction of fencing arround the periphery of 220kV, 132kV & 33kV S/Ys at 220/132/33kV Grid S/S, Therubali under EHT (O&M) Division, Rayagada under Southern Zone(O&M), Berhampur.
**15)E-Tender Call Notice No. SGM/BAM/14/2025-26:** Construction of additional earthing at various location of 132 & 220kV lines under EHT (O&M) Division, Rayagada under Southern Zone(O&M), Berhampur.
**16)Tender Call Notice No. 15/BAM/2025-26:** Supply and fixing of LED light fittings with conduit wiring in control room corridor, Portico, staircase corridor, Battery room, ACDB & DCDB room, Garage and store room at 220/132/33kV Grid S/S, Narendrapur under EHT (O&M) Division, Berhampur under EHT (O&M) Circle, Berhampur.
**17)E-Tender Call Notice No. JPR-02/2025-26:** Repairing of existing earthpit chambers for different equipments of 220kV, 132kV & 33kV S/Y and construction of footpath around 220kV S/Y at 220/132/33kV Grid S/S, Therubali under EHT (O&M) Division, Rayagada under EHT (O&M) Circle, Jeypore.
**18)E-Tender Call Notice No. CHP-08/2025-26:** Replacement of damaged insulator strings at different locations of 400kV Meramundali - Mendhasal D/C line of 400kV line S/D, Meramundali under EHT (O&M) Division, Meramundali under EHT (O&M) Circle, Chainpal.
**19)Tender Call Notice No. CHP-06/2025-26:** (i) Replacement of OLTC Diverter switch spares of BHEL make 315 MVA ICT-II at 400/220/132kV Grid S/S, Meramundali under EHT (O&M) Division, Meramundali (ii) Oil filtration of BHEL make 315 MVA ICT-I at 400/220/132kV Grid S/S, Meramundali under EHT (O&M) Division, Meramundali under EHT (O&M) Circle, Chainpal.
For more details please visit OPTCL's website: **www.optcl.co.in.**
OIPR- FIPR-60/2025-26
/optcl.odisha /optcl_odisha

## ସଂକ୍ଷେପରେ

### ବାଂଲାଦେଶୀଙ୍କୁ ଖୋଜୁଛି ପୋଲିସ

ସିଂହପୁର,୨୦।୧୧(ଅନଙ୍ଗ ଉଦୟ ବେଉରିଆ): ରାଜ୍ୟରେ ଲୁଚି ରହିଥିବା ବାଂଲାଦେଶୀଙ୍କୁ ତଡ଼ିପାର କରିବାକୁ ପୋଲିସ ଯୋଜନା କରିଛି। ଏଥିପାଇଁ ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବାଂଲାଦେଶୀ ବିଭିନ୍ନ ଅପରାଧରେ ସାମିଲ ଥିବା ନଜରକୁ ଆସିବା ପରେ ପୋଲିସ ସେମାନଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଯାଜପୁର ଜିଲାରେ ବହୁ ବାଂଲାଦେଶୀ ରହୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିବା ପରେ ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରୁଛି। ଏହିକ୍ରମରେ ରାଜମିସ୍ତ୍ରୀ, ଫେରିବାଲା, ଗୁପଚୁପ ବ୍ୟବସାୟ ଆଳରେ ଅନେକ ବାଂଲାଦେଶୀ ଜିଲାର ଜିଲାର ବିଞ୍ଝାରପୁର, ସୟଦପୁର, ଶାସନ୍ଦା, ସିଂହପୁର, ବାଛୋଳ ଆଦି ସ୍ଥାନରେ ରହୁଥିବା ଜଣାପଡିଛି। ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ବୁଧବାର ରାତିରେ ସୟଦପୁର ଓ ବିଞ୍ଝାରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଏକାଧିକ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଥାନାକୁ ନେଇ ପଚରାଉଚରା କରିଛନ୍ତି। ଏଥିସହିତ ସେମାନଙ୍କ ଆଧାରକାର୍ଡ ଓ ଅନ୍ୟ ପ୍ରମାଣପତ୍ର ଯାଞ୍ଚ କରିଛନ୍ତି। ପୋଲିସର ଏହି ଧରପଗଡ଼ ପରେ ବାଂଲାଦେଶୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିବା ବ୍ୟକ୍ତିଙ୍କ ଭିତରେ ମଧ୍ୟ ଛନକା ପଶିଛି ।

### ଶତାୟୁଙ୍କ ପରଲୋକ

ରସୁଲପୁର,୨୦।୧୧(ରଞ୍ଜିତ ରାଉତ):



ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଶତାୟୁ ଶିବ ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୫ବର୍ଷ ବୟସ ହୋଇଥିଲା। ଗ୍ରାମର ବୟସ୍କ ବ୍ୟକ୍ତି ଭାବରେ ସେ ସ୍ୱାଧୀନତା ପୂର୍ବ ଓ ପର ଅବସ୍ଥାରେ ଗାଁରୁ ଦେଶର ବାସ୍ତବ ସ୍ଥିତି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନଅର୍ଜନ କରିଥିଲେ। ଉକ୍ତ ଅନୁଭୂତିକୁ ବିନିଯୋଗକରି ସେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରୁଥିଲେ। ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବରେ ସବୁ ବର୍ଗର ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ବରୁଆଁ ଅଞ୍ଚଳର ଯୁବ ବ୍ୟବସାୟୀ ରଜତ ଦାସ(୧୯)ଙ୍କ ବୁଧବାର ରାତିରେ ଅକାଳ ବିୟୋଗ ହୋଇଛି। ଦୁଇଦିନ ତଳେ ରଜତ ବରୁଆଁ–ବରୀ ରାସ୍ତାର କେତେକିଆଁ ପୂର୍ବରୁ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଅଗ୍ନିଶମବାହିନୀ ତାଙ୍କୁଉଦ୍ଧାର କରିଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରିବାର ଲୋକେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁକଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନୂତନ ରାଶନ କାର୍ଡ ଦେବାକୁ ପରାମର୍ଶ

## ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷଙ୍କ ଯାଜପୁର ଜିଲା ଗସ୍ତ

ଯାଜପୁର,୨୦।୧୧(ହର୍ଷବର୍ଦ୍ଧନ ବେହେରା):



ବୈଠକରେ ଯୋଗଦେଇଥିବା ଖାଦ୍ୟ ଆୟୋଗ ଅଧ୍ୟକ୍ଷ, ଜିଲାପାଳ ଓ ଅନ୍ୟ ଅଧିକାରୀ ।

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନିକାନ୍ତ ସାହୁ ଗୁରୁବାର ଦୁଇ ଦିନିଆ ଯାଜପୁର ଜିଲା ଗସ୍ତ କରିଛନ୍ତି। ସେ ଧର୍ମଶାଳା ବ୍ଲକ ନେଉଳପୁର–୨ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଛନ୍ତି। ଅଙ୍ଗନୱାଡିରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ଅଞ୍ଜିରା ଆଶ୍ରମ ସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଛନ୍ତି। ମଶାରୀ ଟାଙ୍ଗି ଶୋଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଗୋଟିଏ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସେଣ୍ଟର୍ ବୁଲି ଦେଖିଛନ୍ତି। ରାଶନ କାର୍ଡ ହିତାଧିକାରୀଙ୍କ ତାଲିକା କେନ୍ଦ୍ରରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାପରେ ଅପରାହ୍ନରେ ଯାଜପୁର ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଏହି ବୈଠକରେ ଜିଲାପାଳ ଅମ୍ବର କୁମାର କର, ଉପଜିଲାପାଳ ତାପସରଞ୍ଜନ ଦେହୁରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସାହୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଯୋଗାଣ ବିଭାଗ ସହ ରାଶନକାର୍ଡର ଇ–କେୱାଇସି ଷ୍ଟାଟସ, ଅଯୋଗ୍ୟ ହିତାଧିକାରୀ, ମୃତ ବ୍ୟକ୍ତି ବ୍ୟକ୍ତିଙ୍କୁ ବାଦ ଦେଇ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ବ୍ଲକ ଏବଂ ମ୍ୟୁନିସପାଲିଟିରେ ରାଶନ କାର୍ଡ ପୋଜିସନ ସମ୍ବନ୍ଧରେ ପଚାରି ବୁଝିଛନ୍ତି। ପରେ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସେଣ୍ଟର୍ ଏବଂ ଚାଷୀଙ୍କଠାରୁ ଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକାରିତା, ଭିତ୍ତିଭୂମି, ଖାଦ୍ୟର ମାନ, କଳିକା କେନ୍ଦ୍ର ଖୋଲାଯିବା, ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସହ ଟଏଲେଟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଧର୍ମଶାଳାର ଅଞ୍ଜିରା ଆଶ୍ରମରେ ୯ମ ଓ ୧୦ମ ଶ୍ରେଣୀର ପିଲାଙ୍କ ନିମନ୍ତେ ହଷ୍ଟେଲ ସୁବିଧା କରିବାକୁ ଅଧ୍ୟକ୍ଷ ସାହୁ କହିଛନ୍ତି। ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ, ସମସ୍ତ ବିଭାଗୀୟ ଅଧିକାରୀ, ରାଉତରାପୁର, ସାନସୁଆର, ସୁଜନପୁର, ଭୁବନେଶ୍ୱର ପଞ୍ଚାୟତର ସରପଞ୍ଚ, ଉପରବରୁଆଁ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟକୁ ବଳପୂର୍ବକ ବନ୍ଦ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ, ଗ୍ରାମବାସୀ

ରସୁଲପୁର,୨୦।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ୩ ପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଉନ୍ନୟନକାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର ୨/୩ ପରିବାର ବଳପୂର୍ବକ ଭାବେ ବନ୍ଦ କରି ଦେଇଛନ୍ତି। ସେମାନେ ସେବାକେନ୍ଦ୍ର ସମ୍ମୁଖରେ ଧାନଖଳା କରିବାକୁ ଦାବି କରି ପାଚେରି କାର୍ଯ୍ୟ ବନ୍ଦ କରିଛନ୍ତି। ପଞ୍ଚାୟତ ପକ୍ଷରୁ ବିଡିଓ, ତହସିଲଦାର ଓ କୁଆଖିଆ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ସେମାନେ କ୍ଷେତ୍ର ପରିଦର୍ଶନକରି ସ୍ଥିତି ପରଖିଛନ୍ତି। ନିର୍ମାଣ କାର୍ଯ୍ୟ ବନ୍ଦ ହେବାକୁ ମାସାଧିକ କାଳ ବିତି ଗଲାଣି, ହେଲେ ଏଯାଏ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ନିଆଯାଉନାହିଁ। ତେଣୁ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ସରପଞ୍ଚ ସ୍ମୃତିରେଖା ରାଉତ ଓ ଭୋଟକା ଗ୍ରାମବାସୀ ଯାଜପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କୁ ଭେଟିଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଜିଲାପାଳ ଅମ୍ବର କୁମାର କର ଏହାର ସମାଧାନ ପାଇଁ ଯାଜପୁର ଉପଜିଲାପାଳଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବ୍ୟାଙ୍କିଙ୍ଗ ସୁବିଧା ଓ ଟାଟା ପାୱାର ପକ୍ଷରୁ ଏକ ଅନୁଭବ କେନ୍ଦ୍ର ଖୋଲାଯାଇଛି। ଉକ୍ତ କାର୍ଯ୍ୟାଳୟର ସୁରକ୍ଷା ପାଇଁ ପାଚେରି ନିର୍ମାଣ ସକାଶେ ପଞ୍ଚାୟତ ପକ୍ଷରୁ ୨୦୨୪–୨୫ ଆର୍ଥିକ ବର୍ଷରେ ୧୫ତମ କେନ୍ଦ୍ରୀୟ ଅର୍ଥ ଯୋଜନାରୁ ୨.୪୭ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଉକ୍ତ ପ୍ରକଳ୍ପକୁ ଗ୍ରାମସଭା ଓ ପଞ୍ଚାୟତ ବୈଠକରେ ପ୍ରଶାସନିକ ଅନୁମିତ ପ୍ରଦାନ କରାଯାଇଛି। ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଯାଇଛି। ଏ ସବୁ ସତ୍ତ୍ୱେ ନିର୍ମାଣ କାର୍ଯ୍ୟକୁ ବଳପୂର୍ବକ ବନ୍ଦ କରାଯାଇଛି ବୋଲି ସରପଞ୍ଚ ଓ ଗ୍ରାମବାସୀ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ କାର୍ଯ୍ୟ ବନ୍ଦ କରିଥିବା ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ।

# ମା' ଜାଗୁଳାଇଙ୍କ ମନ୍ଦିରର ଦଧିନଉତି ସ୍ଥାପନ



ପାଣିକୋଇଲି,୨୦।୧୧(ବିକାଶ ମଲ୍ଲିକ):

ପାଣିକୋଇଲି ପଞ୍ଚାୟତ ଅଳତିରି ଗ୍ରାମର ଗ୍ରାମ ଦେବତୀ ମା' ଜାଗୁଳାଇଙ୍କ ନୂତନ ମନ୍ଦିରର ଦଧିନଉତି ସ୍ଥାପନ କରାଯାଇଛି। କିମ୍ବଦନ୍ତୀ ଅନୁସାରେ, ପ୍ରାୟ ୫୦୦ ବର୍ଷ ପୁରାତନ ମା' ଜାଗୁଳାଇଙ୍କ ମନ୍ଦିର ଭାଙ୍ଗିରୁଜି ଯାଇଥିଲା। ଗ୍ରାମବାସୀ ଓ ସ୍ଥାନୀୟ ଆଦର୍ଶ ଯୁଥ କ୍ଲବର ସଦସ୍ୟଙ୍କ ସହଯୋଗରେ ମା'ଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ବ୍ରାହ୍ମଣ ଅକ୍ଷୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ଗ୍ରାମର କଳ୍ପତରୁ ମହାପାତ୍ର ଓ ସାବିତ୍ରୀ ମହାପାତ୍ର ସଂକଳ୍ପ କରିଥିଲେ। ହୋମଯଜ୍ଞ ପରେ ଶଙ୍ଖ ଘଣ୍ଟ ହୁଳହୁଳି ଓ ନାମ ସଙ୍କୀର୍ତ୍ତନ ସହିତ ମା'ଙ୍କ ଦଧିନଉତି ଉଠିଥିଲା। ଶ୍ରଦ୍ଧାଳୁ ଧାନ, କଉଡ଼ି, ପଞ୍ଚଧାତୁ ଆଦି ମା'ଙ୍କ ଦଧିନଉତି ହୁଣ୍ଡିରେ ପକାଇ ଆଶିଷ ଭିକ୍ଷା କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ନରୋତ୍ତମ ନାୟକ, ଚୈତନ୍ୟ ମଲ୍ଲିକଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଗ୍ରାମବାସୀ ଓ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନ୍ୟାୟ ଦାବିରେ ସୂଚନା ଅଧିକାର କର୍ମୀଙ୍କ ଧାରଣା

ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ନ୍ୟାୟ ଦାବିରେ ସୂଚନା ଅଧିକାର କର୍ମୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନକାରୀ କହିଛନ୍ତି, ରାଜ୍ୟରେ ଯେଉଁ ସୂଚନା କମିଶନ ଅଛନ୍ତି ସେ ତଥ୍ୟଭିତ୍ତିକ କେଶଗୁଡ଼ିକୁ ବେଆଇନ ଭାବେ ଧାଡ଼ିକିଆ ଅର୍ଡର ପାସ୍ କରୁଛନ୍ତି। ସରକାରୀ ବିଭାଗରେ ଯେଉଁ ଜନସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅଛନ୍ତି ସେମାନଙ୍କୁ ସୁହାଇଲା ଭଳି ନିର୍ଦ୍ଦେଶନାମା ଜାରି କରୁଛନ୍ତି। ଫଳରେ ରାଜ୍ୟରେ ଆଇନ ନଷ୍ଟ ହେବାକୁ ବସିଲାଣି। ତେଣୁ ରାଜ୍ୟ ସରକାର ସୂଚନା କମିଶନରଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୨୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଭାଜପା ପକ୍ଷରୁ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ୨୫ରେ ବଡ଼ଚଣା ଭାଜପା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସମ୍ପାଦକ ପ୍ରମୋଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଅମର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସମଗ୍ର ରାଜ୍ୟରେ ଏହା ପାଳିତ ହେଉଛି। ତେଣୁ ଆତ୍ମନିର୍ଭର ଭାରତ ଓ ବନ୍ଦେ ମାତରମ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ୪୩ ପଞ୍ଚାୟତରୁ ୪ ହଜାର କାର୍ଯ୍ୟକର୍ତ୍ତା ଯୋଗଦାନ କରିବେ। ମହାବିନାୟକ ନିକଟସ୍ଥ ବାଳିକା ବିଦ୍ୟାଳୟଠାରେ ସକାଳ ୮ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ମାନସ ରାଉତରାୟ, ଅଶୋକ ସିଂ, ଲଲାଟେନ୍ଦୁ ମହାପାତ୍ର, ପ୍ରତାପ ଧଳ, ସୀତାନାଥ ବଳସାମନ୍ତ, ବିକାଶ ମହାପାତ୍ର ଓ ରବୀନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ମତ ପ୍ରଦାନ କରିଥିଲେ। ମହାବିନାୟକ ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପ୍ରତିଭା ସମ୍ମାନ, ବହୁମୁଖୀ ଜନସେବା କାର୍ଯ୍ୟକ୍ରମ



ବିପଦର ବନ୍ଧୁ ପରିବାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ରସୁଲପୁର,୨୦।୧୧ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହ ବହୁମୁଖି ଜନସେବା ମୂଳକ କାର୍ଯ୍ୟକ୍ରମ କରାଯାଇଛି। ଟ୍ରଷ୍ଟର ସଭାପତି ନିମାଇଁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଡ଼କଇଞ୍ଚି ପଞ୍ଚାୟତ ନରସିଂହପୁର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚର ଉପସଭାପତି ସୁଦାମ ଚରଣ ଦାସ, କଟକ ସେଣ୍ଟ୍ରାଲ ରେଡକ୍ରସର କ୍ୟାମ୍ପ ଅର୍ଗାନାଇଜର ଅବିନାଶ ଦାଶ, ଡା. ବସନ୍ତ ପଣ୍ଡା, ପରିବେଶବିତ୍ ଗୋପୀନାଥ ପତି, ପୂର୍ବତନ ବିଆରସିସି ପ୍ରଦୀପ ସାମଲ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ରାଉତ, ଶିକ୍ଷକ ଅନନ୍ତ ପାତ୍ର, ରବିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ, ଖବରଦାତା ଭାବେ ଧରିତ୍ରୀର ରସୁଲପୁର ବ୍ଲକ ପ୍ରତିନିଧି ରଞ୍ଜିତ ରାଉତ, ପରିବେଶବିତ୍ ତ୍ରିଲୋଚନ ପତି, ସମାଜସେବା ପାଇଁ ଲୋକନାଥ ପଣ୍ଡା, ଦେବୀ ପ୍ରସାଦ ସାହୁ, ହୃଦାନନ୍ଦ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥି ଓ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନୂତନବସ୍ତ୍ର, କମ୍ବଳ ଓ ଚାରାବଣ୍ଟନ କରାଯାଇଥିଲା। ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୪୯ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଟ୍ରଷ୍ଟର କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ଆଚାର୍ଯ୍ୟ, କାର୍ଯ୍ୟକର୍ତ୍ତା ଚନ୍ଦନ ମହାରଣା, ଶିବାନନ୍ଦ ପଣ୍ଡା, ବିଷ୍ଣୁ ସାମଲ, ବସନ୍ତ ପାତ୍ର, ପ୍ରଶାନ୍ତ ସ୍ୱାଇଁ, ସତ୍ୟ ନାରାୟଣ ଜେନା, ଅଭିଜିତ୍ ରାମ, ପ୍ରଶାନ୍ତ ବାରିକ, ଅଶୋକ ସାହୁ, ମିଟୁ ସାହୁ, କକୁନା ବାରିକ, ବିକାଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଭୂମିହୀନଙ୍କୁ ପଟ୍ଟା ବଣ୍ଟନ



ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି।

ବିଞ୍ଝାରପୁର,୨୦।୧୧(ରାମକୃଷ୍ଣ ଦାସ): ବସୁନ୍ଧରା ଯୋଜନାରେ ବିଞ୍ଝାରପୁର ତହସିଲ ପକ୍ଷରୁ ଭୂମିହୀନ ପରିବାରଙ୍କୁ ବାସ ଉପଯୋଗୀ ଜମିପଟ୍ଟା ବଣ୍ଟନ କରାଯାଇଛି। ଭାରପ୍ରାପ୍ତ ତସିଲଦାର ପ୍ରଦୀପ୍ତ କୁମାର ସେଠୀ ଯୋଗଦେଇ ପ୍ରୀତିପୁର ରାଜସ୍ୱ ମୌଜାର ଭୂମିହୀନ ହିତାଧିକାରୀ ବିଦ୍ୟାସାଗର ଯେନା, ସୁକଦେବ ଯେନା ଓ ଗୀତାଞ୍ଜଳି ଯେନାଙ୍କୁ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଶମ୍ଭୁନାଥ ବେହେରା, ପ୍ରୀତିପୁର ରାଜସ୍ୱ ନିରୀକ୍ଷକ ଚନ୍ଦନ ବାରିକ, ସୟଦପୁର ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ ସନ୍ଦିଗ୍ଧ ବାଂଲାଦେଶୀ ଥାନାରେ ଅଟକ

ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରହିଥିବା ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ପୋଲିସ ଖୋଜିବାରେ ଲାଗିଛି। ଏଥିପାଇଁ ଯାଜପୁର ସହରର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ପ୍ରକଳ୍ପରେ କାର୍ଯ୍ୟରତ ୫୨ ଶ୍ରମିକଙ୍କୁ ଗତ ମଙ୍ଗଳବାର ରାତିରେ ଯାଜପୁର ଟାଉନ୍ ପୋଲିସ ସନ୍ଦେହରେ ଉଠାଇ ଆଣି ଥାନାରେ ଅଟକ ରଖି ସେମାନଙ୍କ ଆଧାରକାର୍ଡ, ଭୋଟର ପରିଚୟପତ୍ର ଯାଞ୍ଚ କରିବା ପରେ ଛାଡ଼ି ଦେଇଥିଲା। ପୁର୍ନବାର ବୁଧବାର ରାତିରେ ୨୪ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ସେମାନଙ୍କ ଆଧାରକାର୍ଡ, ଭୋଟର ପରିଚୟପତ୍ର, ପାନ୍‌କାର୍ଡକୁ ଯାଞ୍ଚ କରିଛି। ଏହି ସନ୍ଦିଗ୍ଧଙ୍କ ଯାଞ୍ଚ ପରେ ସେମାନେ ପଶ୍ଚିମବଙ୍ଗ ରାଜ୍ୟର ମେଦିନାପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଏହାପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଛି। ଏହି ୨୪ଜଣ ସହରର ବିଭିନ୍ନ ସ୍ଥାନରେ ରହି ଫେରି ଓ ଦିନ ମଜୁରିଆ କାମ କରୁଥିବା ଜଣାପଡ଼ିଛି। ସେମାନେ ଘର ଭଡ଼ା ନେଇ ରହୁଛନ୍ତି। ତେଣୁ ସନ୍ଦିଗ୍ଧ ବ୍ୟକ୍ତିମାନେ ଭଡ଼ାରେ ରହୁଥିବା ଘର ମାଲିକଙ୍କୁ ଗୁରୁବାର ପୋଲିସ ଥାନାକୁ ଡାକି ଭଡ଼ା ଦେବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରି ଥାନାରେ ଅବଗତ କରାଇବାକୁ ପରାମର୍ଶ ଦେଇଛି।



ଥାନାକୁ ଆସିଥିବା ସନ୍ଦିଗ୍ଧମାନେ।

# କବାଡ଼ି ଦଳର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରସୁଲପୁର,୨୦।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସକରାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଯାଜପୁର ଜିଲାର ୧୪ ଓ ୧୭ବର୍ଷରୁ କମ୍ ବାଳିକାବାଳକ କବାଡ଼ି ଖେଳାଳିଙ୍କ ୫ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରରେ ଉଭୟ ବିଭାଗରୁ ବ୍ଲକସ୍ତରୀୟରୁ ମନୋନୀତ ହୋଇଥିବା ମୋଟ ୪୮ ଖେଳାଳିଙ୍କ ସମେତ ୪ କୋଚ ଓ ମ୍ୟାନେଜର ଶିବିରରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସୁନନ୍ଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ପ୍ରଶିକ୍ଷକଭାବେ କୃଷ୍ଣକାନ୍ତ ପଣ୍ଡା, କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ, ଅନାଦି ଚରଣ ସାହୁ, ଅମୂଲ୍ୟ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଖେଳର ଉନ୍ନତ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ପ୍ରତିଯୋଗିତାରୁ ମନୋନୀତ ହୋଇଥିବା ଦକ୍ଷ ଖେଳାଳିଙ୍କୁ ନେଇ ଜିଲା କବାଡ଼ି ଟିମ୍ ଗଠନ କରାଯାଇଛି। ଜିଲାର ଉଭୟ ବାଳିକାବାଳକଙ୍କୁ ମିଶାଇ ୪ ଦଳ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁନ୍ଦରଗଡ଼ ଗସ୍ତ କରିଛନ୍ତି। ପ୍ରଶିକ୍ଷଣ ଶିବିର ଜରିଆରେ ଉଭୟ ବିଭାଗରେ କେଉଁ ୭ଜଣ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦିଆଯିବ ଏବଂ ଦଳରେ କେତେ ଜଣ ରାଉର, ଡିଫେଣ୍ଡର ଓ ଅଲରାଉଣ୍ଡର ସ୍ଥାନ ଦିଆଯିବ ସେ ନେଇ ଶିବିରରେ ସ୍ଥିର କରାଯାଇଛି। ଚଳିତବର୍ଷ ରାଜ୍ୟସ୍ତରୀୟ ବାଳିକାବାଳକ କବାଡି ପ୍ରତିଯୋଗିତା ସୁନ୍ଦରଗଡ ଜିଲା ବଣେଇ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜାରି ରହିଛି। ଏଥି ସକାଶେ ୧୭ବର୍ଷରୁ କମ୍ କବାଡ଼ି ପ୍ରତିଯୋଗୀ ୧୮ ତାରିଖଠାରୁ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିଛନ୍ତି। ୧୪ବର୍ଷରୁ କମ୍ ବର୍ଗର ଦଳ ଗୁରୁବାର ସୁନ୍ଦରଗଡ଼ ଯାତ୍ରା କରିଛନ୍ତି ବୋଲି ପ୍ରଧାନଶିକ୍ଷକ ରାଉତ ସୂଚନା ଦେଇଛନ୍ତି।



ଶିବିରରେ ଯୋଗଦେଇଥିବା ଖେଳାଳି ଓ କୋଚ୍।

# ପିସିରେ ପେଷିହେଉଛି ଆର୍‌ଡି ବିଭାଗ

- ମଞ୍ଜୁର ଅର୍ଥର ୩୯ ପ୍ରତିଶତରେ ହେଉଛି ଉନ୍ନତିମୂଳକ କାମ
- ଭାଜପା ସରକାରର ପିସି କାରବାର ଅବସାନ ପାଇଁ ଗୁରୁତ୍ୱ



ଦୋଷିଆରୁ ସାତକୁଡିଆ ରାସ୍ତାକୁ ନିର୍ମାଣ ଖାଲ ହୋଇଗଲାଣି।

ପଟ୍ଟାମୁଣ୍ଡାଇ, ୨୦।୧୧ (କଳ୍ପତରୁ ନାୟକ)

ଗ୍ରାମାଞ୍ଚଳରେ ବ୍ୟୟ ଅଟକଳ ଅନୁଯାୟୀ ସୁଗମ ଓ ସୁଦୃଢ଼ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ରାଜ୍ୟ ସରକାର ଅତୁଟ ବିଶ୍ୱାସ ରଖିଛନ୍ତି। ଏ ନେଇ ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତିରାଜ, ଜଳସେଚନ ବିଭାଗର ଏକାଧିକ ରାସ୍ତାର ନିର୍ମାଣ ଏବଂ ସମ୍ପ୍ରସାରଣ କାର୍ଯ୍ୟ ଆର୍‌ଡି ବିଭାଗକୁ ହସ୍ତାନ୍ତର କରାଯାଇଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ରାସ୍ତାର ନିର୍ମାଣ, ମରାମତି ଦାୟିତ୍ୱରେ ରହିଥିବା କେନ୍ଦ୍ରାପଡ଼ା ଆର୍‌ଡି ଡିଭିଜନ-୧ ଅଧୀନ ପଟ୍ଟାମୁଣ୍ଡାଇ ଆର୍‌ଡିଡିଭିଜନ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳର ବ୍ୟସ୍ତ ବହୁଳ ରାସ୍ତା ଓ ସେତୁକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରିବ। ବିଭିନ୍ନ ସ୍ଥାନରେ କାମ ନ ସରୁଣୁ ରାସ୍ତାରୁ ପିଚୁ ଉଠିଯାଉଥିବା ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିରୀକ୍ଷଣ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଏବଂ ଅଧିକ ପିସି ଆଦାୟରେ ମାତି ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ରାଜ୍ୟ ଭାଜପା ସରକାର ପିସି କାରବାରର ଅବସାନ ପାଇଁ ଗୁରୁତ୍ୱ ଦେଇ ଆସୁଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡରେ ପିସି ଆଦାୟ ଆହୁରି ବଢ଼ିବାରେ ଲାଗିଛି। ଜଣେ ଠିକାଦାର ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏହି ବିଭାଗରେ ମୂଳ ଅର୍ଥରୁ ୧୫ ପ୍ରତିଶତ କମ୍‌ରେ ଟେଣ୍ଡର ଭରିଲେ ଯାଇ କାମ ମିଳେ। ଏହାବାଦ ବିଭିନ୍ନ ଦଳର ରାଜନୈତିକ ନେତୃବର୍ଗ କମ୍ ସେକମ୍ ୧୫ ପ୍ରତିଶତ, ଅଧୀକ୍ଷଣ ଯନ୍ତ୍ରୀ ୧%, ନିର୍ବାହୀ ଯନ୍ତ୍ରୀ ଓ ଏସ୍‌ଡିଓ ୧ ରୁ ୨ %ରୁ ଊର୍ଦ୍ଧ୍ୱ, କନିଷ୍ଠ ଯନ୍ତ୍ରୀ ପ୍ରାୟ ୨%, କିରାଣି ଓ ଅନ୍ୟମାନେ ମିଶି ପାଖାପାଖି ୨% ପିସି ଆକାରରେ ନେଇଥାନ୍ତି। ଯେଉଁ ଜମିରେ ସାମଗ୍ରୀ ରଖାଯାଏ ତାହାର ମାଲିକ, କୁଜିନେତା, ଦାଦାବଟି, ରୟାଲଟି ଓ ସିକ୍ୟୁରିଟି ବାବଦକୁ ୧୦% ଏଭଳି ଭାବେ ମଞ୍ଜୁର ଅର୍ଥରୁ ମୋଟ ପ୍ରାୟ ୪୭ ପ୍ରତିଶତ ପିସି ଆକାରରେ ଯାଉଛି। ଠିକାସଂସ୍ଥା ନିଜର ଲାଭ ଆନୁମାନିକ ୧୫ ପ୍ରତିଶତ ରଖିଲା ପରେ ମୋଟ ୬୧ ପ୍ରତିଶତ ଯିବା ପରେ ମାତ୍ର ୩୯ ପ୍ରତିଶତ କାମ ବାବଦକୁ ଖର୍ଚ୍ଚ ହୁଏ। ଫଳରେ ଠିକାଦାର ନିମ୍ନମାନର କାର୍ଯ୍ୟ କରିବାକୁ ବାଧ ହୁଏ। ମାତ୍ର ନିରୀକ୍ଷଣ ଯନ୍ତ୍ରୀ ଉକ୍ତ କାର୍ଯ୍ୟକୁ ନେଇ କୌଣସି ମୁହଁ ଖୋଲିବାକୁ ସାହସ ଜୁଟାଇ ପାରନ୍ତିନାହିଁ।

ସାମାଜିକ କର୍ମୀ ଶିବପ୍ରସାଦ ପ୍ରଧାନ, ନଳିନୀ ରାଉତ, ସର୍ବେଶ୍ୱର ସେଠୀ, ସୌମ୍ୟ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ଆର୍‌ଡି ବିଭାଗରେ କେନ୍ଦ୍ରାପଡ଼ା ଏସ୍‌ଡିଓଙ୍କ ଦାୟିତ୍ୱରେ ଥିବା ବେଳେ ଜଣେ ଯନ୍ତ୍ରୀ ଅଛନ୍ତି। ମାତ୍ର ଉନ୍ନତିମୂଳକ କାର୍ଯ୍ୟରେ କ୍ଷେତ୍ର ପରିଦର୍ଶନରେ କେହି ନ ଯାଇ କାର୍ଯ୍ୟାଳୟରେ ଥାଇ ବିଲ୍ ଓ ଭାଉଚର କରିଥାନ୍ତି। ଏଭଳି ଭାବେ ଆର୍‌ଡି ବିଭାଗ ଅଧୀନ କାମ ଚାଲିଥିବା ଅଭିଯୋଗ ହେଉଛି। କିଛିଦିନ ତଳର ଡାମରପୁର ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୪ କୋଟି ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିଲା। କିନ୍ତୁ ଠିକାଦାର ସମସ୍ତ ଆକଳନ ବ୍ୟବସ୍ଥାକୁ ଖିଲାପକରି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହାୟତାରେ ନିମ୍ନମାନର କାମକରି ବିଲ୍ ନେଇଗଲେ। ଏବେ ରାସ୍ତା ପୁଣି ପୂର୍ବ ଅବସ୍ଥାରେ ପଡିଛି। ସେହିପରି ୪ କୋଟି ଟଙ୍କାର ବ୍ୟୟରେ ଦୋଷିଆରୁ ସାତକୁଡିଆ ରାସ୍ତାକୁ ନିର୍ମାଣ ହୋଇଥିଲା। ବିଭାଗ ପକ୍ଷରୁ ଠିକ୍ ଆକଳନରେ କାମ ହୋଇ ନ ଥିବାରୁ ରାସ୍ତାଟି ଜନସାଧାରଣଙ୍କ ହିତରେ ନ ଆସି ଅଧାପନ୍ତରିଆ ଭାବେ ରହିଛି। ଅନ୍ୟପକ୍ଷରେ ଅନେକ ଆର୍‌ଡି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇରହିଛି। ସେହିପରି ୪ କୋଟି ଟଙ୍କା ବ୍ୟୟରେ ମୂଳବସନ୍ତରୁ ଅରୁଆ ଆର୍‌ଡି ରାସ୍ତା କାର୍ଯ୍ୟ ବର୍ତ୍ତମାନ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଥିଲେ ମଧ୍ୟ ଯନ୍ତ୍ରୀ ପ୍ରାୟତଃ ଦେଖାଶୁଣା କରୁ ନ ଥିବା ଆଲୋଚନା ହେଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଆର୍‌ଡି ବିଭାଗରେ ତଳୁ ଉପରସ୍ତର ପର୍ଯ୍ୟନ୍ତ ଯନ୍ତ୍ରୀମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଉପରେ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଏସ୍‌ଡିଓ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରେ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଷ୍ଟିମେଟ ଅନୁସାରେ କାମ ଚାଲିଛି। ବିଭାଗ ପକ୍ଷରୁ ନିୟମିତ ପରିଦର୍ଶନ କରାଯାଇ ଠିକାଦାରଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଉଛି ବୋଲି ସେ କହିଛନ୍ତି।

## ସୂଚନା କମିଶନଙ୍କ କାର୍ଯ୍ୟକୁ ଓସାର ବିରୋଧ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର କାର୍ଯ୍ୟକର୍ତ୍ତାମାନେ।

କେନ୍ଦ୍ରାପଡ଼ା, ୨୦।୧୧ (ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ସଙ୍ଗଠନର କେନ୍ଦ୍ରାପଡ଼ା ଜିଲା ଶାଖା ବିରୋଧ କରିଛି। ସାଧାରଣ ଜନତାଙ୍କୁ ନ୍ୟାୟ ଦେଇ ପାରୁ ନ ଥିବାରୁ କମିଶନଙ୍କ ସହ ଅନ୍ୟ ୩ ଜଣ ପଦାଧିକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର କେନ୍ଦ୍ରାପଡ଼ା ଜିଲା ପ୍ରଶାସକଙ୍କୁ ଗୁରୁବାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ଦେଶରେ ସ୍ୱଚ୍ଛତାର ସହ ଶାସନ ଚାଲିବା ପାଇଁ ସୂଚନା ଅଧିକାର ଆଇନ ପ୍ରଣୟନ ହୋଇଛି। ଏହି ଆଇନକୁ ଆଧାର କରି ତଥ୍ୟ ମଗାଯାଉଛି। ତେବେ କେତେକ ସ୍ଥାନରେ ତଥ୍ୟ ଦେବା କ୍ଷେତ୍ରରେ ବିଳମ୍ବ ଅଥବା ହେରଫେର କରାଯାଉଛି। ଯାହାଦ୍ୱାରା ଠିକ୍ ତଥ୍ୟ ମିଳିବା ଓ ଉପଯୋଗରେ ଦୁର୍ନୀତିକୁ ଲୋକଲୋଚନକୁ ଆଣି ହେଉନାହିଁ। ଏହି କାରଣର ନିରାକରଣ ପାଇଁ ଆଇନରେ କମିଶନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି କମିଶନରଙ୍କ କାର୍ଯ୍ୟାଳୟ ଏକ ପ୍ରହସନ ପାଲଟିଛି। ଆଇନ ଅନୁଯାୟୀ, ଶୁଣାଣି ଓ ଫଳାଫଳ ବାହାରୁ ନାହିଁ। ତୃଣମୂଳସ୍ତରରେ ଏମାନଙ୍କ ଅଭିଜ୍ଞତା ନ ଥିବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ଜିଲା ଆବାହକ ମହାନ୍ତି କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ଶାଖାର କର୍ମକର୍ତ୍ତା ଭାଗୀରଥି ଜେନା, ହରେକୃଷ୍ଣ ପାତ୍ର, ଚିତ୍ରସେନ ମଣ୍ଡଳ, ଚିନ୍ମୟ ବସନ୍ତିଆ, ଜ୍ୟୋତିରଞ୍ଜନ ବେହୁରା, ସୋମନାଥ ବାରିକ, ପ୍ରମୋଦ କୁମାର ଦାସ, ସାଗର ଜେନା, ଅମିତାଭ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ଏକତା ପଦଯାତ୍ରା



ପଦଯାତ୍ରାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ।

ମାର୍ଶାଘାଇ,୨୦।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକତା ପଦଯାତ୍ରା ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇଠାରେ ଗୁରୁବାର ଆୟୋଜିତ ହୋଇଯାଇଛି। କ୍ରୀଡ଼ା ଯୁବସେବା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ଜିଲା ଭାଜପା ସଭାପତି କିଶୋର ପଣ୍ଡା, ମହାକାଳପଡ଼ା ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ରାଘବପୁର ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ଉମାକାନ୍ତ ପଟ୍ଟନାୟକ, ସଲିମ ଖାଁ, ବିକ୍ରମ କେଶରୀ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅଙ୍ଗୁଲାଇଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ବରେଇ ଆରଖିଆ, କୁରୁଣ୍ଡୁଙ୍ଗା, ପସ୍ତା, ନେମ୍ପରା, ଠାଉରି, ଗୟାସପୁର, ରାଜଗଡ଼ ଦେଇ ଓଳିହା ଛକରେ ଶେଷ ହୋଇଥିଲା। ପ୍ରଶାନ୍ତ କୁମାର ସେଠୀ, ଗୋଗୁଆ ସମିତିସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ବରକନ୍ଧା ସମିତିସଭ୍ୟ ରଞ୍ଜନ ଚୌଧୁରୀ, ବିକ୍ରମାଦିତ୍ୟ ସାହୁ, ମନୋରଞ୍ଜନ ମହାପାତ୍ର, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ, ବଉଳକଣି ସରପଞ୍ଚ ସାଲବେଗ ମାହାଳି, ଜମ୍ବୁ ମଣ୍ଡଳ ସଭାପତି ପବିତ୍ର ଚୌଧୁରୀ, ମାର୍ଶାଘାଇ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତରାୟ, ଯୁବକର୍ମୀ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ତଦନ୍ତରେ ପ୍ରକୃତ ଦୋଷୀ ଧରାପଡ଼ିବେ

### ବଉଳକଣି ପଞ୍ଚାୟତ ଆର୍ଥିକ ଅନିୟମିତତା ମାମଲା



ଜିଲାପାଳଙ୍କ ଉଦ୍ଦେଶ୍ୟରେ ହରେକୃଷ୍ଣ ପାତ୍ର ଓ ଅନ୍ୟମାନେ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା, ୨୦।୧୧ (ଜଗନ୍ନାଥ ଧଳ)

ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ମତ ରଖିଛନ୍ତି। ତଦନ୍ତ ପାଇଁ ପ୍ରଶାସନିକ ଅଧିକାରୀଙ୍କ, ନ୍ୟାୟିକ ଅନୁଷ୍ଠାନଠାରୁ ଆରମ୍ଭ କରି ଭିଜିଲାନ୍ସ ବିଭାଗ ଅଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଉନ୍ନୟନ ଯୋଜନାର ଆର୍ଥିକ ଅନିୟମିତତା ମାମଲାର ପ୍ରକୃତ ଦୋଷୀ ଠାବ ହୋଇପାରୁନାହିଁ। ଦୁର୍ନୀତି କରିବା ନାହିଁ ବୋଲି ହାତ ଉଠାଇ ପ୍ରତିବର୍ଷ ଶପଥ ନେଉଥିବା ଅଧିକାରୀଙ୍କ ନୀରବତା ଦ୍ୱାରା ଏହାର କାର୍ଯ୍ୟକାରିତା ପ୍ରହସନ ପାଲଟିଛି। ବଉଳକଣି ଗ୍ରାମର ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର କହିଛନ୍ତି, ସୂଚନା ଆଇନ ଅଧିକାରରେ ମିଳିଥିବା ଏ ସମ୍ପର୍କିତ ତଥ୍ୟରୁ ଆର୍ଥିକ ଅନିୟମିତତା ସ୍ପଷ୍ଟ ଜଣାପଡୁଛି। ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ ପାଇଁ ପୁନର୍ବାର ଗୁରୁବାର ଦାବି କରାଯାଇଛି। ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ, ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ସେ କହିଛନ୍ତି, ପଞ୍ଚାୟତର ଉନ୍ନୟନ ପାଇଁ ଆସିଥିବା ଅନୁଦାନର ଆର୍ଥିକ ଅନିୟମିତତା ଆଭାସ ମିଳିବା ପରେ ସୂଚନା ଅଧିକାର ଆଇନ ଅନୁଯାୟୀ ବିଡିଓଙ୍କୁ ତଥ୍ୟ ମଗାଯାଇଥିଲା। ତେବେ ସମୟ ଅବଧି ମଧ୍ୟରେ ତଥ୍ୟ ନ ମିଳିବାରୁ କମିଶନର କୋର୍ଟରେ ଅଭିଯୋଗ କରିଥିଲେ। ଏପ୍ରିଲ ୨୪ରେ ଶୁଣାଣି ହୋଇଥିବାବେଳେ କାଗଜପତ୍ର ଠିକ୍ ନ ଥିବା ସରକାରୀ ପକ୍ଷ ଦର୍ଶାଇଥିଲେ। ସରକାରୀ ଉନ୍ନୟନ ଅର୍ଥ ତୋସରପାତ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଦାବି କରି ଜୁନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ସେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏହି ମାମଲାର ତଦନ୍ତ ରିପୋର୍ଟ ପଠାଇବାକୁ ମହାକାଳପଡ଼ା ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ଆସିଥିଲା। ତଦନ୍ତ ବଦଳରେ ତଥ୍ୟ ନ ଥିବା ନେଇ ଚିଠି ହୋଇଥିବା ଜାଣିବାକୁ ମିଳିଛି। ସରକାରୀ ଯୋଜନାର ଅର୍ଥର ତଥ୍ୟ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ହେଲେ ବହୁ ତଥ୍ୟ ଉନ୍ମୋଚିତ ହେବା ସହ ପ୍ରକୃତ ଦୋଷୀଙ୍କ ଚିହ୍ନଟ ହେବେ ବୋଲି ସେ ପ୍ରକାଶ କରିଛନ୍ତି।

## କୁଶିଆପାଳ, ଗୋଲରାହାଟ ଶ୍ରେଷ୍ଠ ପାକ୍ସ ଭାବେ ପୁରସ୍କୃତ

ଡେରାବିଶ, ୨୦।୧୧ ( ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତର ଉଦୟନଗରସ୍ଥିତ କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ଭବନରେ ଗୁରୁବାର ଜିଲା ସମବାୟ ସମିତି ସମୂହ ପକ୍ଷରୁ ୭୨ତମ ସର୍ବଭାରତୀୟ ସମବାୟ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭାଗୀୟ ଜିଲା ଉପ ନିବନ୍ଧକ ପ୍ରଭାକର ନାୟକଙ୍କ ପୌରୋହିତ୍ୟ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲିକ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲା ପ୍ରାଣୀ କଲ୍ୟାଣ ଅଧିକାରୀ ପ୍ରଭଞ୍ଜନ କବି, ଜଲା କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଓ ଜିଲା ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ଆଦର୍ଶ ପାକ୍ସକୁ ଜିଲାର ଶ୍ରେଷ୍ଠ ଆଦର୍ଶ ସମିତି ଭାବେ ବିବେଚନା କରାଯିବା ସହ ସମ୍ପାଦକ ମୃତ୍ୟୁଞ୍ଜୟ ଦାସ ଓ ଡେରାବିଶ ବ୍ଲକସ୍ତରରେ ଗୋଲରାହାଟ ପାକ୍ସକୁ ଶ୍ରେଷ୍ଠ ସମିତି ଭାବେ ବିବେଚନା କରାଯାଇ ଏହାର ସମ୍ପାଦକ ଗୋଲକଚନ୍ଦ୍ର ସେନାପତିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉକ୍ତ ଦୁଇ ପାକ୍ସ କୃଷି ଓ କୃଷକର ଉନ୍ନତି ପାଇଁ ସମବାୟ ବିଭାଗର ପ୍ରତ୍ୟେକ ଯୋଜନାକୁ ନିସ୍ୱାର୍ଥପର ଭାବେ ସେବାକାରୀ ମନୋଭାବରେ କାର୍ଯ୍ୟକାରୀ କରି ପାକ୍ସକୁ ଲାଭଦାୟକ ଭାବେ ଗଠନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଖବର ପାଇବା ପରେ ସମ୍ପୃକ୍ତ ସମିତି ପରିଚାଳନା ପରିଷଦ ସଭାପତି ଖୁରସିଦ୍ ଆଲମ୍ ଖାନ୍ ଓ ନାରାୟଣ ପ୍ରସାଦ ପାତ୍ରଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଓ ୨ ସମିତି ଅଧୀନ ସମସ୍ତ କୃଷକ ବନ୍ଧୁଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।



ସମବାୟ ସପ୍ତାହରେ ପାକ୍ସକୁ ପୁରସ୍କୃତ କରାଯାଉଛି।

## ମାର୍ଶାଘାଇ ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଯାପିତ

ମାର୍ଶାଘାଇ,୨୦।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍‌ରେ ୩ଟି ଜୋନ୍‌ରେ ଚାଲୁଥିବା ଏମ୍‌ପି କ୍ରୀଡ଼ା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଶାଘାଇ ବ୍ଲକର ଯମପଡା, ତୁଳସୀପୁର ଓ ଅନ୍ତେଇ ଖେଳ ପଡିଆରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡା ମହୋତ୍ସବରେ ବ୍ଲକର ୩ ଗୋଟି ଜୋନର ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନ୍ତେଇ ଖେଳ ପଡ଼ିଆ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅନ୍ତେଇ କଲେଜର ଅଧକ୍ଷ ବିଶ୍ୱଜିତ ତ୍ରିପାଠୀ, ସାମାଜିକ କର୍ମୀ ଗଙ୍ଗାଧର ସାମଲ, ରଞ୍ଜନ କୁମାର ବେହେରା, ଜୋନ ସଭାପତି ହିରଣ୍ୟ ମହାପାତ୍ର, ଅନ୍ତେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜକାନ୍ତ ଯେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଟିରା ପଞ୍ଚାୟତର ଭାଜପା ସଭାପତି ଅଧିକାରୀ ପବିତ୍ର ମୋହନ ଦାସ, ପୂର୍ବତନ ସମିତିସଭ୍ୟ ବିଶ୍ୱଜିତ ଦାସ, କ୍ରୀଡା ଶିକ୍ଷକ ସନ୍ଦୀପ ମହାନ୍ତି, ଋତୁରାଜ ମହାନ୍ତ, ପ୍ରଶାନ୍ତ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, ୨୦।୧୧ (ବେବର୍ତ୍ତା ଅଜୟ ଦାସ)



ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଅଗ୍ନିଶମ କର୍ମଚାରୀ।

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଡେରାବିଶ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କୌଶଳ ପ୍ରଦର୍ଶନ ସମ୍ପର୍କରେ ଅବଗତ କରିଥିଲେ। ଅଗ୍ନିକାଣ୍ଡ ସମୟରେ କେଉଁ ପ୍ରକାର ତ୍ୱରିତ ପଦକ୍ଷେପ ନେଇ ପାରିଲେ ନିଆଁକୁ ରୋକା ଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କୌଶଳ ପ୍ରଦର୍ଶନ ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଚିନ୍ମୟୀ ମହାନ୍ତି, ସଞ୍ଜିତା ମହାପାତ୍ର, ସରୋଜିନୀ ସ୍ୱାଇଁ, ରୀତାଞ୍ଜଳୀ ମିଶ୍ର ଓ ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ରୋଜଗାରିଆ ପୁଅର ମୃତ୍ୟୁ ପରେ ଘରେ ଚୁଲି ଜଳୁନି

ରାଜନଗର, ୨୦।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓଡ଼ିଆ ପଞ୍ଚାୟତ ଭଗବାନପୁର ଗାଁର ସୁରେଶ କୁଣ୍ଡ (୩୫)ଙ୍କ ଗତ ୯ ତାରିଖରେ ମାଉଥ କ୍ୟାନସରରେ ପୀଡିତ ହୋଇ ଅକାଳରେ ଜୀବନ ଯାଇଛି। ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୁରେଶଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଦୁବାଇରେ ପାଣିପାଇପ କାମ କଲେ ସୁରେଶଙ୍କ ପରିବାରରେ ଚୁଲି ଜଳେ। ସୁରେଶଙ୍କ ମୃତ୍ୟୁ ପରେ ଘରେ ବୁଢା ବାପା ବନମାଳୀ କୁଣ୍ଡ (୭୦), ମା' ଦୌପ୍ରଦୀ କୁଣ୍ଡ ( ୬୫), ସ୍ତ୍ରୀ ଓ ୭ବର୍ଷ, ୧୨ ବର୍ଷର ୨ ପୁଅ ଘରେ ଅଛନ୍ତି। ସୁରେଶ ଘରେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଗୁରୁବାର ଓଡ଼ିଶା ସାଇନ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ତପନ ମହାନ୍ତି, ସୁଶାନ୍ତ କୁମାର ସାହୁ, ପ୍ରତାପ ନାୟକ, ଅର୍ଜୁନ ନାୟକ ପ୍ରମୁଖ ପରିବାର ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

## କୋରୁଆ ମଣ୍ଡଳ ୧୦ ନଂ., ତେଣ୍ଡାକୁଡ଼ାରେ ଏମ୍‌ପି ଖେଳ ମହୋତ୍ସବ

ପାଟକୁରା, ୨୦।୧୧(ରବୀନ୍ଦ୍ରନାଥ ବାରିକ)



ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ଏମ୍‌ପି ଖେଳ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋରୁଆ ମଣ୍ଡଳରେ କୋରୁଆ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର ଏମ୍‌ପି ଖେଳ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରଦପୁର ବିଡିଓ ଆଲୋକ କୁମାର ସେଠୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ବ୍ଲକ ଏମ୍‌ପି ଖେଳ ମହୋତ୍ସବର ମୁଖ୍ୟ ସଂଯୋଜକ ତଥା ଭାଜପା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ଓ କୋରୁଆ ଲୋକନାଥ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ଅମିୟ ଜେନା, ନାଏବ ସରପଞ୍ଚ ରଞ୍ଜନ କୁମାର ସେଠୀ, ସମିତିସଭ୍ୟା ମହେଶ୍ୱତା ସାମଲ, ଉତ୍ତମ କୁମାର ନାୟକ, ଶୈଳେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ନାୟକ, ପ୍ରଧାନ ଶିକ୍ଷକ ନୃସିଂହ ଚରଣ ମଲ୍ଲିକ, ଚିତ୍ତରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବ ୨ ଦିନ ଧରି ଚାଲିଥିଲା। ୬ ପଞ୍ଚାୟତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜୁନିୟର ଓ ସିନିୟର ଗ୍ରୁପ୍‌ରେ ଯଥାକ୍ରମେ ୫ଟି ବିଭାଗ ଏବଂ ୮ଟି ବିଭାଗରେ ଭାଗ ନେବାକୁ ନାମ ପଞ୍ଜୀକୃତ କରାଇ ଅଛନ୍ତି।

ସେହିପରି ୯ ନଂ. ଜୋନସ୍ତରୀୟ ଏମ୍‌ପି ଖେଳ ମହୋତ୍ସବ ଗୁରୁବାର ତେଣ୍ଡାକୁଡ଼ାର ଫଜଲ ହକ ହାଇସ୍କୁଲ ଖେଳ ପଡିଆରେ ମହୋତ୍ସବର ମୁଖ୍ୟ ସଂଯୋଜକ ରାଜ୍ୟ ଭାଜପା ମୁଖପାତ୍ର ପରିଡ଼ାଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଗରଦପୁର ତହସିଲଦାର ତୃପ୍ତି ଦାଶ, କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେରେ ପତାକା ଉତ୍ତୋଳନ କରି ମହୋତ୍ସବର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଅନାଦି ଚରଣ ସାହୁ, ଏବିଇଓ ମନୋରଞ୍ଜନ ପଟ୍ଟନାୟକ, କୁଦାନଗରୀ ଥାନାର ଭାରପ୍ରାପ୍ତ ଆରକ୍ଷୀ ଅଧିକାରୀ ଅରବିନ୍ଦ ଶରଣ ମହାନ୍ତି, ସନ୍ତୋଷ ରାଉତରାୟ, ସରପଞ୍ଚ ମାନସ ରାଉତ, ସୁଧାଂଶୁ ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ମହାନ୍ତି, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ସୁମନ୍ତ କୁମାର ଲେଙ୍କା, ସରପଞ୍ଚ ମଞ୍ଜୁଲତା ବେହେରା, ବିଜୟ କୁମାର ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଓ କେନ୍ଦ୍ରାପଡ଼ାର ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ଖେଳ ମହୋତ୍ସବ ଜିଲାରେ ଅନୁଷ୍ଠିତ ହେଉଛି। ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ପଡିଆ ପରିକ୍ରମା କରିଥିଲା। ସମସ୍ତେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଲାଗି ଶପଥ ସଂକଳ୍ପ କରି କ୍ରୀଡା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ଆସିବ ଡିଜିଟାଲ ଏକ୍ସରେ, ଅଲଟ୍ରା ସାଉଣ୍ଡ ମେଶିନ

### ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ରାଜନଗର, ୨୦।୧୧(ଭାସ୍କର ରାଉତରାୟ)



ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ତଥା ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା, ମେଡିକାଲ ପରିସରକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଗତ ବୈଠକ ବିବରଣୀ ସମ୍ପର୍କରେ ସୂଚନା ଦେବା ସହ ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରିଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ଆବଶ୍ୟକ ଥିବା ଡିଜିଟାଲ ଏକ୍ସରେ ଓ ଅଲଟ୍ରା ସାଉଣ୍ଡ ମେଶିନ ଆସିବ। ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏହି ଦୁଇଟି ମେଶିନ କିଣାଯିବା ସହ କାର୍ଯ୍ୟକ୍ଷମ କରାଯିବ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ସ୍ୱାସ୍ଥକେନ୍ଦ୍ର ପରିସର ଭିତରେ ଥିବା ଔଷଧ ଦୋକାନ କିପରି ଡ୍ରଗ୍ସ ଲାଇସେନ୍ସ ରେନୁଆଲ ନ ହୋଇ ଚାଲିଛି ମାଲିକଙ୍କ ମୃତ୍ୟୁ ହୋଇ ସାରିଥିବାରୁ ଡ୍ରଗ୍ସ ବିଭାଗକୁ ଚିକିତ୍ସାଧିକାରୀ ଚିଠି କରିବାକୁ ନିଷ୍ପତ୍ତି ହୋଇଛି। ଏହାବାଦେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଓପିଡି ବିଲଡିଂ କାମ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯିବା ସହ ଶୀଘ୍ର ସମସ୍ତ ପ୍ରକ୍ରିୟା ସାରି ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗକୁ ବିଧାୟକ ସାହୁ ନିର୍ଦ୍ଦେଶ ଦେଇଥିଲେ। ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଲଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଇଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମାପ କରାଯିବା ପାଇଁ ତହସିଲଦାରଙ୍କୁ ଚିଠି କରାଯିବ। ମାପ କରାଯାଇ ନୂତନ ବିଲଡିଂ କାମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଓ ଆମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀ ସେବା ପାଇପାରୁନାହାନ୍ତି। ୨ଟି ଗାଡି ପାଇଁ ଡ୍ରାଇଭର ନିଯୁକ୍ତି କରିବାକୁ ବୈଠକରେ ନିଷ୍ପତି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ କରିବାକୁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ଉପଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କମିଟିର ସଦସ୍ୟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝି, ସମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରା, ସୁପରଭାଇଜର ସନ୍ଧ୍ୟାରାଣୀ ବେହେରା, ବିପିଏମ୍ ଶ୍ରୀକାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଫାସୁତରା ରଖିବାରେ ଦୟିତ୍ୱ ନିଭାଉଥିବା ସଫେଇ କର୍ମଚାରୀ ସରସ୍ୱତୀ କୁଣ୍ଡ, ଆନନ୍ଦ ମାହାରୀ, ସେବିକା ସୋର୍ଣ୍ଣମ ସାମଲଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଡା. ପୁଷ୍ପାଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଖଣ୍ଡେଶ୍ୱର ମନ୍ଦିରରେ ନଟରାଜ ମୂର୍ତ୍ତି ସ୍ଥାପନ



ଗଞ୍ଜାମ, ୨୦।୧୧ (ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ବହୁ ପୁରାତନ ବାବା ଖଣ୍ଡେଶ୍ୱର ମନ୍ଦିର ପରିସରରେ ଦୀର୍ଘ ବର୍ଷ ହେବ ଶିବଙ୍କ ନଟରାଜ ମୂର୍ତ୍ତି ସ୍ଥାପନ ପାଇଁ ଆଲୋଚନା ହୋଇଥିଲା । ଶେଷରେ ତାହା ସଫଳ ହୋଇ ମୂର୍ତ୍ତି କାରିଗର ସନିଆ ଗୌଡ଼ ଏବଂ ମହାଦେବ ପୂଜକ ଅଜୟ କୁମାର ରାଉଳଙ୍କ ପ୍ରଚେଷ୍ଟାରେ ଶିବଙ୍କ ନଟରାଜ ମୂର୍ତ୍ତି ସ୍ଥାପନ କରାଯିବା ସହ ଯଥା ରୀତିନୀତି ଅନୁସାରେ ପ୍ରାଣ ପ୍ରତିଷ୍ଠା ମଧ୍ୟ ହୋଇଛି । ଯାହାକୁ ନେଇ ଭକ୍ତଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

### ନଦୀରେ ଗାଧୋଉଥିବା ବେଳେ ଦୃଷ୍ଟିହୀନ ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି, ୨୦।୧୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ଏରେନଡ୍ରା ଗ୍ରାମର ଜଣେ ଦୃଷ୍ଟିହୀନ ବୃଦ୍ଧ ଘୋଡ଼ାହାଡ଼ ନଦୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ମୃତ୍ୟୁ ଘଟିଛି । ସେ ହେଲେ ଉଜ୍ଜଳ ବରାଡ଼(୬୦) । ଉଜ୍ଜଳ ଗୁରୁବାର ସକାଳେ ନଦୀରେ ଗାଧୋଥିବା ବେଳେ ଅସାବଧାନତା କାରଣରୁ ସେ ଗଭୀର ଗଣ୍ଡ ମଧ୍ୟରେ ବୁଡ଼ି ଯାଇଥିଲେ । ଆଖପାଖରେ ଥିବା କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହେବାପରେ ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଅଚେତ ଅବସ୍ଥାରେ ନିକଟସ୍ଥ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାଟପୁର ଥାନା ପୋଲିସ ଅପମୃତ୍ୟୁ ମାମଲା ନଂ.୨୬/୨୫ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ଇସ୍କଫ୍‌ର ସାଧାରଣ ସମ୍ପାଦକ ହେଲେ ହରପ୍ରସାଦ

ଦିଗପହଣ୍ଡି, ୨୦।୧୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍କଫ୍)ର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସୁନ୍ଦରଗଡ଼ ଜିଲା ରାଉରକେଲାଠାରେ ଅନୁଷ୍ଠିତ ଇସକଫ୍ ରାଜ୍ୟ ସମ୍ମିଳନୀରେ ୧୦୧ ଜଣିଆ ରାଜ୍ୟ ପରିଷଦ ଗଠନ କରାଯାଇଥିଲା । ସେଥି ମଧ୍ୟରୁ ସମିତିର ଗଞ୍ଜାମ ଜିଲା ସଭାପତି ରହିଥିବା ହର ପ୍ରସାଦଙ୍କ ସମେତ ଅନ୍ୟ ପ୍ରମୁଖ ଜିଲା ଗୁଡ଼ିକ ମଧ୍ୟରୁ ବିଜୟ କୁମାର ମହାନ୍ତି, ସଦାନନ୍ଦ ସାହୁ, ଅମରେନ୍ଦୁ ମହାନ୍ତି, ସଞ୍ଜୟ ପରିଜା ଏବଂ ଜାନକୀ ବଲ୍ଲଭ ମହାନ୍ତିଙ୍କୁ ନେଇ ସାଧାରଣ ସମ୍ପାଦକ ମଣ୍ଡଳୀ ଘୋଷଣା କରାଯାଇଛି । ଆନ୍ତର୍ଜାତିକ ଶାନ୍ତି ତଥା ଜାତୀୟସ୍ତରରେ ସାମ୍ପ୍ରଦାୟିକ ସଦଭାବନା ରକ୍ଷା ଏବଂ ମୈତ୍ରୀ ବନ୍ଧନକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଥିବା ଇସକଫ୍‌ର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ନିର୍ବାଚିତ ହେବା ପରେ ହରପ୍ରସାଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି ।

### ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଆର.ଉଦୟଗିରି, ୨୦।୧୧ (ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରିରେ ବ୍ଲକସ୍ତରୀୟ ମତ୍ସ୍ୟ ପ୍ରାଣିସମ୍ପଦ ମେଳା ଗୁରୁବାର ସ୍ଥାନୀୟ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ ଓ ଅନ୍ୟାନ୍ୟ ବିଭାଗର ପ୍ରଦର୍ଶନୀ ହେବା ସହ ଚାଷୀ ବିଶେଷଜ୍ଞମାନଙ୍କ ସହ ଆଲୋଚନାଚକ୍ର ହୋଇଥିଲା । ସଫଳ ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ବିଡିଓ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ତହସିଲଦାର ଜ୍ୟୋତିର୍ମୟ ଦାଶ, ସିଡିପିଓ ଲଳିତା ପୂଜାରୀ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା, ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ସଂଗ୍ରାମ ପରମଗୁରୁ, ଜିଲା ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ତୁଷାରେନ୍ଦ୍ର ନାୟକ ଉପସ୍ଥିତ ଥିଲେ ।

# ନୀଳମାଧବ ମନ୍ଦିର ଉତ୍ତର ପାର୍ଶ୍ୱ ପରିକ୍ରମା ରାସ୍ତା ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା, ୨୦।୧୧
(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ନୟାଗଡ ଜିଲା ଖଣ୍ଡପଡା ବ୍ଲକ ନୀଳମାଧବ କ୍ଷେତ୍ରଭାବେ କଣ୍ଟିଲୋ ପରିଚିତ । ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଲାଗି ୨୦୨୨ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ଏକ ଶହ କୋଟିଟଙ୍କା ବ୍ୟୟ ବରାଦକରି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଭିନ୍ନ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ବେଳେ ବିକାଶ ପ୍ରକଳ୍ପ ନକ୍ସାରେ ପ୍ରସ୍ତାବିତ ଉତ୍ତର ଦ୍ୱାର ପର୍ଯ୍ୟନ୍ତ ଏକ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

ସୂଚନାଯୋଗ୍ୟ, ଏହି ପରିକ୍ରମା ରାସ୍ତା ମନ୍ଦିର ପଶ୍ଚିମ ଦ୍ୱାରଠାରେ ଥିବା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ସହିତ ସଂଯୋଗ ହୋଇ ମନ୍ଦିର ଉତ୍ତର ଦ୍ୱାର ରାସ ମଣ୍ଡପ ପୂର୍ବ ଦ୍ୱାରଠାରେ ଶେଷ ହେବ ବୋଲି ନକ୍ସାରେ ଉଲ୍ଲେଖ ଅଛି । କିନ୍ତୁ ଇତି ମଧ୍ୟରେ ଦୀର୍ଘ ୩ ବର୍ଷ ବିତିଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉନଥିବା ଶୁଣାଯାଉଛି । ଏହି ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ଯାତ୍ରୀ ଓ ପର୍ଯ୍ୟଟକମାନେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସଙ୍ଗେ ସଙ୍ଗେ ମନ୍ଦିର ପାହାଡ଼ ତଳେ ଥିବା ଶ୍ରୀ ନୀଳମାଧରୁ ଶ୍ରୀ ଜଗନ୍ନାଥ 'ରୂପାନ୍ତର' ମିୟୁଜିୟମ୍ ସୁବିଧାରେ ଦର୍ଶନ କରିପାରିବେ ।

ଏହି ପରିକ୍ରମା ରାସ୍ତା ନିର୍ମାଣ ବିଳମ୍ବ ସମ୍ପର୍କରେ ନୟାଗଡ ଜିଲା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳେଇଙ୍କୁ ପଚାରିବାରେ ଏହି ପରିକ୍ରମା ରାସ୍ତା ପାଇଁ ପୂର୍ବରୁ ପ୍ରସ୍ତୁତ ବ୍ୟୟ ଅଟକଳ ବର୍ତ୍ତମାନ ସଂଶୋଧନ କାର୍ଯ୍ୟ ଚାଲି ଥିବାରୁ ଏହା ବିଳମ୍ବ ହୋଇଛି । ତୁରନ୍ତ ଏହାର ନୂତନ ବ୍ୟୟ ଅଟକଳ ପ୍ରସ୍ତୁତ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେଠାରେ ଉପସ୍ଥିତ ଥିବା ସହକାରୀ ନିବାହୀ ଯନ୍ତ୍ରୀ ଇଂ ଶିବଶଙ୍କର ବେହେରା ଓ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି ।

# ନୀଳମାଧବ ମନ୍ଦିରରେ ଦେବଦୀପାବଳି ପାଳିତ

ଖଣ୍ଡପଡ଼ା, ୨୦।୧୧
(ଅଜୟ କୁମାର ମହାରଣା)

## ଶ୍ରଦ୍ଧାଳୁ ଦୀପ ପ୍ରଜ୍ୱଳନ କଲେ



ନୀଳମାଧବ ଜୀଉ ।

ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଠାରୁ ଶୁକ୍ରବାର ମାର୍ଗଶିର ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ତିନି ଦିନ ଧରି ଦେବ ଦୀପାବଳି ଆରମ୍ଭ ନୀତି ପାଳିତ ହେଉଛି । ଏହି 'ଦେବ ଦୀପାବଳି' ନୀତି ସମୟରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧବେଶରେ ଭୂଷିତ ହୋଇଥାନ୍ତି । ଗୁରୁବାର ୨ୟ ଦିବସ ।

ସୂଚନାଯୋଗ୍ୟ, ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଅଦିତି-କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟା ଦିନ ଦଶରଥ-କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ପ୍ରତିପଦାରେ ବସୁଦେବ-ଦେବକୀ, ନନ୍ଦ-ଯଶୋଦା, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ଉତ୍ସର୍ଗ କରିଥାନ୍ତି । ଦେବ ଦୀପାବଳି ଅବସରରେ ଶ୍ରୀଜୀଉମାନେ ସଂଧ୍ୟା ଧୂପରେ ଶ୍ରାଦ୍ଧବେଶ ହୋଇଥାଆନ୍ତି । ଏହି ତିନିଦିନ ଧରି ଦେଉଳ ଅଁଳାବେଢାରେ ଚନ୍ଦ୍ରଉଦିଆ ଜଳାଯାଇଥାଏ । ଏ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବହୁ ଶ୍ରଦ୍ଧାଳୁ ନୀଳମାଧବଙ୍କ ସିଂହଦ୍ୱାରରେ ଦୀପ ପ୍ରଜ୍ୱଳନ କରୁଥିବା ପରିଲକ୍ଷିତ ହୋଇଥିଲା ।

# ବାବା କପିଳେଶ୍ୱର ଦେବଙ୍କ ପୀଠରେ ନଳକୂପ, ବିଶ୍ରାମ ଗୃହ ନିର୍ମାଣ ଦାବି



କପିଳେଶ୍ୱର ଦେବଙ୍କ ପୀଠ ।

ଖଣ୍ଡପଡ଼ା, ୨୦।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ରଘୁତି ଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମରେ ଥିବା ବାବା କପିଳେଶ୍ୱର ଦେବଙ୍କ ପୀଠରେ ସ୍ୱଚ୍ଛ ପାନୀୟଜଳ ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଶୈବପୀଠ ପରିସରରେ ଏକ ବିଶ୍ରାମ ଗୃହ ନିର୍ମାଣ କରାଯାଇ ପାରିଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।

ସୂଚନାଯୋଗ୍ୟ, ରାଜରାଜୁଡା ସମୟରୁ ବାବା କପିଳେଶ୍ୱର ଦେବ ଉକ୍ତ ସ୍ଥାନରେ ପୂଜା ପାଉଛନ୍ତି । ବର୍ଷତମାମ ବିଭିନ୍ନ ଓଷା, ବ୍ରତ, ପର୍ବପର୍ବାଣି, ଯାନିଯାତ୍ରା, ବାହାଘର ଓ ବ୍ରତଘର ଆଦି ମାଙ୍ଗଳିକ କାର୍ଯ୍ୟ ଶୈବପୀଠ ପରିସରରେ ଅନୁଷ୍ଠିତ ହୋଇଥାଏ । ଆଖପାଖ କନ୍ଧମିରିଗି, କେନ୍ଦୁପଲ୍ଲୀ, ବରପଲ୍ଲୀ, କୁଟୁକୁଣୀ, ରତାଖଣ୍ଡି, ଗୁରିଆବାରି, ଭଅଁରପଲ୍ଲୀ କୋଦୁଆଁପଲ୍ଲୀ ଓ ମଙ୍ଗରାଜପୁର ଆଦି ଗ୍ରାମ ଜନସାଧାରଣ ବର୍ଷତମାମ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଉକ୍ତ ଶୈବପୀଠ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି । ସେହିପରି ଶ୍ରାବଣ ମାସରେ ଶହଶହ କାଉଡିଆ ଜଳ ଧରି ଶୈବପୀଠରେ ଲାଗି କରିଥାନ୍ତି । ମାତ୍ର ବିଶ୍ରାମକକ୍ଷ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଶୈବପୀଠ ପରିସରରେ ଅବସ୍ଥିତ ପୁରାତନ କୂପ ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶୈବପୀଠ ପରିସରରେ ଏକ ନଳକୂପ ଓ ବିଶ୍ରାମଗୃହ ସ୍ଥାପନ ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ରଘୁତ ଢୋଲମରା ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ସେଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସାଂସଦ କ୍ରୀଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଧରାକୋଟ, ୨୦।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ସଭାପତିତ୍ୱରେ ସାଂସଦ କ୍ରୀଡା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏବିଡିଓ ସୁଶୀଲ ପଟ୍ଟନାୟକ ଏହି କ୍ରୀଡ଼ା ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଆସନ୍ତା ୨୫ ତାରିଖରୁ ଧରାକୋଟ ମିନି ଷ୍ଟାଡିୟମରେ ଏହି କ୍ରୀଡ଼ା ମହୋତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିରେ ୧୨ ବର୍ଷରୁ ୧୬ ବର୍ଷ ଏବଂ ୧୭ ବର୍ଷରୁ ୨୪ ବର୍ଷ ବୟସର ଯୁବକମାନେ ଅଂଶ ଗ୍ରହଣ କରିବେ । ଏଥିପାଇଁ ଅନ୍‌ଲାଇନ ଓ ଅଫ୍ ଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ୯ ପ୍ରକାର ଖେଳରେ ଉଭୟ ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ । ବୈଠକରେ କ୍ରୀଡା ଶିକ୍ଷକ ପାଣ୍ଡବ ସ୍ୱାଇଁ, ଭାଗୀରଥି ବେହେରା, ମଙ୍ଗୁଲୁ ଜେନା, ଅନିଲ ନାୟକ, ବିଶ୍ୱ ଜୀବନ ସାହୁ, ହର୍ଷ ବିଷୋୟୀ, ଶିବରାମ ପାଣିଗ୍ରାହୀ, ସଞ୍ଜୟ ଏକ୍କା, ହରିଶଙ୍କର ପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବାବୁ ବେହେରା ଓ ଦୀପକ ବେହେରା ବୈଠକ ପରିଚାଳନା କରିଥିଲେ ।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୨୦।୧୧
(ରାକେଶ କୁମାର ରାଉତ)

ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟ ଟ୍ରାକ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୫ ହଜାର ଟଙ୍କା ଜରିମାନା କରି ଅନାଦେୟ ଅଧିକ ୨ ବର୍ଷ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ସେ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ତପନ ନାୟକ(୨୫) ।

ସୂଚନା ଅନୁସାରେ ୨୦୧୭ ମାର୍ଚ୍ଚ ୪ ରାତି ୧୦ଟାରେ ନାବାଳିକା ସୌଚ ହେବାକୁ ଯାଇଥିଲେ । ଅଭିଯୁକ୍ତ ତପନ ବିବାହ ପ୍ରଲୋଭନ ଦେଖାଇ ଜବରଦସ୍ତ ନିଜ ଘରକୁ ନେଇ ବଳାତ୍କାର କରିଥିଲେ । କିଛି ଦିନ ପରେ ଅଭିଯୁକ୍ତ ତପନ ନାବାଳିକାଙ୍କୁ ଏକୁଟିଆ ଛାଡ଼ି ଦେଇ କେଉଁ ଆଡ଼େ ଚାଲି ଯାଇଥିଲେ । ପରେ ମୁଁ ବିବାହିତ, ତୁ ତୁମ ଘରକୁ ପଳା ବୋଲି ନାବାଳିକାଙ୍କୁ ଫୋନ କରି କହିଥିଲେ । ନାବାଳିକା ଘରକୁ ଆସି ସବୁ ଜଣାଇବା ପରେ ଥାନାରେ ଏତଲା ଦେଇଥିଲେ । ପୋଲିସ ୪୩/୧୭ରେ ମାମଲା ରୁଜୁ କରି ତପନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା । ବିଚାରପତି ୧୪ ଜଣଙ୍କ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।

# ୨୮୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

## ବୀର ସୁରେନ୍ଦ୍ର ସାଏ ଦିବ୍ୟଜ୍ୟୋତି ଯୋଜନା କାର୍ଯ୍ୟକାରୀ




ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

ଦାରିଙ୍ଗବାଡ଼ି, ୨୦।୧୧ (ଅରୁଣ ସାହୁ)

ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସରକାରଙ୍କ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଦିବ୍ୟଜ୍ୟୋତି ଯୋଜନା କାର୍ଯ୍ୟକାରୀ କରାଯାଇ ଏକ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯାଇଛି । ସିମନବାଡ଼ି କ୍ଲଷ୍ଟରର ବାଡାବାଙ୍ଗା, କିରିକୁଟି, ଶ୍ରାନିକେତା ପଞ୍ଚାୟତ ଅଞ୍ଚଳରେ ରହିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ମୋଟ ୨୮୦ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୫ ଜଣଙ୍କର ଚଷମା ଲାଗିଛି । ୩ ଜଣଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ନିଆଯିବା ବୋଲି ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ କହିଛନ୍ତି । ଚକ୍ଷୁ ବିଶେଷଜ୍ଞ ଡା.ଦେବଜିତ ଦାସ, ଦୃଷ୍ଟି ବିଜ୍ଞାନୀ ଶିବାଶିଷ ପଣ୍ଡା ଏବଂ ସୁଶ୍ରୀ ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ, ରଶ୍ମିତା ସେନାପତି ପରିଚାଳନା କରିଥିବା ବେଳେ ତାଙ୍କୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ମାନେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଙ୍ଗଳବାର ମଧ୍ୟ ଏହି କାର୍ଯ୍ୟକ୍ରମ ଦାରିଙ୍ଗବାଡି କ୍ଲଷ୍ଟରର ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୩ ଶହ ୨୨ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ଶହେ ୫୨ ଜଣଙ୍କୁ ଚଷମା ପ୍ରଦାନ ପାଇଁ ଚିହ୍ନଟ କରାଯିବା ସହ ୧୧ ଜଣଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ଚିହ୍ନଟ କରାଯାଇଛି । ଏଥିରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସ ଚକ୍ଷୁ ପରୀକ୍ଷା କରିବା ସହ ଅନ୍ୟ ଉପରୋକ୍ତ ଚକ୍ଷୁ ବିଜ୍ଞାନୀମାନେ ଚକ୍ଷୁ ପରୀକ୍ଷା କରିଥିଲେ ।

# ନିଆଁ ଲାଗି ଜଳିଗଲା ଚା' ଦୋକାନ

ଖଲ୍ଲିକୋଟ, ୨୦।୧୧
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଏନ୍‌ଏସିର ୧୧ନଂ. ୱାର୍ଡ ତୋଟାଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ଚା'ଦୋକାନରେ ନିଆଁ ଲାଗି ଦୋକାନ ବିଭିନ୍ନ ସାମଗ୍ରୀ ଜଳି ଯାଇଛି । ତୋଟା ଗାଁର ଜୟ ପାହାନ ନିଜ ଗାଁରେ କରିଥିବା ଏହି ଚା' ଦୋକାନକୁ ରାତି ୧୦ଟାରେ ବନ୍ଦ କରି ଯାଇଥିଲେ । ଗୁରୁବାର ଭୋର ୩ଟାରେ ଦୋକାନ ଖୋଲିବାକୁ ଆସି ଦୋକାନ ଜଳୁଥିବା ଦେଖିବାକୁ ପାଇଥିଲେ । ଦୋକାନରେ ଥିବା ଫ୍ରିଜ୍, ଫ୍ୟାନ, ଦୋକାନ ସାମଗ୍ରୀ ସହ ନଗଦ ଟଙ୍କା ଏବଂ ଗୋଟିଏ ବାଇକ୍ ଜଳିଯାଇଛି । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ନିଆଁ ଲାଗି ଗ୍ୟାସ୍ ଚୁଲାଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ସିଲିଣ୍ଡରଟି ସାମାନ୍ୟ ଫାଟି ଯାଇଥିବା ଦେଖିବାକୁ ମିଳିଛି । ଦୋକାନରେ ନିଆଁ କିପରି ଲାଗିଲା ତାର କାରଣ ଅସ୍ପଷ୍ଟ ରହିଛି । କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଦୋକାନ ମାଲିକ ଜୟ ଅଭିଯୋଗ କରିଛନ୍ତି । ଖଲ୍ଲିକୋଟ ପୋଲିସ ପହଞ୍ଚି ତଦନ୍ତ କରି ଫେରିଛନ୍ତି ।

# ଜିଲା ପ୍ରଶାସନର ଦ୍ୱାରସ୍ଥ ଆଇତିପୁର ଚାଷୀ

ଛତ୍ରପୁର, ୨୦।୧୧ (ଦିଲୀପ ସାମଲ):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତିପୁର ଗ୍ରାମର ଚାଷୀମାନେ ଗୁରୁବାର ଗଞ୍ଜାମ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଗତବର୍ଷ ଧାନମଣ୍ଡି ଦାୟିତ୍ୱ ନେଇଥିବା ମା' ନିପାଣିଆ ଏସଏଚଜିକୁ ଚଳିତବର୍ଷ ବାଦ୍ ଦେବା ନିମନ୍ତେ ଦାବି କରିଛନ୍ତି । ସେମାନେ ଗ୍ରାମର ରାଧାକୃଷ୍ଣ ଏସଏଚଜିକୁ ମଣ୍ଡି ଦାୟିତ୍ୱ ପରିଚାଳନା ନିମନ୍ତେ ଦେବାକୁ ଅନୁରୋଧ କରିଛନ୍ତି । ଏନେଇ ଗ୍ରାମର ପ୍ରକାଶ ପଲାଇ, ଭାସ୍କର ପ୍ରଧାନ, ରାଘବ ପ୍ରଧାନ ଓ ଯୋଗେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଚାଷୀ ଜିଲାପାଳ, ଛତ୍ରପୁର ଉପଜିଲାପାଳ, ମିଶନ ଶକ୍ତି ଡିପିସି, ସିଏସଓ ଏବଂ ଏଆରସିଏସଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଆଇତିପୁରର ଚାଷୀମାନେ ଅଭିଯୋଗ କରିଛନ୍ତି, ଗତବର୍ଷ ଗ୍ରାମର ଧାନମଣ୍ଡି ଦାୟିତ୍ୱ ନେଇଥିବା ମା ନିପାଣିଆ ଗ୍ରୁପ ଦୁର୍ନୀତି କରିଛି । ଗ୍ରୁପର ଡିଇଓ ନିଜର ଓ ତାଙ୍କ ବନ୍ଧୁବାନ୍ଧବଙ୍କ ନାମରେ ୪୮୦ କୁଇଣ୍ଟାଲ ଧାନ କିଣିଛନ୍ତି । ପ୍ରକୃତରେ ସେମାନଙ୍କର ସେଭଳି ଜମି ନାହିଁ । ଅନ୍ୟପକ୍ଷରେ ଚାଷୀ ମାଟିଆ ସାହୁ, ଅଳିଆ ସ୍ୱାଇଁ, ରଜନୀ ସାହୁ, ବାବୁଲା ଜେନାଙ୍କର ଅଧିକ ଜମି ଥିଲେ ମଧ୍ୟ କମ ଟାର୍ଗେଟ ଆସିଥିଲା । ଏ ବିଷୟରେ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲା ପ୍ରଶାସନଙ୍କୁ ବହୁବାର ଅବଗତ କରାଇ ତଦନ୍ତ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଏନ୍‌ସିସି ଦିବସ ପାଳନ ନେଇ ପ୍ରସ୍ତୁତି

ଭଞ୍ଜନଗର, ୨୦।୧୧ (ବାବୁଲା ପ୍ରଧାନ)

ପ୍ରତିବର୍ଷ ନଭେମ୍ବର ୪ର୍ଥ ରବିବାର ଏନ୍‌ସିସି ଦିବସ ପାଳିତ ହେଉଛି । ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ଏନେଇ ପ୍ରସ୍ତୁତି ଚାଲିଛି । ଉକ୍ତ ଦିବସକୁ ମନେ ପକାଇବା ପାଇଁ ମହାବିଦ୍ୟାଳୟର ଏନସିସି ଆର୍ମି ୱିଙ୍ଗ ଏବଂ ନାଭାଲ ୱିଙ୍ଗ କ୍ୟାଡେଟଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେଉଛି । ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ, ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ, ପୂର୍ବତନ ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ୧୯୪୭ରେ ଦେଶ ସ୍ୱାଧୀନତା ହେବା ପରେ ୧୯୪୮ରେ ଏନ୍‌ସିସି ପ୍ରତିଷ୍ଠା ହୋଇଥିଲା ।

# ଥଇଥାନ ଭୁଲିଗଲା ପ୍ରଶାସନ, ଉଚ୍ଛେଦ ପାଇଁ ନୋଟିସ୍



ଗଞ୍ଜାମ, ୨୦।୧୧ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ. ୩ ଗୌଡ଼ ସାହିରେ କୁନମୁନଙ୍କ ପରିବାର ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି । ସ୍ତ୍ରୀ ଏବଂ ଏକମାତ୍ର ଝିଅକୁ ନେଇ କୁନମୁନଙ୍କ ପରିବାର । ବିଭିନ୍ନ ଗାଁଗାଁ ବୁଲି ମୁଲିଆ ଭାବେ ଘର ରଙ୍ଗ କାମ କରି ଚଳନ୍ତି ସେ । ନିଜର କିଛି ଜମି କିମ୍ବା ଘର ନ ଥିବାରୁ ଗୌଡ଼ସାହି ପୋଖରୀ ପାର୍ଶ୍ୱରେ ଝାଟିମାଟି କାନ୍ଥ ସହ ତମ୍ବୁ ଟାଣି ରହୁଛନ୍ତି । ସରକାରଙ୍କ ଯୋଜନାରେ ତାଙ୍କୁ ଏଯାଏ ଆବାସଟିଏ ମିଳିପାରିନି । ଏବେ ସେଠାରୁ ତାଙ୍କୁ ହଟିବା ପାଇଁ ଗତ ୧୯ରେ ଏନଏସି ପକ୍ଷରୁ ତାଙ୍କୁ ନୋଟିସ ଜାରି କରାଯାଇଛି । ନୋଟିସ ପାଇବାର ୩ ଦିନ ମଧ୍ୟରେ ଘର ଖାଲି ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ବନ୍ଧ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଚିଠିରେ ଦର୍ଶାଯାଇଛି । ନୋଟିସ ପାଇବା ପରେ ଚିନ୍ତାରେ ପଡିଛନ୍ତି କୁନମୁନଙ୍କ ପରିବାର । ଶୀତ ଦିନେ ସ୍ତ୍ରୀ ପିଲାଙ୍କୁ ନେଇ କୁଆଡେ ଯିବେ ବୋଲି ପ୍ରଶ୍ନ କରିଛନ୍ତି କୁନମୁନ ଓ ତାଙ୍କ ସ୍ତ୍ରୀ । ଆମକୁ ଥଇଥାନ କରାଯିବ ବୋଲି ଏନଏସି ପ୍ରଶାସନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଥଇଥାନ ନ କରି ଚିଠି ମାଧ୍ୟମରେ ଉଠିବାକୁ କୁହାଯାଇଛି । ମରିବୁ ପଛେ ସ୍ଥାନ ଛାଡ଼ିବୁ ନାହିଁ ବୋଲି କୁନମୁନ ଗଣମାଧ୍ୟମକୁ କହିଛନ୍ତି ।

# ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଜିଓଏଆଇ, ସ୍ମାର୍ଟ ମ୍ୟାପିଂକୁ ନେଇ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୦।୧୧ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ କ୍ୟାମ୍ପସରେ ସିଭିଲ ଇଞ୍ଜିନିୟରିଂ ବିଭାଗ ଏବଂ ସେଣ୍ଟର ଫର୍ ଡାଟା ସାଇନ୍ସ ଆଣ୍ଡ ମେଶିନ ଲର୍ନିଂ ପକ୍ଷରୁ ପଞ୍ଚମ ଅନ୍ତର୍ଜାତୀୟ ଜିଆଇଏସ ଦିବସ ୨୦୨୫ ପାଳିତ ହୋଇଛି । ଏଥିରେ ଭାରତ ଏବଂ ବିଦେଶର ଗବେଷକ, ଶିକ୍ଷାବିତ୍, ଶିଳ୍ପ ବିଶେଷଜ୍ଞ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ୧୧୯ଟି ସାରାଂଶ ଜିଆଇଏସ ଆପ୍ଲିକେସନ୍ସ, ରିମୋଟ ସେନ୍ସିଂ, ଏଆଇ ଏବଂ ମେଶିନ ଲର୍ନିଂ ଏବଂ ଜିଓଏଆଇ.-ଚାଳିତ ନିରନ୍ତର ବିକାଶ ଭଳି ବିଷୟବସ୍ତୁ ଉପରେ ମୌଖିକ ଏବଂ ପୋଷ୍ଟର ଉପସ୍ଥାପନା କରାଯାଇଥିଲା । ଉଦ୍‌ଘାଟନୀ ସମାରୋହରେ ତିରୁପତି ଆଇଆଇଟି ନବ ଆବିଷ୍କାର ଆଇ-ହବ୍ ଫାଉଣ୍ଡେଶନର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ରୋଶନ କେ. ଶ୍ରୀବାସ୍ତବ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ରୂପେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରିଂ ପ୍ରଫେସର୍ ଡ. ଏମଏଲ ନରସିଂହମ, ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ସିୟୁଟିଏମ ଉପସଭାପତି ପ୍ରଫେସର୍ ଡିଏନ ରାଓ, ଉପ କୁଳପତି ପ୍ରଫେସର୍ ଡ. ବିଶ୍ୱଜିତ୍ ମିଶ୍ର ଏବଂ ଡାଟା ସାଇନ୍ସ ଆଣ୍ଡ ମେଶିନ ଲର୍ନିଂ ସେଣ୍ଟରର ସିଇଓ ପ୍ରଫେସର୍ ଡ. ସୁଜାତା ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଆଇସିଏଆର୍-ଆଇଆଇଏସ୍‌ଡବ୍ଲ୍ୟୁସିର ଅବସରପ୍ରାପ୍ତ ବୈଜ୍ଞାନିକ ଡକ୍ଟର ପି. ରାଜା ତାଙ୍କ ମତ ରଖିବା ପାଇଁ ଅନଲାଇନରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଏବଂ ପାରଳାଖେମୁଣ୍ଡି ଏସ୍‌ଓଇଟିର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଫୁଲ୍ଲ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଡକ୍ଟର ଶ୍ରୀବାସ୍ତବ ଆଧୁନିକ ନିଷ୍ପତ୍ତି ଗ୍ରହଣ, ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସ୍ଥାୟୀ ଯୋଜନାରେ ଭୂସ୍ଥାନିକ ବୁଦ୍ଧିମତ୍ତା ଏବଂ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ନରସିଂହମଙ୍କ ଦ୍ୱାରା ଜି.ଆଇ.ଏସ.-ଆଧାରିତ ଉପକୂଳୀୟ ଦୁର୍ବଳତା ମୂଲ୍ୟାଙ୍କନ ଏବଂ ଏଆର. ଅଲକେଶ ବର୍ମନଙ୍କ ଦ୍ୱାରା ରାଇମୋନା ଜାତୀୟ ଉଦ୍ୟାନ ପାଇଁ ପର୍ଯ୍ୟଟନ-ନେତୃତ୍ୱାଧୀନ ସହରାଞ୍ଚଳ-ଗ୍ରାମୀଣ ଇଣ୍ଟରଫେସ ଯୋଜନା ଉପରେ ବିଶେଷ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ୪ଟି ସମାନ୍ତରାଳ ଅନଲାଇନ ବୈଷୟିକ ଟ୍ରାକ ଏବଂ ଅଫ୍ ଲାଇନ ପୋଷ୍ଟର ସେସନ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଜଳବାୟୁ ସ୍ଥିରତା, ବନ୍ୟା ମଡେଲିଂ, ଜଳବିଜ୍ଞାନ, ଭୂମି ବ୍ୟବହାର ଗତିଶୀଳତା, ପରିବେଶଗତ ତଦାରଖ, ଠିକ୍ କୃଷି ଏବଂ ଉଦୀୟମାନ ଜିଓ. ଏଆଇ ପ୍ରୟୋଗ ଉପରେ ଗବେଷଣା ପ୍ରଦର୍ଶନ କରାଯାଇଥିଲା । ଇଏସ୍‌ଆର୍‌ଆଇ ଇଣ୍ଡିଆନ ସୋସାଇଟି ଅଫ ଜିଓମାଟିକ୍ସ, ପାନାସିଆନ ଆଇପି ସର୍ଭିସେସ ଏବଂ କଳିଙ୍ଗ କନସଲ୍ଟ ପକ୍ଷରୁ କରାଯାଇଥିବା କାର୍ଯ୍ୟକ୍ରମର ଦାୟିତ୍ୱ ଡ. ରାଜୀବ ମାଝୀ ଏବଂ ଡ. ଅଭିଷେକ ଦାସ ନେଇଥିଲେ । ସିୟୁଟିଏମର ଓଡ଼ିଶା ସଭାପତି ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର, ଉପ ସଭାପତି, ପ୍ରଫେସର ଡିଏନ ରାଓ, କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଉପ କୁଳପତି ପ୍ରଫେସର ବିଶ୍ୱଜିତ ମିଶ୍ର ଏବଂ କୁଳସଚିବ, ପ୍ରଫେସର ଅନିତା ପାତ୍ର କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।



ଅତିଥିମାନେ ପୋଷ୍ଟର ସେସନ ପ୍ରଦର୍ଶନ କରୁଛନ୍ତି ।

# ଚାଲାଣ ବେଳେ ଗାଡ଼ି ଓଲଟି ୧୨ ଗୋରୁ ମୃତ

## ପିକ୍‌ଅପ୍ ଭ୍ୟାନ୍ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ



ଜଳୁଥିବା ପିକ୍‌ଅପ୍ ଭ୍ୟାନ୍।

ଭଦ୍ରକ,୨୦।୧୧(ସନାତନ ରାଉତ) ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଗୁଆ ନିକଟରେ ବୁଧବାର ବିଳମ୍ବିତ ରାତିରେ ଚାଲାଣ ବେଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୧୭ ଗୋରୁଙ୍କ ମଧ୍ୟରୁ ୧୨ ଗୋରୁଙ୍କ ମୃତ୍ୟୁ ଘଟିଛି। ୫ ଗୋରୁଙ୍କୁ ଉଦ୍ଧାର କରାଯାଇ ଗୋଶାଳାରେ ଛାଡ଼ି ଦିଆଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଥିବା ବେଳେ ଗୋରୁ ମରିଯାଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ଗାଡ଼ିଟିକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଖବର ପାଇ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନା ଅନୁଯାୟୀ, ଏକ ପିକ୍‌ଅପ୍ ଭ୍ୟାନ୍ (ଓଆର୍ ୦୧ କ୍ୟୁ ୭୮୫୪) ଆଗରପଡ଼ାରୁ ଅମାନୁଷିକ ଭାବେ ୧୭ ଗୋରୁଙ୍କୁ ନେଇ ଭଦ୍ରକ ଅଭିମୁଖେ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଗୋରକ୍ଷକମାନେ ଗାଡ଼ିକୁ ପିଛା କରିଥିଲେ। ସେମାନଙ୍କ କବଳରୁ ଖସିବା ପାଇଁ ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ଚଲାଉଥିବା ସମୟରେ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଗେଲଗୁଆ ନିକଟରେ ଓଲଟି ପଡ଼ିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଡ଼ି ଯାଇଥିବା ଗାଡ଼ିକୁ ହେପାଜତକୁ ନେଇ ତଦନ୍ତ ଚଳାଇଛି।

# ମାଇ ହାତୀଛୁଆର ମୃତଦେହ ଜବତ

ହାଟଡିହି,୨୦।୧୧ (ଶ୍ରୀକାନ୍ତ ନାୟକ) କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ହରଡଗ୍ଗ ଗ୍ରାମ ଅଞ୍ଚଳରୁ ଗତ ମଙ୍ଗଳବାର ଏକ ମାଇ ହାତୀଛୁଆର ମୃତଦେହ ବନ ବିଭାଗ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯାଇ ପୋତାଯାଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଆନନ୍ଦପୁର ବ୍ଲକ୍ କାଠକଟା ବିଟ ଅଧୀନ କାଠକଟା- ପିଠାନାଉ ରାସ୍ତାର ଝିଙ୍କିଡିଆ ନାଳ ନିକଟରେ ମାଇ ଛୁଆହାତୀର ମୃତଦେହ ପଡ଼ିଥିଲା। ପାଟ୍ରୋଲିଂ ସମୟରେ ବନ କର୍ମଚାରୀ ଦେଖି ଅଧିକାରୀଙ୍କୁ ଜଣାଇଥିଲେ। ବୁଧବାର ଡାକ୍ତରୀ ଟିମ୍ ସହ ଆନନ୍ଦପୁର ଡିଏଫ୍‌ଓଙ୍କ ସହ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ଉକ୍ତ ଜଙ୍ଗଲରେ ପୋତିଦିଆଯାଇଥିଲା। ମୃତ ଛୁଆହାତୀର ଶରୀର ବାହ୍ୟ ଅଂଶରେ କୌଣସି କ୍ଷତଚିହ୍ନ ନ ଥିଲା। ହାତୀର ଆନୁମାନିକ ବୟସ ୪ ବର୍ଷ ହେବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ ବୋଲି ଆନନ୍ଦପୁର ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡାଙ୍କ ପକ୍ଷରୁ କୁହାଯାଇଛି।


GOVERNMENT OF ODISHA No.C-1506

e-mail: eephbhpt@gmail.com

OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA

Parmanandpur, Railway Station Road, Bhawanipatna, Dist:Kalahandi,PIN:766002

NATIONAL COMPETITIVE BIDDING THROUGH e-Procurement

Identification No.ACEPH-BHPT-56 of 2025-26/ Dt.17.11.2025

e-Procurement Notice

01. Name of the Work : 1 Nos. Work
02. Type of Bid : Double Bid System
03. Approx. Estimated Cost : Rs.295.15 Lakh
04. Period of Completion : 9 Calendar Months
05. Date & Time of availability of bid document in the portal : From 11.00 AM of Dt.21.11.2025 to 5.00 P.M of 05.12.2025
06. Last date/time of receipt of bids in the portal : 5.00 PM of 05.12.2025
07. Date & Time of opening of technical bids : At 11.30 AM of 06.12.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po- Parmanandpur, 766002, Dist- Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

OIPR- Sd./-Addl. Chief Engineer, P.H.Division, Bhawanipatna

GOVERNMENT OF ODISHA No. A-925

DEPARTMENT OF WATER RESOURCES

OFFICE OF THE ENGINEER-IN-CHIEF, WATER RESOURCES

SECHA SADAN, BHUBANESWAR

Email Address: cemech.eicwr.od@gmail.com

e-Procurement Notice - Bid Identification No. - CEM/MDB-06/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDB - 06/2025-26
5. Estimated Cost : Rs.74,92,068.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.21.11.2025 (10.00 A.M.) to Dt.03.12.2025 (5.30 P.M.)
8. Last date/time for receipt of bid in the portal : Dt.03.12.2025 (upto 5.30 P.M.)
9. Date and place of opening of Technical Bid : Dt.04.12.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

OIPR- Sd./- Chief Engineer, Mechanical, O/o. Engineer-in-Chief, Secha Sadan, Bhubaneswar

OFFICE OF THE EXECUTIVE ENGINEER LIFT IRRIGATION DIVISION, DHENKANAL

e-TENDER NOTICE

(E-mail: eeolicdkl55@yahoo.in)

Bid Identification No.EE_DKL (OLIC) 03/2025-26/10.11.2025

No.CAD-2338: The Executive Engineer, Lift Irrigation Division, Dhenkanal on behalf of Odisha Lift Irrigation Corporation invites percentage rate bids in Double Cover System for the work installation & Energisation of 90 nos. new L.I. Projects (BKVY-RIDF-XXXI) under Dhenkanal, Odapada, Hindol, Gondia, Kamakhya Nagar, Bhuban, Kankadahad & Parjang blocks in Dhenkanal District in turn key basis as detailed in the table below. The Bid should be submitted by the eligible contractor as mentioned below registered with the State Govt. and contractor of equivalent grade/ Class registered with Central Govt./ M.E.S./ CPWD/ Railways for execution of Civil Works with valid Electrical (H.T.) License issued by ELBO, Odisha should have registered the joint venture by Assistant Registrar as proof of registrations through enrolment (with own digital Signature Certificate). Further details can be available in the Government Tender website i.e. www.tendersorissa.gov.in and other related documents are available in the DTCN for bidding. Any Corrigendum/ Addendum/ Cancellation of tender will be available in the said website.

1. Name of the Works : Installation & Energisation of new L.I. Projects 90 Nos. in different blocks of Dhenkanal District.
2. Total Nos. of Packages : 88 Nos.
3. Approximate Estimated Cost : Varies from Rs.24.302 Lakh to Rs.60.729 Lakh
4. Class of Contractor : As mentioned against the package.
5. Period of Completion : 90 days for all project/ Pkg. from the date of issue of the work order.
6. Availability of Tender in Online for Bidding : From Dt.20.11.2025-11.00 AM to Dt.02.12.2025 at 17.00 P.M.
7. Last Date & time of seeking tender clarification : 26.11.2025 at 17.00 P.M.
8. Date & Time of Opening of Bid: 03.12.2025 at 11.00 AM (Technical) Financial Bid Opening / Cover-II to be declared after technical evaluation

OIPR- Sd./- Er. B.K. Tarai, Executive Engineer, L.I.Divn. Dhenkanal

GOVERNMENT OF ODISHA

OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA

e-mail : eephd.rgda.od@nic.in, eephdrgda@gmail.com

Letter No.5313/Dt.15.11.2025

CORRIGENDUM

No.C-1520 : The following Corrigendum is made for the work as mentioned in invitation for the bids through e-tender published vide NIT No. EEPHDRAYAGADA-26/2025-26 DT.29.10.2025.

| Sl. No. | Name of the work | Bid Identification No. | Reason |
|---|---|---|---|
| 1. | Supply and Installation of Bulk Flow Meter Device at Intake Well, Old ESR, OGR, New WTP and different production wells at Kashinagar Town | EEPHDRAYAGADA - 26/2025-26 Dtd.29.10.2025 | Tender has been cancelled due to Administrative Reason |

OIPR- Sd./- EXECUTIVE ENGINEER, P.H.DIVISION, RAYAGADA

ODISHA HYDRO POWER CORPORATION LTD.

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELECTRIC PROJECT

AT/PO : BARINIPUT, DIST-KORAPUT-764006, ODISHA

PHONE : (06854)242001 (O), FAX-(06854)242038, e-mail : sgmel.ukhep@gmail.com

TENDER CALL NOTICE NO. UKHEP-34/2025-26, Dated. 17.11.2025

No.CAD-2355 : Sealed Tenders are invited in ONE PART bid which includes Techno Commercial Bid & Price Bid in separate sealed envelopes from the Reputed Suppliers/channel partners/authorized dealer for supply of the following materials to Upper Kolab Hydro Electric Project, Bariniput.

| Sl No. | Name of the work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Procurement of Room Furnishing Materials for Erectors' Hostel, UKHEP, Bariniput | 708/- inclusive of GST | 1250/- |

The sale of Tender Paper will be from : 21.11.2025 to 11:00 Hrs of 04.12.2025

The last date & time of receipt of Tender : Up to 12:00 Hrs. of 04.12.2025

The date and time of opening of Tender : At 12:30 Hrs of 04.12.2025

For details of tender documents, Terms & conditions please visit our website www.ohpcltd.com.

OIPR- Sd./- Unit Head, Upper Kolab H.E.P, OHPC Limited, Bariniput

ODISHA HYDRO POWER CORPORATION LTD.

(A GOVT. OF ODISHA UNDERTAKING)

CIN:U40101OR1995SGC003963

REGD. OFFICE: OHPC Corporate Office, Bhoi Nagar, Janpath, Bhubaneswar-751022

Phone:91-0674-2542983, 2542802, 2545526, Fax-2542102

E-mail : ohpc.co@gmail.com

No.OHPC:TECH: C&P:44/2025-26/ 9573 Date:17.11.2025

NOTICE INVITING TENDER-05/2025-26

No.CAD-2371:Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Agencies fulfilling the eligibility criteria as per this tender terms & conditions for the work as mentioned below:

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Procurement of Office stationary materials for Corporate Office and Training Centre, OHPC Ltd. | 2360.00 (Rs.2000.00+ GST@ 18%) | 4000.00 |

For details of the tender documents, terms & conditions and corrigendum etc., please visit our official website www.ohpcltd.com from Dt.21.11.2025.

OIPR- C & P Head

ODISHA HYDRO POWER CORPORATION LTD.

O/O SR. GENERAL MANAGER, HIRAKUD HYDRO ELECTRIC PROJECT

POST BOX. NO. 5, BURLA – 768017, DISTRICT : SAMBALPUR (ODISHA), INDIA

PHONE: 0663-2950721(O), 2950765, E-Mail : SRGMHPS_BURLA@YAHOO.CO.IN

ISO: 9001, 14001 18001 Certified

CIN : U40101OR1995SGC003963

No. HHEP/Tech-PUR-125(Vol-I) /7562 Date : 18.11.2025

NOTICE INVITING TENDER NO. HHEP-68/2025

No.CAD-2372 : Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from firm / agency / order supplier for supply of following materials to HHEP, Burla as mentioned below.

| Description of work | Cost of tender paper (non-Refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of 11KV Electrical insulating Mats of size -1mtr X 2Mtr , Thickness -12mm as per relevant IS for HHEP, Burla | Rs 2360/- (Rs. 2000 + GST @ 18%) | 2310/- |

- Sale of tender paper : 24.11.2025 (10.00AM) to 09.12.2025 upto 05.30PM
- Receipt of tender paper : 10.12.2025 upto 03.30PM
- Date & time of opening of tender : 10.12.2025 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com.

OIPR- Sd./- C & P Head, HHEP, Burla

OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR No.MM-292

AT/P.O: Rajnagar, Dist: Kendrapara-754225, Phone: 06729-242460, Control Room: 06729-242463, E-mail ID: dfo.rajnagarwl@odisha.gov.in

BID IDENTIFICATION NO- DFO MFD-Construction/01/1F(Accts.)/ Tender/497/ Dated.29/10/2025 Dated, Rajnagar the 18th November, 2025

Tender Call Notice

| | |
|---|---|
| Name of work | Construction of Civil Works for Malkhana at Sansarphal of Rajnagar WL Range under Mangrove Forest Division (WL) Rajnagar during the FY-2025-26 |
| Total No. of Works | 01 no. |
| Estimated Cost | Rs. 15.00 Lakh including GST |
| Period of completion | Three Calendar Months |
| Date of availability of bid Documents in portal and Office | Tender Document will be available in the O/o the Divisional Forest Officer, Mangrove Forest Division (WL) Rajnagar on payment of cost of Tender Document in shape of non-refundable Bank Draft in favour of Divisional Forest Officer, Mangrove Forest Division (WL) Rajnagar payable at Rajnagar from 11.00 AM of 19.11.2025 to 5.00 PM of 03.12.2025 or download from the https://odishaforest.in or https://forest.odisha.gov.in & https://wildlife.odisha.gov.in |
| Last date/time for receipt of bids | Up to 05.00 PM of 03.12.2025 |
| Receipt of bid documents | Through direct deposit by hand / registered post / speed post to the Divisional Forest Officer, Mangrove Forest Division (WL) Rajnagar, Kendrapara, PIN-754225 on or before 03.12.2025 by 5.00 PM |
| Class of Contractor | "C" & "D" Class Contractor |
| Receipt of EMD | Earnest Money Deposit (EMD) @1% of the value of the work shall be submitted along with Tender, EMD will be in the shape of Demand Draft in favour of Divisional Forest Officer, Mangrove Forest Division (WL) Rajnagar, Kendrapara. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the work. |
| Date & Time of opening of Bid documents | At 11.30 PM of 05.12.2025 |
| Name and addsress of officer inviting bid | Divisional Forest Officer, Mangrove Forest Division (Wildlife) Rajnagar |

a. Further, details can be seen from the portal https://forest.odisha.gov.in or https://odishaforest.in
b. The addendum / Corrigendum if any will be hosted in the website only.
c. The undersigned reserves the right to accept / reject any or all Tender without assigning any reason thereof.

OIPR- Sd/- Divisional Forest Officer, Mangrove Forest Division (Wildlife), Rajnagar

No.CAD-2335

ODISHA LIFT IRRIGATION CORPORATIOM LIMITED

(A Government of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, SAMBALPUR

e-mail I.D : eeolicsbp@gmail.com

Bid Identification No.EEOLICSBP-03/25-26 Dt.14.11.2025

Order No.2809/Dated : 14.11.2025

| | | |
|---|---|---|
| 01 | Name of the work | Installation of 120 nos. CLIPs (68 nos. Packages) in different blocks of Sambalpur, Deogarh & Jharsuguda District under RIDF Grant 2024-25 and Revival of 13 nos. LIPs (10 nos. Packages) in different blocks of Sambalpur, Deogarh & Jharsuguda District under State Plan & reinforcement Grant 2024-25 |
| 02 | Estimated cost | From Rs.06.73 lakhs to Rs.157.28 lakhs under RIDF & State Plan/reinforcement Grant 2024-25 |
| 03 | Period of completion | 120 days & 90 days |
| 04 | Date & Time of availability of bid document in the portal | From 10.00 Hrs. of 21.11.2025 to 17.00 Hrs. of 01.12.2025 |
| 05 | Date & Time of opening of bids | 10.00 Hrs. of 02.12.2025 |
| 06 | Last Date and time of clarification | Up to 17.00 Hrs. dt.30.11.2025 |
| 07 | Name and Address of the officer inviting bid | Executive Engineer, L.I. Division, Sambalpur |

Further details can be seen from the website www.tendersodisha.gov.in

OIPR- Sd./- Executive Engineer, L.I. Division, Sambalpur

OFFICE OF THE SUPERINTENDING ENGINEER GANJAM (R&B) DIVISION NO.I,BERHAMPUR

GOVERNMENT OF ODISHA Quotation Notices

No.B-726: Short Auction Sale Notice No.34 of 2025-26

Phone No./Fax No.:0680-2233683, E-mail:eernb1_ganjam@yahoo.com

Ltr. No.13148 Dated: 17.11.2025

1. Name of the Work : i) Dispantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur.
2. Reserve Price/ Upset Price : i) Rs.9,36,921/- ii) Rs.80,830/-
3. EMD to be deposited (In shape as N.S.C/Post Office savings bank account/ Post office time deposit account/ Kissan Vikash Patra/ Bank Guarantee) : i) Rs.2,34,500/- ii) Rs.20,500/-
4. Period of Completion : 1 (One) Calendar Month
5. Receipt of Quotation : From 20.11.2025 to 26.11.2025 upto 04.00 PM
6. Date & Time of Opening of Quotation : 04.30 PM of 26.11.2025
7. Name and address of the Officer Inviting Quotation : Superintending Engineer, Ganjam (R&B) Division No.I, Berhampur

OIPR- Sd./-Superintending Engineer, Ganjam(R&B) Division No.I

Government of Odisha

OFFICE OF THE SUPERINTENDING ENGINEER KANTABANJI (R&B) DIVISION

Bid Identification No.12/KBJ/2025-26

E-mail ID: eerbkbj@rediffmail.com

No.B-740: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Road works detailed in the table below in Single Cover system ONLINE MODE from the Class of Contractors mentioned in Column-7 registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.

1. No. of Work : 02 Nos. (Single Cover)
2. Nature of Work : 1 No. Road work and 01 No. Electrical Work
3. Class of Contractor : C & B Class and HT
4. Approximate value of Work : Rs.28.89.00 Lakh & Rs.20.33 Lakh
5. Tender Cost : Rs.6,000/- (each)
6. Date and Time of availability of bid documents in online : From Dt.21.11.2025 at 11.00 A.M. to Dt.28.11.2025 upto 05.00 P.M.
7. Date of Opening : Dt.29.11.2025 at 11.30 A.M.
8. Other details can be seen in the bidding documents from the e-procurement portal "www.tendersodisha.gov.in."
9. The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.

OIPR: Sd./- Superintending Engineer, Kantabanji (R&B) Division

ODISHA STATE CIVIL SUPPLIES CORPORATION LTD., JHARSUGUDA

Notice No. 4022 Date 18.11.2025

At-2nd Floor, Collectorate Building, Post-OMP Lane, Dist-Jharsuguda-768204 / E Mail-cso.jsg2019@gmail.com

No.CAD-2373

Quotation Call Notice

Sealed quotation/tenders are invited from interested reputed Travel Agencies/ Tour Operators/Individuals for providing one no. of vehicles (Bolero / Ertiga /TUV300/ Sumo Gold ) having sitting capacity not more than Seven including driver, which shall conform to the Terms and conditions (Annexure-A) of Office of the CSO-cum-District Manager, OSCSC Ltd., Jharsuguda for paddy procurement operation on monthly rent basis:

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporation, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid Contract Carriage Permit, proof of up-to date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/ passenger vehicle.
5. The Driver should be well behaved, gentle and obedient in nature.
6. A sum of Rs.5,000/- shall be deposited by the intending bidders in shape of Account Payee Bank Draft drawn in favour of the District Manager, OSCSC Ltd., Jharsuguda, payable at Jharsuguda and submitted along with the quotation/ tender as EMD. After completion of quotation process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel. It is to be noted that the monthly hire charges excluding taxes shall be limited to 37,200/- (Rupees Thirty Seven Thousand Two Hundred) only per month.
8. The Vehicle must achieve a fuel efficiency of 10 KM per litre.
9. The details of the make and year of manufacture of the vehicle, registration no., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation /tender (Annexure-B).
10. The Quotation completed in all respect should reach the undersigned by registered post/courier Service on or before 10.12.2025 by 1.00 P.M. and shall be opened on the same day at 4.30 P.M. in presence of the bidders or their authorized representatives. Vehicle type should be mentioned on top left side of the envelope.
11. The application form of quotation containing General Bid Information & Terms and condition for Hiring of Vehicles etc. will be available with Office of the CSO-cum-District Manager, OSCSC Ltd., Jharsuguda and can be downloaded from Website www.jharsuguda.odisha.gov.in from 19.11.2025 to 10.12.2025.

Sd./- CSO-cum-District Manager, OSCSC Ltd., Jharsuguda

See Career Appointment on every Wednesday & Saturday

GOVERNMENT OF ODISHA

Office of the Superintending Engineer, N.H. Division, Bhubaneswar

Email-eenh_bbsr@yahoo.co.in, Ph No-0674-2972908

INVITATION FOR BIDS

BID IDENTIFICATION NO. 07 SE NH, BBSR of 2025-26

No.b-32 : The Superintending Engineer, National Highways Division, Bhubaneswar on behalf of Governor of Orissa invites percentage rate bids in Double cover system on online mode for the work as detailed in the table below from eligible contractors as mentioned in Col. 7 registered with the State Govt. and Contractors of equivalent Grade or Class registered with Central Government / Other State Government/MES / Railways for execution of Civil Works, on production of definite proof from the appropriate authority.

| Sl No. | Name of the work | approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Renovation to O/o the Chief Construction Engineer, Northern N.H.Circle, Bhubaneswar for the year 2025-26 such as providing Wall Paneling, Flush Door, Executive tables, Cup boards & Vetrified tile flooring etc. as per requirement." | Rs.5264142/- (Excluding GST) | NH Sub Division, Bhubaneswar | Rs.52641/- | Rs.10000/- | "B" Class Contractor | 03 (Three Months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from dt.21.11.2025 to dt.05.12.2025 up to 17.30 Hours. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.06.12.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

OIPR- Sd./- Superintending Engineer, N.H.Division, Bhubaneswar

OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)

Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022

Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com

WEB: www.ohpcltd.com, CIN: U40101OR1995SGC003963

ISO 9001-14001 18001 Certified

NOTICE INVITING TENDER No.UIHEP-34/2025-26, DATED 17.11.2025

No.CAD-2354: Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers/ reputed service provider having similar works experience for the work as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Repair of 02 Nos. Cooling Water Pump of M/s Santai make of UIHEP, Mukhiguda | 2,360/- (inclusive of GST) | 1% of quoted amount | From 20.11.2025 to 02.12.2025 upto 13.00 Hrs. | 02.12.2025 (upto 13.30 Hrs.) | 02.12.2025 at 16.30 Hrs |

For details of the tender documents, terms and conditions please visit our website www.ohpcltd.com

OIPR- Sd./- C&P Head, UIHEP, Mukhiguda

ODISHA STATE CIVIL SUPPLIES CORPORATION LTD., JHARSUGUDA

Notice No. 4023 Date 18.11.2025

At-2nd Floor, Collectorate Building, Post-OMP Lane, Dist-Jharsuguda-768204 / E Mail-cso.jsg2019@gmail.com

Quotation Call Notice

Sealed quotation/tenders are invited from interested reputed Travel Agencies/ Tour Operators/ Individuals for providing one no. of vehicles (Honda Amaze/ Tata Altros/ Maruti Celerio/Maruti Desire/ Tata Tiago) having sitting capacity not more than five including driver, which shall conform to the Terms and conditions (Annexure-A) for official use in Office of the CSO-cum-District Manager, OSCSC Ltd., Jharsuguda on monthly rent basis:

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporation, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid Contract Carriage Permit, proof of up-to date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/ passenger vehicle.
5. The Driver should be well behaved, gentle and obedient in nature.
6. A sum of Rs.5,000/- shall be deposited by the intending bidders in shape of Account Payee Bank Draft drawn in favour of the District Manager, OSCSC Ltd., Jharsuguda payable at Jharsuguda and submitted along with the quotation/ tender as EMD. After completion of quotation process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel. It is to be noted that the monthly hire charges excluding taxes shall be limited to 24,000/- (Rupees twenty four thousand) only per month.
8. The Vehicle must achieve a fuel efficiency of 17 KM per litre.
9. The details of the make and year of manufacture of the vehicle, registration no., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/tender (Annexure-B).
10. The Quotation completed in all respect should reach the undersigned by registered post/courier Service on or before 10.12.2025 by 1.00 P.M. and shall be opened on the same day at 3.30 P.M. in presence of the bidders or their authorized representatives. Vehicle type should be mentioned on top left side of the envelope.
11. The application form of quotation containing General Bid Information & Terms and condition for Hiring of Vehicles etc. will be available with Office of the CSO-cum-District Manager, OSCSC Ltd., Jharsuguda and can be downloaded from Website www.jharsuguda.odisha.gov.in from 19.11.2025 to 10.12.2025.

OIPR- Sd./- CSO-cum-District Manager, OSCSC Ltd., Jharsuguda

GOVERNMENT OF ODISHA "e" PROCUREMENT NOTICE

BID IDENTIFICATION NO. SE MID SNG 14/2025-26

e-mail: eemisundargarh@yahoo.co.in

No.3302// MID// date 18.11.2025

No.A-941: The Superintending Engineer, M.I. Division, Sundargarh on behalf of Governor of Odisha invites on-line percentage rate tenders in Single Cover System through e-procurement for Construction of Check dam pertaining to Sundargarh District. The bid should be submitted by eligible class of contractors as mentioned below registered with State Government and contractors of equivalent grade/ class registered with central government/ MES/ Railway to be eventually drawn in P-1 form through On-line in Government website www.tendersodisha.gov.in. The bid documents will be available in above website from dt.21.11.2025 at 10.00 AM to dt.01.12.2025 upto 5.30 PM. For "On-line bidding". The bidder must possess compatible digital signature certificate (DSC) of Class-II or Class-III.

| Sl. No. | Name of the Project & Location | Approx. Estd. Cost Rs. in Lakh | Bid Security @ 1% of Estd. Cost (in Rs.) (Online) | Cost of Bid Documents (in Rs.) (Online) | Date of Online Sale & Receipt of Tender | Class of Contractors | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Construction of Sunajore (Bardhipa) Check dam over Bodajharen nalla near village Sunajore in Tangarpali Block of Sundargarh District under MATY Scheme 2025-26 | 44.00 | 44000/- | 6,000/- | Dt.21.11.2025 at 10.00 AM to dt.01.12.2025 upto 5.30 PM | "B" | 04 (Four) Calendar Months |

OIPR- Sd./- 18.11.2025, Superintending Engineer, M.I. Division, Sundargarh

GOVERNMENT OF ODISHA, DEPARTMENT OF WATER RESOURCES

OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATNA, DIST: KALAHANDI

E-mail ID: cetelbasinbhp@gmail.com / Phone No.: 06670-230209

NOTICE INVITING TENDER

E-Procurement Notice No:- CE&BM, TEL-P1-05/2025-26

Bid Identification No: CETEL-BID-02/2025-26

No.A-930: The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites on-line percentage rate tender through e-procurement in double cover system.

Table-1: Details of Critical Dates, details of work, Bid Security

| Pkg. No. | Bid ID No. | Name of Work | Approx. Tender Cost in lakh | Class of Contractor | Bid Security/ EMD (online) (in INR) | Cost of Tender document- (on-line)- (in INR) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-BOUDH 02/2025-26 | "Flood Protection Work at the right bank of river Salki near village Balasinga GP of Boudh block. (Working RD 18400 m to 19100m)" | Rs.3,69,96,484.50/- (Excluding G.S.T.) | 'A' Class Only | Rs.3,69,965/- | Rs.10,000/- | 12 (Twelve) Calendar Months |

Table-2: e-Procurement Details:

| Procurement Officer | Bid Identification No. | Availability of tender on-line for bidding | | Date of Seeking tender Clarification | Date & Time of Opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | |
| Chief Engineer & Basin Manager, Tel Basin, Bhawanipatna | CETEL-BOUDH 02/2025-26 | Dt.20.11.2025 at 10.00 Hours | Dt.05.12.2025 upto 17.00 hours | Dt.20.11.2025 to 01.12.2025 at Office during office hours | Dt.06.12.2025 at 11.00 Hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further deails can be seen from the Govt. Website www.tendersodisha.gov.in

* Other Terms & Conditions can be seen from the Government website www.tendersodisha.gov.in

* The Corrigendum/ Cancellation of Tender, If any, will be uploaded and can be seen from the above website only.

OIPR- Sd./- Chief Engineer & Basin Manager, Tel Basin, Bhawanipatna

OFFICE OF THE SUPERINTENDING ENGINEER, CUTTACK (R&B) DIVISION NO.I : CUTTACK

E-mail I.D.:- eepwdcuttack@gmail.com, Tel/Fax No:- (0671) 2304128

GOVERNMENT OF ODISHA

('e' PROCUREMENT NOTICE)

1st Corrigendum to Bid Identification No.S.E. CTC(R&B)-51 of 2025-26

No.B-736: The Bid availability period and date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per 1st Corrigendum Notice | Revised Bid Availability period | Bid Opening Date as per 1st Corrigendum Notice | Revised Opening Date |
|---|---|---|---|---|---|
| 1 | S.E.CTC (R&B)-51 of 2025-26 | 18.11.2025 to 5.00 PM of 03.12.2025 | 02.12.2025 to 5.00 PM of 16.12.2025 | 04.12.2025 at 11.00 AM | 17.12.2025 at 11.00 AM |

All other terms and conditions remain unchanged. Further details can be seen from the website http://www.tendersodisha.gov.in.

OIPR- Sd./- Superintending Engineer, Cuttack (R&B) Division No.I, Cuttack

# ଉପକୂଳରେ ଜଗିଛି ପୋଲିସ, ଦ୍ୱୀପପୁଞ୍ଜରେ ଘର କଲେଣି ବାଂଲାଦେଶୀ

- ୧୦ରୁ ଅଧିକ ଦ୍ୱୀପପୁଞ୍ଜରେ ହେଉନି ଯାଞ୍ଚ
- ପୋଲିସ କଡ଼ା ନଜର ନ ଥିବାରୁ ସୁରକ୍ଷିତ ସ୍ଥାନ ଭାବିଛନ୍ତି ସନ୍ଦିଗ୍ଧ
- ପତାକା ଉତ୍ତୋଳନ କରି ବସି ପଡ଼ିଛି ପୋଲିସ
- ଖବର ମିଳିବା ପରେ କରାଯାଉଛି ଯାଞ୍ଚ :ଏଡିଜି


**ଭୁବନେଶ୍ୱର,୨୦।୧୧(ତ୍ରିନାଥ ମହାନ୍ତି):**

ବାଂଲାଦେଶୀ ପ୍ରବେଶକାରୀଙ୍କୁ ନେଇ ଚିନ୍ତାରେ ଓଡ଼ିଶା ପୋଲିସ। ଉପକୂଳ ଦେଇ ଅନୁପ୍ରବେଶକାରୀମାନେ ପଶୁଥିବାରୁ ଜଳପଥରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ହେଲେ ଓଡ଼ିଶା ଉପକୂଳକୁ ଲାଗିଥିବା ୧୦ରୁ ଅଧିକ ଦ୍ୱୀପପୁଞ୍ଜରେ ସେଭଳି ସୁରକ୍ଷା ବ୍ୟବସ୍ଥା ରହୁନାହିଁ। ଉପକୂଳବର୍ତ୍ତୀ ଅଞ୍ଚଳରେ ପୋଲିସର କଡ଼ା ଯାଞ୍ଚକୁ ଦେଖି ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏବେ ଏହି ଦୀପପୁଞ୍ଜକୁ ସୁରକ୍ଷିତ ସ୍ଥାନଭାବେ ବାଛି ନେଲେଣି। ବୋଟରେ ସେମାନେ ବାଂଲାଦେଶରୁ ସିଧା ଏହି ଦୀପକୁ ଆସୁଛନ୍ତି। ବୋଟରେ ସାଥିରେ ଆଣିଥିବା ସମସ୍ତ ଖାଦ୍ୟପଦାର୍ଥ ଖାଇ ରହୁଛନ୍ତି। ବିଶେଷ କରି ମାଛ ଧରୁଥିବା ବ୍ୟକ୍ତିମାନେ ସେମାନଙ୍କୁ ଏହି ସ୍ଥାନରେ ରହିବାକୁ ସହଯୋଗ କରୁଥିବା ଜଣାପଡ଼ିଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଓଡ଼ିଶାରେ ପ୍ରବେଶ କରାଇବା ପାଇଁ ଏକ ର୍ୟାକେଟ୍ କାମ କରୁଛି। ସେମାନେ ଏହାକୁ ବ୍ୟବସାୟରେ ପରିଣତ କରିସାରିଲେଣି। ବାଂଲାଦେଶରୁ ସେମାନେ ଜଣଙ୍କୁ ଓଡ଼ିଶା ଆଣିଲେ ମୁଣ୍ଡପିଛା ୫ ହଜାରରୁ ୬ ହଜାର ଟଙ୍କା ନେଉଛନ୍ତି। ପ୍ରଥମେ ଦ୍ୱୀପପୁଞ୍ଜରେ କିଛିଦିନ ରହିବା ପରେ ମଉକା ଦେଖି ଓଡ଼ିଶା ଭିତରକୁ ପ୍ରବେଶ କରୁଛନ୍ତି।

ପୋଲିସ ଏହି ଦୀପପୁଞ୍ଜରେ ଚଢଉ କରି ଯାଞ୍ଚ କରୁ ନ ଥିବାରୁ ନିର୍ଭୟରେ ସେମାନେ ରହୁଛନ୍ତି। ଗତ ଜାନୁଆରୀ ୨୬ରେ ପୋଲିସ କେବଳ ୧୦ରୁ ଅଧିକ ଦୀପପୁଞ୍ଜରେ ପତାକା ଉଡ଼ାଇ ନିଜର କାର୍ଯ୍ୟ ଶେଷ କରି ଦେଲା। ନା ହେଉଛି ପାଟ୍ରୋଲିଂ ନା ଉଡୁଛି ଡ୍ରୋନ। ସେଠାକୁ ଯିଏ ଯେତେବେଳେ ପାଇଲା ଗଲା। ଓଡ଼ିଶା ଉପକୂଳକୁ ଲାଗି ୧୦ରୁ ଅଧିକ ଛୋଟବଡ଼ ଦୀପପୁଞ୍ଜ ରହିଛି। ବାଲେଶ୍ୱରର ସୁବର୍ଣ୍ଣ ଦୀପ, ଭଦ୍ରକ ଜିଲାର ନୟା ଟାପୁ ଦୀପ, ଉଡ଼ାବାଲି, କନିକା, ଲଙ୍ଗ ହ୍ୱିଲର୍, ସର୍ଟ ଆଇଲ୍ୟାଣ୍ଡ ଏବଂ ସ୍ମଲ ହ୍ୱିଲର୍ ଏବଂ ଜଗତ୍‌ସିଂହପୁର ଜିଲାର ବୋଇତରକୁଦ, ଜଟାଧାର ତାଣ୍ଡା ଏବଂ ବରକୁଡ଼ ଦ୍ୱୀପପୁଞ୍ଜ ରହିଛି। ଲୋକମାନେ ବିଭିନ୍ନ ସମୟରେ ଏହି ଦ୍ୱୀପକୁ ଯାଇ ଭୋଜି କରନ୍ତି। ହେଲେ ଗତ କିଛି ବର୍ଷ ହେବ ଏହାକୁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ କରାୟତ୍ତ କଲେଣି। ପ୍ରଥମେ ସେମାନେ ଏଠାକୁ ଆସି ବୋଟ ଚଲାଉଛନ୍ତି। ପରେ ଭଲ ଦୀପପୁଞ୍ଜକୁ ଟାର୍ଗେଟ କରି ଛୋଟ ଘର କରୁଛନ୍ତି। ଦିନରେ ମାଛ ଧରିବା ସହ ରାତିରେ ସେଠାକୁ ଆସି ଆସର ଜମାଉଛନ୍ତି। ପରେ ସମୟ ଦେଖି ବାଂଲାଦେଶରେ ଥିବା ନିଜ ବନ୍ଧୁ ଏବଂ ପରିଜନଙ୍କୁ ଏଠାକୁ ଡାକି ପ୍ରଥମେ ଏହି ଦୀପପୁଞ୍ଜରେ ରହୁଛନ୍ତି। କିଛିଦିନ ରହିବା ପରେ ସେମାନଙ୍କ କରାଯାଇଥିବା ନକଲି ଆଧାରକାର୍ଡ ସହାୟତାରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ କିମ୍ବା ବାଲେଶ୍ୱରକୁ ପ୍ରବେଶ କରୁଛନ୍ତି। ଏମାନଙ୍କୁ ଥଇଥାନ କରାଇବାରେ ମୁଖ୍ୟତଃ ସ୍ଥାନୀୟ କୁଜି ନେତା ସହଯୋଗ କରୁଛନ୍ତି। ବିଶେଷ କରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଭଦ୍ରକରେ ବୋଟ ଚଲାଉଥିବା ଏକାଧିକ ବ୍ୟକ୍ତି ଅନୁପ୍ରବେଶକାରୀ ବାଂଲାଦେଶୀ ବୋଲି ଜଣାପଡ଼ିଛି। ନିକଟରେ ଏହି ସବୁ ଦୀପପୁଞ୍ଜରେ ପୋଲିସ ପାଟ୍ରୋଲିଂ କରିବା ସହ ଡ୍ରୋନ୍ ଉଡ଼ାଇ ଜଗିବ ବୋଲି କହିଥିଲା। କିନ୍ତୁ ନା ସେଠାରେ ଡ୍ରୋନ୍ ଉଡୁଛି ନା ପୋଲିସ ପାଟ୍ରୋଲିଂ କରୁଛି। ଯେତେବେଳେ କିଛି ବିବାଦ ଆସୁଛି ପୋଲିସ ଲୋକ ଦେଖାଣିଆ ଭାବେ ସୁରକ୍ଷା କଡ଼ାକଡ଼ି କରୁଛି। ଯେଉଁଥିପାଇଁ ଏବେ ଏହି ସବୁ ଦୀପ ରାଜ୍ୟ ପାଇଁ ବିପଦକୁ ଟାଣି ଆଣୁଛି। କେବଳ ବାଂଲାଦେଶୀ ନୁହେଁ ଅନେକ ସମୟରେ ବଡ଼ ବଡ଼ ଅପରାଧୀମାନେ ଗିରଫ ଭୟରେ ସେଠାକୁ ବୋଟ୍ ସାହାଯ୍ୟରେ ଯାଇ ରହୁଛନ୍ତି। ସେମାନଙ୍କ ପାଇଁ ବୋଟ୍‌ରେ ଖାଦ୍ୟ ସାମଗ୍ରୀ ଏଠାରୁ ଯାଉଛି। ସମୁଦ୍ର ଭିତରକୁ ଯାଇ ଅପରାଧୀଙ୍କୁ ଗିରଫ କରିବା ପୋଲିସ ପାଇଁ ସହଜ ହେଉ ନ ଥିବାରୁ ଅପରାଧୀମାନେ ଏହାର ଫାଇଦା ଉଠାଉଛନ୍ତି। ଅନେକ ସମୟରେ ମଧ୍ୟ ଏହି ସବୁ ଦ୍ୱୀପରେ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅପରାଧ ଘଟୁଛି। ସେଠାରେ କୌଣସି ଯୋଗାଯୋଗ ବ୍ୟବସ୍ଥା ନ ଥିବାରୁ ପୋଲିସକୁ ଜାଣିବା କଷ୍ଟକର ହେଉଛି। ତେଣୁ ପୋଲିସ ଉପକୂଳ ସହ ଏହି ଦୀପପୁଞ୍ଜରେ ସୁରକ୍ଷା କଡ଼ାକଡ଼ି କଲେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କରିବ ବୋଲି ଅନେକେ ମତ ଦେଉଛନ୍ତି।

ରେଲୱେ ଏବଂ ଉପକୂଳ ଏଡିଜି ଅରୁଣ ବୋଥ୍ରା କହିଛନ୍ତି ଯେ, ଉପକୂଳରେ ସୁରକ୍ଷା କଡ଼ାକଡ଼ି କରାଯିବା ସହ ଦ୍ୱୀପପୁଞ୍ଜ ଉପରେ ନଜର ରଖାଯାଉଛି। ଏହି ଦ୍ୱୀପପୁଞ୍ଜ ଗୁଡ଼ିକରେ କିଛି ସୂଚନା ଆସିବା ପରେ ମଝିରେ ମଝିରେ ଯାଞ୍ଚ କରାଯାଉଛି। ପୋଲିସର ନଜର ଏହା ଉପରେ ରହିଥିବା ବୋଥ୍ରା କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱକଳ୍ପିତା



@ ଅଙ୍କିତା



@ ବାପୁ



@ ଶୁଭକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଙ୍ଗୁଳାଇରୁ ରାଜଗଡ଼ ସାଢ଼େ ୭ କି.ମି. ଏକତା ପଦଯାତ୍ରା

## ସାମିଲ ହେଲେ ମନ୍ତ୍ରୀ, ବିଧାୟକ

**ମହାକାଳପଡ଼ା, ୨୦।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ଏକତା ପଦଯାତ୍ରା ସ୍ଥାନୀୟ ଅଙ୍ଗୁଳାଇ ଛକଠାରୁ ରାଜଗଡ ବଡ ପୋଖରୀ ପର୍ଯ୍ୟନ୍ତ ସାଢ଼େ ୭ କି.ମି. ଦୂର ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କ ସମେତ ସରକାରୀ ପଦାଧିକାରୀ, ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ପରେ ରାଜଗଡ ବଡ଼ ପୋଖରୀଠାରେ ଏକ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂରଜ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡବଲ ଇଞ୍ଜିନ ବିକାଶ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ମିଶନ ଭିଜନ ବିଶ୍ୱରେ ଶ୍ରେଷ୍ଠ ଅର୍ଥନୀତି ଶକ୍ତିଶାଳୀ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ଯୋଦ୍ଧା ବିର୍ସା ମୁଣ୍ଡାଙ୍କ ସମେତ ଜୀବନ ବଳିଦାନ ଉପରେ ଆଲୋକପାତ କରିଥିଲେ। ଅପରେଶନ ସିନ୍ଦୂର ଦେଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା। ଆଗାମୀ ଦିନରେ ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ବିକଶିତ ଭାରତ ସମୃଦ୍ଧିଶାଳୀ ହେବ। ସ୍ୱଦେଶୀ ଦ୍ରବ୍ୟ ପ୍ରସ୍ତୁତକରି ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଥିବା ବିଧାୟକ ନାୟକ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ପ୍ରଶାନ୍ତ କୁମାର ସେଠୀଙ୍କ ସମେତ ବହୁସଂଖ୍ୟାରେ ଅଧିକାରୀ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସ୍ଥାନୀୟ କୃତୀ ୧୮ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ସୂରଜ ଟ୍ରଫି ପ୍ରଦାନ କରିଥିଲେ।



ରାଜଗଡ଼ଠାରେ ଏକତା ପଦଯାତ୍ରାରେ ସାମିଲ ମନ୍ତ୍ରୀ ଓ ବିଧାୟକ।

# ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ହେଲେ ଶୁଚିସ୍ମିତା ଦାସ




ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଶୁଚିସ୍ମିତା ଦାସ ଓ ଅନ୍ୟମାନେ।

**ଧର୍ମଶାଳା/କାଏମା,୨୦।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷେତ୍ରପାଳ ପଞ୍ଚାୟତ ସମିତିସଭ୍ୟା ଶୁଚିସ୍ମିତା ଦାସ ନିର୍ଦ୍ୱନ୍ଦ୍ୱରେ ବ୍ଲକ୍ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ ନିର୍ବାଚନ ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝୀ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ୩୬ ସମିତିସଭ୍ୟ ଉପସ୍ଥିତ ଥିଲେ। କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଶୁଚିସ୍ମିତା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିଥିଲେ। କର୍ମୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ମୁଖ୍ୟାଳୟରୁ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ଯାଜପୁର ରୋଡ୍ ଏସ୍‌ଡିପିଓ, ଧର୍ମଶାଳା ଭାରପ୍ରାପ୍ତ ଥାନାଧିକାରୀ ରମାକାନ୍ତ ନାୟକ, ଜାରକା ବିଟ ହାଉସ ପୋଲିସ ଅଧିକାରୀ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସରକାର ପରିବର୍ତ୍ତନ ପରେ ଧର୍ମଶାଳାରୁ ପରିବାର ବାଦ ଶାସନ ଶେଷ ହୋଇଥିବା ଭାଜପା କର୍ମୀ ଅଭିଷେକ ରାଉତ କହିଥିଲେ। ଏଥିସହିତ ସେ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ଲକ ଅଧୀନରେ ୪୫ ପଞ୍ଚାୟତ ରହିଛି। ବିଜେଡିର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଭାଇ ପ୍ରଭାତ ବଳବନ୍ତରାୟ ଏଠାରେ ବ୍ଲକ ଅଧ୍ୟକ୍ଷ ଥିଲେ। ଚଳିତ ନିର୍ବାଚନରେ ହିମାଂଶୁ ଶେଖର ସାହୁ ବିଧାୟକ ହେବାପରେ ଅନେକ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ହିମାଂଶୁଙ୍କ ସହ ଯୋଡ଼ି ହୋଇଥିଲେ। ପରେ ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ଅନେକ ସମିତି ସଭ୍ୟ ଅଗଷ୍ଟ ୧୧ରେ ବ୍ଲକ ଅଧ୍ୟକ୍ଷ ଥିବା ପ୍ରଭାତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହାପରେ ଅଗଷ୍ଟ ୨୦ରେ ପ୍ରଭାତ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ।

# ପାରାଦୀପ ବନ୍ଦରକୁ ସମୁଦ୍ର ମନ୍ଥନ ଆୱାର୍ଡ

**ପାରାଦୀପ,୨୦।୧୧(ଶରତ ରାଉତ)**

ପାରାଦୀପ ବନ୍ଦରକୁ ଗୁରୁବାର ମୁମ୍ବାଇଠାରେ ସମୁଦ୍ର ମନ୍ଥନ ଆୱାର୍ଡ ୨୦୨୫ ମିଳିଛି। ଜିଓ ୱାର୍ଲ୍ଡ କନଭେନଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ବୃହତ ବନ୍ଦର କ୍ଷେତ୍ରରେ ପାରାଦୀପ ଉଲ୍ଲେଖନୀୟ ସଫଳତା ହାସଲ କରି ଦେଶର ୧ ନମ୍ବର ମାନ୍ୟତା ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମିଜୋରମ୍ଭ ରାଜ୍ୟପାଳଙ୍କଠାରୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି ଏଡିସନ ଆୱାର୍ଡ ଗ୍ରହଣ କରିଥିଲେ। ଏହା ସାମଗ୍ରିକ ଉଦ୍ୟମର ସଫଳତା ବୋଲି ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ କହିଛନ୍ତି।



ଅତିଥିଙ୍କଠାରୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି ଏଡିସନ ଆୱାର୍ଡ ଗ୍ରହଣ କରୁଛନ୍ତି।

# ମା’ ହେଲେ ୧୫ ବର୍ଷୀୟା ନାବାଳିକା

**ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ୧୫ ବର୍ଷୀୟା ନାବାଳିକା ମା’ ହୋଇଛନ୍ତି। ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ବୁଧବାର ରାତିରେ ଅନୁସୂଚିତ ଜନଜାତିର ଜଣେ ନାବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ନାବାଳିକା କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏନେଇ ଶିଶୁ ସୁରକ୍ଷା ଅଧିକାରୀ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ନାବାଳକ ସଂପୃକ୍ତ ଥିବା ଜଣାପଡ଼ିବା ପରେ ପୋଲିସ ସଂପୃକ୍ତ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ନବଜାତ ଶିଶୁ କନ୍ୟାର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏଥିସହ ନବଜାତ ଶିଶୁପ୍ରତି ବିଭାଗ ଯତ୍ନବାନ ଅଛି।

# ମୁଖ୍ୟ ଅଭିଯୁକ୍ତ ସିକନ୍ଦରଙ୍କ ଘରେ ପୋଲିସ ଚଢ଼ାଉ

## ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ମାମଲା

- ଆଧାରକାର୍ଡ, ବ୍ୟାଙ୍କ ପାସବୁକ୍, କାଗଜପତ୍ର ଜବତ

**ଜଗତ୍‌ସିଂହପୁର, ୨୦।୧୧ (ପ୍ରମୋଦ କୁମାର ନାୟକ):**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଧନିପୁର ନିକଟ ବେହେରାମପୁରସ୍ଥିତ ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରଖିବା ଘଟଣାର ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ ଓରଫ ସେଇକୋଙ୍କ ଧନିପୁରସ୍ଥିତ ଘରେ ଗୁରୁବାର ପୋଲିସ ଚଢ଼ାଉ କରିଛି। ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ, ଏସ୍‌ଡିପିଓ ଆଜିଙ୍କ୍ୟ ମାଣେଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ଛାନଭିନ କରାଯାଇଛି। ଏହି ଅବସରରେ ସିକନ୍ଦରଙ୍କ ପରିବାର ସଦସ୍ୟମାନଙ୍କଠାରୁ କେତେକ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ଜବତ କରାଯାଇଛି। ପୂର୍ବରୁ ପୋଲିସ ସିକନ୍ଦରଙ୍କ ପାସପୋର୍ଟ ଜବତ କରିଥିଲା। ଅତୀତରେ ସିକନ୍ଦର ମର୍ଚ୍ଚାଣ୍ଟ ନ୍ୟାଭିରେ ଚାକିରି କରିଥିଲେ। ତାଙ୍କର ସାଉଦିଆରବ, କୁଏଟ୍, କାତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ସହ ଲିଙ୍କ୍ ଥିବା ତଦନ୍ତରୁ ଜଣାଯାଇଛି। ସେ ବିଦେଶରୁ ଅନେକ ଲୋକଙ୍କୁ ଆଣି ବେହେରାମପୁର ବସ୍ତିର ସରକାରୀ ଜମିରେ କରିଥିବା ଘରେ ରଖୁଥିଲେ। ଏବେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ଏହି ଘରେ ଭଡାରେ ରଖିବା ସହ ମଦ୍ରାସା ଚଳାଉଥିଲେ। ଏପରି କି ଅନେକ ବେଆଇନ କାର୍ଯ୍ୟକଳାପରେ ସେ ଏହି ଲୋକମାନଙ୍କୁ ବ୍ୟବହାର କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଥିବା କୁହାଯାଇଛି। ଏସମ୍ପର୍କରେ ଏସ୍‌ଡିପିଓ ମାଣେ କହିଛନ୍ତି, ସିକନ୍ଦରଙ୍କ ଘରୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। କିନ୍ତୁ ଯେହେତୁ ଏବେ ତଦନ୍ତ ଚାଲିଛି ତେଣୁ ଅଧିକ କିଛି କହିବା ସମ୍ଭବ ନୁହେଁ।

ସୂଚନାଯୋଗ୍ୟ, ଧନିପୁର ନିକଟ ବେହେରାମପୁରସ୍ଥିତ ଏକ ନିରୋଳା ସ୍ଥାନରେ ବାଂଲାଦେଶୀ ରହୁଥିବା ସୂଚନାପାଇ ଗତ ୧୬ ତାରିଖ ରାତିରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ଏଥିରେ ଅତିରିକ୍ତ ଏସ୍‌ପି ଓ ୨ ଜଣ କନଷ୍ଟେବଲ ଆହତ ହୋଇଥିଲେ। ଏହାପରେ ଆବଶ୍ୟକ ସଂଖ୍ୟକ ପୋଲିସ ଓ ଫୋର୍ସ ପହଞ୍ଚି ଉକ୍ତ ସ୍ଥାନକୁ ସିଲ୍ କରିବା ସହ ଗଣ୍ଡଗୋଳରେ ନେତୃତ୍ୱ ନେଇଥିବା ୨ ଜଣ ମହିଳାଙ୍କୁ ଗିରଫ କରିବା ସହ ଅନ୍ୟ ୩ ଜଣଙ୍କୁ ଉଠାଇ ଆଣିଥିଲେ। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ବହୁ ପରିମାଣର ମାରଣାସ୍ତ୍ର ଓ କାଗଜପତ୍ର ଜବତ ହୋଇଥିଲା। କିନ୍ତୁ ତା’ପୂର୍ବରୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଘର ମାଲିକ ସିକନ୍ଦର, ତାଙ୍କ ଭାଇ ଅବଦୁଲ ମୁତାଲିଫ ଖାନ୍‌ଙ୍କ ସମେତ ପ୍ରାୟ ୩୦ରୁ ଅଧିକ ଲୋକ ଖସି ଯାଇଥିଲେ। ତା ପରଦିନ ଅର୍ଥାତ୍ ୧୭ ତାରିଖରେ ଜିଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ସେମାନେ ରହୁଥିବା ୧୦ଟି ଆଜବେଷ୍ଟସ ଘରକୁ ବୁଲଡୋଜର ଲଗାଯାଇ ଭାଙ୍ଗି ଦିଆଯାଇଥିଲା।



ସିକନ୍ଦର ଆଲାମଙ୍କ ଘର ନିକଟରେ ପୋଲିସ ଫୋର୍ସ।

## ୫ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇ ନେଲା ପୋଲିସ

**ଜଗତ୍‌ସିଂହପୁର, ୨୦।୧୧ (ପ୍ରମୋଦ କୁମାର ନାୟକ):**

ଗତ ୧୭ ତାରିଖରେ ଜଗତ୍‌ସିଂହପୁର ପୋଲିସ ଏହି ଥାନା ଅନ୍ତର୍ଗତ ବେହେରାମପୁର ଓ ସାତପୁରା ବସ୍ତିରେ ଚଢ଼ାଉ କରି ସରକାରୀ ଜମିରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ୧୭ ବଖରା ଘର ଭାଙ୍ଗିଥିଲା। ସେଥିରେ ବେହେରାମପୁରର ୧୦ ଓ ସାତପୁରାର ୭ଟି ଘର ଥିଲା। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ ସହ ଏକାଧିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଗୁରୁବାର ରାତିରେ ଆଉ ୫ ଜଣ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ପୋଲିସ ଉଠାଇ ନେଇ ପଚରାଉଚୁରା କରୁଛି। ସେମାନଙ୍କ ଭିତରେ ୪ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି।

# ହାଇୱା ଧକ୍କାରେ ଜଣେ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି ।

ଭାପୁର,୨୦।୧୧(ପ୍ରଭାତ ବରାଡ)

ନୟାଗଡ ଜିଲା ଫତେଗଡ ଥାନା ଅନ୍ତର୍ଗତ ଫତେଗଡଠାରୁ ବିଜିପୁର ୪୮ ନଂ. ରାଜ୍ୟ ରାଜପଥ ବିଜିପୁର ଗ୍ରାମ ସ୍ୱସ୍ତି ଢାବା ନିକଟରେ ଗୁରୁବାର ସଂଧ୍ୟା ପ୍ରାୟ ୫.୩୦ରେ ଏକ ହାଇୱା ଦୁର୍ଘଟଣାରେ ୩ ଜଣ ବାଇକ୍ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ମୃତକ ହେଲେ ଫତେଗଡ଼ ଥାନା ରାକମା ଗ୍ରାମର ବିରଞ୍ଚି ନାୟକଙ୍କ ପୁଅ ରାଜା ନାୟକ(୧୮)। ଆହତମାନେ ହେଲେ ତୋଫାନ ସାହୁଙ୍କ ପୁଅ ରାକେଶ ସାହୁ (୧୬) ଏବଂ କାଶୀ ନାୟକଙ୍କ ପୁଅ ଗୁନିଆ ନାୟକ(୧୭)।

ଏମାନେ ଗୋଟିଏ ବାଇକ୍‌ରେ ଫତେଗଡ଼ ଗ୍ରାମ ପଟକୁ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଏକ ହାଇୱା ଆସି ସ୍ୱସ୍ତି ଢାବା ସାମନାରେ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ହାଇୱା ରାଜାଙ୍କ ଅଣ୍ଟା ଉପରେ ଚଢ଼ି ଯିବାରୁ ତାଙ୍କ ବାମ ଗୋଡ଼ଟି ଶରୀରରୁ ଅଲଗା ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ଦୁଇ ଯୁବକ ଛିଟିକି ପଡିବାରୁ ସାମାନ୍ୟ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିବା ବେଳେ ଫତେଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରୁଥିବା ଜଣାପଡ଼ିଛି।

## ଖବର ସଂଗ୍ରହବେଳେ ଖବରଦାତାଙ୍କୁ ଆକ୍ରମଣ

ନୟାଗଡ଼,୨୦।୧୧
(ଲୋକନାଥ ମିଶ୍ର)

ଖବର ସଂଗ୍ରହ ବେଳେ ନୟାଗଡ଼ ଜିଲା ଭାପୁର ବ୍ଲକ ଧରିତ୍ରୀ ପ୍ରତିନିଧି ପ୍ରଭାତ ବରାଡ଼ଙ୍କୁ ଗୁରୁବାର ସନ୍ଧ୍ୟାରେ ମାଡ଼ ମରାଯାଇଛି । ଘଟଣା ସମ୍ପର୍କରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବା ପରେ ବିଭିନ୍ନ ଖବରଦାତା ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି।

ଅଭିଯୋଗ ଅନୁସାରେ, ଗୁରୁବାର ସନ୍ଧ୍ୟାରେ ବିଜିପୁର ରାସ୍ତାରେ ହାଇୱା ଧକ୍କାରେ ୩ଜଣ ଆହତ ହୋଇଥିଲେ। ଏଥିରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଅଛନ୍ତି। ଦୁର୍ଘଟଣା ପରେ ରାସ୍ତାରୋକୋ ଜାରି ରହିଛି । ଧରିତ୍ରୀ ଭାପୁର ବ୍ଲକ ପ୍ରତିନିଧି ଖବର ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏତିକିବେଳେ ବିନା କାରଣରେ ବିଜିପୁର ଗାଁର ଲକ୍ଷ୍ମୀଧର ନାୟକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ମାରି ବେକରୁ ସୁନାଚେନ ଛିଣ୍ଡାଇ ନେଇ ଯାଇଥିଲେ। ଏନେଇ ଭାପୁର ବ୍ଲକ ପେସାଦାର ସାମ୍ବାଦିକ ସଂଘ ସଭାପତି ଶୁଭେନ୍ଦୁ କୁମାର ପଟ୍ଟନାୟକ ଓ ସମ୍ପାଦକ ସଂଗ୍ରାମ କୁମାର ପଟ୍ଟନାୟକ କୁହନ୍ତି, ଖବରଦାତାଙ୍କୁ ବିନା କାରଣରେ ଆକ୍ରମଣ ନିନ୍ଦନୀୟ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ, ନ ହେଲେ ଆମେ ଆନ୍ଦୋଳନ କରିବାକୁ ବାଧ ହେବୁ। ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ଗଣମାଧ୍ୟମର କଣ୍ଠରୋଧକୁ କଦାପି ବରଦାସ୍ତ କରାଯିବନି। ପୋଲିସ ତ୍ୱରିତ୍ ପଦକ୍ଷେପ ନ ନେଲେ ସାମ୍ବାଦିକ ସଂଘ ବାଧ ହୋଇ ପ୍ରତିବାଦ କରିବ ବୋଲି କହିଛନ୍ତି। ଏ ନେଇ ନଂ.୩୫୨/୨୫ରେ ମାମଲା ରୁଜୁ ହୋଇଛି।

## ରାଜ୍ୟସ୍ତରୀୟ 'ଉଡାନ'କ୍ୟାମ୍ପରେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସମ୍ମାନିତ





ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

ଓଡଗାଁ, ୨୦।୧୧
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍ ତରଫରୁ ଭୁବନେଶ୍ୱରରେ ସ୍କାଉଟ ଗାଇଡ୍ ମୁଖ୍ୟ କାର୍ଯ୍ୟାଳୟରେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା 'ଉଡାନ' କ୍ୟାମ୍ପରେ ନୟାଗଡ଼ ଜିଲା ଓ ବ୍ଲକ୍ ରୋହିବାଙ୍କ ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ବିଦ୍ୟାଳୟ ଛାତ୍ରୀଛାତ୍ର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର କୋରକୋରାଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହାସହ ଭାରତ ସ୍କାଉଟ ଏବଂ ଗାଇଡ୍ ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଏବଂ ଓଡିଶା ଭାରତ ସ୍କାଉଟ ଗାଇଡ୍ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଉକ୍ତ ବିଦ୍ୟାଳୟର ଛାତ୍ରୀ ସନ୍ଧ୍ୟାରାଣୀ ନାୟକଙ୍କୁ ସ୍ୱର୍ଣ୍ଣ ପଦକ ସହିତ ଅଙ୍କିତା ନାୟକଙ୍କୁ ରୌପ୍ୟ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆଦିବାସୀ ନୃତ୍ୟ କରି ପାଠ ପଢ଼ିବା, ମଦ ଛାଡିବା ସହିତ ଜଙ୍ଗଲ ନିଜ ମାଟି ମା' ହୋଇଥିବାରୁ ଜଙ୍ଗଲ ସୁରକ୍ଷା କରିବା ଭଳି ସଚେତନତା ବାର୍ତ୍ତା ପ୍ରେରଣକରି ପ୍ରଶଂସିତ ହୋଇଥିଲେ। ବିଦ୍ୟାଳୟର ସ୍କାଉଟ ଶିକ୍ଷକ ସନ୍ତୋଷ କୁମାର ସାହୁ, ଅବନ୍ତୀ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଓଡଗାଁ ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ରଘୁନାଥ ମଲ୍ଲିକ, ଜିଲା ଭାରତ ସ୍କାଉଟ ଗାଇଡ୍ ସଭାପତି ତଥା ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ବନଲତା ବେହେରା ଓ ସନ୍ଧ୍ୟାରାଣୀ ରାଉତ ଏବଂ ଜିଲା ଭାରତ ସ୍କାଉଟ ଗାଇଡ୍ ସମ୍ପାଦକ ତଥା ଜିଲା ଶାରୀରିକ ନିରୀକ୍ଷକ ଅନିଲ କୁମାର ଦାଶ ସମସ୍ତ ସ୍କାଉଟ ଗାଇଡ୍‌ଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।

## ନୀଳମାଧବଙ୍କ ସକାଳ ଧୂପନୀତି ବିଳମ୍ବ



ନୀଳମାଧବ ଜୀଉଙ୍କ ମନ୍ଦିର।

ଖଣ୍ଡପଡ଼ା,୨୦।୧୧
(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ସକାଳ ନୀତିରେ ମାଣ ଓଷାର ପ୍ରଥମ ଗୁରୁବାରରେ ବହୁ ସମୟ ଉପବାସ ରହିବାକୁ ପଡ଼ିଥିଲା। ଫଳରେ ବିଳମ୍ବ ନୀତି ଯୋଗୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ମଧ୍ୟ ସମସ୍ୟା ହୋଇଥିଲା। ଅପରପକ୍ଷରେ ବିଭାଗୀୟ କର୍ମଚାରୀ ଓ ସେବାସୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଭିନ୍ନ ସମୟରେ ନିତିକାନ୍ତିରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ତେବେ ଠାକୁରଙ୍କ ବଲ୍ଲଭ ନୀତି ଠିକ୍ ସମୟରେ ସମ୍ପାଦିତ ହୋଇଥିବା ବେଳେ ସକାଳ ଧୂପ ନୀତି ପୂର୍ବାହ୍ନ ପ୍ରାୟ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ହୋଇଥାଏ। ମାତ୍ର ଏହି ନୀତିରେ ବ୍ୟତିକ୍ରମ ଦେଖାଦେଇଥିଲା। ଅପରପକ୍ଷରେ ଦେବୋତ୍ତର ବିଭାଗ ମନ୍ଦିର ପରିଚାଳନାରେ ନିଯୁକ୍ତ ଥିବା କର୍ମଚାରୀମାନେ ଠିକ୍ ସମୟରେ ସେମାନଙ୍କର ପ୍ରାପ୍ୟ ପାଉଥିବା

### ପରିଚାଳନାଗତ ତ୍ରୁଟି

ବେଳେ ନୀଳମାଧବ ଜୀଉଙ୍କ ସେବା ନୀତିରେ ନିଯୁକ୍ତ ଥିବା ନିଯୋଗୀ (ସେବାସୀ)ମାନେ ଦୀର୍ଘ ୫୦ଦିନ ପରେ ମଧ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ସମ୍ପୃକ୍ତ ସେବାସୀମାନେ ନୀତିସମ୍ପନ୍ନ କରିବା ନିମନ୍ତେ ପ୍ରସ୍ତୁତ ଥିଲେ ମଧ ଦେବୋତ୍ତର କର୍ମଚାରୀମାନେ ଅନୁପସ୍ଥିତ ଥିବାରୁ ନିତିକାନ୍ତିରେ ବିଭ୍ରାଟ ହୋଇଥିଲା।

ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ସେ ଏ ସମ୍ପର୍କରେ ଅବଗତ ନ ଥିବା କହିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଅପରାହ୍ନ ୩.୦୫ରେ ସକାଳ ଧୂପ ନୀତି ସମ୍ପନ୍ନ ହୋଇଥିଲା ।

## ଆମ୍ବୁଲାନ୍ସ ଧକ୍କାରେ ୨ ଗୁରୁତର

ନୟାଗଡ,୨୦।୧୧(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥର ମଜୁରିଆପଲ୍ଲୀ ଶିବ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ନୂଆଗାଁ ଥାନା କୋଷାକଟା ଗାଁର ପ୍ରେମାନନ୍ଦ ମହାନ୍ତି ଓ ନୟାଗଡ ସଦର ଥାନା ଆଡଚେର ଗାଁର ପ୍ରହଲ୍ଲାଦ ସ୍ୱାଇଁଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। କୋଷାକଟା ଗାଁର ପ୍ରେମାନନ୍ଦ ମହାନ୍ତି ଓ ଆଡଚେର ଗାଁର ପ୍ରହଲ୍ଲାଦ ସ୍ୱାଇଁ ବାଇକ୍ ଯୋଗେ ୫୭ ନଂ ଜାତୀୟ ରାଜପଥରେ ଘରକୁ ଫେରୁଥିଲେ। ଭୁବନେଶ୍ୱର ଆଡୁ ଆସୁଥିବା ଏକ ଆମ୍ବୁଲାନ୍ସ ଉଭୟ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘଟଣାର ତଦନ୍ତ ନୟାଗଡ ଟାଉନ ଥାନା ପୋଲିସ କରୁଛି ।

## 'କାନ୍ଦେନା ଲୁହ ସରିଯିବ' ନାଟକ ମଞ୍ଚସ୍ଥ

ଖଣ୍ଡପଡ଼ା,୨୦।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ରଥଗଡା ଛକରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କୁ ନେଇ ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ' ନାଟକ ମଞ୍ଚସ୍ଥ ହୋଇଯାଇଛି। ନିର୍ଦ୍ଦେଶକ ଡି. କ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ନାଟକର ବିଭିନ୍ନ ଭୂମିକାରେ କଳାକାର ଗୋପୀନାଥ ଆଚାର୍ଯ୍ୟ, ବିନାୟକ ସୁନ୍ଦର ସିଂ, ଗୋପାଳ ପଣ୍ଡା, ଅଭୟ ମିଶ୍ର, ବାନାମ୍ବର ମହାପାତ୍ର, ପ୍ରତାପ ବେହେରା, ଦିବ୍ୟରଞ୍ଜନ ମିଶ୍ର ଓ ସନାତନ ଦାଶ ଏବଂ ଅନ୍ୟ କଳାକାରମାନଙ୍କ ନିଖୁଣ ଅଭିନୟ ମଞ୍ଚ ନିକଟରେ ଉପସ୍ଥିତ ଶହଶହ ଦର୍ଶକଙ୍କ ମନ ଜିଣିପାରିଥିଲା। ମଞ୍ଚସ୍ଥ ନାଟକ ସାଇ କ୍ରିଏଟିଭସ୍‌ର ୯ମ ଅବଦାନ ବୋଲି ଜଣାପଡ଼ିଛି । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ, ପଣ୍ଡିତ ମନୋଜ କୁମାର ଦାଶ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ସାମାଜିକ କର୍ମୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ କଳାକାର ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

## ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଅଲଟ୍ରାସାଉଣ୍ଡ ସେବା ଢିଲା

ନୟାଗଡ଼,୨୦।୧୧(ଲୋକନାଥ ମିଶ୍ର)

- ଗର୍ଭବତୀ ପାଉଛନ୍ତି, ଅନ୍ୟ ରୋଗୀଙ୍କୁ ନା
- ରେଡିଓଲୋଜିଷ୍ଟ ନ ଥିବାରୁ ସେବା ମିଳୁ ନ ଥିବା ସଫେଇ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ସେବା ବ୍ୟବସ୍ଥା ଢିଲା। ଗର୍ଭବତୀଙ୍କୁ ଏହି ସେବା ମିଳୁଥିବା ବେଳେ ଅନ୍ୟ ରୋଗୀଙ୍କୁ ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି। ପୂର୍ବରୁ ଅଲଟ୍ରାସାଉଣ୍ଡ ସେବା ଗର୍ଭବତୀ ଓ ପେଟରୋଗୀଙ୍କୁ ମିଳୁଥିବା ବେଳେ ସରକାର ରେଡିଓଲୋଜିଷ୍ଟ ପଦବୀ ପୂରଣ କରୁ ନ ଥିବାର ସେବାରେ ବାଘାତ ହେଉଥିବା କୁହାଯାଉଛି। ଏଣୁ ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହୋଇ ବେସରକାରୀ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରୁଛନ୍ତି। ଜିଲାରେ ସବୁ ରୋଗୀଙ୍କ ପାଇଁ ଅଲଟ୍ରାସାଉଣ୍ଡ ସେବା ଉପଲବ୍ଧ କରାଯାଉ ବୋଲି ଦାବି ହୋଇ ଆସୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଜଣେ ଡାକ୍ତର ୬ମାସିଆ ତାଲିମ ନେଇ ଅଲଟ୍ରାସାଉଣ୍ଡ ସେବା ଯୋଗାଉଥିଲେ। ଏବେ ଜଣେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର କେବଳ ଗର୍ଭବତୀଙ୍କୁ ସେବା ଯୋଗାଉଛନ୍ତି।

### ଚାନ୍ଦପୁରରେ ୨ମାସ ହେଲା ପରୀକ୍ଷା ବନ୍ଦ

ରଣପୁର ବ୍ଲକ ଚାନ୍ଦପୁର ବସନ୍ତ ମଞ୍ଜରୀ ଆଞ୍ଚଳିକ ସାଧାରଣ ଚିକିତ୍ସାଳୟରେ ୨ମାସ ହେଲା ଅଲଟ୍ରାସାଉଣ୍ଡ ସେବା ବନ୍ଦ ରହିଛି। ଚାନ୍ଦପୁର ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ଲାଇସେନ୍ସ ଅବଧି ଶେଷ ହୋଇ ଯାଇଥିବାରୁ ଗର୍ଭବତୀ ସେବା ପାଉ ନ ଥିବା ଜଣାପଡିଛି। ଏଠାରେ ଜଣେ ଗାଇନିକ୍ ସ୍ପେଶାଲିଷ୍ଟ ତାଲିମ ନେଇ ସେବା ଦେଉଥିଲେ।



ବିନା ବେଡ୍‌ଶିଟ୍‌ରେ ରୋଗୀ ଚିକିତ୍ସିତ ହେଉଛନ୍ତି ।

### ମହିଳା ରୋଗୀଙ୍କୁ ଇସିଜି ପରୀକ୍ଷା ପାଇଁ ଭୟ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ପରୀକ୍ଷା ହେଉଛି। ତେବେ ମହିଳା ରୋଗୀଙ୍କୁ ପରୀକ୍ଷା କରିବାକୁ ପୁରୁଷ ଟେକ୍‌ନିସିଆନ ଭୟ କରୁଥିବା ଦେଖିବାକୁ ମିଳୁଛି। ମେଡିକାଲ ପରିସରରେ ଥିବା ପୋଲିସ କିମ୍ବା ରୋଗୀ ସମ୍ପର୍କୀୟଙ୍କ ଉପସ୍ଥିତିରେ ମହିଳାଙ୍କ ଇସିଜି ପରୀକ୍ଷା କରାଯାଉଛି। କର୍ମଚାରୀ ଅଭାବରୁ ବେଳେବେଳେ ରାତିରେ ସେବା ମିଳୁନାହିଁ। ମହିଳା କର୍ମଚାରୀ ନ ଥିବାରୁ ଏଭଳି ସମସ୍ୟା ହେଉଥିବା ଜଣାପଡିଛି। ଏଣୁ ମହିଳା କର୍ମଚାରୀ ନିଯୁକ୍ତି ଦେବା ପାଇଁ ଦାବି ହୋଇ ଆସୁଛି। ଇସିଜି ପରୀକ୍ଷା କେନ୍ଦ୍ରରେ ଦୁଇ ଜଣ ପୁରୁଷ ଟେକ୍‌ନିସିଆନ ଅଛନ୍ତି। ପୂର୍ବରୁ ଅଧିକ କର୍ମଚାରୀ ଥିବାବେଳେ ଏବେ ସଂଖ୍ୟା ହ୍ରାସ ପାଇଛି।


ସେହିପରି ବେଡରେ ବେଡ୍‌ଶିଟ୍ ପଡୁ ନାହିଁ। ପୂର୍ବରୁ ବେଡ୍‌ଶିଟ୍ ପଡୁଥିବାବେଳେ ଏବେ ପଡୁ ନ ଥିବା ଅଭିଯୋଗ ରହିଛି। ବେଡଶିଟ୍ ପକାଇବାକୁ ଦାବି ହୋଇ ଆସୁଛି। ଏନେଇ ନୟାଗଡର କମଳା ସାହୁ, ଭାପୁରର ମକରା ନାୟକ, ଖଣ୍ଡପଡାର ବିକ୍ରମ ବେହେରା, ରଣପୁରର ବିକାଶ ନାୟକ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ସେବା ସମସ୍ତେ କିପରି ପାଇବେ ତା'ର ବ୍ୟବସ୍ଥା କରାଇବା ଦରକାର। ରୋଗୀ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଯାଇ ଟଙ୍କା ଦେଇ ଠିକ୍ ସେବା ପାଉ ନାହାନ୍ତି। ହେଲେ ରୋଗୀଙ୍କ ଦୁଃଖ ଅନୁଭବୀ ହିଁ ଜାଣିପାରିବ। ଏହାର ସମୀକ୍ଷାକରି ଜିଲା ମୁଖ୍ୟ ଓ ଅନ୍ୟ ଚିକିତ୍ସାଳୟରେ କିପରି ରେଡିଓଲୋଜିଷ୍ଟ ପଦ ପୂରଣ କରାଯାଇ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯିବ ସେନେଇ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି। ନ ହେଲେ ଏ ଦିଗରେ ଆନ୍ଦୋଳନ କରାଯାଇ ପ୍ରଶାସନକୁ ରୋଗୀଙ୍କ ଦୁଃଖ ଜଣାଇବାକୁ ବ୍ୟବସ୍ଥା କରାଇବା ଦରକାର ବୋଲି କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ ଦାସ କୁହନ୍ତି, ଅଲଟ୍ରାସାଉଣ୍ଡ ସେବା କେବଳ ଗର୍ଭବତୀଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ରେଡିଓଲୋଜିଷ୍ଟ ପଦବୀ ନ ଥିବାବେଳେ ଏନେଇ ସରକାରଙ୍କୁ ଅବଗତ କରାଯାଇ ରେଡିଓଲୋଜିଷ୍ଟ ଯୋଗାଇଦେବାକୁ ଅବଗତ କରାଯାଇଛି। ଅନ୍ୟପକ୍ଷେ ଇସିଜି କେନ୍ଦ୍ରରେ ବେଡରେ ବେଡ୍‌ଶିଟ୍ ପକାଇବାର ବ୍ୟବସ୍ଥା କରାଯିବ। ଇସିଜି କେନ୍ଦ୍ର କର୍ମଚାରୀ ବଢ଼ାଇବା ପାଇଁ ଜିଲାପାଳଙ୍କ ସହ ଆଲୋଚନା ହୋଇ ସାରିଛି। ଜିଲାପାଳଙ୍କ ସ୍ୱୀକୃତି ମିଳିବା ପରେ ପଦକ୍ଷେପ ନିଆଯିବ। ନିଯୁକ୍ତି ସମୟରେ ମହିଳାଙ୍କୁ ନିଯୁକ୍ତି ଦିଆଯିବାକୁ ପଦକ୍ଷେପ ନିଆଯିବ। କାରଣ ମହିଳା ରୋଗୀଙ୍କ ଅସୁବିଧାକୁ ଏଡାଇବାକୁ ପଦକ୍ଷେପ ନିଆଯାଉଛି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱକଳ୍ପିତା



@ ଅଙ୍କିତା



@ ବାପୁ



@ ଶୁଭକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂର୍ବତନ ବାଲି ଲିଜ୍‌ଧାରୀଙ୍କ ଘରେ ଇଡି ଚଢ଼ାଉ

ବାରିପଦା,୨୦।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବୈଶିଙ୍ଗା(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମେରଦା ପଞ୍ଚାୟତ ଡାହିସାହି ଗ୍ରାମର ପୂର୍ବତନ ବାଲି ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କ ଘରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଚଢ଼ାଉ କରାଯାଇଛି। ବେଆଇନ ବାଲି ଉତ୍ତୋଳନକୁ ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଜରିମାନା ଦାଖଲ ପାଇଁ ଆଦେଶ ଦେଇଥିଲେ। ତେବେ ଏହି ଜରିମାନା ଭରଣା କରିବା ପାଇଁ କୋର୍ଟଙ୍କ ଆଦେଶକୁ ଅବମାନନା କରିଥିବାରୁ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ୨୦ ଜଣିଆ ତଦନ୍ତକାରୀ ଟିମ୍ ବିନ୍ଧାଣୀଙ୍କ ସମ୍ପତ୍ତି ଆକଳନ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚୁରା ଜାରି ରଖିଛନ୍ତି। ତଦନ୍ତ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।

ସୂଚନାଯୋଗ୍ୟ, ବଡ଼ସାହି ତହସିଲ ଅଧୀନରେ ଥିବା ଆରପଙ୍ଗା ଓ ଡିଙ୍ଗିରା ବାଲି ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଏନ୍‌ଜିଟି ଇଷ୍ଟର୍ନ ବେଞ୍ଚ କୋଲକାତା ପକ୍ଷରୁ ୨୦୨୨ ସେପ୍ଟେମ୍ବର ୧ରେ ମାମଲାର ଶୁଣାଣି ହୋଇ ରାୟ ପ୍ରକାଶ ପାଇଥିଲା। ଲିଜ୍‌ଧାରୀ ବିନ୍ଧାଣୀଙ୍କୁ ୩୦ କୋଟି ୫୦ଲକ୍ଷ ୪୪ ହଜାର ୨୭୨ଟଙ୍କା କ୍ଷତିଭରଣା ପାଇଁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ଆଦେଶ ଦେଇଥିଲେ। ଆରପଙ୍ଗା ସଇରାତରୁ ବହୁଗୁଣା ବାଲି ଉତ୍ତୋଳନ କରାଯାଇ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୪କୋଟି ୭୧ଲକ୍ଷ ୩୮ହଜାର ୮୬୮ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କା ଏବଂ ରାଜସ୍ୱହାନି ବାବଦରେ ୧କୋଟି ୯୧ଲକ୍ଷ ୯୦ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୬କୋଟି ୮୪ଲକ୍ଷ ୨୮ହଜାର ୮୬୮ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖଥିଲା। ସେହିପରି ଡିଙ୍ଗିରା ସଇରାତ ବାବଦରେ ୧୧କୋଟି ୮୯ଲକ୍ଷ ୭୭ହଜାର ୪୦୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଏବଂ ରାଜସ୍ୱହାନି ବାବଦରେ ୧୧କୋଟି ୫୫ଲକ୍ଷ ୩୮ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୨୩କୋଟି ୬୬ଲକ୍ଷ ୧୫ହଜାର ୪୦୪ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଥିଲା। ଆରପଙ୍ଗା ଓ ଡିଙ୍ଗିରା ସଇରାତରୁ ମୋଟ ୩୦କୋଟି ୫୦ଲକ୍ଷ ୪୪ହଜାର ୨୭୨ଟଙ୍କା ପୈଠ କରିବାକୁ ଲିଜ୍‌ଧାରୀ ବିନ୍ଧାଣୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ବିନ୍ଧାଣୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାତ୍ର ଲିଜ୍‌ଧାରୀ ଏହି ରାୟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା ପରେ ମଧ୍ୟ ଏନ୍‌ଜିଟି ରାୟ ବଳବତ୍ତର ରହିଥିଲା।

ବିନ୍ଧାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆକଳନ ସହିତ ଜମିପଟ୍ଟା, ବ୍ୟାଙ୍କ ପାସ୍‌ବହି, ସୁନାଗହଣା, ବୀମାରାଶି ଆଦି ଯାଞ୍ଚ କରାଯାଉଛି। ସେହିପରି ତାଙ୍କ ପରିଚାଳନାରେ ଥିବା ସନ୍ତରା ପଞ୍ଚାୟତ ନିମୁହାଁ ବୈଦ୍ୟପୁରସ୍ଥିତ ଏକ ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ର ଓ ତାର କାର୍ଯ୍ୟାଳୟରେ ମଧ୍ୟ ଖୋଳତାଡ଼ ଜାରି ରହିଥିବା ସୂଚନା ମିଳିଛି।



ପୂର୍ବତନ ବାଲି ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀ ଓ ତାଙ୍କ ବାସଭବନ।


# ଶଙ୍କରଙ୍କ ସମେତ ୩ ଜଣଙ୍କ ଜାମିନ ଖାରଜ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ଜିଲା ଜଜ୍ କୋର୍ଟରେ ସିବିଆଇ ଟିମ୍
- ଅଭିଯୁକ୍ତ ଓ ରେକର୍ଡ ସ୍ଥାନାନ୍ତର ନେଇ ଜେଏମ୍‌ଏଫ୍‌ସିରେ ପିଟିଶନ

ବ୍ରହ୍ମପୁର,୨୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ତଦନ୍ତ କରୁଛି ସିବିଆଇ। ଗଞ୍ଜାମ ଜିଲା ଜଜ୍ କୋର୍ଟରେ ସିବିଆଇର ୩ ଜଣିଆ ଟିମ୍ ପହଞ୍ଚିଛନ୍ତି। ଅନ୍ୟପଟେ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟିଙ୍କ ସମେତ ୩ ଜଣଙ୍କ ଜାମିନ୍ ଖାରଜ ହୋଇଛି। ଗୁରୁବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶଙ୍କର ଓ ସିଲିକନ ଟେକ୍ ଲାବ୍ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକ, ଶଙ୍କରଙ୍କ ସହଯୋଗୀ ଅରବିନ୍ଦ ଦାସ ଓ ଦଲାଲ ସାଗର ଗୌଡ଼ଙ୍କ ଜାମିନ ଆବେଦନର ଶୁଣାଣି ଥିଲା। ଅରବିନ୍ଦଙ୍କ ଜାମିନର ଶୁଣାଣି ପାଇଁ ତାଙ୍କ ଓକିଲ ଆଗ୍ରହ ପ୍ରକାଶ କରି ନ ଥିଲେ। ସିବିଆଇ ତରଫରୁ ନିୟୋଜିତ ପିପି ଅନ୍ୟ ୩ ଜଣଙ୍କ ଜାମିନର ଦୃଢ଼ ବିରୋଧ କରିଥିଲେ, ଯାହାଫଳରେ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଉକ୍ତ ୩ ଅଭିଯୁକ୍ତଙ୍କ ଜାମିନ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ସିବିଆଇର ଅତିରିକ୍ତ ଏସ୍‌ପି ତଥା ତଦନ୍ତକାରୀ ଅଧିକାରୀ, ପିପିଙ୍କ ସମେତ ୪ଜଣ କୋର୍ଟରେ ଉପସ୍ଥିତ ଥିଲେ। ପରେ ସିବିଆଇ ଟିମ୍ ଗଞ୍ଜାମ ଜିଲା ପବ୍ଲିକ ପ୍ରସିକ୍ୟୁଟର (ପିପି) ବିଶ୍ୱଜିତ ବରାଳ ଓ ଏପିପି ରଜତ କୁମାର ଦାଶଙ୍କ ସହ ଉକ୍ତ ମାମଲାର ମୂଳ କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମୀଣ)ଙ୍କ କୋର୍ଟକୁ ଯାଇଥିଲେ। ମାଜିଷ୍ଟ୍ରେଟ ଗିତିକା ଜେନା ଗୁରୁବାର ଛୁଟିରେ ଥିବା ବେଳେ ଦାୟିତ୍ୱରେ ଥିବା ଜେଏମ୍‌ଏଫ୍‌ସି ସୁସ୍ମିତା ସାମଲଙ୍କ କୋର୍ଟରେ ସେମାନେ ହାଜର ହୋଇଥିଲେ। ସିବିଆଇ ଟିମ୍ ଉକ୍ତ ମାମଲାର ସମସ୍ତ ରେକର୍ଡ ଓ ଅଭିଯୁକ୍ତଙ୍କୁ ସିବିଆଇ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଏକ ପିଟିଶନ ଦାଖଲ କରିଥିବା ଗଞ୍ଜାମ ଜିଲା ପିପି ବରାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ୧୧୪ ଚାକିରି ଆଶାୟୀ ତଥା ପରୀକ୍ଷାର୍ଥୀ ପୂର୍ବରୁ ଜାମିନରେ ମୁକୁଳି ସାରିଛନ୍ତି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଏବେ ମାଷ୍ଟରମାଇଣ୍ଡ ଶଙ୍କର, ସୁରେଶ, ଅରବିନ୍ଦଙ୍କ ସମେତ ମୋଟ ୧୨ଜଣ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି।


ଗଞ୍ଜାମ ଜିଲା ଜଜ୍ କୋର୍ଟରେ ସିବିଆଇ ଟିମ୍।

# ପୋଲିସ ଶାର୍ଟ ପିନ୍ଧା ଯୁବକ ଅଟକ

ବାଲେଶ୍ୱର, ୨୦।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଷ୍ଟେଶନ ଛକରେ ଜଣେ ଯୁବକ ପୋଲିସ ଖାକି ଶାର୍ଟ ପିନ୍ଧି ଗୁରୁବାର ସନ୍ଧ୍ୟାରେ ପଇଁତରା ମାରୁଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କ ଗତିବିଧିକୁ ସନ୍ଦେହ କରି ସହଦେବଖୁଣ୍ଟା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଯୁବକଙ୍କ ପରିଚୟ ଜଣାପଡିନାହିଁ। ଉକ୍ତ ଖାକି ଶାର୍ଟକୁ ସେ କେଉଁଠୁ ଆଣିଲେ ଏବଂ ଏହାକୁ ପିନ୍ଧି ସହରରେ ଏଣେତେଣେ ବୁଲିବାର ଉଦ୍ଦେଶ୍ୟ କ'ଣ ତାକୁ ନେଇ ସନ୍ଦେହ ଉପୁଜିଛି। ଅପରପକ୍ଷରେ ଯୁବକ ଜଣକ ମାନସିକ ବିକାରଗ୍ରସ୍ତ, ତଦନ୍ତ ଜାରି ରହିଥିବାର ଆଇଆଇସି ବିରଞ୍ଚି ସାହୁ ସୂଚନା ଦେଇଛନ୍ତି।


ଅଟକ ଯୁବକ

# ଜେଲ ଗଲେ ଅବକାରୀ ଅଧୀକ୍ଷକ, ଏଏସ୍‌ଆଇ

ଭୁବନେଶ୍ୱର,୨୦।୧୧(ସତ୍ୟଜିତ ରାଉତ)

ଲାଞ୍ଚ ମାମଲରେ ଭିଜିଲାନ୍ସ ଦ୍ୱାରା ଗିରଫ କେନ୍ଦୁଝରର ଜିଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ ଓ ଚମ୍ପୁଆ ଅବକାରୀ ଥାନାର ଓଆଇସି ଦାୟିତ୍ୱରେ ଥିବା ଏଏସ୍‌ଆଇ ବିଜୟ କୁମାର ମହନ୍ତ ଜେଲ ଯାଇଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ଗୁରୁବାର ଉଭୟଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଚମ୍ପୁଆ ବ୍ଲକ ସରେଇ ଗ୍ରାମର ବିଧୁଭୂଷଣ ପତି ନାମକ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତା(ଭେଣ୍ଡର)। ତାଙ୍କର ଚମ୍ପୁଆରେ ଏକ ମଦ ଦୋକାନ ରହିଛି। ମଦ ବ୍ୟବସାୟ ସୁରୁଖୁରୁରେ ଚଳାଇଦେବାକୁ କହି ସୀତାରାଣୀ ବିଧୁଭୂଷଣଙ୍କଠାରୁ ନିୟମିତ ଲାଞ୍ଚ ମାଗିବାରୁ ମଙ୍ଗଳବାର ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା।

## ନାବାଳିକାଙ୍କୁ ଯୌନ ନିର୍ଯାତନା: ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

ଜୟପାଟଣା,୨୦।୧୧(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ନାବାଳିକା ଅପହରଣ ଓ ଯୌନ ନିର୍ଯାତନା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍ସୋ କୋର୍ଟରେ ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାରେ ଜୟପାଟଣା ଥାନା ମୁଖୀଗୁଡା ସେକ୍ଟର ୩ର ରଞ୍ଜନ ଦଳେଇ(୨୭) ଓରଫ ବାବନଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨ ଏପ୍ରିଲ ୨୦୨୩ରେ ପୀଡିତାଙ୍କ ମା' ଜୟପାଟଣା ଥାନାରେ ତାଙ୍କ ନାବାଳିକା ଝିଅଙ୍କୁ ଅଭିଯୁକ୍ତ ରଞ୍ଜନ ଅପହରଣ କରି ଯୌନ ନିର୍ଯାତନା ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

# ଅପହରଣ, ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ପାରଳାଖେମୁଣ୍ଡି, ୨୦।୧୧(ଗିରିଧାରୀ ପରିଚ୍ଛା)

ଏକ ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ପାରଳାଖେମୁଣ୍ଡି ଅତିରିକ୍ତ ଜିଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ରେ ଅଭିଯୁକ୍ତ ଯୁବରାଜ କିଶୋର ପାଣି ଓରଫ ଅମିତ ପାଣିଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ସ୍ଥଳେ ଆହୁରି ୬ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ୯।୧।୨୦୨୪ରେ ଆର. ଉଦୟଗିରି ଥାନା ଅନ୍ତର୍ଗତ ଏନ. ଖାଲର ସିଂ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଥିଲା। ଏହି ବିଦ୍ୟାଳୟରେ ପଢୁଥିବା ଝିଅ ଉତ୍ସବ ସରିବା ପରେ ନିଜ ଘରକୁ ଫେରି ନ ଥିଲେ। ଝିଅକୁ ଅନେକ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ବାପା ୧୦।୧।୨୪ରେ ଆର. ଉଦୟଗିରି ଥାନାରେ ଏତଲା ଦେଇଥିଲେ। ଏସ୍‌ଆଇ ସ୍ୱପ୍ନାରାଣୀ ବେହେରା ନଂ. ୪/୨୪ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ଝିଅଙ୍କ ବାପା କୌଣସି ସୂତ୍ରରୁ ଖବର ପାଇଲେ, ଅଭିଯୁକ୍ତ ଯୁବରାଜ କିଶୋର ପାଣି ଓରଫ ଅମିତ ପାଣି ସେରଙ୍ଗ ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ତାଙ୍କ ଝିଅକୁ ଅପହରଣ କରିନେଇ ବନ୍ଦୀ କରି ରଖିଛନ୍ତି। ଏନେଇ ସେ ଆର. ଉଦୟଗିରି ଥାନାରେ ଜଣାଇଥିଲେ। ପରେ ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରି ଅଭିଯୁକ୍ତ କିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଅତିରିକ୍ତ ଜିଲା ସେସନ ଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ୨୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଗୁରୁବାର ମାମଲାର ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି। ବିଚାରପତି ନିଜ ରାୟରେ ସମସ୍ତ ଜରିମାନା ରାଶି ପୀଡ଼ିତାଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆର. ଜନାର୍ଦ୍ଦନ ରାଓ ଏହି ମାମଲା ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର କହିଛନ୍ତି।

## Business

# ଭାରତର ଇସ୍ପାତ କ୍ଷେତ୍ରରେ ପ୍ରଗତି ଲାଗି ଭୁବନେଶ୍ୱରରେ ଚିନ୍ତନ ଶିବିର

- ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ
- ଏଆଇ, ମେଶିନ ଲର୍ନିଂ, ଡିଜିଟାଲକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)

ଭାରତର ଇସ୍ପାତ କ୍ଷେତ୍ରର ଭବିଷ୍ୟତ ପ୍ରଗତି ନିମନ୍ତେ ଗଭୀର ବିଚାରବିମର୍ଶ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଦୁଇ ଦିନିଆ ଚିନ୍ତନ ଶିବିର ଆରମ୍ଭ ହୋଇଛି। ଗୁରୁବାର କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ. ଡି. କୁମାର ସ୍ୱାମୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କୁମାରସ୍ୱାମୀ ତାଙ୍କର ଅଭିଭାଷଣରେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତର ଘରୋଇ ଇସ୍ପାତଶିଳ୍ପ ଦ୍ରୁତ ଏବଂ ବିକାଶ ମାର୍ଗରେ ଅଗ୍ରସର ହେଉଛି। ସେ ରାଷ୍ଟ୍ର ନିର୍ମାଣରେ ଇସ୍ପାତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅବତାରଣା କରିଥିଲେ । ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ବୃଦ୍ଧି କରିବା ଏବଂ ପରିଚାଳନାଗତ ଉତ୍କର୍ଷତା ହାସଲ ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ ଏବଂ ଡିଜିଟାଲକରଣ ଭଳି ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଗବେଷଣା ଏବଂ ବିକାଶରେ ନିରନ୍ତର ନିବେଶର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିତ୍ତିଭୂମି ବିକାଶକୁ ଆଗେଇ ନେବାରେ ଇସ୍ପାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଚିନ୍ତନ ଶିବିରରେ ଆଲୋଚିତ ସମସ୍ତ ବିଷୟବସ୍ତୁ ଶିଳ୍ପ ପ୍ରଗତି ଏବଂ ଜାତୀୟ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ, ଓଡ଼ିଶା ପାଖରେ ଏକ ଖଣିଜ ସମୃଦ୍ଧ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ହେବାର ଅନନ୍ୟ ସୁବିଧା ରହିଛି, ଯାହା ରାଜ୍ୟକୁ ଇସ୍ପାତ ସମେତ ବିଭିନ୍ନ ଶିଳ୍ପ ସ୍ଥାପନ ଏବଂ ବିକାଶ ପାଇଁ ଅନୁକୂଳ କରିଥାଏ। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ସଚିବ ସନ୍ଦୀପ ପୌଣ୍ଡ୍ରିକ ଏହି କ୍ଷେତ୍ରର ବିକାଶ, ଆହ୍ୱାନ ଏବଂ ଭବିଷ୍ୟତ ଉପରେ ବିଚାରବିମର୍ଶ କରିବା ପାଇଁ ଏହି ଚିନ୍ତନ ଶିବିର ଭଳି ମଞ୍ଚର ଆୟୋଜନ କରାଯାଉଥିବା କହିଥିଲେ। ସେ କହିଥିଲେ, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବାରେ ସାହାଯ୍ୟ କରିବ। ଅନ୍ୟପଟେ ଭିତ୍ତିଭୂମି ଖର୍ଚ୍ଚ କାରଣରୁ ଭାରତର ଇସ୍ପାତ ଉପଯୋଗରେ ଅଭୂତପୂର୍ବ ବୃଦ୍ଧି ଉପରେ ସେ ଆଲୋକପାତ କରିଥିଲେ। ସେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଉଦ୍ଦେଶ୍ୟରେ, ଏକ ଆଭ୍ୟନ୍ତରୀଣ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ଏବଂ ଶ୍ରେଷ୍ଠମାନଙ୍କୁ ସେମାନଙ୍କର ଅଭିନବ ଚିନ୍ତାଧାରା ଉପସ୍ଥାପନ କରିବାର ସୁଯୋଗ ଦିଆଯାଇଥିଲା।



## ରେପକୋର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୦।୧୧

ରେପକୋ ହୋମ ଫାଇନାନ୍ସ ଲିମିଟେଡର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଭାରତୀୟ ଆକାଉଣ୍ଟିଂ ମାନକ ଅନୁଯାୟୀ ପ୍ରସ୍ତୁତ ତଥା ସେପ୍ଟେମ୍ବର ୩୦ରେ ସମାପ୍ତ ତ୍ରୈମାସିକ ଆର୍ଥିକ ଫଳାଫଳକୁ ଅନୁମୋଦନ କରାଯାଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ଲୋନ ବୁକ ୧୫,୦୩୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷର ୧୩,୯୬୪ କୋଟି ଟଙ୍କା ତୁଳନାରେ ୭.୭% ବୃଦ୍ଧି ଦର୍ଶାଉଛି। ୨୦୨୫ ଜୁନ ସୁଦ୍ଧା ଏୟୁଏମ ୧୪,୬୯୦ କୋଟି ଟଙ୍କା ଥିଲା। ସେପ୍ଟେମ୍ବର ୩୦ ସୁଦ୍ଧା ଅଣ-ବେତନଭୋଗୀ ବର୍ଗର ଲୋନ ବକେୟା ଲୋନ ବୁକର ୫୨.୬% ଏବଂ ବେତନଭୋଗୀ ବର୍ଗର ଲୋନ ୪୭.୪% ଅଟେ। ଗୃହ ଲୋନ ଲୋନର ୭୧.୪% ଏବଂ ହୋମ ଇକ୍ୟୁଇଟି ଉତ୍ପାଦଗୁଡ଼ିକ ୨୮.୬% ବକେୟା ଲୋନ ବୁକରେ ସ୍ଥାନ ପାଇଛି। ସେପ୍ଟେମ୍ବର ଶେଷରେ ଗ୍ରସ ନନ-ପରଫର୍ମିଂ ଆସେଟ ୪୭୫ କୋଟି ଟଙ୍କା ରହିଥିବାବେଳେ ଲୋନ ଆସେଟର ଏନଏନପିଏ ୨୨୫ କୋଟି ଟଙ୍କା ରହିଛି।

# କପିଳା ପଶୁ ଆହାରର 'କପିଳା ଗୋ ଆମ୍ବୁଲାନ୍ସ' ସେବା



ଭୁବନେଶ୍ୱର,୨୦।୧୧

କପିଳା ପଶୁ ଆହାର ଏହାର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ 'କପିଳା ଗୋ ଆମ୍ବୁଲାନ୍ସ' ସେବାର ଶୁଭାରମ୍ଭ କରିଛି। ଏମ୍‌ଏସ୍‌ଏମ୍‌ଇ, ଖଦି, ଗ୍ରାମୋଦ୍ୟୋଗ, ରେଶମ ଉତ୍ପାଦନ ଏବଂ ବସ୍ତ୍ର ମନ୍ତ୍ରଣାଳୟ ମନ୍ତ୍ରୀ ରାକେଶ ସଚାନ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ଶିବହରେ ଏବଂ ନିର୍ଦ୍ଦେଶକ ବିଶାଳ ଏବଂ ତରୁ ଶିବହରେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଗୋସମ୍ପତ୍ତିକୁ ପ୍ରାଥମିକ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଏହି ସେବା ଆରମ୍ଭ କରାଯାଇଛି। ହିନ୍ଦ୍‌ରାଇଜ ଫାଉଣ୍ଡେଶନ ସହାୟତାରେ ଏହି ସେବା କାର୍ଯ୍ୟ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ଉତ୍ତରପ୍ରଦେଶର ବାରାବାଙ୍କି, ସୀତାପୁର ଓ ହାର୍ଦ୍ଦୋଇ ସହ ବିହାରର ସୀତାମଢ଼ୀ, ଶିବହର ଓ ମୁଜାଫରପୁରେ ଏହି ଆମ୍ବୁଲାନ୍ସ ଯାତାୟାତ କରିବ । ପ୍ରତ୍ୟେକ ଆମ୍ବୁଲାନ୍ସରେ ଡାକ୍ତର ରହିବେ।

# ଫ୍ରିଡମ୍ ସନ୍‌ଫ୍ଲାୱର୍ ଅଏଲର 'କୋଟିଂ ଦି କୋଟ' ଅଭିଯାନ




ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)

ଖାଦ୍ୟ ତେଲ ବ୍ରାଣ୍ଡ ଫ୍ରିଡମ ସନଫ୍ଲାୱର୍ ଅଏଲ ନୂଆ 'କୋଟିଂ ଦି କୋଟ' ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ ଡିଆର୍‌ଏସ୍ (ଡିସିଜନ ରିଭ୍ୟୁ ସିଷ୍ଟମ) ବନାମ ପିଆର୍‌ଏସ୍ (ପ୍ୟାକ ରିଭ୍ୟୁ ସିଷ୍ଟମ) ଧାରଣା ବ୍ୟବହାର କରି ଉପଭୋକ୍ତାମାନଙ୍କୁ କିଣିବା ସମୟରେ ପାଉଚରେ ଥିବା ତେଲର ପରିମାଣ ଯାଞ୍ଚ କରିବାକୁ ସଚେତନ କରାଯାଉଛି। ଅଭିଯାନରେ ରାହୁଲ ଦ୍ରାବିଡ ଅଭିନୟ କରିଛନ୍ତି ଏବଂ ପ୍ୟାକରେ ଉଲ୍ଲେଖିତ ପରିମାଣ ଯାଞ୍ଚ ଉପରେ ଗୁରୁତ୍ୱାରୋପ କରାଯାଇଛି। କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରତ୍ୟେକ ୧ ଲିଟର୍ ସନଫ୍ଲାୱର୍ ଅଏଲ ପାଉଚରେ ୯୧୦ ଗ୍ରାମ ତେଲ ଥିବା ଆବଶ୍ୟକ। ମାତ୍ର କିଛି ବ୍ରାଣ୍ଡ ୧ ଲିଟର୍ ଦେଖାଯାଉଥିବା ପ୍ୟାକରେ ଏହାଠାରୁ କମ ପରିମାଣର ତେଲ ବିକ୍ରି କରୁଛନ୍ତି। ନେଟ ଓଜନ ୯୧୦ ଗ୍ରାମ ତେଲ ହେବା ଉଚିତ ଏବଂ ଗ୍ରସ ଓଜନ, ପ୍ୟାକ ସମେତ, ପାଉଚ ଫିଲ୍ମର ଆକାର ଏବଂ ଗେଜ ଉପରେ ନିର୍ଭର କରି ପ୍ରାୟ ୯୧୮ ଗ୍ରାମ ହେବା ଉଚିତ। ଜେମିନି ଏଡିବଲ୍ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡର ସିନିୟର୍ ଭାଇସ ପ୍ରେସିଡେଣ୍ଟ ଅଫ ସେଲ୍ସ ଆଣ୍ଡ ମାର୍କେଟିଂ ପି. ଚନ୍ଦ୍ର ଶେଖର ରେଡ୍ଡୀ କହିଛନ୍ତି, ଉପଭୋକ୍ତାମାନଙ୍କୁ କୌଣସି ବ୍ରାଣ୍ଡ କିଣିବା ପୂର୍ବରୁ ପାଉଚ୍‌ରେ ଥିବା ଖାଦ୍ୟ ତେଲର ପରିମାଣ ଯାଞ୍ଚ କରିବା ଜରୁରୀ। ଜେମିନି ଏଡିବଲ୍ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍‌ର ହେଡ୍ ମାର୍କେଟିଂ ଚେତନ ପିମ୍ପଲଖୁଟେ କହିଛନ୍ତି, ଫ୍ରିଡମ ତେଲ ଖାଦ୍ୟରେ କମ ହେବା ଉଚିତ, ପ୍ୟାକ୍‌ରେ କେବେ ନୁହେଁ।

# ରାଜସ୍ଥାନରେ ଜିଏସ୍‌ଆଇ ପକ୍ଷରୁ ଅନ୍ତର୍ଜାତୀୟ ସେମିନାର୍

ଭୁବନେଶ୍ୱର,୨୦।୧୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ଭେ ଅଫ ଇଣ୍ଡିଆ (ଜିଏସ୍‌ଆଇ) ନିଜର ୧୭୫ ବର୍ଷର ରାଷ୍ଟ୍ରୀୟ ସେବା ପୂର୍ତ୍ତି ଉପଲକ୍ଷେ ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ରାଜସ୍ଥାନ ଜୟପୁରର ଅନ୍ତର୍ଜାତୀୟ କେନ୍ଦ୍ର (ଆର୍‌ଆଇସି)ରେ ଏକ ଅନ୍ତର୍ଜାତୀୟ ସେମିନାରର ଆୟୋଜନ କରିଛି। 'ଅତୀତକୁ ଉନ୍ମୋଚନ କରିବା, ଭବିଷ୍ୟତକୁ ଗଠନ କରିବା: ଜିଏସ୍‌ଆଇର ୧୭୫ ବର୍ଷ' ଶୀର୍ଷକ ଏହି ସେମିନାର୍‌କୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହାସହିତ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ସଚିବ ପୀୟୂଷ ଗୋୟଲ ଏବଂ ରାଜସ୍ଥାନ ସରକାରର ଖଣି ଓ ପେଟ୍ରୋଲିୟମ ବିଭାଗର ପ୍ରଧାନ ସଚିବ ଟି. ରବିକାନ୍ତ ଉପସ୍ଥିତ ଥିଲେ। ଜିଏସ୍‌ଆଇର ଡାଇରେକ୍ଟର ଜେନେରାଲ ତଥା ପାଟ୍ରନ ଅସିତ୍ ସାହା ଏବଂ ଅତିରିକ୍ତ ଡାଇରେକ୍ଟର ଜେନେରାଲ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ତଥା ସେମିନାରର ଅଧ୍ୟକ୍ଷ ବିଜୟ ଭି. ମୁଗଲ ଏହି ସେମିନାରର ନେତୃତ୍ୱ ନେଇଥିବାବେଳେ ବରିଷ୍ଠ ଅଧିକାରୀ, ପ୍ରତିଷ୍ଠିତ ଭୂତତ୍ତ୍ୱବିତ୍ ଏବଂ ଭାରତ ତଥା ବିଦେଶରୁ ଆସିଥିବା ପ୍ରତିନିଧିମାନେ ଯୋଗଦେଇଛନ୍ତି। ସୂଚନାଥାଉ କି, ୧୮୫୧ରେ ପ୍ରତିଷ୍ଠିତ ଜିଏସ୍‌ଆଇ ଭୂତତ୍ତ୍ୱୀୟ ମାନଚିତ୍ରଣ, ଖଣିଜ ଅନୁସନ୍ଧାନ, ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୀତିକ ଖଣିଜର ଚିହ୍ନଟ, ଭୂବିପତ୍ତି ଅଧ୍ୟୟନ ଏବଂ ରାଷ୍ଟ୍ରୀୟ ବିକାଶ ପାଇଁ ଭୂବିଜ୍ଞାନ ଅନୁସନ୍ଧାନରେ ମୂଳଭିତ୍ତିଭୂମିକ ଭୂମିକା ନିର୍ବାହ କରିଛି। ଦୁଇଦିନିଆ କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶରୁ ବିଶେଷଜ୍ଞମାନେ ଉଦ୍ଭାବକ ଚ୍ୟାଲେଞ୍ଜ, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ଭୂବିଜ୍ଞାନର ଭବିଷ୍ୟତ ଦିଗକୁ ଆଲୋଚନା କରିବାକୁ ଏକାଠି ହୋଇଛନ୍ତି। ୯ଟି ପ୍ଲେନାରୀ ବକ୍ତବ୍ୟ, ୧୯ଟି ବିଶେଷ ବକ୍ତବ୍ୟ ଏବଂ ୧୧ଟି ବିଷୟଭିତ୍ତିକ କ୍ଷେତ୍ରରେ ୩୦୦ରୁ ଅଧିକ ବୈଜ୍ଞାନିକ ଏବଂ ପୋଷ୍ଟର୍ ପ୍ରେଜେଣ୍ଟେସନ ରହିଛି। ଏହି ଅବସରରେ ଏକ ପ୍ରଦର୍ଶନୀରେ ପ୍ରମୁଖ ସଂସ୍ଥାନ ଏବଂ ଉଦ୍ୟୋଗମାନଙ୍କ ଦ୍ୱାରା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜିଓସ୍ପେସିଆଲ ଟୁଲ୍ସ ଏବଂ ନୂତନ ସମାଧାନଗୁଡ଼ିକର ପ୍ରଦର୍ଶନ ହେବ। ଏହି କାର୍ଯ୍ୟକ୍ରମରେ ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ସହିତ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।


ଜି. କିଶନ ରେଡ୍ଡୀ

# ରିଲାଏନ୍ସ ଜୁଏଲସ୍‌ର 'ବିବାହମ୍' କଲେକ୍ସନ

ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)

ବିବାହ ଋତୁରେ ରିଲାଏନ୍ସ ଜୁଏଲସ୍ ପକ୍ଷରୁ ସ୍ୱତନ୍ତ୍ର ଗହଣା କଲେକ୍ସନ 'ବିବାହମ' ଉନ୍ମୋଚନ କରାଯାଇଛି। କନ୍ୟାବର୍ଗରେ ସୁନା ଓ ରୁପାର ସ୍ୱତନ୍ତ୍ର ଗହଣା ଉପଲବ୍ଧ ହେଉଥିବାବେଳ ପ୍ରତି କ୍ରୟ ଉପରେ ଅଫର୍ ଗହଣା ଘୋଷଣା କରାଯାଇଛି। ୧୦୦ ପ୍ରତିଶତ ସୁନା ଏକ୍ସଚେଞ୍ଜ ଅଫର୍ ମଧ୍ୟ ରହିଛି। ଗ୍ରାହକଙ୍କ ରୁଚି ଓ ବର୍ତ୍ତମାନର ଟ୍ରେଣ୍ଡକୁ ନଜରରେ ରଖି ପ୍ରତିଟି ଗହଣା ଗଢ଼ା ଯାଇଛି। ସାରା ଦେଶରେ ରିଲାଏନ୍ସ ଜୁଏଲ ୧୪୫ଟି ଷ୍ଟୋରରେ ଏହି ଗହଣା ସମ୍ଭାର ବେଶ୍ ଲୋକାଦୃତ ହେବ ବୋଲି କମ୍ପାନୀ ଆଶା ରଖିଛି। ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ନାଟକ ଦିଲ୍ଲୀ, ପଞ୍ଜାବ, ଓ ଗୁଜରାଟ ଭଳି ରାଜ୍ୟର ସଂସ୍କୃତିକୁ ପରମ୍ପରାରୁ ଅନୁପ୍ରାଣିତ ଗହଣା ଗୁଡ଼ିକରେ ସ୍ୱତନ୍ତ୍ର କାହାଣୀ ଲୁଚି ରହିଛି। କନ୍ୟାମାନଙ୍କ ପାଇଁ ଚୋକରସ୍, ଲମ୍ବା ହାର, ଅଣ୍ଟା ବେଲ୍ଟ, ମଥାମଣି, କାନଫୁଲ, ଚୁଡ଼ି, ମୁଦି ଆଖିଦୃଶିଆ ହୋଇଛି। ସୁନାଗହଣାର ଗଢ଼ା ମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ଏବଂ ହୀରା ମୂଲ୍ୟର ୩୦% ପର୍ଯ୍ୟନ୍ତ ରିହାତି ରହିଥିବା କମ୍ପାନୀ କହିଛି।



# Classified Everyday

**0674-2580101, 9692975378**



## REAL ESTATE SALE

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ– **9438362273.** D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ– 9776974912. D-10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି– 8327785834. D-06

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 km from Bhubaneswar, COST 55 LAKHS, in place of 65 lakhs. Pl contact me immediately who can purchase within 15 days. 7809525452. D-215





Full body massage by odia therapist in homely atmosphere. 9078618337. D-2596

All type of physiotherapy, contact Number- 9556924059 / 765696134, Jharapada. D-1603

The massage felt totally professional, & comfortable at all times- 7978109255. D-216

## AFFIDAVIT

I, Barshrani Rout, D/o.- Pratap Rout, Resident of Vill.- Kunjar, P.O.- Sripurushottampur, P.S.- Delang, Dist.- Puri, PIN- 752016, Odisha, India declare by this affidavit No. 2087, dated- 19.11.2025 that now onwards I shall be known as Pragati Rout for all future purposes. D-1619

I, Satyabrata Mohanty, residence of Kortal P.S./Dist.- Jagatsinghpur-754109, declare through affidavit No.- 1825, Dtd.- 17.11.2025 that my father's name was wrongly mentioned in my matriculation certificate as "Subasha Chandra Mohanty." The correct name is "Subash Chandra Mohanty". D-2623

By virtue of an Affidavit sworn before the Executive Magistrate, Kanika, Dist.- Kendrapara, Dtd.- 25.10.2025 declared that, I Balaram Biswal, S/o.- Jayant Kumar Biswal, At/P.O.- Deulasahi, P.S.- Rajkanika, Dist.- Kendrapara that my name is wrongly mentioned in my Aadhaar Card as Balabhadra Biswal. Now onwards I shall be known as BALARAM BISWAL for all purposes. D-2621

By virtue of an affidavit sworn before the Executive Magistrate-cum-Tahasildar, Harabhanga, No.- 254, date- 19.11.2025, I, Susama Naik, W/o.- Rakesh Naik, R/o.- Village-Padamal, P.O.- Sankuloi, P.S.- Harabhanga, Dist.- Boudh declare that I have changed my name from Susama Bhokta to Susama Naik. Henceforth, I shall be known as Susama Naik for all purposes.
Susama Naik
D-2622

By virtue of an affidavit sworn before the Court of the Executive Magistrate, Bhubaneswar, Dated- 13.05.2025, I, Shaikh Hakim Uddin, S/o.- Shaikh Sidiris, permanent Resident of At- Andilo, P.O/P.S.- Balianta, Dist.- Khordha, Odisha, PIN- 752101 declare that I have corrected my name from Sekh Hakimauddin to Shaikh Hakim Uddin. Henceforth, I shall be known as Shaikh Hakim Uddin for all purposes.
Shaikh Hakim Uddin
D-2624

By virtue of an affidavi sworn before the Court of the Executive Magistrate, Bhubaneswar, Dated- 21.08.2025, I, BIREN SAYA, S/o.- KUNA SAYA. At- Tuyugutu Basti, Mancheswar, Bhubaneswar, Dist.- Khordha, Odisha, PIN- 751007 declare that I have corrected my name from BIREN SOY to BIREN SAYA. Henceforth, I shall be known as BIREN SAYA for all purposes.
Biren Saya
D-2625

I, Smt. Kalpana Mishra D/o.- Late Radha Krishna Satapathy, Resident of Ward No.- 1, At/P.O.- Patnagarth, Kolpada, P.S.- Patnagarth, Dist.- Bolangir, PIN- 767025, Odisha declare by this affidavit No.- 592, Dtd.- 19.11.2025 that now onwards I shall be known as Kalpana Satapathy for all future purposes.
D-2626

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executed before advocate Ajay Kumar Pradhan Notary Govt.of India regd.No.- 10072. I SMRUTISMARANIKA PRADHAN D/o.- Dhadu Pradhan, At- Goudiaghai, P.O.- Ghanapana, P.S,- Puri sadar, declare that I have changed my name from SARMILA PRADHAN to SMRUTISMARANIKA PRADHAN. Henceforth, I will be known as SMRUTISMARANIKA PRADHAN for all future purpose.
SMRUTISMARANIKA PRADHAN
D-2627

By virtue of an affidavit sworn before the Executive Magistrate, Boudh, No.- 1569, Dated- 18.11.2025, I Arati Singh, W/o.- Bikram Mahakud, R/o. Village- Malatigochhapada, P.O.- Sagada, P.S.- Manamunda Dist.- Boudh (Odisha), PIN- 762016, declare that I have changed my name from Jayanti Mahakud to Arati Singh. Henceforth, I shall be known as Arati Singh for all purposes.
Arati Singh
D-2628

## LOST

Before the Notary Public, Barbil, Dist.-Keonjhar It is hereby notified that Mrs. Anita Jha, aged about 63 years, W/o.- Ramesh Chandra Jha, resident of Village-Barbil, Po/Ps-Barbil, Dist-Keonjhar, Odisha-758035, has lost her original registered Sale Deed bearing No. 11031400226 dated 21.06.2014, executed at the Office of the Sub-Registrar, Barbil, relating to land measuring Ac.0.040 decs. out of Ac.0.550 decs. in Plot No. 316/1398, Khata No. 37/121, Mouza-Matkambeda, Unit-11. The said land has already been mutated in her name and ROR issued vide Khata No. 37/187, Plot No. 316/1488. The original Sale Deed was lost on 08.11.2025 while travelling from her residence to Barbil market. Despite best efforts, the document could not be traced. The deponent declares that the document has not been seized by any authority nor misused anywhere. She intends to create a mortgage by deposit of title deed as guarantee for M/s. Raghunath Industries, Proprietor – Yogesh Kumar Jha for a credit facility from SBI, SME Branch, Barbil (SBIN0063836). Any person having objection or claim regarding the said property/document may notify the undersigned immediately.
Sd./- Anita Jha
Deponent
D-2629

## LEGAL NOTICE

ମାନ୍ୟବର ଆଡିସନାଲ କମିଶନର
ଶ୍ରୀମତୀ କନକ ଚମ୍ପା ମେହେର, ଓ.ଏ.ଏସ୍ (ଏସ୍.ଏ.ଜି.)
ଆଡିସନାଲ ରିଭିଜନ୍ କୋର୍ଟ ନଂ.୧ଙ୍କ ଅଦାଲତ, ଭୁବନେଶ୍ୱର
୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର,
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.– ୧୬୩/୨୦୨୩
ଶ୍ରୀମତୀ ବାସନ୍ତୀ ମିଶ୍ର, ସ୍ୱାମୀ– ଶ୍ରୀକାନ୍ତ ମିଶ୍ର, ସା– ଜାଗପିରା ରୋଡ୍, ପୋ/ଥା– ଦଶପଲ୍ଲା, ଜିଲ୍ଲା–ନୟାଗଡ଼, ହା:ସା: କ୍ୱାର୍ଟର ନଂ. ଏଲ୍–୨୦୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନି, ଥାନା–ଖଣ୍ଡଗିରି, ଭୁବନେଶର, ଜିଲ୍ଲା– ଖୋର୍ଦ୍ଧା
... ବାଦୀ
ବନାମ
ପିତେଇ ସାହୁ ଓ ଅନ୍ୟମାନେ
.... ପ୍ରତିବାଦୀମାନେ

ପ୍ରାପ୍ତେଷୁ,

ପ୍ରତିବାଦୀ: ୧– ପିତେଇ ସାହୁ, ସ୍ୱାମୀ: ✓ଦୁଃଖିଶ୍ୟାମ ସାହୁ, ୨– ଜଗବନ୍ଧୁ ସାହୁ, ପିତା: ✓ଦୁଃଖିଶ୍ୟାମ ସାହୁ ଉଭୟଙ୍କ ଠିକଣା: ସା–ଜୟପୁର, ପୋ– ବେଲଗଛିଆ, ଥାନା– ବାରଙ୍ଗ, ଜି–କଟକ, ୪– କେଳୁଚରଣ ସାହୁ, ପିତା: ✓ନିଧି ସାହୁ, ସା– ଜଗନ୍ନାଥ ପ୍ରସାଦ, ପୋ– ଅନ୍ଧାରୁଆ, ଥାନା– ଚନ୍ଦକା, ଜି– ଖୋର୍ଦ୍ଧା, ୫– ନବ କିଶୋର ସାହୁ, ପିତା: ✓ରାମଚନ୍ଦ୍ର ସାହୁ, ସା/ପୋ– ଅନ୍ଧାରୁଆ, ଥାନା– ଚନ୍ଦକା, ଜି– ଖୋର୍ଦ୍ଧା, ୬– ଦିବାକର ସାହୁ, ପିତା : ✓କୁଳମଣୀ ସାହୁ, ସା/ପୋ– ବେଲଗଛିଆ, ଥାନା– ବାରଙ୍ଗ, ଜି– କଟକ, ୮– ଗଜେନ୍ଦ୍ର ବେହେରା, ପିତା: ✓ରବୀନ୍ଦ୍ର ନାଥ ବେହେରା, ସା/ପୋ– ବାଲିକୁଦା, ଥାନା– କଟକ ସଦର, ଜି– କଟକ, ୯– ବାମଦେବ ସାହୁ, ପିତା: ✓ମହନୀ ସାହୁ, ସା– ଦାରୁଠେଙ୍ଗ, ପୋ– ଅନ୍ଧାରୁଆ, ଥାନା– ଚନ୍ଦକା, ଜି– ଖୋର୍ଦ୍ଧା, ୧୩– ହାଡ଼ିବନ୍ଧୁ ସାହୁ, ପିତା– ସାନନ୍ଦ ସାହୁ, ସା/ପୋ– କାଚରାମାଳ, ଥାନା– କଟକ ସଦର, ଜି– କଟକ

ନୋଟିସ
(ନୋଟିସ ସିପିସି ଅର୍ଡର ନଂ.୫, ରୁଲ୍– ୨୦ ମୁତାବକ)

ବାଦୀଙ୍କ ଦ୍ୱାରା ଓଡ଼ିଶା ଭୂ–ବନ୍ଦୋବସ୍ତ ଆଇନ– ୧୯୫୮ ଧାରା– ୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ ରିଭିଜନ୍ କୋର୍ଟ ନଂ.୧, ଭୁବନେଶ୍ୱରଙ୍କ ଇଜିଲାସରେ ବାଦିନୀ ଶ୍ରୀମତୀ ବାସନ୍ତୀ ମିଶ୍ର, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର କରିଛନ୍ତି। ବାଦିନୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନେ ନଂ.୧ମ୍ବର, ନଂ.୨ମ୍ବର, ନଂ.୪ମ୍ବର, ନଂ.୫ମ୍ବର, ନଂ.୬ମ୍ବର, ନଂ.୮ମ୍ବର, ନଂ.୯ମ୍ବର ଓ ନଂ.୧୩ମ୍ବରଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଲା।

ତେଣୁ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୧ମ୍ବର, ନଂ.୨ମ୍ବର, ନଂ.୪ମ୍ବର, ନଂ.୫ମ୍ବର, ନଂ.୬ମ୍ବର, ନଂ.୮ମ୍ବର, ନଂ.୯ମ୍ବର ଓ ନଂ.୧୩ମ୍ବରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ୍ କୋର୍ଟ ନଂ.୧, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୨।୧୨।୨୦୨୫ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି । ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମି ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶର, ଥାନା– ଚନ୍ଦକା, ମୌଜା– ଅନ୍ଧାରୁଆ, ସାବକ ଖାତା ନଂ.– ୨୫୧, ସାବକ ପ୍ଲଟ୍ ନଂ.– ୧୯୯, ଏରିଆ– ଏ.୧.୫୮୦ଡି. ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ: ଏ୦.୦୫୫ଡି. ସବ୍ ପ୍ଲଟ୍ ନଂ.– ୫୭ ଏହାର ହାଲ୍ ଖାତା ନଂ.– ୭୯୭, ହାଲ୍ ପ୍ଲଟ୍ ନଂ.– ୬୩୪, ଏରିଆ: ଏ୦.୦୫୫ଡି., ସ୍ଥିତିବାନ୍, କିସମ– ପତିତ।

ଏଣୁ ଉପରୋକ୍ତ ମାମଲାଗୁଡ଼ିକରେ ପ୍ରତିବାଦୀ ନଂ.୧ମ୍ବର, ନଂ.୨ମ୍ବର, ନଂ.୪ମ୍ବର, ନଂ.୫ମ୍ବର, ନଂ.୬ମ୍ବର, ନଂ.୮ମ୍ବର ନଂ.୯ମ୍ବର ଓ ନଂ.୧୩ମ୍ବର କିମ୍ବା ମୃତ ହୋଇଥିଲେ ସେମାନଙ୍କ ୱାରସମାନେ ନିଜେ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ବିଚାର କରାଯିବ ।

ତାରିଖ: ୨୯।୧୦।୨୦୨୫
ଭୁବନେଶ୍ୱର
ସ୍ୱା/– ଆଡିସନାଲ ରିଭିଜନ୍ କୋର୍ଟ ନଂ.୧, ଭୁବନେଶରଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ–୨୬୩୦

Letter No.- 2011, Dtd.- 11.11.2025

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, (ଭାପ୍ରସେ)
ଆଡିସନାଲ ରିଭିଜନ କୋର୍ଟ ନଂ.– ୪ ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.–୨୨/୨୦୨୦
ଶ୍ରୀମତୀ ସୁମିତ୍ରା ନାୟକ
....ବାଦୀ/ ଦରଖାସ୍ତକାରୀ
ବନାମ
ଆଶାମଣି ସାମନ୍ତସିଂହାର ଓ ଅନ୍ୟମାନେ
...ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ

୧. ବାଳାମଣି ମଙ୍ଗରାଜ, ସ୍ୱାମୀ– ✓ଲକ୍ଷ୍ମଣ ମଙ୍ଗରାଜ, ଗ୍ରାମ– ଆଙ୍କୋଇ, ପୋ– ଆଙ୍କୋଇ, ଥାନା– ଡେଲାଙ୍ଗ, ଜିଲ୍ଲା– ପୁରୀ..ପ୍ରତିବାଦୀ ନଂ.– ୨, ୨. ସାବନ ପ୍ରଧାନ, ସ୍ୱାମୀ– ବ୍ରହ୍ମଚାରୀ ପ୍ରଧାନ, ଗ୍ରାମ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ... ପ୍ରତିବାଦୀ ନଂ.– ୩, ୩. ଭାଗୀରଥି ସୁବୁଦ୍ଧି ଆଲିୟାସ୍ ସାହୁ, ପିତା– ✓ବିଶ୍ୱନାଥ ସାହୁ, ଗ୍ରାମ– ଭାତକୁରୀ, ପୋ.– ଗଙ୍ଗପଡ଼ା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା– ଖୋର୍ଦ୍ଧା ...ପ୍ରତିବାଦୀ ନଂ.–୫, ୪. ମମତା ସୁବୁଦ୍ଧି, ପିତା– ✓ବଂଶୀଧର ସୁବୁଦ୍ଧି, ଗ୍ରାମ– ଭାତକୁରୀ, ପୋ.– ଗଙ୍ଗପଡ଼ା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା– ଖୋର୍ଦ୍ଧା ...ପ୍ରତିବାଦୀ ନଂ.– ୯, ୫. ଶର୍ମିଷ୍ଠା ସୁବୁଦ୍ଧି, ପିତା– ✓ବଂଶୀଧର ସୁବୁଦ୍ଧି, ଗ୍ରାମ– ଭାତକୁରୀ, ପୋ.– ଗଙ୍ଗପଡ଼ା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା– ଖୋର୍ଦ୍ଧା ...ପ୍ରତିବାଦୀ ନଂ.– ୧୦

ନୋଟିସ

ସିପିସି ଅର୍ଡର ୫, ରୁଲ୍– ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ– ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିଶନାଲ କମିଶନର, ଆଡିଶନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ସୁମିତ୍ରା ନାୟକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୨, ୩, ୫, ୯ ଏବଂ ୧୦ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ ପ୍ରତିବାଦୀ ନଂ ୨, ୩, ୫ ମୃତ ଥିବା ହେତୁ ପ୍ରତିବାଦୀ ନଂ.୯ ଓ ୧୦ଙ୍କ ଠିକଣା ନମିଳିବାରୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ– ୨, ୩, ୫, ୯ ଏବଂ ୧୦ ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ୍ କୋର୍ଟ ନଂ.୪– ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୫।୦୧।୨୦୨୬ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା.

ତଫସିଲ ବୃତ୍ତି

ଜିଲ୍ଲା ଖୋର୍ଦ୍ଧା, ସବ୍ ରେଜିଷ୍ଟ୍ରାର ଅଫିସ– ଜଟଣୀ, ଥାନା– ଇନ୍‌ଫୋଭ୍ୟାଲି, ମୌଜା–ଭାତକୁରୀ, ସାବିକ୍ ଖାତା ନଂ.୯୫, ସାବିକ୍ ପ୍ଲଟ୍ ନଂ.୩୨୯, କିସମ– ବିଆଳି ଏରିଆ ଏ୦.୦୩୬ ଡିସିମିଲ, ଏରିଆ ଏ୦.୦୮୯ ଡିସିମିଲ ସମ୍ବନ୍ଧରୁ ଏବଂ ପୁନଃ ଏରିଆ ଏ୦.୧୯୦ ଡିସିମିଲ ସମ୍ବନ୍ଧୀୟ, ଚୌହଦୀ– ପୂର୍ବେ ୨୦ ଫୁଟ୍ ରୋଡ୍, ପଶ୍ଚିମେ – ଚକ୍ରଧର ନିଶାଙ୍କ, ଉତ୍ତରେ– ବାକି ପ୍ଲଟ୍, ଦକ୍ଷିଣେ ସନ୍ତୋଷୀ ରାଣା, ଏହାର ହାଲ୍ ଖାତା ନଂ. ୪୨, ହାଲ୍ ପ୍ଲଟ୍ ନଂ.୪୮୬, ଏରିଆ ଏ୦. ୧୯୦ ଡିସିମିଲ।

ଏଣୁ ଉପଭୋକ୍ତ ମାମଲାର ପ୍ରତିବାଦୀ ନଂ.୯ ଏବଂ ୧୦ କିମ୍ବା ମୃତ ହୋଇଥିଲେ ତାଙ୍କର ଔରସମାନେ ଏବଂ ପ୍ରତିବାଦୀ ନଂ. ୨, ୩, ୫ ମୃତ ହେତୁ ତାଙ୍କ ଔରସ ମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା/– ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
କୋର୍ଟ ଅଫିସର
ଧ–୨୬୩୧

IN THE COURT OF C.J.J.D, CHANDBALI
C.S. NO-125/2016
ମଧୁସୂଦନ ମହାଳିକ .........ବାଦୀ
ବନାମ
ବାବୁ ଦାସ ଓଗେର .........ବିବାଦୀ
ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର–୫, ରୁଲ୍–୨୦ ମୁତାବକ ବିଜ୍ଞାପନ

ବିବାଦୀ ନଂ.୪– ବିଦ୍ୟାଧର ଦାସ, ବିବାଦୀ ନଂ.୫– ଶୁକଦେବ ଦାସ, ପି– ✓କୁଶ ଦାସ, ସା–ବାଲିଘାଇ, ପୋ– ପଞ୍ଚୁଟିକ୍ରି, ଥାନା– ବାଂଶଡ଼ା, ଜିଲ୍ଲା– ଭଦ୍ରକ।

ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ? ଆପଣମାନେ ଅତ୍ର ମୋକଦ୍ଦମା C.S. No.–125/2016 ନମ୍ବରରେ ବିବାଦୀ ଅଟନ୍ତି। ଅତ୍ର ମୋକଦ୍ଦମାରେ ବାଦୀ ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞାନ ପ୍ରାର୍ଥନା କରି ଅତ୍ର ମୋକଦ୍ଦମା ଆଗତ କରିଛନ୍ତି । ବାରମ୍ବାର ନୋଟିସ ସତ୍ତ୍ୱେ ଆପଣମାନେ ଜାଣିଶୁଣି ନୋଟିସ ଗ୍ରହଣ କରୁନଥିବାରୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି କି ? ଆପଣମାନେ ମୋକଦ୍ଦମାର ଧାର୍ଯ୍ୟ ତା.09.01.2026ରିଖ ଦିବା 10.30 AM ଘଟିକା ସମୟରେ କୋର୍ଟରେ ଉପସ୍ଥିତ ରହି ଆପଣଙ୍କ ପକ୍ଷ ରଖିବେ ନଚେତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତଫସିଲ ବୃତ୍ତି
ଜିଲ୍ଲା–ବାଲେଶ୍ୱର, ହାଲ୍– ଭଦ୍ରକ, ତହସିଲ – ଚାନ୍ଦବାଲି

ମୌଜା– କୁଆମରା, ସାବକ ଖାତା– ୭୦, ପ୍ଲଟ୍–୨, ଏ୦.୧୨ଡି, ପ୍ଲଟ୍ ନଂ.– ୩ ଏ୦.୦୮ଡି । ପ୍ଲଟ ନଂ–୧୪/୧୯୯, ଏ୦.୧୫ଡି ସାବକ ଖାତା ନଂ–୬୫, ଖସଡ଼ା– ୧୩/୧୮୯ ଏ୦.୪୪ଡି. ଖସଡ଼ା– ୮୩, ଏ୦.୦୧ଡି, ଖସଡା–୪ ଏ୦୧.୫୪ଡି ।

ଅଦ୍ୟ ତା 13.11.2025 ରିଖ ଅଦାଲତଙ୍କ ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା ।

ସିଭିଲଜଜ୍ ଜୁନିୟର ଡିଭିଜନ
ଚାନ୍ଦବାଲି
ଧ–୨୬୨୦

## ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



✓ ଲକ୍ଷ୍ମୀ ପୃଷ୍ଟି
ସା – ✓ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ତା ୨୪.୦୯.୧୯୪୦
ତିରୋଧାନ : ତା ୦୮.୧୧.୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ ପରିବାର

କନ୍ୟା–ମମତା, ଜ୍ୱାଇଁ–ରାମେଶ୍ୱର, ପୁତ୍ର–ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ–କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକା, ନାତି–ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା, ନାତୁଣୀ ଜ୍ୱାଇଁ– ସ୍ୱାଧୀନ, ନାତୁଣୀ–ମାମା, ସୋମା, ଶୁଭ, ଡିପି, ଲିପି, ଲିଙ୍କି, ପିଙ୍କି, ରଣପୁର ଓ ଗନ୍ଦପୁର କୋଣାର୍କ କୁଏଲାରୀ ପରିବାର ସମେତ ବନ୍ଧୁ ତଥା, ଆତ୍ମୀୟ ସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ୧୨ତମ ଜନ୍ମଦିନ ଶୁଭେଚ୍ଛା



ଆଜି ଶ୍ରୀ ଶିବାଶିଷ ମିଶ୍ର (ଗୁଡୁନ୍)ର ଶୁଭ ଜନ୍ମଦିନ ଉପଲକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତାକୁ ଦୀର୍ଘାୟୁ କରନ୍ତୁ ଓ ତା'ର ଚଲାପଥ କୁସୁମିତ ହେଉ।
–:ଶୁଭେଚ୍ଛା ସହ:–
ମାମା: (ଅର୍ଚ୍ଚିତା ମିଶ୍ର), ମାଉସୀ ଓ ମଉସା ମାଦେ, ଅଜା ଓ ଆଈ ତଥା ମିଶ୍ର ପରିବାର ।
ସାରଦାଶ୍ରୀ, ୯୦୪–ଶାସ୍ତ୍ରୀନଗର, ଭୁବନେଶ୍ୱର, 9861375760
ଧ–୨୦୧୮

## ଅଲ୍ ଓଡ଼ିଶା ସ୍ନୁକର

# ବିଶେଷ ସିଙ୍ଘଲଙ୍କୁ ହ୍ୟାଟ୍ରିକ ଟାଇଟଲ





**ଭୁବନେଶ୍ୱର, ୨୦।୧୧ (ତପନ ସ୍ୱାଇଁ):** ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ଜୁନିୟର ବିଭାଗରେ ଚାମ୍ପିୟନ ହୋଇଛନ୍ତି ବିଶେଷ ସିଙ୍ଘଲ। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ସାଇ ସଂକଳ୍ପଙ୍କୁ ୨–୦ (୭୦–୧୭, ୭୭–୧୫) ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଏହାକୁ ମିଶାଇ ଜୁନିୟର ବର୍ଗରେ ବିଶେଷ ଟାଇଟଲ ଜିତିବାରେ ହ୍ୟାଟ୍ରିକ କରିଛନ୍ତି। ସିନିୟର ବର୍ଗରେ ଲିଗ୍ ପର୍ଯ୍ୟାୟ ଶେଷ ହେବାପରେ କ୍ୱାର୍ଟର ଫାଇନାଲିଷ୍ଟ ଖେଳାଳିଙ୍କ ନାମ ସ୍ପଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସୁବ୍ରତ ଦାସ, ରୁମିତ ଗୁପ୍ତା, ଅନୁଜ ପଣ୍ଡା, ସୁଦୀପ୍ତ ଦାଶ ଓ ଆଶୁତୋଷ ପାଢ଼ୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ଗତିକୃଷ୍ଣ ସ୍ମାରକୀ ଫୁଟବଲ ଲିଗ୍

# କିସ୍, ଚନ୍ଦ୍ରଶେଖରପୁର ଆଥ୍ଲେଟିକ୍ ବିଜୟୀ





ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଉଛନ୍ତି।

**ଭୁବନେଶ୍ୱର,୨୦।୧୧ (ଅନାଦି କର):** ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏଶନ (ବିଏଏ) ଆନୁକୂଲ୍ୟରେ ୟୁନିଟ୍–୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ କିସ୍ ଓ ଚନ୍ଦ୍ରଶେଖରପୁର ଆଥ୍ଲେଟିକ୍ ଆସୋସିଏଶନ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କିସ ୪–୧ ଗୋଲରେ ସିଲିକନ ୟୁନିଭରସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ କାଶୀନାଥ ସୋରେନ, ବିନୟ ମୁର୍ମୁ, ସାମନ୍ତ କୁମାର ହାଁସଦା ଓ ଶିବା ହେମ୍ବ୍ରମ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଜବାବରେ ସିଲିକନ ୟୁନିଭରସିଟି ପକ୍ଷରୁ ସଙ୍କେତ ମିଶ୍ର ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ କାଶୀନାଥଙ୍କୁ ଅତିଥି ଭାବେ ସିନିୟର ସଦସ୍ୟ ରାଜତ ବଲଭ ଦାଶ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଚନ୍ଦ୍ରଶେଖରପୁର ଆଥ୍ଲେଟିକ୍ ଆସୋସିଏଶନ ୩–୧ ଗୋଲରେ କଳିଙ୍ଗ ସ୍ପୋର୍ଟିଂ କ୍ଲବକୁ ହରାଇଛି। ବିଜୟୀ ଦଳ ପାଇଁ ଶ୍ରୀକାନ୍ତ କୁମାର ମାଝୀ, ପ୍ରୀତମଜିତ ନାୟକ ଓ ଇମ୍ରାନ ଖାନ ଗୋଲ କରିଥିବା ବେଳେ କଳିଙ୍ଗ ପାଇଁ ଆଶିଷ ନାୟକ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ବିଜୟୀ ଦଳର ଗୋଲକିପର ଆଦିତ୍ୟ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ଅତିଥି ରଜତ ବଲ୍ଲଭ ଦାଶ ପୁରସ୍କୃତ କରିଥିଲେ।

# ବଲ୍‌ବୀର ସିଂ ସିନିୟର



ଭାରତୀ ଭୂଷଣ ମିଶ୍ର

**ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେପକାଇବା ଅବସରରେ ହକି ଜଗତର ଉଜ୍ଜ୍ୱଳ ତାରକା ଭାଗ ୧ରେ ହକି ଯାଦୁକର ମେଜର ଧ୍ୟାନଚାନ୍ଦ, ୨ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲର, ୩ରେ ରିଚାର୍ଡ ଜେମ୍‌ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ ଏବଂ ୪ରେ କୁଅଁର ଦିଗ୍‌ବିଜୟ ସିଂହ 'ବାବୁ'ଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହି କ୍ରମରେ ଏଥର ପଞ୍ଚମ ଭାଗରେ 'ବଲ୍‌ବୀର ସିଂ' ସିନିୟର..**


(ଭାଗ-୫)

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରାକ୍ ସ୍ୱାଧୀନତା ସମୟରେ ଯେଭଳି ମେଜର ଧ୍ୟାନଚାନ୍ଦ ଥିଲେ ହକିର ଯାଦୁକର, ସେହିଭଳି ସ୍ୱାଧୀନତା ପ୍ରାପ୍ତି ପରେ ପରେ ଭାରତୀୟ ହକିର ଉଜ୍ଜ୍ୱଳ ତାରକା ଥିଲେ ବଲବୀର ସିଂ 'ସିନିୟର'। ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍‌ରେ ଧ୍ୟାନଚାନ୍ଦ ଯେଭଳି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନକରି ଭାରତକୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଠିକ୍ ସେହିଭଳି ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮, ୧୯୫୨ ଓ ୧୯୫୬ରେ ଅନୁଷ୍ଠିତ ଅଲିମ୍ପିକ୍ସରେ ବଲବୀର ସିଂ ନିଜର କ୍ରୀଡ଼ାନୈପୁଣ୍ୟ ଦେଖାଇ ହକିରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ଅର୍ଜନ ପାଇଁ ମହତ୍ତ୍ୱର ଯୋଗଦାନ ଦେଇଥିଲେ। ତାଙ୍କୁ ଅନେକ ସମୀକ୍ଷକ ଜଣେ ସର୍ବକାଳୀନ ଶ୍ରେଷ୍ଠ ହକି ଖେଳାଳି ଭାବେ ପରିଗଣିତ କରିଥାନ୍ତି।

ବଲବୀର ସିଂଙ୍କର ପୂରା ନାମ ବଲବୀର ସିଂହ ଦୋସାଞ୍ଜ୍। ବ୍ରିଟିଶ ଶାସନାଧୀନ ଭାରତରେ ପଞ୍ଜାବର ହରିପୁର ମାଲ୍‌ସାଠାରେ ୧୯୨୩ ଡିସେମ୍ବର ୩୧ରେ ତାଙ୍କର ଜନ୍ମ। କେହି କେହି ତାଙ୍କ ଜନ୍ମ ତାରିଖ ୧୯ ଅକ୍ଟୋବର ୧୯୨୩ ବା ୧୦ ଅକ୍ଟୋବର ୧୯୨୪ ବୋଲି ମତବ୍ୟକ୍ତ କରନ୍ତି। କିନ୍ତୁ ଏହି କିମ୍ବଦନ୍ତୀ ତାରକା ମାର୍ଚ୍ଚ ୨୦୧୮ରେ ପ୍ରସିଦ୍ଧ କ୍ରୀଡ଼ା ସମୀକ୍ଷକ ଓ ଲେଖକ ଡେଭିଡ୍ ୱାଲେଚିନ୍‌ସ୍କିଙ୍କ ସହ ଏକ ସାକ୍ଷାତ୍‌କାରରେ ଡିସେମ୍ବର ୩୧, ୧୯୨୩କୁ ତାଙ୍କର ଜନ୍ମ ଦିବସ ବୋଲି ପ୍ରକାଶ କରିଥିଲେ। ଏକ ଜାଠ୍ ଶିଖ ପରିବାରରେ ଜନ୍ମିତ ବଲବୀରଙ୍କ ବାପାଙ୍କ ନାମ ହେଉଛି ଦଲିପ ସିଂ ଦୋସାଞ୍ଜ ଓ ମାତାଙ୍କ ନାମ କରମ କୌର। ତାଙ୍କ ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ବହୁବାର ଜେଲ ଯାଇଥିଲେ। ତେଣୁ ମାଆ କରମ୍ କୌରଙ୍କ ସୁଦକ୍ଷ ତତ୍ତ୍ୱାବଧାନରେ ତାଙ୍କର ବାଲ୍ୟଜୀବନ ଅତିବାହିତ ହୋଇଥିଲା। ତାଙ୍କୁ ଯେତେବେଳେ ୧୨ବର୍ଷ ବୟସ ହୋଇଥିଲା ସେତେବେଳେ ସେ ୧୯୩୬ରେ ବର୍ଲିନ୍ ଅଲିମ୍ପିକ୍ କ୍ରୀଡ଼ାର ହକିରେ ଭାରତର ଉଚ୍ଚକୋଟିର ପ୍ରଦର୍ଶନ ସମ୍ବନ୍ଧରେ ପ୍ରସାରିତ ଗୋଟିଏ ବୃତ୍ତଚିତ୍ର ଦେଖିବାକୁ ପାଇଲେ। ତାଙ୍କୁ ଭାରତର ସ୍ୱର୍ଣ୍ଣପଦକ ହାସଲର ସ୍ୱର୍ଣ୍ଣିମ ମୁହୂର୍ତ୍ତ ଏତେ ପ୍ରଭାବିତ କଲା ଯେ ସେ ହକି ଖେଳରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଦୃଢ଼ ନିଶ୍ଚିତ ହୋଇଗଲେ। ପରବର୍ତ୍ତୀ ସମୟରେ ସେ ମୋଗାର ଡିଏମ୍ କଲେଜ ଓ ଲାହୋରର ଶିଖ୍ ନ୍ୟାଶନାଲ କଲେଜରେ ଶିକ୍ଷାଲାଭ କରିଥିଲେ। ପଢ଼ିବା ସମୟରେ ସେ ହକି ଖେଳ ଜାରି ରଖିଥିଲେ। ପରେ ସେ ପଞ୍ଜାବ ଅମୃତସରର ଖାଲ୍‌ସା କଲେଜରେ ଅଧ୍ୟୟନ କଲେ। ତାଙ୍କ ଜୀବନର ପଟ୍ଟ ପରିବର୍ତ୍ତନ ହେଲା ଯେତେବେଳେ ସେଇ ଖାଲ୍‌ସା କଲେଜର ହକି କୋଚ୍‌ଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା। ବଲ୍‌ବୀରଙ୍କଠାରେ କୋଚ୍ ଉଜ୍ଜ୍ୱଳ ସମ୍ଭାବନା ଦେଖିବାକୁ ପାଇଲେ ଓ କଲେଜର ହକି ଟିମ୍‌ରେ ତାଙ୍କୁ ସାମିଲକଲେ। ଏହା ପରେ ଅତି ଶୀଘ୍ର ସେ ପଞ୍ଜାବ ରାଜ୍ୟ ହକି ଦଳର ସଦସ୍ୟ ହୋଇଗଲେ ଓ ୧୯୪୬ ଓ ୧୯୪୭ରେ ପଞ୍ଜାବକୁ ୨ଥର ଜାତୀୟ ହକି ଚାମ୍ପିୟନ କରିବାରେ ସହାୟକ ହୋଇଥିଲେ। ଅମୃତସରରେ ତତ୍କାଳୀନ ପ୍ରସିଦ୍ଧ ପ୍ରଶିକ୍ଷକ ହରବେଲ୍ ସିଂହଙ୍କର ଦୃଷ୍ଟି ତାଙ୍କ ଉପରେ ପଡ଼ିଲା, ଯଦ୍ଦ୍ୱାରାକି ଭାରତୀୟ ହକିରେ ବଲବୀରଙ୍କ ଯାତ୍ରା ଆରମ୍ଭ ହେଲା। ପ୍ରକାଶଯୋଗ୍ୟ, ହରବେଲ ୧୯୫୨ ଓ ୧୯୫୬ ଅଲିମ୍ପିକ୍ ପାଇଁ ଭାରତୀୟ ହକି ଦଳର ପ୍ରଶିକ୍ଷକ ଥିଲେ। ବଲବୀର ପ୍ରଥମେ ଗୋଲକିପର ଭାବେ ଖେଳ ଆରମ୍ଭକରି ପରେ ରକ୍ଷଣଭାଗ ଓ ଶେଷରେ ଫରୱାର୍ଡ ପୋଜିଶନରେ ଖେଳିଲେ। କୁହାଯାଏ, ବଲବୀର ୧୯୪୭ରେ ଭାରତ ବିଭାଜନ ବେଳେ ପଞ୍ଜାବ ବିଭାଜନର କରୁଣ ଦୃଶ୍ୟକୁ ଅଙ୍ଗେ ନିଭେଇଛନ୍ତି। ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ତାଙ୍କୁ ବ୍ୟଥିତ କରିଛି। ତାଙ୍କର ଅନେକ ସାଥୀ ଖେଳାଳି ପାକିସ୍ତାନରେ ରହିଗଲେ ଓ ପାକିସ୍ତାନ ନାଗରିକ ବନିଗଲେ।

## ହକି ଜଗତର ଉଜ୍ଜ୍ୱଳ ତାରକା

ଜାତୀୟ ହକି ଦଳରେ ସ୍ଥାନ ପାଇବା ସେତେବେଳେ ଅତ୍ୟନ୍ତ କଠିନ ଥିଲା। ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮ରେ ଲଣ୍ଡନରେ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ହେଲା। ଭାରତୀୟ ପ୍ରଶିକ୍ଷଣ ଶିବିର ପାଇଁ ମନୋନୀତ ପ୍ରଥମ ୩୯ ଜଣ ଖେଳାଳିଙ୍କ ମଧ୍ୟରେ ତାଙ୍କ ନାମ ନ ଥିଲା। କିନ୍ତୁ ତାଙ୍କର ସୌଭାଗ୍ୟ ଯେ ୧୯୩୨ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଡିକି କାର୍‌ଙ୍କ ଅଦମ୍ୟ ପ୍ରଚେଷ୍ଟା ଯୋଗୁ ସେ ଶିବିର ପାଇଁ ମନୋନୀତ ହେଲେ। ପ୍ରଶିକ୍ଷଣ ଶିବିରରେ ତାଙ୍କର କ୍ରୀଡ଼ାକୌଶଳ ମନୋନୟନ କମିଟିକୁ ସନ୍ତୁଷ୍ଟକଲା ଓ ସେ ଭାରତୀୟ ଦଳରେ ସ୍ଥାନ ପାଇଁ ଲଣ୍ଡନ ଯାତ୍ରା କଲେ। ସେଠାରେ ଅଷ୍ଟ୍ରିଆ ବିପକ୍ଷ ପ୍ରଥମ ମ୍ୟାଚରେ ସେ ୧୧ ଜଣିଆ ଖେଳାଳି ତାଲିକାରୁ ବାଦ୍ ପଡ଼ିଲେ। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ରେଜିନାଲ୍‌ଡ (ରୋନି) ରେଡ୍ରିଗ୍ସଙ୍କ ଆହତ ହେବା କାରଣରୁ ବଲବୀର ଆର୍ଜେଣ୍ଟିନା ବିପକ୍ଷରେ ଖେଳିବାର ସୁଯୋଗ ପାଇଲେ। ସେ ଏହି ମ୍ୟାଚ୍‌ରେ ୬ଟି ଗୋଲ ଦେଇଥିଲେ ତାଙ୍କର ଅଲିମ୍ପିକ୍ ପଦାର୍ପଣ ପ୍ରଥମ ମ୍ୟାଚ୍‌ରେ। ଏହା ସତ୍ତ୍ୱେ ସେ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ସ୍ପେନ୍ ବିପକ୍ଷରେ ଓ ହଲାଣ୍ଡ ବିପକ୍ଷ ସେମିଫାଇନାଲରେ ଖେଳିବାର ସୁଯୋଗ ପାଇଲେ ନାହିଁ। ସେମିଫାଇନାଲରେ ଭାରତ ୨-୧ ଗୋଲରେ ବିଜୟ ଲାଭକରି ଇଂଲଣ୍ଡ ବିରୋଧରେ ଫାଇନାଲ ଖେଳିଲା। ୧୯୪୮ ଅଗଷ୍ଟ ୧୨ରେ ଐତିହାସିକ ୱେମ୍ବ୍ଲେ ଷ୍ଟାଡିୟମରେ ଫାଇନାଲ ଅନୁଷ୍ଠିତ ହେଲା ଓ ବଲବୀର ଖେଳିବାର ସୁଯୋଗ ପାଇଲେ। ସୁଯୋଗର ସଦ୍‌ବ୍ୟବହାରକରି ସେ ପ୍ରଥମ ଦୁଇଟି ଯାକ୍ ଗୋଲ ଦେଇ ଭାରତ ବିଜୟ ପାଇଁ ଦୃଢ଼ ମୂଳଦୁଆ ପକାଇଲେ।



୩ ଅଲିମ୍ପିକ୍ସ ପଦକ ସହ ବଲବୀର ସିଂ

ଶେଷରେ ଭାରତ ଇଂଲଣ୍ଡକୁ ୪-୦ ଗୋଲରେ ପରାସ୍ତକରି ସ୍ୱାଧୀନତା ପରେ ହକିରେ ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କଲା। ଏଥିରେ ଭାରତ ମୋଟ ୨୫ଟି ଗୋଲ୍ ଦେଇଥିବାବେଳେ ବଲ୍‌ବୀର ୮ ଗୋଲ୍ ଦେଇ ପ୍ରତିପାଦିତ କରିଥିଲେ ଯେ ସେ ହେଉଛନ୍ତି ସ୍ୱାଧୀନ ଭାରତର ଜଣେ ସମ୍ଭାବନାମୟ ଖେଳାଳି। ଏଠାରେ ଗୋଟିଏ କଥା ସୂଚେଇଦେବା ଉଚିତ ମନେହେବ ଯେ ଏହି ଅଲିମ୍ପିକ ପୂର୍ବରୁ ଭାରତ ବିଭାଜିତ ହୋଇଥିଲା ଓ ନବଗଠିତ ପାକିସ୍ତାନ ହକି ଖେଳରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିଲା। ଅବିଭକ୍ତ ପଞ୍ଜାବର ନିଆଜଖାନ୍, ଶାହରୁଖ ମହମ୍ମଦ, ଅଜିଜ୍ ମଲ୍ଲିକ ଓ ଅଲ୍ଲିସାହ ଦାରା ପ୍ରମୁଖ ଖେଳାଳି ପାକିସ୍ତାନ ପଟେ ରହିଗଲେ। ତେଣୁ ଭାରତର ବିଭିନ୍ନ ପ୍ରାନ୍ତରୁ ବଛାବଛା ଖେଳାଳିଙ୍କୁ ନେଇ ଭାରତୀୟ ଦଳ ମନୋନୀତ କରାଗଲା। ତତ୍କାଳୀନ ଭାରତୀୟ ହକି ମହାସଂଘର ମୁଖ୍ୟ ନଭଲ୍ ଟାଟାଙ୍କ ଉଦ୍ୟମରେ ବମ୍ବେଠାରେ ମନୋନୀତ ଭାରତୀୟ ଦଳର ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେଲା। ଲଣ୍ଡନରେ ଭାରତୀୟ ଦଳ ପହଞ୍ଚିବାରେ କାଳେ ଡେରି ହୋଇଯିବ ଏକଥା ଚିନ୍ତାକରି ନଭଲ ଟାଟା ଜଳ ଜାହାଜରେ ନ ଯାଇ ଉଡ଼ାଜାହାଜରେ ଭାରତୀୟ ଦଳକୁ ନେବାର ବନ୍ଦୋବସ୍ତ କଲେ ଓ ଅଧିକ ହୋଇଥିବା ଖର୍ଚ୍ଚ ସେ ନିଜେ ବହନକଲେ। କିଶନ୍ ଲାଲ୍ ଥିଲେ ଭାରତୀୟ ଦଳର ଅଧିନାୟକ। ୧୯୫୨ରେ ହେଲସିଙ୍କିଠାରେ ଅନୁଷ୍ଠିତ ହେଲା ଅଲିମ୍ପିକ୍ କ୍ରୀଡ଼ା। କୁଅଁର ଦିଗ୍ ବିଜୟ ସିଂ 'ବାବୁ'ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ବଲ୍‌ବୀର ସିଂ ଉପ-ଅଧିନାୟକ ମନୋନୀତ ହେଲେ।

ସେ ମଧ୍ୟ ଉଦ୍‌ଘାଟନୀ ଉତ୍ସବର ମାର୍ଚ୍ଚପାଷ୍ଟରେ ଭାରତୀୟ ଦଳରେ ଜାତୀୟ ପତାକାଧାରୀ ହୋଇଥିଲେ। ସେମିଫାଇନାଲରେ ଇଂଲଣ୍ଡ ବିରୋଧରେ ସେ ଏକାକୀ ୫ଟି ଗୋଲ୍ ସ୍କୋରକରି ଜଣେ ଦୁର୍ଦ୍ଧର୍ଷ ଫରୱାର୍ଡର ପରିଚୟ ଦେଇଥିଲେ। ହଲାଣ୍ଡ ଦଳର ପ୍ରଦର୍ଶନ ତାଙ୍କ ନୈପୁଣ୍ୟ ଆଗରେ ନିଷ୍ପ୍ରଭ ହୋଇଯାଇଥିଲା। ଶେଷରେ ଭାରତ ୬-୧ ଗୋଲ୍‌ରେ ବିଜୟ ଲାଭକରି କ୍ରମାଗତ ପଞ୍ଚମ ଓ ସ୍ୱାଧୀନତା ପରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭକଲା। ସବୁଠାରୁ ଉଲ୍ଲେଖଯୋଗ୍ୟ, କଥା ହେଲା ଯେ ଫାଇନାଲରେ ବଲ୍‌ବୀରଙ୍କ ଏହି ୫ଟି ଗୋଲ୍ ତାଙ୍କୁ ଏକ ନୂତନ ଅଲିମ୍ପିକ୍ ରେକର୍ଡର ଅଧିକାରୀ କରିଥିଲା, ଯାହାକି ଅଦ୍ୟାବଧି ଅତୁଟ ରହିଛି। ସେ ଏହାଦ୍ୱାରା ୪୪ବର୍ଷର ପୁରାତନ ରେକର୍ଡ ଭଙ୍ଗ କରିଥିଲେ। ଏହି ବିରଳ ସଫଳତା ପାଇଁ ସେ ମଧ୍ୟ ନିଜ ନିଜ ନାମକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିଛନ୍ତି। ବଲ୍‌ବୀରଙ୍କର ଏହି ରେକର୍ଡ ଦୀର୍ଘ ୭ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଅତୁଟ ରହିଛି। ଏହି ଅଲିମ୍ପିକ୍ ତାଙ୍କୁ ଭାରତୀୟ ହକିର ମେରୁଦଣ୍ଡ ଭାବେ ଅଭିହିତ କରିଥିଲା। 'ଦି ଗୋଲ୍‌ଡେନ୍ ହ୍ୟାଟ୍ରିକ୍' ନାମକ ତାଙ୍କର ଆତ୍ମଜୀବନରେ ସେ ଏହି ଅଲିମ୍ପିକ୍‌ରେ ତାଙ୍କର ଅନୁଭୂତିକୁ ନେଇ ସୁନ୍ଦର ବର୍ଣ୍ଣନା ରଖିଛନ୍ତି। ଏହାପରେ ସେ ଭାରତୀୟ ଦଳର ଅଧିନାୟକ ଭାବେ ମନୋନୀତ ହେଲେ ଓ ୧୯୫୪ରେ ସେ ଭାରତୀୟ ହକି ମହାସଂଘ ଏକାଦଶର ନେତୃତ୍ୱ ନେଇ ମାଲୟ (ମାଲେସିଆ) ଓ ସିଙ୍ଗାପୁର ଯାତ୍ରା କରିଥିଲେ। ଭାରତ ସମସ୍ତ ୧୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ବଲ୍‌ବୀର ଏହି ଗସ୍ତରେ ସର୍ବାଧିକ ୪୪ଟି ଗୋଲ୍ ଦେଇ ଖବରର ଶିରୋନାମା ମଣ୍ଡନ କରିଥିଲେ। ୧୯୪୮ ଓ ୧୯୫୨ ଅଲିମ୍ପିକ୍ ଏବଂ ୧୯୫୪ର ମାଲେସିଆ ଓ ସିଙ୍ଗାପୁର ଗସ୍ତରେ ତାଙ୍କର ସଫଳତାକୁ ଦୃଷ୍ଟିରେ ରଖି ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ ପାଇଁ ତାଙ୍କୁ ଭାରତୀୟ ଦଳର ଅଧିନାୟକ କରାଗଲା। ସେ ଭାରତୀୟ ପତାକା ଧାରଣକରି ଉଦ୍‌ଘାଟନ ଉତ୍ସବର ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କଲେ। ସେ ହେଉଛନ୍ତି ଏକମାତ୍ର ଖେଳାଳି ଯେ କି ୨ଥର ଅଲିମ୍ପିକ୍‌ରେ ଜାତୀୟ ପତାକା ସହ ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଛନ୍ତି। ୧୯୫୬ ଅଲିମ୍ପିକ୍‌ରେ ସେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ବିରୋଧରେ ୫ଟି ଗୋଲ ଦେଇଥିଲେ ମଧ୍ୟ ତା'ପରେ ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କ ଅନୁପସ୍ଥିତିରେ ରଣଧୀର ସିଂ ଜେଣ୍ଟଲ ଗ୍ରୁପ୍‌ରେ ଅବଶିଷ୍ଟ ମ୍ୟାଚ୍‌ରେ ଅଧିନାୟକ ଭାର ସମ୍ଭାଳିଥିଲେ। କିନ୍ତୁ ସାମାନ୍ୟ ସୁସ୍ଥ ହୋଇଯିବା ପରେ ବଲ୍‌ବୀର ପୁଣି ସେମିଫାଇନାଲ ଓ ଫାଇନାଲରେ ଅଧିନାୟକ ଭାବେ ଦଳର ନେତୃତ୍ୱ ଦେଇଥିଲେ। ଫାଇନାଲରେ ଭାରତ ୧-୦ ଗୋଲ୍‌ରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ କ୍ରମାଗତ ୬ଷ୍ଠ ସ୍ୱର୍ଣ୍ଣ ପଦକ ହାସଲ କଲା। ଏହା ଥିଲା ସ୍ୱାଧୀନ ଭାରତର ହକିରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ବିଜୟ। ବଲ୍‌ବୀର ଅଲିମ୍ପିକ ହକିରେ ୮ ମ୍ୟାଚ୍ ଖେଳି ୨୩ଟି ଗୋଲ ଦେଇଥିଲେ ଏବଂ ୬୧ଟି ଅନ୍ତର୍ଜାତିକ ମ୍ୟାଚ୍ ଖେଳି ମୋଟ ୨୪୬ଟି ଗୋଲ୍ ସ୍କୋର କରିଥିଲେ। ୧୯୬୧ରେ ସେ ପଞ୍ଜାବ କ୍ରୀଡ଼ା ବିଭାଗରେ ଉପ ନିର୍ଦ୍ଦେଶକ ଭାବେ ଯୋଗଦେଇ ୧୯୮୨ ଡିସେମ୍ବର ୩୧ରେ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କଲେ। ସକ୍ରିୟ ଖେଳାଳି ଜୀବନରୁ ଅବସର ନେଲା ପରେ ସେ ଜାତୀୟ ହକି ଦଳର ପ୍ରଶିକ୍ଷଣ ଦାୟିତ୍ୱ ନେଇଥିଲେ। ୧୯୭୧ ହକି ବିଶ୍ୱକପ୍‌ରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ଭାରତୀୟ ଦଳର ମ୍ୟାନେଜର ଥିଲେ ବଲ୍‌ବୀର। ପରେ ବଲ୍‌ବୀର ସିଂ ନାମରେ ଅନ୍ୟ ଜଣେ ହକି ଖେଳାଳି ଭାରତର ପ୍ରତିନିଧିତ୍ୱ କରିବା ଯୋଗୁ ସେ ବଲ୍‌ବୀର ସିଂ ସିନିୟର ନାମରେ ପରିଚିତ ହେଲେ। ତାଙ୍କର ରଚିତ ଦୁଇଟି ପୁସ୍ତକ ହେଲା ତାଙ୍କର ଆତ୍ମଜୀବନୀ "The Golden Hat Trick(1977) ଏବଂ The Golden Yardstick: In Quest of Hockey Excellence (2008).

## ଜାତୀୟ/ଅନ୍ତର୍ଜାତୀୟ ସମ୍ମାନ

- ବଲବୀର ସିଂ ସିନିୟର ହେଉଛନ୍ତି 'ପଦ୍ମଶ୍ରୀ' ପୁରସ୍କାର ଲାଭ କରିବାରେ ପ୍ରଥମ କ୍ରୀଡ଼ାବିତ୍। ୧୯୫୭ରେ ସେ ଏହା ଲାଭ କରିଥିଲେ।
- ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ସର ସ୍ମୃତିରେ ତାଙ୍କୁ ଓ ଗୁରୁଦେବ ସିଂଙ୍କୁ ନେଇ ୧୯୫୮ରେ ଡୋମିନିକାନ୍ ରିପବ୍ଲିକ ଗୋଟିଏ ଡାକ ଟିକଟ ପ୍ରକାଶିତ କରିଥିଲେ।
- 'ପ୍ୟାଟ୍ରିୟଟ୍' ଖବରକାଗଜ ଦ୍ୱାରା ୧୯୮୨ରେ ଜାତୀୟ ସ୍ତରରେ ସର୍ବେକ୍ଷଣ ପରେ ତାଙ୍କୁ ଶତାବ୍ଦୀର ଭାରତୀୟ କ୍ରୀଡ଼ା ବ୍ୟକ୍ତିତ୍ୱ ଭାବେ ମନୋନୀତ କରାଯାଇଥିଲା। ସେହିବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ କ୍ରୀଡ଼ା ମଶାଲରେ ଅଗ୍ନିସଂଯୋଗ କରିବାର ଗୌରବ ଲାଭ କରିଥିଲେ ସେ।
- ୨୦୧୨ ଲଣ୍ଡନ ଅଲିମ୍ପିକ୍ କ୍ରୀଡ଼ାରେ ଆୟୋଜିତ "The Olympic Journey: The story of the Games" ପ୍ରଦର୍ଶନୀରେ ବିଶ୍ୱର ୧୬ଜଣ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଜଣେ ଥିଲେ ବଲବୀର।
- ୨୦୧୫ରେ ତାଙ୍କୁ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।
- ୨୦୨୧ ମେ ୨୫ରେ ମୋହାଲି ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌କୁ ଅଲିମ୍ପିଆନ୍ ବଲ୍‌ବୀର ସିଂ ସିନିୟର ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଭାବେ ପୁନଃ ନାମିତ କରାଯାଇଥିଲା ତାଙ୍କ ମୃତ୍ୟୁର ପ୍ରଥମ ବାର୍ଷିକୀ ପାଳନ ଅବସରରେ।



୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ

# ପାରା ସୁଇମରଙ୍କ ଚମକ

**ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ୮ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୩ ବ୍ରୋଞ୍ଜ ସହ ମୋଟ ୩୯ ପଦକ ଜିତି ପାରା ସୁଇମରମାନେ ରାଜ୍ୟକୁ ଗର୍ବିତ କରିଛନ୍ତି...**

ହାଇଦ୍ରାବାଦରେ ନିକଟରେ ଅନୁଷ୍ଠିତ ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସୁଇମରମାନେ ଚମକପ୍ରଦ ପ୍ରଦର୍ଶନକରି ୩୯ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୮ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୩ ବ୍ରୋଞ୍ଜ ସାମିଲ। କୌଣସି ଜାତୀୟ ଇଭେଣ୍ଟରେ ଓଡ଼ିଶା ପାରା ଆଥ୍‌ଲେଟ୍‌ଙ୍କର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ପାରା ସୁଇମିଂରେ ଓଡ଼ିଶା ଗତବର୍ଷ ସର୍ବାଧିକ ୨୭ଟି ପଦକ ପାଇଥିଲା। ତେବେ ୨୦୨୩ରେ ଅନୁଷ୍ଠିତ ପାରା ଫେନ୍‌ସିଂରେ ୨୮ଟି ପଦକ ହାସଲ ଓଡ଼ିଶା ପାରା ସ୍ପୋର୍ଟ୍ସ ପାଇଁ ଏହାପୂର୍ବରୁ ସର୍ବଶ୍ରେଷ୍ଠ ହୋଇ ରହିଥିଲା। 'କ୍ଲାସିଫିକେଶନ ହର୍ଡଲ୍ସ ଯୋଗୁ ଓଡ଼ିଶାର ଆହୁରି ୬ଟି ପଦକ ବିଚାରାଧୀନ ରହିଛି। ଏଥିପାଇଁ ଆବଶ୍ୟକ ଔପଚାରିକତା ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସମ୍ଭବ ହେଲେ ଓଡ଼ିଶା ପଦକ ସଂଖ୍ୟା ୪୫ରେ ପହଞ୍ଚିବ' ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ସୁନୀଲ ପ୍ରଧାନ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଭାରତର ପାରାସ୍ପୋର୍ଟ୍ସ ଦୃଶ୍ୟପଟରେ ଓଡ଼ିଶାର ପ୍ରାଧାନ୍ୟ ବଢ଼ୁଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ପ୍ରତିଯୋଗିତାରେ ୨୮ ରାଜ୍ୟରୁ ୬୨୮ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ଓଡ଼ିଶାର ୩୨ ପାରା ସୁଇମର ସାମିଲ ଥିଲେ। ଓଡ଼ିଶାର ଏହି ସଫଳତା ପଛରେ କୋଚ୍ ସୁନୀତା ବହିଦାର ଓ ପୂର୍ଣ୍ଣ ଚନ୍ଦ୍ର ଶେଠିଙ୍କ ମାର୍ଗଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିବାକୁ ହେବ।

### ପଦକ ବିଜେତା

**ସ୍ୱର୍ଣ୍ଣ ପଦକ**

ବଳରାମ ସ୍ୱାଇଁ: ପୁରୁଷ ସିନିୟର ଏସ୍-୪ ଫ୍ରିଷ୍ଟାଇଲ ୧୦୦ ମିଟର
ନରହରି ବେହେରା: ପୁରୁଷ ସିନିୟର ଏସ୍-୫ ଫ୍ରିଷ୍ଟାଇଲ ୧୦୦ ମିଟର
ନରହରି ବେହେରା: ପୁରୁଷ ସିନିୟର ଏସ୍-୫ ଫ୍ରିଷ୍ଟାଇଲ ୫୦ ମିଟର
କବିତା ଦଳାଇ: ମହିଳା ସିନିୟର ଏସ୍-୬ ଫ୍ରିଷ୍ଟାଇଲ ୧୦୦ ମିଟର
ଲିନା ସ୍ୱାଇଁ: ମହିଳା ସିନିୟର ଏସ୍-୧୩ ବ୍ୟାକ୍ ଷ୍ଟ୍ରୋକ୍ ୫୦ ମିଟର
ଲିନା ସ୍ୱାଇଁ: ମହିଳା ସିନିୟର ଏସ୍-୧୩ ବ୍ରେଷ୍ଟ ଷ୍ଟ୍ରୋକ୍ ୫୦ ମିଟର
ସଙ୍ଗୀତା ନାୟକ: ମହିଳା ଜୁନିୟର ଏସ୍-୧୦ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ଗୋଲାପି ସିର୍କା: ମହିଳା ସିନିୟର ଏସ୍-୫ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର

**ରୌପ୍ୟ ପଦକ**

କବିତା ଦଳାଇ: ମହିଳା ସିନିୟର ଏସ୍-୬ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ରଞ୍ଜନ କୁମାର ହାଁସଦା: ପୁରୁଷ ସିନିୟର ଏସ୍-୧୧ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର
ରଞ୍ଜନ କୁମାର ହାଁସଦା: ପୁରୁଷ ସିନିୟର ଏସ୍-୧୧ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ରଞ୍ଜନ କୁମାର ହାଁସଦା: ପୁରୁଷ ସିନିୟର ଏସ୍-୧୧ ଫ୍ରିଷ୍ଟାଇଲ ୫୦ ମିଟର
ଲିନା ସ୍ୱାଇଁ: ମହିଳା ସିନିୟର ଏସ୍-୧୩ ଫ୍ରିଷ୍ଟାଇଲ ୫୦ ମିଟର
ପ୍ରଦୀପ୍ତ କୁମାର ସ୍ୱାଇଁ: ପୁରୁଷ ସିନିୟର ଏସ-୪ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ପ୍ରଦୀପ୍ତ କୁମାର ସ୍ୱାଇଁ: ପୁରୁଷ ସିନିୟର ଏସ୍-୪ ଫ୍ରିଷ୍ଟାଇଲ ୫୦ ମିଟର
ଆକାଶ ବନଛୋର: ପୁରୁଷ ସିନିୟର ଏସ୍-୫ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର
ଆକାଶ ବନଛୋର: ପୁରୁଷ ସିନିୟର ଏସ୍-୫ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ଭାନୁମତି ବେହେରା: ମହିଳା ସିନିୟର ଏସ୍-୯ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
କାହ୍ନା ପାତ୍ର: ପୁରୁଷ ସିନିୟର ଏସ୍‌ବି-୧୩ ବ୍ରେଷ୍ଟ ଷ୍ଟ୍ରୋକ୍ ୫୦ ମିଟର
କାହ୍ନା ପାତ୍ର: ପୁରୁଷ ସିନିୟର ଏସବି-୧୩ ବ୍ରେଷ୍ଟ ଷ୍ଟ୍ରୋକ୍ ୧୦୦ ମିଟର
କାହ୍ନା ପାତ୍ର: ପୁରୁଷ ସିନିୟର ଏସ୍‌ବି-୧୩ ବଟରଫ୍ଲାଏ ୧୦୦ ମିଟର
ଗୋଲାପି ସିର୍କା: ମହିଳା ସିନିୟର ଏସ୍-୪ ବ୍ରେଷ୍ଟ ଷ୍ଟ୍ରୋକ୍ ୫୦ ମିଟର
ମୋନାଲି ସ୍ୱାଇଁ: ମହିଳା ସିନିୟର ଏସ୍-୮ ଫ୍ରିଷ୍ଟାଇଲ ୫୦ ମିଟର
ଚୈତନ୍ୟ ମାରାଣ୍ଡି: ପୁରୁଷ ସିନିୟର ଏସ୍-୭ ଫ୍ରିଷ୍ଟାଇଲ ୫୦ ମିଟର
ରିତେଶ ମେହେର: ପୁରୁଷ ସିନିୟର ଏସ୍-୧୨ ବଟରଫ୍ଲାଏ ୧୦୦ ମିଟର

**ବ୍ରୋଞ୍ଜ ପଦକ**

ଭାନୁମତି ବେହେରା: ମହିଳା ସିନିୟର ଏସ୍-୯ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର
କମଳା ଟୁଡୁ: ପୁରୁଷ ସିନିୟର ଏସ୍-୭ ଫ୍ରିଷ୍ଟାଇଲ ୧୦୦ ମିଟର
କମଳା ଟୁଡୁ: ପୁରୁଷ ସିନିୟର ଏସ୍-୭ ଫ୍ରିଷ୍ଟାଇଲ ୫୦ ମିଟର
ଦୀନେଶ ମୋହନ ମାଝି: ପୁରୁଷ ସିନିୟର ଏସ୍-୧୦ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ଦୀନେଶ ମୋହନ ମାଝି: ପୁରୁଷ ସିନିୟର ଏସ୍-୧୦ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର
ଶିବାନନ୍ଦ ବୈଦ୍ୟ: ପୁରୁଷ ସିନିୟର ଏସ୍-୧୩ ଫ୍ରିଷ୍ଟାଇଲ ୫୦ ମିଟର
ଶିବାନନ୍ଦ ବୈଦ୍ୟ: ପୁରୁଷ ସିନିୟର ଏସ୍-୧୩ ଫ୍ରିଷ୍ଟାଇଲ ୧୦୦ ମିଟର
ବିକାଶ ରଞ୍ଜନ ବରାଳ: ପୁରୁଷ ସିନିୟର ଏସ୍-୫ ଫ୍ରିଷ୍ଟାଇଲ ୫୦ ମିଟର
ରାମ ମୁର୍ମୁ: ପୁରୁଷ ସିନିୟର ଏସ୍-୧୧ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର
ଅନିତା ମୁଣ୍ଡା: ମହିଳା ସିନିୟର ଏସ୍-୬ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ସୁଜାତା ସାମଲ: ମହିଳା ସିନିୟର ଏସ୍-୧୧ ଫ୍ରିଷ୍ଟାଇଲ ୫୦ ମିଟର
ସୁଜାତା ସାମଲ: ମହିଳା ସିନିୟର ଏସ୍-୭ ବ୍ୟାକ୍‌ଷ୍ଟ୍ରୋକ୍ ୫୦ ମିଟର
ବିଜୁ ସିଂ: ପୁରୁଷ ସିନିୟର ଏସ୍-୧୧ ବ୍ୟାକ୍‌ଷ୍ଟ୍ରୋକ୍ ୧୦୦ ମିଟର



ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍‌ରେ ରେକର୍ଡ ସଂଖ୍ୟକ ପଦକ ହାସଲ କରିଥିବା ଓଡ଼ିଶା ଦଳ।

## ଗ୍ରୀନ

ଭାରତ ବିପକ୍ଷ ଦକ୍ଷିଣ ଆଫ୍ରିକା
ମ୍ୟାଚ ହେବ ଟି ଟ୍ୱେଣ୍ଟି
ଡିସେମ୍ବର ନଅ ପାଇଁ ଆଜିଠାରୁ
କମ୍ପୁଅଛି ବାରବାଟୀ
ଗ୍ୟାଲେରି ୱାର୍କ ନେଇ ଏଠି
ଟିକେଟ କମିବ ଚିନ୍ତାରେ ଫ୍ୟାନ
ଦିନ ଗଣିଲେଣି ପାର୍ଟି।
ସ୍ପିନର ସାଇମନ ହାର୍ମର ମାଡ଼ରେ
ଟିମ ଇଣ୍ଡିଆ ଧରାଶାୟୀ



ଏକଶ ଚବିଶ ଛୋଟିଆ ଟାର୍ଗେଟ
ଟିମ ମୁଣ୍ଡ ଗଲା ନଇଁ
ଆର୍. ଶର୍ମା ଗଲେ ଶୋଇ
ମିଚେଲ ନମ୍ବର ୱାନ ବ୍ୟାଟ୍ସମାନ
ୱାନ୍ ଡେ'ରେ ଜାଣିଆ ଭାଇ।
ଅଠେଇଶ ବର୍ଷ ପରେ ନରୱେକୁ
ଫିଫା ପୁରୁଷ ଫୁଟବଲ
ୱାର୍ଲ୍ଡକପ ଖେଳିବାକୁ ମିଳିଅଛି
ଟିକେଟ, ଖେଳିବାରୁ ଭଲ
ସଦା ରହେ ଶ୍ରମ ମୂଳ
ଚାରି ଥର ବିଶ୍ୱ ଚାମ୍ପିୟନ ଟିମ
ଇଟାଲୀକୁ ଚାରି ଗୋଲ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟିମ୍ କମ୍ବିନେଶନକୁ ନେଇ ଚିନ୍ତା

**ଗୁଆହାଟୀ,୨୦।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ଫିଟ୍ ନ ଥିବା ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କର ଖେଳିବାର ଖୁବ କମ୍ ସମ୍ଭାବନା ରହିଛି। ତାଙ୍କ ଅନୁସ୍ଥିତି ଯୋଗୁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଦଳୀୟ କମ୍ବିନେଶନ ଚିନ୍ତାର କାରଣ ପାଲଟିଛି। ଗିଲ୍‌ଙ୍କ ବଦଳରେ ଉଇକେଟକିପର ରିଷଭ ପନ୍ତ ୩୮ତମ ଅଧିନାୟକ ଭାବେ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱରେ ନେବେ। ତେବେ ଟେଷ୍ଟ ଭେନ୍ୟୁ ଭାବେ ପଦାର୍ପଣ କରିବାକୁ ଯାଉଥିବା ବାର୍ସାପାରା ଷ୍ଟାଡିୟମର ପିଚ୍‌ରେ ଘାସ ଛଡ଼ା ଯାଇଛି। ମ୍ୟାଚ୍ ଦିନ ଘାସ ରଖାଯାଉଛି ନା କଟା ଯାଉଛି, ତାହା ଉପରେ ଦଳୀୟ କମ୍ବିନେଶନ ନିର୍ଭର କରିବ।

ଗିଲ୍‌ଙ୍କ ଅନୁପସ୍ଥିତି ଯୋଗୁ ଟପ୍ ଅର୍ଡରରେ ଖାଲି ପଡ଼ିଥିବା ପୋଜିଶନରେ ଦେବଦତ୍ତ ପାଡିକଲଙ୍କ ଉପସ୍ଥିତି ସତ୍ତ୍ୱେ ସାଇ ସୁଦର୍ଶନଙ୍କୁ ଖେଳାଯାଇପାରେ। ତେବେ ସେ ନଂ-୩ରେ ବ୍ୟାଟିଂ କରିବେ କି ନାହିଁ, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। କାରଣ କୋଲକାତା ଟେଷ୍ଟରେ ଏହି ପୋଜିଶନରେ ୱାଶିଂଟନ ସୁନ୍ଦର ଉଭୟ ଇନିଂସରେ ଖୁବ ଭଲ ବ୍ୟାଟିଂ କରିଥିଲେ। ଯଦି ସୁନ୍ଦର ନଂ-୩ରେ ବ୍ୟାଟିଂ କରନ୍ତି, ତେବେ ସୁଦର୍ଶନଙ୍କୁ ଷଷ୍ଠ ପୋଜିଶନରେ ବ୍ୟାଟିଂ କରିବାକୁ ପଡ଼ିବ। ଦଳରେ ଖାଲି ପଡ଼ିଥିବା ଅନ୍ୟ ଏକ ସ୍ଲଟରେ ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ସିମ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ଅକ୍ଷର କୋଲକାତା ଟେଷ୍ଟର ଦ୍ୱିତୀୟ ଇନିଂସରେ ଭଲ ବ୍ୟାଟିଂ କରିଥିଲେ। ହେଲେ ନୀତୀଶ ଜଣେ ଡାହାଣହାତୀ ବ୍ୟାଟର ହୋଇଥିବାରୁ ତାଙ୍କୁ ପ୍ରାଧାନ୍ୟ ଦିଆଯାଇପାରେ। କାରଣ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍‌ର ସାଙ୍ଘାତିକ କ୍ଷତି ଘଟାଇଥିବା ଡାହାଣ ହାତୀ ସ୍ପିନର ସାଇମନ ହାର୍ମରଙ୍କ ମୁକାବିଲା କରିବା ପାଇଁ ଦଳକୁ ଅଧିକ ଡାହାଣହାତୀ ବ୍ୟାଟର ଦରକାର।



ଶୁବମନ୍ ଗିଲ୍

## ଗମ୍ଭୀରଙ୍କୁ ସମାଲୋଚନା

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଖୁବ୍ ସମାଲୋଚନା କରାଯାଉଛି। ଏ ସମ୍ପର୍କରେ କୋଟାକ ପ୍ରକାଶ କରିଛନ୍ତି, ସମସ୍ତେ ଗମ୍ଭୀରଙ୍କୁ ଦାୟୀ କରୁଛନ୍ତି। ଏଭଳି ସମାଲୋଚନା ଉଚିତ ନୁହେଁ। ଏହା କିଛି ଲୋକଙ୍କର ବ୍ୟକ୍ତିଗତ ଏଜେଣ୍ଡା ହୋଇପାରେ। ଖେଳାଳିଙ୍କ କଥା କେହି କହୁ ନାହାନ୍ତି। ଏହି ବୋଲର କିମ୍ବା ଏହି ବ୍ୟାଟର ଭୁଲ୍ କଲେ କିମ୍ବା ଆମେ ବ୍ୟାଟିଂରେ ଆଉ କେମିତି ଭଲ କରିପାରିବୁ, ସେ ସମ୍ପର୍କରେ କେହି କହୁ ନାହାନ୍ତି। ଗତ ମ୍ୟାଚ୍‌ରେ ଗମ୍ଭୀର ନିଜକୁ ଦାୟୀ କରିଥିଲେ। କାରଣ ସେ ଚାହୁଁ ନ ଥିଲେ ସମସ୍ତେ କ୍ରିକେଟରଙ୍କୁ ଦାୟୀ କରନ୍ତୁ।

## ଗିଲ୍ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ

ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ୍ ଲାଗି ଉପଲବ୍ଧ ହେବା ପାଇଁ ଶୁକ୍ରବାର ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ। ପ୍ରଥମ ଟେଷ୍ଟରେ ବେକଜନିତ ସମସ୍ୟାର ସମ୍ମୁଖୀନ ହେବା ପରଠାରୁ ସେ ଏପର୍ଯ୍ୟନ୍ତ ଟ୍ରେନିଂ କରି ନାହାନ୍ତି। ତେବେ ତାଙ୍କର ଖେଳିବାର ଖୁବ କମ୍ ସମ୍ଭାବନା ରହିଛି। ତାଙ୍କ ସମ୍ପର୍କରେ ଅନ୍ତିମ ନିଷ୍ପତ୍ତି ନେବା ପୂର୍ବରୁ ବିସିସିଆଇ ସ୍ପୋର୍ଟ୍ସ ସାଇନ୍ସ ଟିମ୍ ଯଥା ସମ୍ଭବ ଅପେକ୍ଷା କରୁଛି। ଦ୍ୱିତୀୟ ଟେଷ୍ଟ ଶନିବାରଠାରୁ ବାର୍ସାପାରା ଷ୍ଟାଡିୟମରେ ଖେଳାଯିବ।

ଗିଲ୍ ଖୁବ୍ ଭଲ ରିକଭର କରୁଛନ୍ତି। ତାଙ୍କ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ନିଷ୍ପତ୍ତି ନିଆଯିବ। କାରଣ ଫିଜିଓ ଓ ଡକ୍ଟରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ। ଯଦି ସମ୍ପୂର୍ଣ୍ଣ ରିକଭର କରିଛନ୍ତି, ତେବେ ମ୍ୟାଚ୍ ବେଳେ ତାଙ୍କ ସମସ୍ୟା ବୃଦ୍ଧି ପାଇବ କି। ଏଣୁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଯଦି ଦ୍ୱନ୍ଦ୍ୱ ଥାଏ, ତେବେ ତାଙ୍କୁ ବିଶ୍ରାମ ଦିଆଯିବ। ନ ହେଲେ ଦଳକୁ ଫାଇଦା ମିଳିବ ନାହିଁ। ତାଙ୍କ ଅନୁପସ୍ଥିତିରେ ଦଳ ପାଖରେ ଖୁବ ଭଲ ଖେଳାଳି ଅଛନ୍ତି। ସେମାନେ ପେସାଦାର ଖେଳାଳି। ସେମାନେ ଦଳ ପାଇଁ ପ୍ରଦର୍ଶନ କରିବେ। ଆମେ ଆଶା କରୁଛୁ ଗିଲ ଖେଳନ୍ତୁ, ନ ହେଲେ ତାଙ୍କ ବଦଳରେ ଭଲ ବ୍ୟାଟରଙ୍କୁ ଦଳରେ ସାମିଲ କରାଯିବ। ଶୁକ୍ରବାର ସନ୍ଧ୍ୟାରେ ଗିଲ୍‌ଙ୍କ ସମ୍ପର୍କରେ ଆମେ ସ୍ପଷ୍ଟ ହେବା ପରେ ଟିମ୍ କମ୍ବିନେଶନ ସମ୍ପର୍କରେ ଚିନ୍ତା କରିବୁ ବୋଲି ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ସିତାଂଶୁ କୋଟାକ କହିଛନ୍ତି।



କଟକ ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। (ଫଟୋ: ରାଜକିଶୋର ମହାନ୍ତି)।

## ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ ପାଇଁ ଓଡ଼ିଶାର ୧୪ ଜଣିଆ ଦଳ



ଓଡ଼ିଶା ପାରା ଆଥଲେଟିକ୍ସ ଦଳ।

**ଭୁବନେଶ୍ୱର,୨୦।୧୧ (ଅନାଦି କର)**

ଥାଇଲାଣ୍ଡର ନାଖୋନ ରାଚ୍‌ତାସିମାରେ ଚାଲିଥିବା ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସରେ ଓଡ଼ିଶାର ୧୪ ଆଥଲେଟ୍ ଭାଗ ନେଉଛନ୍ତି। ଓଡ଼ିଆ ଆଥଲେଟ୍‌ଙ୍କ ସହ ଜଣେ କୋଚ୍ ଓ ୨ ଜଣ ସପୋର୍ଟ ଷ୍ଟାଫ ଗସ୍ତ କରିଛନ୍ତି। ଓଡ଼ିଶା ଦଳରେ ୭ ଲେଖାଏ ପାରା ଆଥଲେଟ୍ସ ଓ ପାରା ଫେନ୍ସିଂ ଆଥ୍‌ଲେଟ୍ସ ରହିଛନ୍ତି। ଏହା ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ଶକ୍ତି ଓ ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ଓଡ଼ିଶା ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଶୁଭ କାମନା ଦିଆଯାଇଛି। ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସର ଗତ ସଂସ୍କରଣରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସମେତ ମୋଟ ୯ ପଦକ ଜିତିଥିଲା।

## ଏମ୍୧୫ ଭୁବନେଶ୍ୱର ଟେନିସ: କ୍ୱାର୍ଟରରେ କବିର

**ଭୁବନେଶ୍ୱର,୨୦।୧୧(ଅନାଦି କର)**

କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର ଏମ୍୧୫ ଭୁବନେଶ୍ୱର ଟେନିସ ଟୁର୍ନାମେଣ୍ଟରେ ସ୍ଥାନୀୟ ଖେଳାଳି କବିର ହଂସ ଜବରଦସ୍ତ ପ୍ରଦର୍ଶନ କରି ଉଭୟ ବର୍ଗରେ ନିଜ ମ୍ୟାଚ୍ ଜିତିଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କବିର ୬-୪, ୬-୪ ସିଧାସଳଖ ସେଟ୍‌ରେ ଭାରତର ବିଷ୍ଣୁ ବର୍ଦ୍ଧନଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ଇଶାକ ଇକବାଲଙ୍କ ସହ ଯୋଡ଼ି କରି ଖେଳୁଥିବା କବିର ୬-୧, ୬-୪ ସେଟ୍‌ରେ ଅଭିନବ ସଞ୍ଜୀବ ଶରନମୁଗମ ଓ ମନୀଷ ସୁରେଶକୁମାରଙ୍କ ଯୋଡ଼ିକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

## ବଧିର ଅଲିମ୍ପିକ୍ସ: ଗଲ୍ଫରେ ଦୀକ୍ଷା ଡାଗରଙ୍କୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ଦୀକ୍ଷା (ମଝି)।

**ଟୋକିଓ, ୨୦।୧୧ (ପି.ଟି.):** ଭାରତୀୟ ଗଲ୍ଫର ଦୀକ୍ଷା ଡାଗର ବଧିର ଅଲିମ୍ପିକ୍ସର ଗଲ୍ଫରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୭ରେ ପ୍ରଥମ ଥର ଗଲ୍ଫକୁ ସାମିଲ କରାଯାଇଥିବା ବେଳେ ଦୀକ୍ଷା ରୌପ୍ୟ ଜିତିଥିଲେ। ଏଥର କିନ୍ତୁ ୱାକାସୁ ଗଲ୍ଫ ଲିଙ୍କ୍ସରେ ସେ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛନ୍ତି। ଏହି ଭାରତୀୟ ଜାକର୍ତ୍ତାରେ ୨୦୧୮ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ଏହାର ବର୍ଷକ ପରେ ସେ ଅଦିତି ଅଶୋକଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଗଲ୍ଫ ଖେଳାଳି ହିସାବରେ ମାତ୍ର ୧୮ ବର୍ଷ ବୟସରେ ଲେଡିଜ ୟୁରୋପିଆନ ଟୁର୍ ଜିତିଥିଲେ। ଦୀକ୍ଷା ଆଶ୍ଚର୍ଯ୍ୟଜନକ ଭାବେ ଇଣ୍ଟରନ୍ୟାଶନାଲ ଗଲ୍ଫ ମହାସଂଘ (ଆଇଜିଏଫ୍)ର ଆମନ୍ତ୍ରଣ ପାଇଁ ଟୋକିଓରେ ଅନୁଷ୍ଠିତ ୨୦୨୦ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ।

## ଆଜିଠାରୁ ଆଶେସ

**ପର୍ଥ,୨୦।୧୧(ଏପି)**

ସ୍ଥାନୀୟ ପର୍ଥ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାରଠାରୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ୨୦୧୧-୧୨ ଟୁର ପରେ ଅଷ୍ଟ୍ରେଲିଆରେ ଆଶେସ ଜିତିବା ଲକ୍ଷ୍ୟରେ ଓହ୍ଲାଇବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ତା'ର ଘରୋଇ ପରିବେଶରେ ଆଶେସ ବିଜୟ ଧାରା ଜାରି ରଖିବା ଲକ୍ଷ୍ୟରେ ରହିଛି। ଆହତ ସମସ୍ୟା କାରଣରୁ ପ୍ୟାଟ କମିନ୍ସ ଓ ଜୋଶ ହାଜେଲଉଡ୍ ପ୍ରଥମ ମ୍ୟାଚ୍‌ରେ ଖେଳିବେ ନାହିଁ। କମିନ୍ସଙ୍କ ଅନୁପସ୍ଥିତିରେ ଷ୍ଟିଭ ସ୍ମିଥ ଦଳର ନେତୃତ୍ୱ ନେବାକୁ ଥିବା ବେଳେ ମିଚେଲ ଷ୍ଟାର୍କ ଓ ଅଫ ସ୍ପିନର ନାଥନ ଲାୟନ ବୋଲିଂ ବିଭାଗ ସମ୍ଭାଳିବେ। ୩୧ ବର୍ଷୀୟ ପେସର ବ୍ରେଣ୍ଡନ ଡଗେଟ ପଦାର୍ପଣ କରିବାକୁ ଥିବା ସ୍କଟ ବୋଲାଣ୍ଡ, ଅଲରାଣ୍ଡର କ୍ୟାମେରନ ଗ୍ରୀନ ଦଳକୁ ଫେରିବେ। ଅନ୍ୟପକ୍ଷରେ ଇଂଲଣ୍ଡ ଜୋଫ୍ରା ଆର୍ଚ୍ଚର ଓ ମାର୍କ ଉଡ୍‌ଙ୍କ ସହିତ ତୃତୀୟ ପେସର ଭାବେ ବ୍ରାଇଡନ କାର୍ସ ଓ ଗସ ଆଟକିନସନ ମଧ୍ୟରୁ ଜଣଙ୍କୁ ଖେଳାଇବ। ସ୍ପିନର ଶୋଏବ ବଶିର ସ୍ପିନ ବିଭାଗ ସମ୍ଭାଳିବେ। ଦଳର ଅଭିଜ୍ଞ ବ୍ୟାଟର ଜୋ ରୁଟ୍‌ଙ୍କ ଉପରେ ସଭିଙ୍କ ନଜର ରହିବ। ସେ କ୍ୟାରିୟରରେ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଟେଷ୍ଟ ଶତକ ହାସଲ କରିପାରି ନାହାନ୍ତି।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ